ISSN-0971-8397

# ଯୋଜନା

ଡିସେମ୍ବର ୨୦୧୯ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

## ସହରୀକରଣ

### ଫୋକସ୍

ଭାରତରେ ବସ୍ତି - ସତ୍ୟ ଓ ଭ୍ରାନ୍ତି
ଅନିରୁଦ୍ଧ କୃଷ୍ଣନ୍

### ବିଶେଷ ପ୍ରସଙ୍ଗ

'ଅମୃତ' ଯୋଜନାରେ ସହରାଞ୍ଚଳ ଭିତ୍ତିଭୂମି ନିର୍ମାଣ
ଦୁର୍ଗାଶଙ୍କର ମିଶ୍ର

ସ୍ଥାନାନ୍ତରଣ: ଆବଶ୍ୟକତାଭିତ୍ତିକ ସହରୀ ଯୋଜନା
ଅମିତା ଭିଡେ

ଖାଉଟି ସୁରକ୍ଷା ଆଇନ-୨୦୧୯
ଡ. ଶୀତଲ କପୁର

ସହରୀକରଣ ଓ ଅଣାନୁଷ୍ଠାନିକ କ୍ଷେତ୍ର
ଅରୂପ ମିତ୍ର



# ଭାରତ ମାନଚିତ୍ର ସହ ନବଗଠିତ ଜାମ୍ମୁ-କାଶ୍ମୀର ଓ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳର ମାନଚିତ୍ର

ସଂସଦର ଅନୁମୋଦନ କ୍ରମେ ଭାରତର ରାଷ୍ଟ୍ରପତି, ଭାରତୀୟ ସମ୍ବିଧାନର ଧାରା ୩୭୦ ହଟାଇ ଦେଇ ଜାମ୍ମୁ ଓ କାଶ୍ମୀର ପୁନର୍ଗଠନ ଅଧିନିୟମ ୨୦୧୯କୁ ଅନୁମୋଦିତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ପୂର୍ବତନ ଜାମ୍ମୁ ଓ କାଶ୍ମୀରର ପୁନର୍ଗଠନ କରାଯାଇ ଜାମ୍ମୁ ଓ କାଶ୍ମୀର ଏବଂ ଲଦାଖ- ଏହିଭଳି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ୩୧ ଅକ୍ଟୋବର ୨୦୧୯ରେ ଅସ୍ତିତ୍ୱକୁ ଆସିଲା।


ଲଦାଖ କେନ୍ଦଶାସିତ ଅଞ୍ଚଳରେ ଦୁଇଟି ଜିଲ୍ଲା- କାର୍ଗିଲ୍ ଓ ଲେହ ରହିଥିବା ବେଳେ, ଜାମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଅଧିନରେ ପୂର୍ବତନ ଜାମ୍ମୁ ଓ କାଶ୍ମୀର ରାଜ୍ୟର ଅବଶିଷ୍ଟ ଅଞ୍ଚଳ ରହିଛି।

୧୯୪୭ ମସିହାରେ ପୂର୍ବତନ ଜାମ୍ମୁ ଓ କାଶ୍ମୀର ରାଜ୍ୟରେ ୧୪ଟି ଜିଲ୍ଲା ଥିଲା। ସେଗୁଡ଼ିକ ହେଉଛି- କାଠୁଆ, ଜାମ୍ମୁ, ଉଦ୍ଦମପୁର, ଏରିୟାସି, ଅନନ୍ତନାଗ, ବାରମୁଳା, ପୁଞ୍ଚ, ମୀରପୁର, ମୁଜାଫରାବାଦ, ଲେହ ଏବଂ ଲଦାଖ, ଗିରଗିଟ୍, ଗିଲ୍‌ଗିଟ୍ ୱାଜାରତ, ଚିଲ୍‌ହାସ ଏବଂ ଆଦିବାସୀ ଅଞ୍ଚଳ।

୨୦୧୯ରେ ପୂର୍ବତନ ଜାମ୍ମୁ ଓ କାଶ୍ମୀର ସରକାର ଏହି ୧୪ଟି ଜିଲ୍ଲାର ପୁନର୍ଗଠନ କରି ୨୮ଟି ଜିଲ୍ଲା ସୃଷ୍ଟି କରିଥିଲେ।

ଏଥିମଧ୍ୟରୁ ଲେହ ଓ ଲଦାଖ ଜିଲ୍ଲାରୁ କାର୍ଗିଲ୍ ଜିଲ୍ଲା ସୃଷ୍ଟି କରାଗଲା। ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି ଜାମ୍ମୁ ଓ କାଶ୍ମୀର ପୁନର୍ଗଠନ (ଅସୁବିଧା ଦୂରୀକରଣ), ଦ୍ୱିତୀୟ ଆଦେଶ ୨୦୧୯ ଅନୁଯାୟୀ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ଅଧିନସ୍ଥ ଲେହ ଜିଲ୍ଲା ଅଧିନରେ ୧୯୪୭ ମସିହାର ଲେହ ଓ ଲଦାଖରୁ କାର୍ଗିଲ୍ ଜିଲ୍ଲା ସୃଷ୍ଟି କରାଯିବା ପରେ ଅବଶିଷ୍ଟ ଅଞ୍ଚଳ ସମେତ ଗିଲ୍‌ଗିଟ୍, ଗିଲ୍‌ଗିଟ୍ ୱାଜାରଜ, ଚିଲ୍‌ହାସ ଓ ୧୯୪୭ ମସିହାର ଆଦିବାସୀ ଅଞ୍ଚଳ ମଧ୍ୟ ସାମିଲ୍ ଅଛି।

ଏହି ଆଧାରରେ ୨୦୧୯ ଅକ୍ଟୋବର ୩୧ ତାରିଖରେ ଅସ୍ତିତ୍ୱକୁ ଆସିଥିବା ସର୍ଭେ ଜେନେରାଲ୍ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ନୂତନ ଜାମ୍ମୁ ଏବଂ କାଶ୍ମୀର ଓ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳର ମାନଚିତ୍ର ଏଠାରେ ପ୍ରଦତ୍ତ ହୋଇଛି।



ଡିସେମ୍ବର ୨୦୧୯

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ): ଭି. କେ. ମିନା
ପ୍ରଚ୍ଛଦପଟ୍ଟ: ଗଜାନନ ପ୍ର. ଧୋପେ

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ରାଜିନ୍ଦର ଚୌଧୁରୀ
ସଂପାଦକ ଓ ଉପନିର୍ଦ୍ଦେଶକ: ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ସପ୍ତବିଂଶ ବର୍ଷ / ତୃତୀୟ ସଂଖ୍ୟା

## ଏ ସଂଖ୍ୟାରେ...


| ବିଷୟ/ଲେଖକ | ପୃଷ୍ଠା |
|---|---|
| ସମ୍ପାଦକୀୟ | ୪ |
| ଫୋକସ୍: ଭାରତରେ ବସ୍ତି – ସତ୍ୟ ଓ ଭ୍ରାନ୍ତି *ଅନିରୁଦ୍ଧ କୃଷ୍ଣନ୍* | ୫ |
| ବିଶେଷ ପ୍ରସଙ୍ଗ: 'ଅମୃତ' ଯୋଜନାରେ ସହରାଞ୍ଚଳ ଭିତ୍ତିଭୂମି ନିର୍ମାଣ *ଦୁର୍ଗାଶଙ୍କର ମିଶ୍ର* | ୧୧ |
| ସ୍ଥାନାନ୍ତରଣ: ଆବଶ୍ୟକତାଭିତ୍ତିକ ସହରୀ ଯୋଜନା *ଅମିତା ଭିଡେ* | ୧୮ |
| ଖାଉଟି ସୁରକ୍ଷା ଆଇନ-୨୦୧୯: ଉପଭୋକ୍ତା ସଶକ୍ତୀକରଣରେ ଏକ ନୂତନ ମାଇଲଖୁଣ୍ଟ *ଡ. ଶୀତଲ କପୁର* | ୨୨ |
| ସହରୀକରଣ ଓ ଅଣାନୁଷ୍ଠାନିକ କ୍ଷେତ୍ର *ଅରୁପ ମିତ୍ର* | ୨୮ |
| ସମବାୟ ଢାଞ୍ଚାରେ ନଡ଼ା ପୋଡ଼ି ସମସ୍ୟାର ସମାଧାନ *ଏସ୍.ଏସ୍. ଛିନା* | ୩୪ |
| ସହର, ଉପନଗର ଓ ଆଭ୍ୟନ୍ତରୀଣ କ୍ଷେତ୍ର *ଡକ୍ଟର ଭି.ନାଥ* | ୩୭ |
| ପ୍ରାକୃତିକ ଜଙ୍ଗଲ ସୃଷ୍ଟି: ୟାଦାଦ୍ରି, ତେଲେଙ୍ଗାନାର ଏକ ଅଧ୍ୟୟନ *ଡକ୍ଟର ଜି. ଚନ୍ଦ୍ରଶେଖର ରେଡ୍ଡୀ* | ୪୨ |
| ବିକାଶର ରୋଡ୍‌ମ୍ୟାପ୍ | ୪୫ |
| ଆପଣ ଜାଣନ୍ତି କି ? | ୪୭ |
| ପଞ୍ଚଦଶ ଅର୍ଥ କମିଶନ | ୪୮ |
| ସାମ୍ପ୍ରତୀକି | ୫୧ |



**Editor**
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ...

# ଆମେ ସହର ତିଆରି କରୁ ପରେ ସହର ଆମକୁ ତିଆରି କରେ




ଜନସାଧାରଣଙ୍କୁ ନେଇ ସହର ବଢ଼ିଥାଏ। ସେମାନଙ୍କର ଆଶା, ଆକାଂକ୍ଷା ସହିତ ସୁଯୋଗ ପାଇଁ ଅପେକ୍ଷା ମଧ୍ୟ ରହିଥାଏ। ବିକାଶର ସିଡ଼ିରେ ଚଢ଼ିବା ପାଇଁ ସହର ଲୋକମାନଙ୍କୁ ଏକ ସୁଯୋଗ ଦେଇଥାଏ। ସ୍ଥାନୀୟ ଅଞ୍ଚଳରେ ମିଳୁନଥିବା ନିଯୁକ୍ତି ସୁଯୋଗ, ଉନ୍ନତ ଜୀବନ, ଉନ୍ନତ ଶିକ୍ଷା, ବୃହତ୍ତର ବଜାର ଆଦି ଆଶାରେ ଲୋକମାନେ ସହରମୁହାଁ ହୋଇଥାନ୍ତି। ଅବଶ୍ୟ ସମସ୍ତଙ୍କୁ ସେମାନଙ୍କ ଆଶା ଅନୁଯାୟୀ ଫଳ ସହର ଦେଇନଥାଏ। ତଥାପି ଆଶା ନେଇ ସେମାନେ ସହରରେ ପଡ଼ିରହନ୍ତି- ଉନ୍ନତ ଭବିଷ୍ୟତର ସ୍ୱପ୍ନ ନେଇ ସହରକୁ ଆପେଣଇ ଥାଆନ୍ତି।

ଲୋକମାନଙ୍କ ଚଳପ୍ରଚଳ ବଢ଼ିବା ସହିତ ସହର ମଧ୍ୟ ଗତିଶୀଳ ହୁଏ। ଗାଁ ଠାରୁ ଅର୍ଦ୍ଧ ସହର, ସେଠୁ ପୁଣି ସହର ଓ ଶେଷରେ ମେଟ୍ରୋ ଆଦି ଅଞ୍ଚଳକୁ ଲୋକଙ୍କ ସୁଅ ଛୁଟିଥାଏ। ନଦୀର ଉପନଦୀ ଭଳି ଗାଁଗୁଡ଼ିକରୁ ସହରକୁ ଲୋକମାନେ ଧାଇଁ ଆସନ୍ତି ଓ ସେଇଠି ରହିଯାଆନ୍ତି ସ୍ଥାୟୀ ଭାବରେ। ଏହାଦ୍ୱାରା ବ୍ୟକ୍ତିବିଶେଷ ଓ ଗୋଷ୍ଠୀ ପାଇଁ ମଧ୍ୟ ନାନା ପ୍ରକାରର ସମସ୍ୟା ଉପୁଜିଥାଏ। ସହରୀ ଭିତ୍ତିଭୂମି ଉପରେ ଏହାଦ୍ୱାରା ଅଧିକ ଚାପ ସୃଷ୍ଟିହୁଏ ଓ ସୀମିତ ସମ୍ବଳ ଯୋଗୁଁ ପୁଞ୍ଜିନିବେଶର ଆବଶ୍ୟକତା ବଢ଼ିଥାଏ। ଅଧିକ ଉଦ୍ୟୋଗ ସ୍ଥାପନ ହୁଏ ଓ ପ୍ରକାରାନ୍ତରେ ଏଭଳି ବର୍ଦ୍ଧିଷ୍ଣୁ ଉଦ୍ୟୋଗୀକରଣ ଆହୁରି ଅଧିକ ଲୋକଙ୍କୁ ସହର ପ୍ରତି ଆକର୍ଷିତ କରେ। ଏପରି ସ୍ଥଳେ ସହର ମଧ୍ୟ ସମ୍ପ୍ରସାରିତ ହେବା ଆରମ୍ଭ କରେ। ତେବେ ଏଥିପାଇଁ ମଧ୍ୟ ଏକ ସୀମା ରହିଥାଏ। ଉପକୂଳବର୍ତ୍ତୀ ସହରମାନଙ୍କ ପାଇଁ ସମ୍ପ୍ରସାରଣର ପରିଧି ଅତି ସୀମିତ। ଏତଦ୍‌ବ୍ୟତୀତ ସହର ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକୁ ସହରୀ ସମ୍ପ୍ରସାରଣର ଭଲମନ୍ଦ ଉଭୟ ଦିଗ ରହିଛି। ଏପରି ସୀମିତତା ଭିତରେ କ୍ରମଃବର୍ଦ୍ଧିଷ୍ଣୁ ଜନସାଧାରଣଙ୍କ ଆଶା, ଆକାଂକ୍ଷା ପୂରଣ କରିବା ଓ ଏକ ନୂଆ ଭାରତର ସ୍ୱପ୍ନ ସାକାର କରିବା ସେଗୁଡ଼ିକ ପାଇଁ ଏକ ଆହ୍ୱାନ ପାଲଟିଥାଏ।

ନିକଟ ଅତୀତରେ ସହରଗୁଡ଼ିକର ସମ୍ବଳ ଅଧିକରୁ ଅଧିକ ସଙ୍କୁଚିତ ହେବାରେ ଲାଗିଛି। ଅସ୍ତବ୍ୟସ୍ତ ବିକାଶ ସହ ଜମିର ମୂଲ୍ୟ ଆକାଶ ଛୁଉଁଛି। ଏପରିସ୍ଥଳେ ସହରଗୁଡ଼ିକ ପ୍ରତି ପ୍ରାକୃତିକ ବିପର୍ଯ୍ୟୟର ବିପଦ ବଢ଼ୁଛି। ବିକାଶ କ୍ଷେତ୍ରରେ ଗାଁ ଓ ସହର ଉଭୟ ପରସ୍ପରର ପରିପୂରକ। ଏହି ଦୃଷ୍ଟିରୁ ସହର ଉପକଣ୍ଠ ଓ ଗ୍ରାମଗୁଡ଼ିକରେ ପୁଞ୍ଜିନିବେଶ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ବିକାଶ କରିବା ଉଚିତ୍। ଯଦ୍ଦ୍ୱାରା ସହରମୁହାଁ ଅନାବଶ୍ୟକ ପରିମାଣର ପଳାୟନକୁ ପ୍ରତିହତ କରାଯାଇପାରିବ।

ସହର ସନ୍ନିକଟ ଗ୍ରାମାଞ୍ଚଳର ଏକ ସେବାକେନ୍ଦ୍ର ଭାବେ କାର୍ଯ୍ୟ କରିବାକୁ ନେଇ ସହରଗୁଡ଼ିକର ମଧ୍ୟ ଏକ ଦାୟିତ୍ୱ ରହିଛି। ଏହି ପତ୍ରିକାର ୨୬ ଜାନୁଆରୀ ୧୯୬୫ର ସଂସ୍କରଣରେ ଲେଖାଯାଇଥିବା ସମ୍ପାଦକୀୟ ଏଠାରେ ଉଲ୍ଲେଖନୀୟ। ସେଥିରେ କୁହାଯାଇଥିଲା- "ସହରଠୁ ଲୋକଙ୍କୁ ଦୂରରେ ରଖି ନୁହେଁ ବରଂ ଲୋକମାନେ ରହୁଥିବା ଅଞ୍ଚଳରେ ସହରକୁ ପହଞ୍ଚାଇ ପାରିଲେ ସହରୀକରଣର କଦର୍ଯ୍ୟ ସ୍ୱରୂପକୁ ପ୍ରତିହତ କରାଯାଇପାରିବ।" ଏକଥା ଆଜି ମଧ୍ୟ ପ୍ରଯୁଜ୍ୟ। ଏଥିପାଇଁ ଆବଶ୍ୟକ ଏକ ସାମଗ୍ରିକ ଦୃଷ୍ଟିଭଙ୍ଗୀ, ଯଦ୍ଦ୍ୱାରା ସହର ଓ ଗ୍ରାମାଞ୍ଚଳ ମଧ୍ୟରେ ପରସ୍ପର ଉପଯୋଗୀ ଏକ ସମ୍ପର୍କ ସ୍ଥାପିତ ହୋଇପାରିବ। ଏଥିପାଇଁ ବିଗତ ବର୍ଷଗୁଡ଼ିକରେ ଅନେକ ପଦକ୍ଷେପ ନିଆଯାଇଛି। ଗୋଟିଏ ପଟେ ଭିତ୍ତିଭୂମି ସମ୍ପ୍ରସାରଣ କରାଯାଇଛି ଓ ଅନ୍ୟପଟେ ଶିକ୍ଷା, ସ୍ୱାସ୍ଥ୍ୟ, ବୈଷୟିକ ଜ୍ଞାନକୌଶଳ ଓ ନିଯୁକ୍ତି ସୁଯୋଗ ଆଦି ଦ୍ୱାରା ସାମାଜିକ ବ୍ୟବଧାନକୁ ହ୍ରାସ କରିବାର ପ୍ରଚେଷ୍ଟା ମଧ୍ୟ କରାଯାଇଛି। ଆଧୁନିକ ଜ୍ଞାନକୌଶଳ ଓ ଉପଗ୍ରହ ଜରିଆରେ ସହରଗୁଡ଼ିକ ପାଇଁ ଉପଯୁକ୍ତ ଯୋଜନା ମଧ୍ୟ ତିଆରି କରଯାଇପାରୁଛି। ସଡ଼କଗୁଡ଼ିକରେ ମଧ୍ୟ ଯାନବାହନ ଭିଡ଼କୁ ନିୟନ୍ତ୍ରିତ କରାଯାଇପାରୁଛି। ଉଦ୍ଦେଶ୍ୟ ହେଉଛି ସହରଗୁଡ଼ିକୁ ଚାପମୁକ୍ତ କରି ଲୋକମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ଯୋଗାଇଦେବା। ପରିସ୍ଥିତି ଏମିତି ହୋଇଛି ଯେ ଗୋଟିଏ ପଟେ ବିଳାସପୂର୍ଣ୍ଣ ଆବଦ୍ଧ ଆବାସୀୟ କଲୋନୀ, ଉନ୍ନତ ଚିକିତ୍ସାଳୟ ଓ ମଲ୍ ଆଦି ରହିଛି ତ ଅନ୍ୟପଟେ ରହିଛି ଅବହେଳିତ ବଞ୍ଚିତ ବର୍ଗଙ୍କ ଜୀବନ। ଏମାନଙ୍କ ପାଇଁ ମଧ୍ୟ ଅନୁରୂପ ବ୍ୟବସ୍ଥା କରାଯିବା ବାଞ୍ଛନୀୟ। ଏହାଦ୍ୱାରା ସକାରାତ୍ମକ ଭାବେ ପଳାୟନର ଦିଗ ମଧ୍ୟ ପରିବର୍ତ୍ତନ ହେବ।

ଯୋଜନାର ଏହି ସଂସ୍କରଣରେ ସହରୀ ଯୋଜନା ଓ ସହରୀ ବିକାଶ କ୍ଷେତ୍ରରେ ସମ୍ପୃକ୍ତ ବିଶେଷଜ୍ଞଙ୍କ ମତାମତକୁ ସମାବିଷ୍ଟ କରାଯାଇଛି। ସହରୀ କାୟାକଳ୍ପରେ ଥିବା ବ୍ୟବଧାନ ଓ ସେଗୁଡ଼ିକର ନିରାକରଣ ପାଇଁ ଏହି ବିଶେଷଜ୍ଞମାନେ ନିଜ ନିଜର ମତାମତ ଦେଇଛନ୍ତି ଓ ଏଭଳି ଏକ ଜଟିଳ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପ୍ରସ୍ତାବ ମଧ୍ୟ ରଖିଛନ୍ତି। ବାସ୍ତବରେ କୁହାଯାଇଛି ଯେ ପ୍ରଥମେ ଆମେ ସହର ନିର୍ମାଣ କରୁ ଓ ପରେ ସହର ଆମକୁ ତିଆରି କରେ।

ଫୋକସ୍

# ଭାରତରେ ବସ୍ତି – ସତ୍ୟ ଓ ଭ୍ରାନ୍ତି

ଅନିରୁଦ୍ଧ କୃଷ୍ଣନ୍

ଆଧୁନିକ ସହରରେ ବସ୍ତି ଅଞ୍ଚଳକୁ ସାଧାରଣତଃ ହୀନ ଚକ୍ଷୁରେ ଦେଖାଯାଏ। ସହରାଞ୍ଚଳ ଯୋଜନାରେ ଏହାର ଯଥେଷ୍ଟ ସୌନ୍ଦର୍ଯ୍ୟବୋଧ ନ ଥାଏ। ଏହି ସବୁ ଅଞ୍ଚଳ ଅପରିଷ୍କାର, ଅପରିଚ୍ଛନ୍ନ ଏବଂ ସହରୀ ଆଭିଜାତ୍ୟ ଓ ଚାକଚକ୍ୟର ବିରୋଧାଚରଣ କରେ ବୋଲି ସାଧାରଣତଃ ବିବେଚନା କରାଯାଏ। ବାସ୍ତବରେ ଏହିସବୁ ବସ୍ତି ସହରାଞ୍ଚଳ ମଧ୍ୟରେ ଗୋଟିଏ ଗୋଟିଏ ଆତ୍ମନିର୍ଭରଶୀଳ କ୍ଷୁଦ୍ର ସହର। ଏସବୁ ବସ୍ତିରେ ବସବାସ କରୁଥିବା ଲୋକେ ସହରୀ ପରିବାରଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇବା ସହ ଶିଳ୍ପ ସଂସ୍ଥା ତଥା ଶ୍ରମବଜାରକୁ ମାନବସମ୍ବଳ ଯୋଗାଇଥାନ୍ତି। ଏହି ସବୁ ବସ୍ତି ସେମାନଙ୍କର ସାମାଜିକ, ଆର୍ଥିକ ଓ ଆଇନଗତ ପାହ୍ୟା ଅନୁସାରେ ଶ୍ରେଣୀଭୁକ୍ତ। ତେଣୁ ସମଗ୍ର ଦେଶ ପାଇଁ ଗୋଟିଏ ପ୍ରକାର ବସ୍ତି ବିକାଶ ନୀତି ପ୍ରଣୟନ କରି ତାହାକୁ କାର୍ଯ୍ୟକାରୀ କରିବା ଦ୍ୱାରା ଏଥିରେ ବାସ କରୁଥିବା ଲୋକ, ବିଶେଷତଃ ମାନବସମ୍ବଳର ଉପଯୁକ୍ତ ବିନିଯୋଗ ହୋଇପାରିବ ନାହିଁ। ଏହି ପ୍ରବନ୍ଧରେ ବସ୍ତିଗୁଡ଼ିକ ବିଷୟରେ ଅନେକ ବାସ୍ତବ ତଥ୍ୟ ଓ ଅବଧାରଣା ସମ୍ପର୍କରେ ଅବତାରଣା କରାଯାଇଛି। ଏହାକୁ ବିଚାରକୁ ନେଇ ଏକ ବହୁମୁଖୀ ବସ୍ତି ବିକାଶ ଯୋଜନା ପ୍ରଣୟନ କରାଯାଇପାରିବ। ଯ'ଦ୍ୱାରା ବସ୍ତି ନାମକ ଏକ ଜଟିଳ ଓ ଅସମ ବ୍ୟବସ୍ଥାର ସମାଧାନ ସୁଗମ ହେବ।

ଭାରତର ତିନିଟି ନଗରୀ ବେଙ୍ଗାଲୁରୁ, ଜୟପୁର ଓ ପାଟନାରେ ଥିବା ୨୭୯ ବସ୍ତିର ୧୦ହଜାରରୁ ଅଧିକ ପରିବାରର ତଥ୍ୟାବଳୀ (ଡେଟା)କୁ ଆଧାର କରି ଏହି ଲେଖାଟି ପ୍ରସ୍ତୁତ ହୋଇଛି। ୨୦୧୦ରୁ୨୦୧୬ ମଧ୍ୟରେ ଏହି ସର୍ଭେ କରାଯାଇଥିଲା। ସେଥିରୁ ବେଙ୍ଗାଲୁରୁରେ ୨୦୧୦,୨୦୧୨, ୨୦୧୩ ଓ ୨୦୧୫ ଚାରିଥର ସର୍ଭେ ହୋଇଥିବାବେଳେ ଜୟପୁର ଓ ପାଟନାରେ ୨୦୧୬ରେ ଦୁଇଥର ସର୍ଭେ ହୋଇଥିଲା। ଏହି ସର୍ଭେରେ ଯେଉଁ ପଦ୍ଧତିମାନ ଅବଲମ୍ବନ କରାଯାଇଥିଲା ତାହା ବିବିଧ ଥିଲା। ପନ୍ଦର ବର୍ଷ ଧରି ଉପଗ୍ରହ ମାଧ୍ୟମରେ ପ୍ରତ୍ୟେକ ବସ୍ତିର ଉତ୍ତୋଳିତ ଚିତ୍ରର ତଥ୍ୟାବଳୀ, ବସ୍ତି ସମ୍ପର୍କରେ ଲୋକଙ୍କଠାରୁ ଏହାର ଇତିହାସ ସମ୍ପର୍କରେ ତଥ୍ୟ ସଂଗ୍ରହ, ବସ୍ତିର ମୁଖିଆ ଓ ନେତାମାନଙ୍କ ସହ ସାକ୍ଷାତ୍‌କାର, ସ୍ଥାନୀୟ ଭୂମି ଦଲାଲ (ପ୍ରପର୍ଟି ବ୍ରୋକର)ଙ୍କଠାରୁ ତଥ୍ୟ ସଂଗ୍ରହ ତଥା ପ୍ରତ୍ୟେକ ବସ୍ତିକୁ ଯାଇ ଅକସ୍ମାତ୍ ଯେକୌଣସି ବସ୍ତିବାସିନ୍ଦାଙ୍କ ଘରେ ପହଞ୍ଚି ସେମାନଙ୍କଠାରୁ ସଂଗୃହିତ ତଥ୍ୟକୁ ଏଥିରେ ସନ୍ନିବେଶିତ କରାଯାଇଛି। ଏହି ପ୍ରକ୍ରିୟାରେ ଯେଉଁ ସବୁ ତଥ୍ୟ ସଂଗୃହୀତ ହୋଇଛି ସେଥିରୁ ବସ୍ତି ସମ୍ପର୍କରେ ଅନେକ ବାସ୍ତବତା ଓ ଭ୍ରମଧାରଣା ଜଣାପଡ଼ିଛି। ଏହି ଲେଖାରେ ବସ୍ତି ସମ୍ପର୍କରେ ଥିବା ତିନିଟି ପ୍ରମୁଖ ଭ୍ରମଧାରଣା ସମ୍ପର୍କରେ ମୁଁ ଆଲୋକପାତ କରିଛି।

**ସତ୍ୟାସତ୍ୟ: ସରକାରୀ ତାଲିକା ବସ୍ତିର ପ୍ରକୃତ ତଥ୍ୟ ଓ ଏହାର ଜନସଂଖ୍ୟାକୁ ନ୍ୟୁନ କରିଥାଏ।** ବସ୍ତି ସମ୍ପର୍କରେ ହୋଇଥିବା ପୂର୍ବ ଗବେଷଣାର ପଦାଙ୍କ ଅନୁସରଣ କରି ମୁଁ ୨୦୧୦ରେ ପ୍ରଥମେ ବେଙ୍ଗାଲୁରୁରେ ସର୍ଭେ ଆରମ୍ଭ କଲି। ଏଥିପାଇଁ କର୍ଣ୍ଣାଟକ ବସ୍ତି ଉନ୍ନୟନ ବୋର୍ଡର ତାଲିକାକୁ ବିଚାରକୁ ନେଇ ତାହାର ଅନୁଧ୍ୟାନ କରିବାକୁ ଲାଗିଲି। ସରକାରୀ ତାଲିକାରୁ ୧୪ଟି ବସ୍ତିକୁ ଚିହ୍ନଟ କରି ମୁଁ ସେଠାରେ ବସବାସ କରୁଥିବା ବାସିନ୍ଦାଙ୍କ ସ୍ଥିତି ସମ୍ପର୍କରେ ପ୍ରାକ୍ ସୂଚନା ବିନା ଅଚାନକ ସର୍ଭେ କଲି। ଏଥିରେ ମୁଁ ୧୪୮୧ ପରିବାରର ତଥ୍ୟ ସଂଗ୍ରହ କରିଥିଲି ଏବଂ ସର୍ଭେ ସମ୍ପର୍କରେ ପ୍ରାକ୍ ସୂଚନା ବିନା ମୁଁ ଇଚ୍ଛା ମୁତାବକ ଅଚାନକ ଲୋକଙ୍କ ଘରେ ପହଞ୍ଚି ସେମାନଙ୍କଠାରୁ ବିଭିନ୍ନ ତଥ୍ୟ ପଚାରି ବୁଝିବା ସହ ସେସବୁ ସଂଗ୍ରହ କରିଥିଲି। ଏଥିରୁ ମୁଁ ଦେଖିଲି ଯେ ସରକାରୀ ରେକର୍ଡରେ ଯେଉଁସବୁ ଆବାସିକ ଅଞ୍ଚଳକୁ ବସ୍ତି (ସ୍ଲମ୍) ଦେଖାଯାଇଛି ବାସ୍ତବରେ ସେଠାକାର ଲୋକଙ୍କ ସ୍ଥିତି ଭିନ୍ନ ଥିଲା। ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କଠାରୁ ସେସବୁ ବସ୍ତିର ଅଧିବାସୀଙ୍କ ଅବସ୍ଥା ଏତେ ଖରାପ ନ ଥିଲା ଯେଉଁମାନଙ୍କୁ ଦରିଦ୍ରତମ କୁହାଯାଇପାରିବ। ସେସବୁ ବସ୍ତିରେ ବହୁତଳ ବିଶିଷ୍ଟ ସ୍ଥାୟୀ କୋଠାଘର ଥିଲା। ଲୋକଙ୍କ ପାଇଁ ବିଜୁଳି ସଂଯୋଗ ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ଅଧିକାଂଶ ଘରେ ଟିଭି, ପ୍ରେସରକୁକର, ବିଜୁଳି ଚାଳିତ ପଙ୍ଖା ଥିଲା। ଏସବୁ

ବସ୍ତିରେ ଦାରିଦ୍ର୍ୟ ଏକ ପ୍ରକାର ସହର ହାରାହାରି ଠାରୁ କମ୍ ରହିଥିଲା। ତେବେ ସହରରେ ଏମିତି କିଛି ବସ୍ତି ଥିଲା ଯେଉଁଠି ଲୋକଙ୍କ ଜୀବନଧାରଣର ମାନ ଥିଲା ସମ୍ପୂର୍ଣ୍ଣ ଭିନ୍ନ; କିନ୍ତୁ ସରକାରୀ ରେକର୍ଡରେ ସେସବୁ ତଥ୍ୟ ନ ଥିଲା।

ବସ୍ତି ସଂକ୍ରାନ୍ତ ସରକାରୀ ରେକର୍ଡ ଅସଂପୂର୍ଣ୍ଣ। ବସ୍ତି ଅଞ୍ଚଳରେ କେତେ ଲୋକ ବସବାସ କରୁଛନ୍ତି ସରକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ ତାହାର ଗଣନାକାର୍ଯ୍ୟ ଏବେ ଆରମ୍ଭ ହୋଇଛି। ୨୦୦୧ ଜନଗଣନାରେ ପ୍ରଥମ ଥର ପାଇଁ ବସ୍ତିକୁ ଅନ୍ତର୍ଭୁକ୍ତ କରାଯାଇଥିଲା; ମାତ୍ର ତାହା ଖୁବ୍ କମ୍ ସହର ମଧ୍ୟରେ ସୀମିତ ରହିଥିଲା। ୨୦୧୧ ଜନଗଣନାରେ ସବୁ ସହରାଞ୍ଚଳରେ ଥିବା ବସ୍ତି ସମ୍ପର୍କରେ ତଥ୍ୟ ସଂଗ୍ରହ ହୋଇଥିଲା।

ବିଭିନ୍ନ ସରକାରୀ ସଂସ୍ଥା ଦ୍ୱାରା କରାଯାଉଥିବା ଜନଗଣନା ଓ ବସ୍ତିର ସଂଜ୍ଞା ନିର୍ଦ୍ଧାରଣ ପ୍ରଣାଳୀ (ବ୍ୟବସ୍ଥା) ଭିନ୍ନ ଭିନ୍ନ। ତେବେ ଏସବୁ ସଂସ୍ଥା ସାଧାରଣତଃ ଗଣନା କାଳରେ ବସ୍ତି ଜନସଂଖ୍ୟାକୁ ହେୟଜ୍ଞାନ କରନ୍ତି। ବସ୍ତିର ଗୋଟିଏ ସଂଜ୍ଞା ନିର୍ଦ୍ଧାରଣ କରି ଜାତୀୟ ନମୁନା ସର୍ଭେ ଅଫିସ ୨୦୦୮ରେ ଭାରତରେ ବସ୍ତିବାସିନ୍ଦାଙ୍କ ସଂଖ୍ୟା ୪୪ ନିୟୁତ ଦର୍ଶାଇଥିଲା। ତେବେ ୨୦୧୧ରେ ଭାରତୀୟ ଜନଗଣନା ବିଭାଗ ଏକ ଭିନ୍ନ ପ୍ରକାରର ସଂଜ୍ଞା ନିର୍ଦ୍ଧାରଣ କରି ବସ୍ତିବାସିନ୍ଦାଙ୍କ ସଂଖ୍ୟା ୬୫ ନିୟୁତ ବୋଲି ହିସାବ ଦେଇଥିଲା। ବସ୍ତି ସଂକ୍ରାନ୍ତ ଆନ୍ତର୍ଜାତିକ ସଂଗଠନ, ଜାତିସଂଘର ହାବିଟାଟ ସଂସ୍ଥା ୨୦୧୪ରେ ତା'ର ରିପୋର୍ଟରେ ଭାରତରେ ବସ୍ତିବାସିନ୍ଦାଙ୍କ ସଂଖ୍ୟା ୧୦୪ ନିୟୁତ ଦେଖାଇଥିଲା। ବିଭିନ୍ନ ସହରରେ ସ୍ୱାଧୀନ ଗବେଷକ ଓ ସଂସ୍ଥା ପକ୍ଷରୁ ବସ୍ତିବାସିନ୍ଦାଙ୍କ ସମ୍ପର୍କରେ ହୋଇଥିବା ସର୍ଭେ ରିପୋର୍ଟରେ ତଥ୍ୟ ସହ ହାବିଟାଟ ରିପୋର୍ଟ ପ୍ରାୟ ମେଳ ଖାଉଛି।


**ମୁଖ୍ୟାଂଶ -୧:**

ଉପଗ୍ରହ ଚିତ୍ର ଅନୁଶୀଳନ ସହାୟତାରେ ଆମେ ଜାଣିବାକୁ ପାଇଲୁ ଯେ ସହରରେ ଥିବା ଅନେକ ବସ୍ତି ସରକାରୀ ତାଲିକାରେ ଅନ୍ତର୍ଭୁକ୍ତ ହୋଇନାହିଁ। ସରକାରୀ ରେକର୍ଡରୁ ମୁଖ୍ୟତଃ ବ୍ଲୁ ପଲିଗନ (ନୀଳ ବହୁଭୂଜ) ବସ୍ତିଗୁଡ଼ିକ ବାଦ ପଡ଼ିଛି। ବ୍ଲୁ ପଲିଗନ ବସ୍ତିର ବିଶେଷତ୍ୱ ହେଲା ଏହା ସହରଠାରୁ କିଛି ଦୂରରେ ଅବସ୍ଥିତ ଯେଉଁଠିକୁ ଯୋଗାଯୋଗ ଓ ମୌଳିକ ସୁବିଧା ସୁଯୋଗ ଯୋଗାଣର ବ୍ୟବସ୍ଥା ନ ଥାଏ। ଏହି ସବୁ ବସ୍ତିରେ ଲୋକେ ଚାରିଖଣ୍ଡି ଖୁଣ୍ଟ ପୋତି ତା' ଉପରେ ନୀଳ ପ୍ଲାଷ୍ଟିକ୍ ଚାଦର ଢାଙ୍କି ବାସ କରନ୍ତି। ଉପଗ୍ରହ ଦ୍ୱାରା ଉତ୍ତୋଳିତ ଚିତ୍ରରେ ଏହା ନୀଳ ଚତୁର୍ଭୁଜ ଭଳି ଦେଖାଯାଏ। (ଦ୍ରଷ୍ଟବ୍ୟ- ଚିତ୍ର-୩, ଫିଗର-୨)। କେତେକ ସ୍ଥାନରେ ଏହି ସବୁ ବସ୍ତିର କୁଡ଼ିଆ ଘର ଉପରେ କଳା, ଧୂସର ରଙ୍ଗର କେରପାଲ ବା ପ୍ଲାଷ୍ଟିକ ମଧ୍ୟ ପଡ଼ିଥାଏ। କେଉଁଠି କେଉଁଠି ମଧ୍ୟ ଛଣ ଛପର ବସ୍ତି ଦୃଷ୍ଟିଗୋଚର ହୁଏ। ପାଟନାର କେତେକ ବସ୍ତିରେ ଏହା ଅଧିକ ଦେଖାଯାଏ। ଏସବୁ ବସ୍ତି ସବୁଠୁ ଅବହେଳିତ ଏବଂ ସର୍ବନିମ୍ନ ଆବାସିକ ସୁବିଧା ସୁଯୋଗ ଏଠାରେ ନ ଥାଏ। ଏହାକୁ ସର୍ବନିମ୍ନ ସ୍ତରର ବସ୍ତି କୁହାଯାଏ। ଏଥିରେ ୭ x ୭ ଫୁଟ୍ ପରିମିତ ସ୍ଥାନରେ ତିଆରି ହୋଇଥିବା କୁଡ଼ିଆ ତଳେ ଗୋଟିଏ ପରିବାରର ୩ ରୁ ୫ ଜଣ ସଦସ୍ୟ ବାସ କରନ୍ତି। ଏହାଛଡ଼ା ବଞ୍ଚିବାର ସର୍ବନିମ୍ନ ମୌଳିକ ସୁବିଧା ନ ଥିବା ଆହୁରି ଅନେକ ଦରିଦ୍ର ବସ୍ତି ଅଞ୍ଚଳ ସରକାରୀ ତାଲିକାରେ ସ୍ଥାନ ପାଇନାହିଁ।

ଏସବୁ ଦରିଦ୍ର ବସ୍ତି ଅଞ୍ଚଳକୁ ସରକାରୀ ରେକର୍ଡରୁ ବାଦ ଦେଇ ଜନଗଣନା ଓ ଅନ୍ୟାନ୍ୟ ସରକାରୀ ସଂସ୍ଥା ଯେଉଁ ରେକର୍ଡ ପ୍ରସ୍ତୁତ କରନ୍ତି ତାହା ଦେଶରେ ବସ୍ତିର ବାସ୍ତବ ଚିତ୍ର ଉପସ୍ଥାପିତ କରି ନ ଥାଏ। କେତେକ ରାଜ୍ୟ ସରକାର ମଧ୍ୟ ପ୍ରସ୍ତୁତ କରିଥିବା ରେକର୍ଡରେ ତାଙ୍କ ରାଜ୍ୟରେ ଆଦୌ ବସ୍ତି ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ଏହା ଅବାସ୍ତବ।

**ବାସ୍ତବତା:** ସବୁ ସହରର ବସ୍ତିରେ ଲୋକେ ବିଭିନ୍ନ ପ୍ରକାରର ଜୀବନ ବିତାଇଥାନ୍ତି ଯାହା ନିରନ୍ତର ଭାବେ ଚାଲିଥାଏ। ସେଠାରେ ବଞ୍ଚିବାର ମାର୍ଗ ମଧ୍ୟ ଭିନ୍ନ ଭିନ୍ନ। ଅବଶ୍ୟ ବିଭିନ୍ନ ସମୟରେ ସେଠାକାର ଲୋକଙ୍କର ଆବଶ୍ୟକତାରେ ପାର୍ଥକ୍ୟ ଆସିଥାଏ ଓ ଜୀବନଯାପନ କ୍ରିୟାରେ ପରିବର୍ତ୍ତନ ଘଟିଥାଏ। ତେଣୁ ସାରା ଦେଶ ପାଇଁ ଏକ ପ୍ରକାର ବସ୍ତି ନୀତି ପ୍ରଣୟନ କରିବା ବିଶେଷ ସହାୟକ ହେବ ନାହିଁ।

ଜାତିସଂଘ ହାବିଟାଟ (ହ୍ୟୁମାନ ସେଟଲ୍‌ମେଣ୍ଟ ପ୍ରୋଗ୍ରାମ) ବସ୍ତି ଚିହ୍ନଟ ପାଇଁ ପାଞ୍ଚଟି ମାନଦଣ୍ଡ ପ୍ରସ୍ତୁତ କରିଛି। ସେ ସମସ୍ତ ସମ୍ପୃକ୍ତ ମଣିଷର ଜୀବନଧାରଣ ସ୍ଥିତି ସହ ସମ୍ପୃକ୍ତ। ସେଗୁଡ଼ିକ ହେଲା ସ୍ଥାୟୀ ମଜବୁତ୍ ଘର, ରହିବା ପାଇଁ ଯଥେଷ୍ଟ ସ୍ଥାନ, ନିରାପଦ ଜଳ, ପରିମଳ ବ୍ୟବସ୍ଥା ଏବଂ ବସ୍ତିରେ





୨୦୦୪- ଖାଲି ଜମି



୨୦୦୭- ନୀଳ ତାର୍ପୋଲିନ୍ ନିର୍ମିତ ସ୍ଥାନ



୨୦୧୪- ମଧ୍ୟମ ଧରଣର ବସ୍ତି

ବାସ କରିବାର ନିର୍ଦ୍ଦିଷ୍ଟ ଆବାସିକ ମିଆଦର ନିରାପତ୍ତା। ଏହାର ଅଭାବରେ ଯେଉଁ ସ୍ଥାନରେ ଲୋକେ ବସବାସ କରୁଛନ୍ତି ସେଗୁଡ଼ିକ ପ୍ରକୃତ ବସ୍ତିର ପଦବାଚ୍ୟ। ଆମେ ଆମ ସର୍ଭେରେ ଜାତିସଂଘ ହାବିଟାଟର ମାନଦଣ୍ଡକୁ ବ୍ୟବହାର କରିଥିଲୁ। ଆମେ ଯେଉଁ ତଥ୍ୟ ପାଇଲୁ ତାହାର ବସ୍ତିଓ୍ୱାରୀ ହିସାବ ଚିତ୍ର-୧ରେ ପ୍ରଦାନ କରାଯାଇଛି।

ପ୍ରତ୍ୟେକ ସହରରେ ବିଭିନ୍ନ ପ୍ରକାର ବସ୍ତି ରହିଛି। ବେଙ୍ଗାଲୁରୁ ଓ ଜୟପୁର ସହରରେ ଥିବା ବସ୍ତିଗୁଡ଼ିକର ସ୍ଥିତି ଅପେକ୍ଷାକୃତ ଭଲ ଥିବାବେଳେ ସର୍ଭେରେ ଅନ୍ତର୍ଭୁକ୍ତ ଅନ୍ୟ ସହରର ବସ୍ତିଗୁଡ଼ିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ସେଠାରେ ଲୋକ ଅତି ଦୟନୀୟ ସ୍ଥିତିରେ କାଳାତିପାତ କରୁଛନ୍ତି। ସରକାରୀ ରେକର୍ଡରେ ଏସବୁର ତଥ୍ୟ କିନ୍ତୁ ନାହିଁ।

ସାଂଖ୍ୟିକ ତଥ୍ୟ -୨ରୁ ଜଣାପଡ଼େ ଯେ ବେଙ୍ଗାଲୁରୁର ବସ୍ତିଗୁଡ଼ିକର ଅବସ୍ଥିତି ତଳୁ ଉପର ପର୍ଯ୍ୟନ୍ତ ତିନି ସ୍ତରର ହୋଇଥିଲେ ହେଁ ସେସବୁ ବସ୍ତିଭାବେ ବିବେଚିତ; କିନ୍ତୁ ତୃତୀୟ ସ୍ଥାନରେ ସବା ତଳେ ଥିବା ବସ୍ତିର ସ୍ଥିତି ଯାହା ତାହା ଅନ୍ୟ ଦୁଇ ଶ୍ରେଣୀର ବସ୍ତିଠାରୁ ବହୁତ ଖରାପ। ସେହିଭଳି ପ୍ରଥମ ଓ ଦ୍ୱିତୀୟ ସ୍ତରର ବସ୍ତିରେ ରହୁଥିବା ଲୋକଙ୍କ ସ୍ଥିତିରେ ଯଥେଷ୍ଟ ଫରକ ରହିଛି।

ତୃତୀୟ ସ୍ତରରେ ଥିବା ବସ୍ତିର ପରିବାର ମୋଟ୍ ଆୟର ୫୯ ଶତାଂଶ ଖାଦ୍ୟପେୟ ପାଇଁ ବ୍ୟୟ କରୁଥିବାବେଳେ ଉପରେ ଥିବା ବସ୍ତିର ପରିବାରଙ୍କ ଏବାବଦ ଖର୍ଚ୍ଚ ୪୭ ଶତାଂଶ ରହିଛି। ଏସବୁ ବସ୍ତିରେ ରହୁଥିବା ଲୋକଙ୍କ ବୃତ୍ତି, ଆୟ ଓ ଶିକ୍ଷାର ସ୍ତର ମଧ୍ୟ ଭିନ୍ନଭିନ୍ନ।

ବସ୍ତିରେ ରହୁଥିବା ଲୋକ ବିଭିନ୍ନ ସମୟରେ ବିଭିନ୍ନ ଆବଶ୍ୟକତା ଲୋଡ଼ନ୍ତି ଏବଂ ସେଥିପାଇଁ ସରକାରୀ ସହାୟତାର ଯଥାର୍ଥତା ରହିଛି। ବସ୍ତିର ନିମ୍ନବର୍ଗରେ ରହୁଥିବା ଲୋକଙ୍କ ସବୁଠୁ ବଡ଼ ଆବଶ୍ୟକତା ହେଲା ପାନୀୟ ଜଳ। ସଂଗୃହୀତ ତଥ୍ୟ ଅନୁସାରେ ଏହା ୨୭ ଶତାଂଶ। ଏହା ପରେ ଶୌଚାଳୟ ସୁବିଧା (୨୫%)। ତେବେ ଆଖପାଖରେ ରହୁଥିବା ସହରବାସୀଙ୍କ ପାଇଁ ଏହି ଆବଶ୍ୟକତା ଭିନ୍ନ ଓ ଅପେକ୍ଷାକୃତ କମ୍। ସେମାନେ ଆବର୍ଜନା ପରିଚାଳନା ଓ ନିଯୁକ୍ତି ତଥା ତାଲିମ ସୁଯୋଗ ଯଥାକ୍ରମେ ୩୦% ଓ ୧୪% ଲୋଡ଼ିଥାନ୍ତି।

ସାରା ଦେଶ ପାଇଁ ଏକ ପ୍ରକାରର ବସ୍ତି ନୀତି କାର୍ଯ୍ୟକାରୀ ହେଲେ ତାହା ସମ୍ବଳର ଉପଯୁକ୍ତ ବିନିଯୋଗ କରିପାରିବ ନାହିଁ। ତେଣୁ କେଉଁ ବସ୍ତିରେ କିପ୍ରକାର ଅଭାବ ଅସୁବିଧା ରହିଛି ତାହା ଠାବ କରି ସେଠାରେ ସରକାର ଅର୍ଥ ବିନିଯୋଗ କଲେ ତାହା ଯଥାର୍ଥ ହେବ।

**ବାସ୍ତବତା:** ପାରମ୍ପରିକ ସର୍ଭେ ପଦ୍ଧତି ଦ୍ରୁତ ପରିବର୍ତ୍ତନଶୀଳ ପରିସ୍ଥିତି ଦୃଷ୍ଟିରୁ ପର୍ଯ୍ୟାପ୍ତ ନୁହେଁ। ଉପଗ୍ରହ ଚିତ୍ରକୁ ଆଧାର କରି ବସ୍ତିଗୁଡ଼ିକର ଶ୍ରେଣୀ ବିଭାଗ ସହଜରେ କରାଯାଇପରିବ।

ଚିତ୍ର-୩କୁ ବିଚାରକୁ ନିଆଯାଉ। ଏଥିରେ ବେଙ୍ଗାଲୁରୁରେ ଗତ ୧୦ବର୍ଷ ମଧ୍ୟରେ ଗୋଟିଏ ବସ୍ତିରେ ଦ୍ରୁତ ପରିବର୍ତ୍ତନ ଘଟିଛି। ୨୦୦୦ରୁ ୨୦୧୫ ମଧ୍ୟରେ ନିଆଯାଇଥିବା ଉପଗ୍ରହ ଚିତ୍ରକୁ ପରଖିଲେ ଦେଖାଯିବ ଯେ ପୁରୁଣା ବସ୍ତିଗୁଡ଼ିକର ଯଥେଷ୍ଟ ଉନ୍ନତି ଘଟିଥିବାବେଳେ ନୂଆ ବସ୍ତିମାନ ଗଢ଼ିଉଠିଛି। ସେଇଭଳି କେତେକ ପୁରୁଣା ବସ୍ତିର ବିଲୋପ ଘଟିଥିବାବେଳେ ସେ ଯାଗାରେ ନୂଆ ବସ୍ତି ଗଢ଼ିଉଠିଛି ଓ ସେଇସ୍ଥାନର ସୀମା ସରହଦ ବଦଳିଯାଇଛି। ପୁରୁଣା ବସ୍ତି ସ୍ଥାନରେ ଯୋଜନାକୃତ ଘର, ସଡ଼କ ଓ ଅନ୍ୟାନ୍ୟ ବ୍ୟବସ୍ଥା ହୋଇଛି। ସହରର ବସ୍ତିଗୁଡ଼ିକରେ ଏଇ ଦ୍ରୁତ ପରିବର୍ତ୍ତନ ଘଟୁଥିବାରୁ ସେସବୁର ତଥ୍ୟ ସଂଗ୍ରହ କରି ରେକର୍ଡ କରିବା ସହର ପ୍ରଶାସନ, ପୌର ସଂସ୍ଥା କିମ୍ବା ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ପାଇଁ ସହଜ ହେଉନାହିଁ। ସେ ଦୃଷ୍ଟିରୁ ବସ୍ତିଗୁଡ଼ିକ ସମ୍ପର୍କରେ ସରକାରୀ ରିପୋର୍ଟ ଆଂଶିକ, ପୁରୁଣାକାଳିଆ କିମ୍ବା ଅସଂପୂର୍ଣ୍ଣ ରହୁଛି।

ଏଭଳି ସ୍ଥିତିରେ ଉପଗ୍ରହ ଚିତ୍ରର ଅନୁଶୀଳନ ସମସ୍ୟାର ସମାଧାନ କ୍ଷେତ୍ରରେ ବିଶେଷ ସହାୟକ ହୋଇଥାଏ। ଉପଗ୍ରହ ଦ୍ୱାରା ଉତ୍ତୋଳିତ ସ୍ଥୁଳ ଚିତ୍ର (କୋର୍ସର-ଗ୍ରେନ୍‌ଡ ଇମେଜ) ବିବିଧ ଉଦ୍ଦେଶ୍ୟ ସାଧିତ କରିବାକୁ ସକ୍ଷମ। ଏହାଦ୍ୱାରା ବସ୍ତିକୁ ଚିହ୍ନଟ କରିବା ସହଜ। ଏହି ସେବା ଗୁଗୁଲ୍ ଆର୍ଥରେ ନିଃଶୁଳ୍କ ଉପଲବ୍ଧ। ସେଇଭଳି ସୂକ୍ଷ୍ମ ଚିତ୍ର (ଫାଇନ ଗ୍ରେନ୍‌ଡ



ଇମେଜ) ସ୍ୱଳ୍ପ ମୂଲ୍ୟରେ କିଣିବାକୁ ମିଳୁଛି। ପୌର ସଂସ୍ଥା ବା ନଗର ପ୍ରଶାସନ ଚାହିଁଲେ ଅନାୟସରେ ଏହି ସେବା ପାଇପାରିବେ।

ଆମ ଗବେଷଣା ବହୁ ବିଷୟକ ଥିଲା ଏବଂ ଏଥିରେ କମ୍ପ୍ୟୁଟର ବିଜ୍ଞାନୀ, ସହରାଞ୍ଚଳ ଭୁଗୋଳ ବିଶେଷଜ୍ଞ ଏବଂ ସମାଜ ବିଜ୍ଞାନୀ ଅନ୍ତର୍ଭୁକ୍ତ ଥିଲେ। ସେମାନେ ସମସ୍ତେ ଉପଗ୍ରହ ଚିତ୍ରକୁ ଭଲ ଭାବରେ ଅନୁଶୀଳନ କରୁଥିଲେ। ଏ କ୍ଷେତ୍ରରେ ମଧ୍ୟ ଆବଶ୍ୟକ ସ୍ଥଳେ କଳନ ବିଦ୍ୟାର ପ୍ରୟୋଗ କରି ଗୋଟିଏ ଗୋଟିଏ ସିଦ୍ଧାନ୍ତରେ ଉପନୀତ ହେବାକୁ ପଡୁଥିଲା। ବିଭିନ୍ନ ସ୍ଥାନ ବୁଲି ମାନବିକ ପ୍ରକ୍ରିୟାରେ ବସ୍ତି ଚିହ୍ନଟ କରିବା ଅପେକ୍ଷା ଏହି ଉପଗ୍ରହ ଚିତ୍ର ଅନୁଶୀଳନ ଶସ୍ତା ଏବଂ ସୁବିଧାଜନକ ଥିଲା। ସନ୍ଦେହମୋଚନ ପାଇଁ ଦରକାର ପଡ଼ିଲେ ଉପଗ୍ରହ ଚିତ୍ରକୁ ଭିତ୍ତି କରି ବେଳେବେଳେ ଆମକୁ କ୍ଷେତ୍ର ପରିଦର୍ଶନ କରିବାକୁ ପଡୁଥିଲା। ଏହି ପଦ୍ଧତି ମନୁଷ୍ୟକୃତ (ମାନୁଆଲ) ପଦ୍ଧତି ଠାରୁ ଅଧିକ ନିର୍ଭୁଲ ଥିଲା। ଅନ୍ୟାନ୍ୟ ଦେଶରେ ଏହି ଉପଗ୍ରହ ଚିତ୍ର ଅନୁଶୀଳନ ପଦ୍ଧତି ଅନୁସୃତ ହେଉଛି।

ନିୟମିତ ଚିତ୍ର ଅନୁଶୀଳନ (ଇମେଜ ଆନାଲିସିସ୍) ଦ୍ୱାରା ସହରାଞ୍ଚଳ ଆବାସିକ ଅଞ୍ଚଳର ସର୍ବଶେଷ ତଥ୍ୟ ପ୍ରାୟ ନିର୍ଭୁଲ ଭାବେ ରେକର୍ଡ କରିହେବ। ତେଣୁ ସରକାର ଯଦି ବସ୍ତି ରେକର୍ଡକୁ ଯୁଗ ଉପଯୋଗୀ ଓ ନିର୍ଭୁଲ କରିବାକୁ ଆଗ୍ରହୀ ତେବେ ଏହି ପଦ୍ଧତିକୁ ଗ୍ରହଣ କରିବାକୁ ପଡ଼ିବ। ଏହା ସହିତ ଅନ୍ୟାନ୍ୟ ପଦ୍ଧତିକୁ ମଧ୍ୟ ଉପଯୋଗ କରାଯାଇପାରେ। ତେବେ ଏଥି ପାଇଁ ଆବଶ୍ୟକ ଦକ୍ଷତା ବିକାଶ କରିବାକୁ ହେବ।


**ଭ୍ରାନ୍ତି: ମୌଳିକ ସୁବିଧା ପାଇବା ଓ ବିକ୍ରିଯୋଗ୍ୟ ଜମିର ମାଲିକାନା ହାସଲ କରିବାକୁ ସରକାରୀ ବିଜ୍ଞପ୍ତି ଲୋଡ଼ା।**

ଆଇନ ଅନୁସାରେ ସହରାଞ୍ଚଳର ବସ୍ତି ବାସିନ୍ଦା ପୌର ସେବା ପାଇବାକୁ ହେଲେ ସେମାନେ ରହୁଥିବା ଜାଗା ବା ଘରର ମାଲିକାନା ବିଧିସମ୍ମତ ଭାବେ ପ୍ରଥମେ ସରକାରୀ ଭାବେ ବିଜ୍ଞାପିତ ହେବା ଆବଶ୍ୟକ। ବେଙ୍ଗାଲୁରୁରେ ବସ୍ତି ବିଜ୍ଞପ୍ତି ପ୍ରକ୍ରିୟା ସେଠାକାର ବସ୍ତି ଆଇନ ଅନ୍ତର୍ଭୁକ୍ତ। ( ଚିତ୍ର-୪ରେ ଏହା ଦର୍ଶାଯାଇଛି)

ଆଇନ ଅନୁସାରେ ଏହି ପ୍ରକ୍ରିୟା ଅତ୍ୟନ୍ତ ସିଧାସଳଖ। ମାତ୍ର ବାସ୍ତବତା ହେଉଛି ଏହା ଏତେ ସହଜ ନୁହେଁ ଏବଂ ଏଥିରେ ଅନେକ ଦ୍ୱନ୍ଦ୍ୱ ରହିଛି।

ଏ କ୍ଷେତ୍ରରେ ସହର ସହର ମଧ୍ୟରେ ଭିନ୍ନତା ଦେଖାଯାଏ। ବେଙ୍ଗାଲୁରୁରେ ବସ୍ତିର ତିନିଟି ତାଲିକା ତିନିଟି ଭିନ୍ନଭିନ୍ନ ସରକାରୀ ସଂସ୍ଥା ଦ୍ୱାରା ପ୍ରସ୍ତୁତ ଓ ପରିଚାଳିତ। ଆମ ତଥ୍ୟାବଳୀରୁ ଆମେ ଯାଦୃଚ୍ଛିକ (ର୍ୟାଣ୍ଡମ) ଭାବେ ୭୫ଟି ବସ୍ତିର ନମୁନା ସଂଗ୍ରହ କରି ସେଗୁଡ଼ିକ ତିନିଟି ସରକାରୀ ତାଲିକା ସହିତ ତୁଳନା କରିଥିଲୁ। ଏହାଛଡ଼ା ସେଇ ବସ୍ତିର ଲୋକଙ୍କୁ ସେମାନଙ୍କ ବସ୍ତି ବିଷୟକ ଧାରଣା ଓ ସେମାନଙ୍କର ପଡ଼ୋଶୀଙ୍କ ବିଜ୍ଞପିତ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲୁ।

ଏଥିରୁ ଜଣାଗଲା ଯେ ତଥ୍ୟରେ ମେଳ ଅପେକ୍ଷା ଅମେଳ ଅଧିକ। ଆମେ ବାଛିଥିବା ୭୫ଟି ମଧ୍ୟରୁ କେବଳ ଦୁଇଟି ବସ୍ତିର ତଥ୍ୟାବଳୀ ତିନିଟି ଯାକ ସରକାରୀ ତାଲିକାରେ ଥିଲା। ଅବଶିଷ୍ଟ ୭୩ ବସ୍ତି ଗୋଟିଏ ସରକାରୀ ତାଲିକାରେ ବିଜ୍ଞପିତ ଶ୍ରେଣୀଭୁକ୍ତ



ହୋଇଥିଲେ ହେଁ ଅନ୍ୟ ଦୁଇଟି ତାଲିକାରେ ଏହି ମାନ୍ୟତା ପାଇ ନ ଥିଲା। କ୍ଷମତା ପରିସର ବହିର୍ଭୂତ ସ୍ଥିତି ଯୋଗୁ ପୌରସଂସ୍ଥା ଓ ସରକାରୀ ଏଜେନ୍ସି ମଧ୍ୟରେ ଯେଉଁ ସମନ୍ୱୟର ଅଭାବ ଥିଲା ତାହାର ଏହା ପରିଣତି। ତେଣୁ ବାସ୍ତବରେ କେଉଁଟି ବିଜ୍ଞପିତ ବସ୍ତି ଓ କେଉଁଟି ନୁହେଁ ତାହା ସମସ୍ୟା ସୃଷ୍ଟି କରିଛି। ସରକାରୀ ରେକର୍ଡରେ ଯାହା ଉଲ୍ଲେଖ ଥାଉ ପଛକେ, ପ୍ରକୃତରେ ଗୋଟିଏ ବସ୍ତିରେ ରହୁଥିବା ଲୋକଙ୍କ କଥା ଅଧିକ ପ୍ରମାଣଯୋଗ୍ୟ।

ଆଇନଗତ ବ୍ୟବସ୍ଥା ଓ ଦୈନନ୍ଦିନ ବାସ୍ତବତା ମଧ୍ୟରେ ଏହି ଅମେଳର ଅନ୍ତ ଏତିକିରେ ଶେଷ ହୋଇନାହିଁ। ଅଠରଟି ବିଭିନ୍ନ ପ୍ରକାର ସମ୍ପତ୍ତିଗତ ମାଲିକାନା ନଥିପତ୍ର କେଏସ୍‌ଡିବି ଦ୍ୱାରା ବେଙ୍ଗାଲୁରୁ ବସ୍ତିବାସିନ୍ଦାଙ୍କୁ ମହାନଗରପାଳିକା ଦ୍ୱାରା ପ୍ରଦାନ କରାଯାଇଛି। କେତେକ ସ୍ଥଳେ ପୂର୍ବର ଗ୍ରାମପଞ୍ଚାୟତ ମଧ୍ୟ ଏହି ମାଲିକାନା ଦେଇଛି। ଏହି ନଥିପତ୍ର ବିଜ୍ଞପ୍ତି ପ୍ରକ୍ରିୟାର ବିଭିନ୍ନ ସ୍ତରରେ ବସ୍ତିବାସିନ୍ଦାଙ୍କୁ ଦିଆଯାଇଚି। (ଚିତ୍ର-୪ ଦ୍ରଷ୍ଟବ୍ୟ)

ସାଧାରଣତଃ ଦେଖିଲେ ଏସବୁ ନଥି ଏକ ପ୍ରକାର ସମ୍ପତ୍ତି ମାଲିକାନା ସ୍ୱତ୍ୱଲିପି। ଏସବୁ ନଥିକୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇପାରେ। ଯାହାକୁ ବାସ୍ତବ ସମ୍ପତ୍ତି ମାଲିକାନା ଭାବେ ବିବେଚିତ କରିହେବ। ପ୍ରଥମ ଶ୍ରେଣୀର ନଥି (ବାୟୋମେଟ୍ରିକ କାର୍ଡ, ପରିଚୟପତ୍ର, ଗୁରୁଟିନା ଚିଠି ଓ ତିଲୁଓ୍ୱାଲିକେ ପତ୍ର) ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ପ୍ରଦାନ କରାଯାଇଛି। ଏହା ନଥିଧାରୀକୁ ବସବାସ କରିବା ଓ ଉତ୍ତରାଧିକାର ସୂତ୍ରରେ ଭୋଗ ଦଖଲ କରିବାର ଅଧିକାର ଦେଇଥିବାବେଳେ ସମ୍ପତ୍ତି ବିକ୍ରି ଅଧିକାରରୁ ବଞ୍ଚିତ କରିଛି। ଦ୍ୱିତୀୟ ଶ୍ରେଣୀର ନଥି ଯାହା ବିଜ୍ଞପ୍ତି ପ୍ରକାଶ ପରେ ପ୍ରଦାନ କରାଯାଇଛି ସେଥିରେ ବସବାସ ଓ ଉତ୍ତରାଧିକାର ସହିତ ୧୦ ରୁ ୩୦ ବର୍ଷ ପରେ ସମ୍ପତ୍ତି (ଜମି)କୁ ବିକିବାର ଅଧିକାର ବସ୍ତିବାସିନ୍ଦାଙ୍କୁ ମିଳିଛି। ଏଥିରେ ଅବଶ୍ୟ କିଛି ସର୍ତ୍ତ ରହିଛି। ଉଦାହରଣ ସ୍ୱରୂପ ହକ୍କୁପତ୍ର, ପଜେସନ ସାର୍ଟିଫିକେଟ, ପଟ୍ଟା ଓ ହଞ୍ଚିକେପତ୍ର ଧାରୀଙ୍କ ପାଇଁ



ଜମି ବିକ୍ରିରେ ସର୍ତ୍ତ ରହିଛି। ତୃତୀୟ ଶ୍ରେଣୀର ନଥିରେ ନଥିଧାରୀଙ୍କୁ ଜମି / ସମ୍ପତ୍ତି ବିକ୍ରିର ସ୍ପଷ୍ଟ ଅଧିକାର ଦିଆଯାଇଛି ଓ ମାଲିକାନା ଘେନି କୌଣସି ପ୍ରତିବନ୍ଧକ ନାହିଁ। ସମ୍ପୃକ୍ତ ବ୍ୟକ୍ତି ସମ୍ପତ୍ତି ଉପରେ ଯଦି ନିୟମିତ ଟିକସ ଦେଉଥିବେ ସେ ନିଜ ଇଚ୍ଛାମତେ ଏହାକୁ ବିକ୍ରି କରିବାକୁ ହକ୍‌ଦାର। ଏହାଛଡ଼ା ଆଉ ଏକ ପ୍ରକାର ବସ୍ତିବାସିନ୍ଦା ନଥି ରହିଛି ଯାହା ଶୂନ ଶ୍ରେଣୀଭୁକ୍ତ ପର୍ଯ୍ୟାୟ। ବସ୍ତିର ଉପାନ୍ତରେ ଶେଷ ଭାଗରେ ରହୁଥିବା ଲୋକେ ରହିବାର ସୁଯୋଗ ପାଇଥିଲେ ମଧ୍ୟ ସେମାନଙ୍କର କୌଣସି ନଥିପତ୍ର ନାହିଁ କିମ୍ବା ସେମାନେ ରେକର୍ଡଭୁକ୍ତ ହୋଇନାହାନ୍ତି। ଆମ ବେଙ୍ଗାଲୁରୁ ବସ୍ତି ନମୁନା ମଧ୍ୟରୁ ୩୫ଶତାଂଶ ତୃତୀୟ ପ୍ରକାର ନଥି, ୪୦ ଶତାଂଶ ୨ୟ କିମ୍ବା ପ୍ରଥମ ଶ୍ରେଣୀର ନଥି ଏବଂ ୨୬ ଶତାଂଶ ଶୂନ୍ୟ ଶ୍ରେଣୀଭୁକ୍ତ ସମ୍ପତ୍ତି କାଗଜପତ୍ର ପାଇଛନ୍ତି।

ଆଇନ ଅନୁସାରେ ୨ ଓ ୩ ଶ୍ରେଣୀର କାଗଜପତ୍ର ପାଇବା ପରେ ଯାଇ ବସ୍ତିବାସିନ୍ଦା ବିଜ୍ଞପ୍ତିର ଅନ୍ତର୍ଭୁକ୍ତ ହେବେ। ମାତ୍ର ବାସ୍ତବରେ ଏ କ୍ଷେତ୍ରରେ ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ଏପରି କିଛି ବସ୍ତି ରହିଛି ଯାହା ବିଜ୍ଞପିତ ହୋଇନାହିଁ; କିନ୍ତୁ ସେଠାକାର ବାସିନ୍ଦାଙ୍କୁ ୨ୟ ଓ ୩ୟ ଶ୍ରେଣୀର ମାଲିକାନା ପତ୍ର ମିଳିଛି। ଆଉ କେତେକ ସ୍ଥାନରେ ବସ୍ତି ବିଜ୍ଞପିତ ହୋଇ ନ ଥିଲେ ମଧ୍ୟ ସେଠାରେ ପ୍ରଥମ ଶ୍ରେଣୀଭୁକ୍ତ ମାଲିକାନା ନଥିଧାରୀ ଲୋକ ରହୁଛନ୍ତି।

ଆଇନତଃ ସହରରେ ଗୋଟିଏ ଆବାସିକ ଅଞ୍ଚଳ ବସ୍ତି ଘୋଷିତ ହେବା ପରେ ସେଠାକାର ଲୋକଙ୍କୁ ପାଣି, ଆଲୋକ, ରାସ୍ତା, ମଇଳା ସଫେଇ ସୁବିଧା ଭଳି ମୌଳିକ ଆବଶ୍ୟକତା ପୌର ସଂସ୍ଥା ଯୋଗାଇଦେବା କଥା। ସରକାରୀ ରେକର୍ଡରେ ନ ଥିବା କୌଣସି ଆବାସିକ ଅଞ୍ଚଳରେ ସରକାରୀ ଅର୍ଥ ଖର୍ଚ୍ଚ କରିବାର ବ୍ୟବସ୍ଥା ନାହିଁ। ମାତ୍ର ବାସ୍ତବତା ହେଉଛି ବିଜ୍ଞପିତ ହୋଇ ନ ଥିବା ଅନେକ ବସ୍ତିରେ ସହର ପ୍ରଶାସନ ଲୋକଙ୍କୁ ମୌଳିକ ସୁବିଧାସୁଯୋଗ ଯୋଗାଇଦେଉଛନ୍ତି ଓ ସରକାରୀ ଅର୍ଥ ସେଠାରେ ନିର୍ବିଚାରରେ ଖର୍ଚ୍ଚ ହେଉଛି। ସରକାରୀ ଓ ପ୍ରଶାସନିକ ସ୍ତରରେ ଦୁର୍ନୀତିପୂର୍ଣ୍ଣ ଉପାୟରେ ଏହି କାର୍ଯ୍ୟ ଆଖିବୁଜା ଚାଲିଛି।

**ଭ୍ରାନ୍ତି : ମାଲିକାନା ଅଭାବରୁ ବସ୍ତିବାସିନ୍ଦା ସେମାନଙ୍କର ସମ୍ପତ୍ତି ବିକ୍ରି କିମ୍ବା ବନ୍ଧକ**

ଦେଇପାରିବେ ନାହିଁ।

ତତ୍ତ୍ୱ ଅନୁସାରେ ଯେଉଁ ସମ୍ପତ୍ତି ଉପରେ ହିତାଧିକାରୀଙ୍କୁ ତୃତୀୟ ଶ୍ରେଣୀର ମାଲିକାନା ସ୍ୱତ୍ୱ ପ୍ରଦାନ କରାଯାଇଛି ତାହା ବିକ୍ରିଯୋଗ୍ୟ। ଅନ୍ୟ ଅଧିକାର ପତ୍ର ବଳରେ ମିଳିଥିବା ସମ୍ପତ୍ତି ବିକ୍ରିଯୋଗ୍ୟ ନୁହେଁ। ବାସ୍ତବତା କିନ୍ତୁ ଭିନ୍ନ। ବସ୍ତିରେ ଲୋକମାନେ ନିଜ ଅଧିକାରରେ ଥିବା ଜମି ବା ଘରକୁ ନିର୍ବିଘ୍ନରେ ବିକ୍ରି କରୁଛନ୍ତି। ଏ କ୍ଷେତ୍ରରେ ଅଧିକାର ପତ୍ରର ବାଛବିଚାର ନାହିଁ। ବେଙ୍ଗାଲୁରୁରେ ଏସବୁ ଜମି ବିକ୍ରୟ ପ୍ରକ୍ରିୟା ପାୱାର ଅଫ୍ ଆଟର୍ଣ୍ଣି ଜରିଆରେ କରାଯାଉଛି। କ୍ରେତା ଓ ବିକ୍ରେତା ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିରେ ବିକ୍ରେତା ସମ୍ପତ୍ତି ଉପରେ ଭବିଷ୍ୟତରେ କୌଣସି ଦାବି ଉପସ୍ଥାପିତ କରିବେ ନାହିଁ ବୋଲି ଚୁକ୍ତିପତ୍ରରେ ସ୍ୱାକ୍ଷର କରୁଛନ୍ତି। ବିକ୍ରେତା ନିଜର ସମ୍ପତ୍ତି ଅଧିକାର ପତ୍ର ବିକ୍ରେତାକୁ ହସ୍ତାନ୍ତର କରିବା ସହ ଭବିଷ୍ୟତରେ କ୍ରେତା ସେଇ ଜମିକୁ ଯଦି ଅନ୍ୟ କାହାକୁ ବିକେ ସେଥିରେ ମଧ୍ୟ ସହଯୋଗ କରିବାକୁ ଚୁକ୍ତିବଦ୍ଧ ହେଉଛନ୍ତି। ଏହି ଚୁକ୍ତିପତ୍ରର ବିକ୍ରେତାଙ୍କ ପରିବାରର ସବୁ ସଦସ୍ୟ ଦସ୍ତଖତ କରିବା ସହ ନିଜର ଫଟୋ ପରିଚୟ ପତ୍ରର ନକଲ କ୍ରେତାଙ୍କୁ ଦେଉଛନ୍ତି। ଏହାଛଡ଼ା ଚୁକ୍ତିରେ କିଛି ଲୋକ ମଧ୍ୟ ସାକ୍ଷି ପଡୁଛନ୍ତି। ଏସବୁ କାର୍ଯ୍ୟ ଓକିଲଙ୍କ ଉପସ୍ଥିତିରେ ଓ ତାଙ୍କ ପରାମର୍ଶରେ କରାଯାଉଛି। ଏସବୁ କାମ ବେଆଇନ୍ ହୋଇଥିଲେ ହେଁ ରୀତିମତ ଆଇନସମ୍ମତ ଭାବେ ଚାଲିଛି ଓ ଏହାର ଏକ ବଡ଼ ଅଣଆନୁଷ୍ଠାନିକ ବଜାର ରହିଛି। କେବଳ ବ୍ଲୁ-ପଲିଗନ ଅଞ୍ଚଳ ବା କେରପାଲ ବସ୍ତି ଓ କିଛି ବିବାଦୀୟ ଇଲାକାକୁ ଛାଡ଼ିଦେଲେ ଅନ୍ୟ ସବୁ ବସ୍ତିରେ ରୀତିମତ ଧାରାବାହିକ ଭାବେ ସମ୍ପତ୍ତି କ୍ରୟବିକ୍ରୟ ଚାଲିଛି।

ଏହି ପ୍ରକ୍ରିୟାରେ ବସ୍ତିଗୁଡ଼ିକରେ ବର୍ଷକୁ ଦୁଇ ଶତାଂଶ ଜମି ବିକ୍ରିବଟା ହେଉଛି। ଏହି କାରବାରରେ କୌଣସି ଟିକସ ସରକାରଙ୍କୁ ଦିଆଯାଏ ନାହିଁ। ଫଳରେ ପୌରପ୍ରଶାସନ ଏକ ବଡ଼ ପରିମାଣର ରାଜସ୍ୱ ହରାଇଥାଏ।

**ଭ୍ରାନ୍ତି : ବସ୍ତିଗୁଡ଼ିକ ସାମୟିକ ବିଶ୍ରାମସ୍ଥଳ। ଗ୍ରାମାଞ୍ଚଳରୁ ଆସିଥିବା ଲୋକ ଏଠାରେ ପ୍ରଥମେ ପାଦଥାପି କ୍ରମଶଃ ସହରର ମଧ୍ୟବିତ୍ତ ବର୍ଗରେ ପରିଣତ ହୋଇଥାନ୍ତି।**

**ମୁଖ୍ୟାଂଶ -୨**

ଗୋଟିଏ ସ୍ଥାନରେ ବସ୍ତି ଲୋକ ଆବଦ୍ଧ ହୋଇ ରହିବା ଫଳରେ ବସ୍ତି ଜୀବନ ଉପରେ ତାହାର ଗୁରୁତର ପ୍ରଭାବ ପଡ଼ିଥାଏ। ବସ୍ତିରେ ଗୋଟିଏ ଘରେ ସଂପୃକ୍ତ ପରିବାର ହାରାହାରି ୨୧ ବର୍ଷ ରହିଥାଏ। ଅଧିକାଂଶ (୬୬%) ଗୋଟିଏ ଘରେ ତିନିପିଢ଼ି ବା ତା'ଠୁ ଅଧିକ କାଳ ଧରି ବସବାସ କରିଥାନ୍ତି। ବସ୍ତିରେ ୨୭ଶତାଂଶ ଲୋକ ପ୍ରଥମ ଥର ପାଇଁ ରହୁଥିବାବେଳେ ସେମାନେ ସମସ୍ତେ ଅନ୍ୟ ଆଡୁ ଆସିଥାନ୍ତି। ସେମାନଙ୍କ ମଧ୍ୟରୁ ଅଧା ଗ୍ରାମାଞ୍ଚଳର।



ବସ୍ତିରେ ମିଳିମିଶି ଚଳିବା ଓ ବୃତ୍ତିଗତ (ପେସା) ମର୍ଯ୍ୟାଦା ହାସଲ କରିବାର ସୁଯୋଗ ସୀମିତ। ବାପ ଓ ପୁଅର ପେସା ମଧ୍ୟରେ ଏକ ତୁଳନାତ୍ମକ ତଥ୍ୟ ହାସଲ କରିବାକୁ ଆମେ ସହରାଞ୍ଚଳରେ ଛ'ଟି ବୃତ୍ତିଗତ ଶ୍ରେଣୀ ବିଭାଗ କରିଥିଲୁ। ସେଥିରୁ ଜଣାପଡ଼ିଲା ଯେ ଅଧିକାଂଶ କ୍ଷେତ୍ରରେ ବାପ ଯେଉଁ କାମ କରୁଥିଲା ପୁଅ ମୁଖ୍ୟତଃ ସେଇ କାମ କରୁଛି। ସବୁଠୁ ଅଧିକ ଏହା ନିର୍ମାଣ, ମୂଲମଜୁରୀ, କଳକାରଖାନାରେ ଶ୍ରମିକ, ଆବର୍ଜନା ସଂଗ୍ରହ ଆଦି ବୃତ୍ତି କ୍ଷେତ୍ରରେ ଦେଖାଯାଇଥିଲା। ପରବର୍ତ୍ତୀ ପିଢ଼ିରେ ଏଥିରେ ସାମାନ୍ୟ ପରିବର୍ତ୍ତନ ଘଟିଛି। ବାପ ଯେଉଁ ଧନ୍ଦା କରୁଥିଲା ପୁଅ ତା'ଠାରୁ ଉନ୍ନତ ବୃତ୍ତିକୁ ଆପଣେଇଛି। ତେବେ ଏହି ସଂଖ୍ୟା ମାତ୍ର ୨୯ ଶତାଂଶ। ତଳଶ୍ରେଣୀର ବୃତ୍ତିରୁ ଉପର ଶ୍ରେଣୀର ବୃତ୍ତିକୁ ଉଠିବା ଏକ ଭଲ ଲକ୍ଷଣ। ବାପ ବୃତ୍ତିଠାରୁ ଅଧିକ ଭଲ ବୃତ୍ତି କରିବା ପୁଅ ପାଇଁ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ। ମାତ୍ର ଏହି ସୁଯୋଗ ପାଉଥିବା ପରବର୍ତ୍ତୀ ପିଢ଼ିର ଲୋକଙ୍କ ସଂଖ୍ୟା କମ୍।

ମୋଟାମୋଟି ବସ୍ତିଗୁଡ଼ିକର ସ୍ଥିତି ନିରସ, ନିଷ୍ପ୍ରାଣ ଓ ବେଦନାପ୍ରଦ। ପନ୍ଦର ବର୍ଷର ଉପଗ୍ରହ ଚିତ୍ର ଅନୁଶୀଳନରୁ ଜଣାପଡ଼ିଛି ଯେ ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଆଦିରେ କ୍ୱଚିତ ବସ୍ତି ବିକଶିତ ହୋଇ ସହରାଞ୍ଚଳରେ ପରିଣତ ହୋଇଛି। ଚିତ୍ର-୩ରେ ଦର୍ଶାଯାଇଥିବା ମତେ ଯେଉଁ ସବୁ ବସ୍ତିରେ ଯତ୍‌କିଞ୍ଚିତ ପରିବର୍ତ୍ତନ ଘଟିଛି ତାହା ଘରର ଛାତ ବା ଛପରରେ ବ୍ୟବହୃତ ସାମଗ୍ରୀ। କେଉଁଠି କେଉଁଠି କେତେକଙ୍କର ଘରର ଛାତ ବଦଳିଥିବାବେଳେ ଅନେକଙ୍କର ଘରର ଛପର ମଧ୍ୟ ବିପର୍ଯ୍ୟସ୍ତ ହୋଇଛି। ଏହା ହେଉଛି ବସ୍ତିର ଘରଗୁଡ଼ିକର ବାସ୍ତବ ଅବସ୍ଥା।

ପ୍ରାୟ ସବୁ ବସ୍ତିବାସିନ୍ଦା ଅଣଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଆନ୍ତି। ଭଲ ବସ୍ତିରେ ରହୁଥିବା ଲୋକେ ମଧ୍ୟ ଏହି କ୍ଷେତ୍ରରେ କାମ କରନ୍ତି। ପ୍ରାୟ ୫ ଶତାଂଶଙ୍କର ନିଯୁକ୍ତି ସ୍ଥାୟୀ। ସେମାନେ ସ୍ୱାସ୍ଥ୍ୟସେବା ଓ ଅବସରକାଳୀନ ସୁବିଧା ପାଇବାର ବ୍ୟବସ୍ଥା ଅଛି। ତେଣୁ ଅବଶିଷ୍ଟ ଯେଉଁମାନେ ରହିଲେ ସେମାନଙ୍କ ଜୀବନ ଅସହଜ। ଉପରକୁ ଉଠିବା, କିଛି ରୋଜଗାର କରି ନିଜ ସ୍ଥିତିରେ ଉନ୍ନତି ଆଣିବା ପାଇଁ ବସ୍ତିବାସିନ୍ଦାଙ୍କ ନିମନ୍ତେ କିଛି କରିବାର ଅଛି। ସେଥିପାଇଁ ସେମାନଙ୍କୁ ବିପଜ୍ଜନକ ଓ ପ୍ରତିକୂଳ ସ୍ଥିତିରୁ ଉଦ୍ଧାର କରି ସେମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବାକୁ ପଡ଼ିବ।

**ଲେଖକ ହେଉଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଡ୍ୟୁକ୍ ବିଶ୍ୱବିଦ୍ୟାଳୟର ଜଣେ ପ୍ରାଧ୍ୟାପକ**
**Email ID: ak30@duke.edu**

### ବିଶେଷ ପ୍ରସଙ୍ଗ


# ‘ଅମୃତ’ ଯୋଜନାରେ ସହରାଞ୍ଚଳ ଭିତ୍ତିଭୂମି ନିର୍ମାଣ

ଦୁର୍ଗାଶଙ୍କର ମିଶ୍ର

*କେନ୍ଦ୍ର ସରକାର ସହରାଞ୍ଚଳର ଜୀର୍ଣ୍ଣୋଦ୍ଧାର ଓ କାୟାକଳ୍ପରେ ପରିବର୍ତ୍ତନ ଆଣିବା ପାଇଁ ଅଟଳ ମିଶନ ବା ଅମୃତ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିରେ ସହରାଞ୍ଚଳର ଜଳଯୋଗାଣ ଏବଂ ନାଳନର୍ଦ୍ଦମା ବ୍ୟବସ୍ଥାରେ ଉନ୍ନତି ତଥା ବିଭିନ୍ନ ବିକାଶ ଯୋଜନାରେ ଲୋକଙ୍କୁ ରୋଜଗାରର ସୁଯୋଗ ଯୋଗାଇ ଆର୍ଥିକ ଅଭିବୃଦ୍ଧି ବଢ଼ାଇବାର ଲକ୍ଷ୍ୟ ରଖାଯାଇଛି। ଏହି ଲେଖାରେ ସେ ସମ୍ପର୍କରେ ଆଲୋଚନା କରାଯାଇଛି।*

**ସହରୀ ଭାରତ: ପ୍ରମୁଖ ସମସ୍ୟା ଓ ସୁଯୋଗ**

ଭାରତର ସହରାଞ୍ଚଳ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ଜାତିସଂଘର ବିଶ୍ୱ ସହରାଞ୍ଚଳ ସ୍ଥିତି ଓ ସମ୍ଭାବନା ରିପୋର୍ଟ ୨୦୧୮ ଅନୁସାରେ ଭାରତର ଜନସଂଖ୍ୟାର ମୋଟ୍ ୩୪ଭାଗ ଏବେ ସହରାଞ୍ଚଳରେ ବସବାସ କରୁଛନ୍ତି। ୨୦୧୧ ତଥ୍ୟ ଅନୁସାରେ ଏହି ସଂଖ୍ୟା ପ୍ରାୟ ୩ ଶତାଂଶ ବୃଦ୍ଧି ପାଇଛି। ଏହି ହିସାବ ଅନୁସାରେ ୨୦୩୧ ସୁଦ୍ଧା ଭାରତର ସହରାଞ୍ଚଳ ଜନସଂଖ୍ୟା ଆଉ ଛ’ଶତାଂଶ ବଢ଼ିବ। ୨୦୫୧ ସୁଦ୍ଧା ଦେଶର ମୋଟ୍ ଜନସଂଖ୍ୟାର ୫୦ଭାଗ ଲୋକ ସହରରେ ରହୁଥିବେ। ସହରରେ ଅଧିକରୁ ଅଧିକ ଲୋକ ବସବାସ କଲେ ସହରାଞ୍ଚଳର କଳେବର କେବଳ ବଢ଼େ ନାହିଁ; ଏହାର ମୌଳିକ ସୁବିଧା ସୁଯୋଗ ଯୋଗାଣ ବ୍ୟବସ୍ଥା ଯଥା ପାନୀୟଜଳ ଯୋଗାଣ, ରାସ୍ତାଘାଟ, ପରିଚ୍ଛନ୍ନତା, ବର୍ଜ୍ୟବସ୍ତୁ ନିଷ୍କାସନ, ନାଳନର୍ଦ୍ଦମା, ବିଜୁଳି ଯୋଗାଣ ଓ ପରିବହନ ବ୍ୟବସ୍ଥା ଉପରେ ମାତ୍ରାଧିକ ଚାପ ପଡ଼େ। ଏବେ ଭାରତର ଜିଡିପିକୁ ସହରଗୁଡ଼ିକର ଅବଦାନ ପ୍ରାୟ ୬୫ ଶତାଂଶ। ୨୦୩୦ରେ ଏହା ପ୍ରାୟ ୭୦ ଶତାଂଶରେ ପହଞ୍ଚିବ। ଅତଏବ ଏହି ଦ୍ରୁତ ନଗରାୟନ ପ୍ରକ୍ରିୟା ଫଳରେ ସହରାଞ୍ଚଳରେ ମୌଳିକ ସୁବିଧା ସୁଯୋଗ ଯୋଗାଣ ବ୍ୟବସ୍ଥା ବିଶେଷ ମହତ୍ୱ ରଖେ। ଏହାଦ୍ୱାରା ନାଗରିକଙ୍କୁ ସେବା ଯୋଗାଣ ସୁଗମ ହେବା ସହ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ ଏବଂ ନଗର ସମୂହ ଆର୍ଥିକ ବିକାଶର ଇଂଜିନରେ



ପରିଣତ ହେବ। ସେଥିପାଇଁ ପ୍ରଥମ ଆବଶ୍ୟକତା ହେଲା ମୌଳିକ ସୁବିଧା ସୁଯୋଗ ଯୋଗାଣ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ।

ଭାରତ ସରକାର ଗତ ପାଞ୍ଚବର୍ଷ ମଧ୍ୟରେ ଏ କ୍ଷେତ୍ରରେ ଉଲ୍ଲେଖନୀୟ ପୁଞ୍ଜି ନିବେଶ କରିଛନ୍ତି। ଫଳରେ ବିଭିନ୍ନ ସହରରେ ମୌଳିକ ସେବା ଯୋଗାଣରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। ଏହା ସତ୍ତ୍ୱେ ଏ କ୍ଷେତ୍ରରେ ଅନେକ ସମସ୍ୟା ରହିଛି। ଉଦାହରଣ ସ୍ୱରୂପ ୨୦୧୧ ଜନଗଣନା ଅନୁସାରେ ଦେଶର ସହରାଞ୍ଚଳର ୭୦ଭାଗ ଘରେ ଜଳଯୋଗାଣ ସୁବିଧା ରହିଛି। ତେବେ ସେଥିମଧ୍ୟରୁ ମାତ୍ର ୪୯ଶତାଂଶ ଘରକୁ ପାଣି ପାଇପ ସଂଯୋଗ କରାଯାଇଛି। ଆହୁରି ମଧ୍ୟ ଆବଶ୍ୟକ ବିଶୋଧନ କ୍ଷମତା ଅଭାବ ଏବଂ ସୀମିତ ସିୱେରେଜ ବ୍ୟବସ୍ଥା ଯୋଗୁଁ ୬୫ଭାଗରୁ ଅଧିକ ବର୍ଜ୍ୟଜଳକୁ ବିଶୋଧନ ନ’କରି ମୁକୁଳା ନାଳରେ ଛାଡ଼ି ଦିଆଯାଉଛି। ଏହା ଫଳରେ ପରିବେଶ ଏବଂ ଜଳଉତ୍ସ ପ୍ରଦୂଷିତ ହେଉଛି। ବିଶ୍ୱ ବ୍ୟାଙ୍କର ଜଳ ଓ ପରିଚ୍ଛନ୍ନତା କାର୍ଯ୍ୟକ୍ରମ ରିପୋର୍ଟ ୨୦୧୧ ଅନୁସାରେ ପରିଚ୍ଛନ୍ନତା ଅଭାବରୁ ୨୦୦୬ରେ ଭାରତ ୨.୪ଟ୍ରିଲିୟନ ଟଙ୍କାର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିଲା। ଏହି ପରିମାଣ ଦେଶର ଜିଡିପିର ପ୍ରାୟ ୬.୪ ଶତାଂଶ। ତେଣୁ ନିରାପଦ ପାନୀୟଜଳର ସୁବିଧା ଏବଂ ବର୍ଜ୍ୟଜଳର ବିଜ୍ଞାନ ସମ୍ମତ ବିଶୋଧନ ଦେଶ ପାଇଁ ଏକାନ୍ତ ଅପରିହାର୍ଯ୍ୟ। ଏହାଛଡ଼ା ଉଭୟ ଜଳଯୋଗାଣ ଓ ସ୍ୱିଓରେଜ୍

ବ୍ୟବସ୍ଥାର ଉନ୍ନତି ପାଇଁ ଜାତିସଂଘ ନିରନ୍ତର ବିକାଶ ଯୋଜନା-୬ରେ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଭାରତକୁ ତାହା ପୂରଣ କରିବାକୁ ପଡ଼ିବ।

**ମୁଖ୍ୟାଂଶ -୧:**

ଦେଶର ୫୦୦ ସହରରେ ଅମୃତ ଯୋଜନା କାର୍ଯ୍ୟକାରୀ ହେଉଛି ଏବଂ ଗତ ପାଞ୍ଚବର୍ଷ ମଧ୍ୟରେ ଭାରତ ସରକାର ଏ କ୍ଷେତ୍ରରେ ବିପୁଳ ପୁଞ୍ଜି ଖଟାଇ ଜଳଯୋଗାଣ ତଥା ସ୍ୱିଓରେଜ ବ୍ୟବସ୍ଥାରେ ଉନ୍ନତି ଆଣିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହାଛଡ଼ା ଏହି ଯୋଜନାରେ ଅଣମୋଟର ପରିବହନ ବ୍ୟବସ୍ଥା, ପାର୍କ ନିର୍ମାଣ ଓ ସବୁଜିମା ସୃଷ୍ଟି ପାଇଁ ପ୍ରତ୍ୟେକ ସହରରେ ବ୍ୟବସ୍ଥା କରାଯାଇଛି।

**ଅମୃତ ଯୋଜନା:**

ଅମୃତ ଯୋଜନା ଭାରତ ସରକାରଙ୍କର ଏକ ଅନ୍ୟତମ ପ୍ରମୁଖ ଧ୍ୱଜାଧାରୀ କାର୍ଯ୍ୟକ୍ରମ। ଏହା ସହରାଞ୍ଚଳ ବିକାଶ ଓ ଆବାସ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକାରୀ ହେଉଛି। ଦେଶର ୫୦୦ ସହରରେ ଏହା କାର୍ଯ୍ୟକାରୀ ହେଉଛି ଏବଂ ପ୍ରଧାନମନ୍ତ୍ରୀ ଏହାକୁ ୨୦୧୫ ଜୁନ୍ ୨୫ ତାରିଖରେ ଆରମ୍ଭ କରିଥିଲେ। ଆଗରୁ କୁହାଯାଇଛି ସହରବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ଉତ୍ତମ ସ୍ୱିଓରେଜ ଓ ଡ୍ରେନେଜ୍ ସେବା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବାକୁ ଏହା ଉଦ୍ଦିଷ୍ଟ। ଏହି ଯୋଜନାରେ ସହରର ଗରିବ ଓ ଅବହେଳିତ ଲୋକେ ଯେପରି ବିଶେଷ ଉପକୃତ ହୋଇପାରିବେ ସେଥିପାଇଁ ଗୁରୁତ୍ୱ ଦିଆଯାଉଛି। ଏହି ଯୋଜନା ପାଇଁ କେନ୍ଦ୍ର ସରକାର ଏକ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଏଥିରେ ୫୦ ହଜାର କୋଟିର କେନ୍ଦ୍ରୀୟ ସହାୟତା ଅନ୍ତର୍ଭୁକ୍ତ। ୨୦୧୫ରୁ ୨୦୨୦ ପାଞ୍ଚବର୍ଷ ମଧ୍ୟରେ ଏହି ଅର୍ଥ ଖର୍ଚ୍ଚ କରି ଯୋଜନାକୁ କାର୍ଯ୍ୟକାରୀ କରିବାର ବ୍ୟବସ୍ଥା ହୋଇଛି।

ମୌଳିକ ସୁବିଧା ସୁଯୋଗ ଯୋଗାଣ ପାଇଁ ଭିତ୍ତିଭୂମି ତିଆରି କରିବା ସହ ଯୋଜନାରେ ଏକ ବଡ଼ଧରଣର ସଂସ୍କାର କାର୍ଯ୍ୟକ୍ରମ ରହିଛି। ଏଥିରେ ଯେଉଁ ୧୧ଟି ବିଷୟ ରହିଛି ସେଥିରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ ୫୪ଟି ମାଇଲଖୁଣ୍ଟ ଧାର୍ଯ୍ୟ ହୋଇଛି। ସେମାନଙ୍କୁ ଏହି ଯୋଜନା କାର୍ଯ୍ୟକାରୀ କରିବାବେଳେ ସମୟବଦ୍ଧ ଭାବେ ଧାର୍ଯ୍ୟମତେ ୪ବର୍ଷ ମଧ୍ୟରେ ଗୋଟିକ ପରେ ଗୋଟିଏ ମାଇଲଖୁଣ୍ଟ ଅତିକ୍ରମ କରିବାକୁ ହେବ। ଏହି ସଂସ୍କାରଗୁଡ଼ିକ ମଧ୍ୟରେ ରହିଛି ସହରବାସୀଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ସେବା ଯୋଗାଣ, ସବୁପ୍ରକାର କାମର ଅନୁମୋଦନ ପାଇଁ ଏକକ ବାତାୟନ ବ୍ୟବସ୍ଥା (ସିଙ୍ଗଲ ଉଇଣ୍ଡୋ), ମ୍ୟୁନିସିପାଲ କ୍ୟାଡର ପ୍ରବର୍ତ୍ତନ, ନାଗରିକ ଓ ସେବା ଉପଭୋଗ କରୁଥିବା ବ୍ୟକ୍ତିଙ୍କଠାରୁ ଅତିକମ୍‌ରେ ୯୦ଶତାଂଶ ଟିକସ /ୟୁଜର୍ସ ଫି ସଂଗ୍ରହ, ପ୍ରତିବର୍ଷ ଶିଶୁମାନଙ୍କ ପାଇଁ ଅତି କମ୍‌ରେ ଗୋଟିଏ ପାର୍କ ନିର୍ମାଣ, ପାର୍କ ଓ ଖେଳ ପଡ଼ିଆର ରକ୍ଷଣାବେକ୍ଷଣ ପାଇଁ ବ୍ୟବସ୍ଥା ଗ୍ରହଣ, ପୌର ସଂସ୍ଥାଗୁଡ଼ିକର କ୍ରେଡିଟ୍ ରେଟିଂ ବ୍ୟବସ୍ଥା ପ୍ରବର୍ତ୍ତନ, ମ୍ୟୁନିସିପାଲ ବଣ୍ଡ ପ୍ରଚଳନ, ଆଦର୍ଶ ଆବାସ ନିର୍ମାଣ ଆଇନର କାର୍ଯ୍ୟକାରିତା ଏବଂ ଜଳ ଓ ଉର୍ଜାର ଅଡିଟ୍।

**ଯୋଜନାର ପରିସର:**

୧) ୨୦୧୧ ଜନଗଣନା ଅନୁସାରେ ଏକ ଲକ୍ଷ ବା ତଦୁର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ୪୭୬ ସହର / ନଗର ଏହାର ଅନ୍ତର୍ଭୁକ୍ତ।

୨) ଏଥିରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ରାଜଧାନୀ ଅନ୍ତର୍ଭୁକ୍ତ ନୁହେଁ।

୩) ହୃଦୟ ଯୋଜନାର ଅନ୍ତର୍ଭୁକ୍ତ ହୋଇଥିବା ଐତିହ୍ୟନଗରୀ ଓ ସହର ଏହାର ଅନ୍ତର୍ଭୁକ୍ତ।

୪) ନଦୀର ମୁଖ୍ୟ ଧାର ତଟବର୍ତ୍ତୀ କେତେକ ସହର, ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କିଛି ଦ୍ୱୀପ ଏବଂ ଶୈଳ ନିବାସ ଓ ପର୍ଯ୍ୟଟନସ୍ଥଳୀ ମଧ୍ୟ ଏହି ଯୋଜନାର ପରିସରଭୁକ୍ତ।

ମୋଟରେ ଦେଶର ୫୦୦ ସହର ଅମୃତ ଯୋଜନାର ଅନ୍ତର୍ଭୁକ୍ତ ହୋଇଛି।

**ପାଣ୍ଠି ଯୋଗାଣ ବ୍ୟବସ୍ଥା:**

ଏହି ଯୋଜନା ପାଇଁ ୫୦ହଜାର କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ସମେତ ମୋଟ ଏକ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏ ସମସ୍ତ ଅର୍ଥ କେନ୍ଦ୍ର ସରକାର ଯୋଗାଇବେ। ଅବଶିଷ୍ଟ ଅର୍ଥ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ଦେବାକୁ ପଡ଼ିବ। ସମୁଦାୟ ବ୍ୟୟବରାଦ ମଧ୍ୟରୁ ଏଯାବତ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୭୭୬୪୦କୋଟି ଟଙ୍କା ଯୋଗାଇ ଦିଆସରିଲାଣି। କେନ୍ଦ୍ର ସରକାର ତାଙ୍କ

୫୨୩୪୪ଟି ନୂତନ ବର୍ଷାଜଳ ପ୍ରକଳ୍ପ ନିର୍ମାଣ

୧୩୭୨ଟି ଜଳାଶୟର ଜୀର୍ଣ୍ଣୋଦ୍ଧାର

୩.୩ କୋଟି ଲୋକ ଜନଆନ୍ଦୋଳନରେ ଭାଗିଦାର

୬.୭ ଲକ୍ଷ ଚାରାରୋପଣ


୪୦୦୯୯ ପ୍ରତିଷ୍ଠାନ ଦ୍ୱାରା ବର୍ଜ୍ୟ ଜଳ ପ୍ରକ୍ରିୟାକରଣ

*ଜେଏସ୍ଏ ଅଧୀନରେ ପ୍ରଗତି*

ଅଂଶବାବଦରେ ଦେଉଥିବା ଅର୍ଥର ୧୦ଶତାଂଶ ପ୍ରଶାସନିକ ଓ ଅଫିସ ଖର୍ଚ୍ଚ ପାଇଁ ବ୍ୟୟ ହେବ। ଆଉ ଏକ ଶତାଂଶ ଅର୍ଥ ବିଭିନ୍ନ ସଂସ୍କାର ଯୋଜନା ପାଇଁ ପ୍ରୋତ୍ସାହନ ରାଶି ଆକାରରେ ଯୋଗାଇ ଦିଆଯିବ।

- କେନ୍ଦ୍ର ଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଅମୃତ ଯୋଜନାର ସମସ୍ତ ବ୍ୟୟ କେନ୍ଦ୍ର ସରକାର ବହନ କରିବେ। ଉତ୍ତର ପୂର୍ବାଞ୍ଚଳ ଓ ପାହାଡ଼ିଆ ରାଜ୍ୟଗୁଡ଼ିକରେ କେନ୍ଦ୍ର ସରକାର ପ୍ରକଳ୍ପ ଖର୍ଚ୍ଚର ୯୦ଭାଗ ବହନ କରିବାର ନିୟମ କରାଯାଇଛି। ଅନ୍ୟାନ୍ୟ ରାଜ୍ୟ କ୍ଷେତ୍ରରେ ୧୦ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରରେ ପ୍ରକଳ୍ପ ବ୍ୟୟର ଏକ ତୃତୀୟାଂଶ କେନ୍ଦ୍ର ସରକାର ବହନ କରିବାର ବ୍ୟବସ୍ଥା ହୋଇଛି। ୧୦ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ସହରରେ ପ୍ରକଳ୍ପ ଖର୍ଚ୍ଚର ଅଧା କେନ୍ଦ୍ର ସରକାର ବହନ କରିବେ।

- ୨୦:୪୦:୪୦ ଅନୁପାତରେ ତିନିଥରରେ କେନ୍ଦ୍ରୀୟ ସହାୟତା ରାଶି ମଞ୍ଜୁର କରିବାର ବ୍ୟବସ୍ଥା ରହିଛି। ରାଜ୍ୟର ବାର୍ଷିକ କାର୍ଯ୍ୟାନୁଷ୍ଠାନ ଯୋଜନାରେ ପ୍ରକଳ୍ପ ଅନୁମୋଦନ ହେବା ପରେ ପ୍ରଥମ କିସ୍ତିର କେନ୍ଦ୍ରୀୟ ଅନୁଦାନ ଯୋଗାଇ ଦିଆଯିବାର ନିୟମ କରାଯାଇଛି ଓ ତଦନୁସାରେ ଟଙ୍କା ଯୋଗାଇଦିଆଯାଉଛି। ପରବର୍ତ୍ତୀ ଅବସ୍ଥାରେ କେନ୍ଦ୍ରୀୟ ଅନୁଦାନ, ପ୍ରକଳ୍ପର ଅର୍ଥ ବିନିଯୋଗପତ୍ର ଆଧାରରେ ୭୫ଶତାଂଶ ଆକାରରେ ମିଳୁଛି। ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ସ୍ୱାଧୀନ ସଂସ୍ଥା (ଇରମା) ତଦାରଖ କରି ରିପୋର୍ଟ ପ୍ରସ୍ତୁତ କରୁଛନ୍ତି ଏବଂ ଏ କ୍ଷେତ୍ରରେ ସମ୍ପୃକ୍ତ ପୌରସଂସ୍ଥା / ସହର ଶାସନ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟର ବ୍ୟବସ୍ଥା କରାଯାଇଛି।





**ଅମୃତ ଯୋଜନା ଭାରତର ସହରାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଉଦ୍ଦିଷ୍ଟ:**

**ସହଯୋଗମୂଳକ ସଂଘୀୟ ବ୍ୟବସ୍ଥା :** ସହଯୋଗମୂଳକ ସଂଘୀୟ ଭାବନାକୁ ଅଗ୍ରାଧିକାର ଦେଇ ରାଜ୍ୟ ସରକାରଗୁଡ଼ିକୁ ଅମୃତ ଯୋଜନାରେ ନିଜର ପ୍ରକଳ୍ପ ପ୍ରସ୍ତୁତି, ଆକଳନ ଓ ଅନୁମୋଦନର କ୍ଷମତା ପ୍ରଦାନ କରାଯାଇଛି। ପୂର୍ବରୁ ଜବାହାରଲାଲ୍ ନେହରୁ ସହରାଞ୍ଚଳ ନବୀକରଣ କାର୍ଯ୍ୟକ୍ରମରେ କେନ୍ଦ୍ର ଏଥିପାଇଁ ସହର ଓ ଏହାର ପ୍ରକଳ୍ପ କାର୍ଯ୍ୟ ଚିହ୍ନଟ କରୁଥିଲା। ଅମୃତରେ ସେ ବ୍ୟବସ୍ଥାକୁ ହଟାଇ ରାଜ୍ୟଗୁଡ଼ିକୁ ଏଥିପାଇଁ ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି।

**ଆନୁଷ୍ଠାନିକ ସଂସ୍କାର ଢାଞ୍ଚା:** ଅମୃତ ଯୋଜନା ଆନୁଷ୍ଠାନିକ ଢାଞ୍ଚା ଉପରେ ବିଶେଷ ଗୁରୁତ୍ୱ ଦେଉଛି। ଏଥିରେ ନଗର ନିଗମ ଓ ପୌରସଂସ୍ଥାଗୁଡ଼ିକର ଶାସନ ଓ ଆନୁଷ୍ଠାନିକ ଦକ୍ଷତା ବୃଦ୍ଧି ପାଇଁ ଜୋର ଦିଆଯାଇଛି। ଉତ୍ତମ ସେବା ଯୋଗାଣ, ଉତ୍ତରଦାୟିତ୍ୱ ବୃଦ୍ଧି ଓ ସ୍ୱଚ୍ଛତା ରକ୍ଷା ପାଇଁ ସଂସ୍କାର ବ୍ୟବସ୍ଥା ଅଭିପ୍ରେତ। ଅମୃତ ନଗରୀ ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ନିମନ୍ତେ ଆବଶ୍ୟକ ମାର୍ଗଦର୍ଶିକା ଓ ସଂସ୍କାର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି।


**ଅଭିବୃଦ୍ଧି ଓ ଅଗ୍ରାଧିକାର ନୀତି:** ଅମୃତ ଯୋଜନାରେ ସହରାଞ୍ଚଳ ଜଳଯୋଗାଣ ବ୍ୟବସ୍ଥାକୁ ସାର୍ବଜନୀନ କରିବା ସହ ପରିଷ୍କାର ପରିଚ୍ଛନ୍ନତାରେ ଆଖିଦୃଶିଆ ଉନ୍ନତି ଆଣିବା ପାଇଁ ଗୋଟିକ ପରେ ଗୋଟିଏ ପଦକ୍ଷେପ ଗ୍ରହଣର ବ୍ୟବସ୍ଥା ରହିଛି। ଏଥିପାଇଁ କେଉଁ ପର୍ଯ୍ୟାୟରେ କି ପ୍ରକାର କାମ କରାଯିବ ଏବଂ ତାହାର ସେବା ଓ ମାନ କ'ଣ ହେବ ତାହାର ବେଞ୍ଚମାର୍କ (ନ୍ୟୁନତମ ମାନଦଣ୍ଡ) ନିର୍ଦ୍ଧାରିତ ହୋଇଛି। ପ୍ରକଳ୍ପ କାର୍ଯ୍ୟ ବା ସେବାଯୋଗାଣ ଅଭିବୃଦ୍ଧି ମୂଳକ ହେବା ସହ ଅଗ୍ରାଧିକାର କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଜଳଯୋଗାଣକୁ ଅଗ୍ରାଧିକାର ତାଲିକାର ପ୍ରଥମ ସ୍ଥାନରେ ରଖାଯାଇଥିବାବେଳେ ସ୍ୱିଓରେଜ୍ ଓ ସଫେଇ ଦ୍ୱିତୀୟରେ ରହିଛି।

**ଦଣ୍ଡବିଧାନ ପରିବର୍ତ୍ତେ ପ୍ରୋତ୍ସାହନ:** ଜେଏନ୍ଏନ୍ଆରୟୁଏମ୍ ଯୋଜନାରେ ଅତିରିକ୍ତ



କେନ୍ଦ୍ରୀୟ ଅନୁଦାନର ୧୦ଶତାଂଶ ଅର୍ଥ ପ୍ରକଳ୍ପ ସହ ସଂପୃକ୍ତ ସଂସ୍କାର କାର୍ଯ୍ୟ ସମ୍ପୂର୍ଣ୍ଣ ନ'ହେବାଯାଏ କାଟି ରଖାଯାଉଥିଲା। ତେବେ ପ୍ରାୟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରକଳ୍ପ ସହ ସମ୍ପୃକ୍ତ ସଂସ୍କାର କାର୍ଯ୍ୟକାରୀ କରିପାରୁ ନ ଥିବାରୁ ୧୦ ଶତାଂଶ ଅର୍ଥ ହରାଉଥିଲେ। ଫଳରେ ଅନେକ ପ୍ରକଳ୍ପ ଅର୍ଥାଭାବରୁ ସମ୍ପୂର୍ଣ୍ଣ ହୋଇପାରୁ ନ ଥିଲା ଓ ରାଜ୍ୟସରକାରମାନେ ପାଣ୍ଠି ଯୋଗାଡ଼ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସରକାର ଅମୃତ ଯୋଜନାରେ ତାହାକୁ ବଦଳାଇ ଦେଇଛନ୍ତି। ଯେଉଁ ସରକାରମାନେ ପ୍ରକଳ୍ପ ନିର୍ମାଣ ସହ ଏଥି ସହିତ ସମ୍ପୃକ୍ତ ସଂସ୍କାରକୁ କାର୍ଯ୍ୟକାରୀ କରୁଛନ୍ତି ସେମାନଙ୍କୁ ପ୍ରକଳ୍ପର ୧୦ଶତାଂଶ ଅର୍ଥ ପ୍ରୋତ୍ସାହନ ଅର୍ଥ ଭାବେ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ମଧ୍ୟ ବଜେଟ ବ୍ୟବସ୍ଥା ହୋଇଛି। ଏହି ବ୍ୟବସ୍ଥାରେ ୨୦୧୫-୧୬ରେ ୪୦୦କୋଟି, ୨୦୧୬-୧୭ରେ ୫୦୦କୋଟି, ୨୦୧୭-୧୮ରେ ୩୪୦କୋଟି ଓ ୨୦୧୮-୧୯ରେ ୪୧୮କୋଟି ପ୍ରୋତ୍ସାହନ ରାଶି ଆକାରରେ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଯୋଗାଇ ଦିଆଯାଇଛି। ଏହା ପ୍ରକଳ୍ପ ବ୍ୟୟର ମୋଟ୍ ଅନୁମୋଦିତ ଅର୍ଥ ଉପରେ ଅତିରିକ୍ତ ଭାବେ ମିଳୁଛି।

**ଯୋଜନାର ତଦାରଖ:** ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ଏହାର ନିୟମିତ ତଦାରଖ ବିଶେଷ ଗୁରୁତ୍ୱ ବହନ କରେ। ସେଥିପାଇଁ ତଦାରଖ ବ୍ୟବସ୍ଥା ଅମୃତ ଯୋଜନାରେ ଗୁରୁତ୍ୱ ପାଇଛି। ପ୍ରକଳ୍ପ ନିର୍ମାଣର ସ୍ଥିତି, କାର୍ଯ୍ୟକାରିତାରେ ତ୍ରୁଟି ବିଚ୍ୟୁତି ଆଦିକୁ ଦେଖିବା ପାଇଁ ପ୍ରାଦେଶିକ ସ୍ତରରେ ଉଚ୍ଚସ୍ତରୀୟ ଷ୍ଟିୟରିଂ କମିଟିମାନ ଗଠିତ ହୋଇଛି। ମୁଖ୍ୟ ସଚିବ ଏହାର ଅଧ୍ୟକ୍ଷ ଅଛନ୍ତି। ଏହି କମିଟି ପ୍ରକଳ୍ପ ଅନୁମୋଦନ, ରୂପାୟନ ଓ ତଦାରଖ କାର୍ଯ୍ୟ କରୁଛି। କେନ୍ଦ୍ରୀୟ ସ୍ତରରେ ଗଠିତ ଶୀର୍ଷ କମିଟିରେ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ସଚିବ ଅଧ୍ୟକ୍ଷ ରହିଥିବାବେଳେ ଏହି କମିଟି ରାଜ୍ୟର ବାର୍ଷିକ କ୍ରିୟାନୁଷ୍ଠାନ ଯୋଜନାକୁ ଅନୁମୋଦନ କରୁଛି। ଏହାଛଡ଼ା ଜିଓଟ୍ୟାଗିଂ ବ୍ୟବସ୍ଥାରେ ମିଶନ ଏମ୍ଆଇଏସ୍ ଡ୍ୟାଶବୋର୍ଡ ଦ୍ୱାରା ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାକୁ ନିୟମିତ ତଦାରଖ କରାଯାଉଛି। ସେଇଭଳି ଜିଲାସ୍ତରରେ ମଧ୍ୟ ତଦାରଖ କମିଟି ଗଠନ କରାଯାଇ ପ୍ରକଳ୍ପ କାର୍ଯ୍ୟର ଗତିବିଧି ଉପରେ ନଜର ରଖାଯାଇଛି। ତୃତୀୟ ପକ୍ଷଙ୍କ ଦ୍ୱାରା ପ୍ରକଳ୍ପର କାର୍ଯ୍ୟକାରିତା ଆକଳନ କରାଯାଉଛି।




**ମୁଖ୍ୟାଂଶ -୨**

ବିଭିନ୍ନ ପର୍ଯ୍ୟାୟରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ତଦାରଖ କରାଯାଇ ତ୍ରୁଟିବିଚ୍ୟୁତିର ସଂଶୋଧନ କରାଯାଉଛି। ଜିଓଟ୍ୟାଗିଂ ବ୍ୟବସ୍ଥାରେ ପ୍ରକଳ୍ପ ନିର୍ମାଣର ବାସ୍ତବସ୍ଥିତି ଅନୁଧ୍ୟାନ ପୂର୍ବକ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ବ୍ୟବସ୍ଥା ହୋଇଛି।

**ଏଯାବତ୍ ଅଗ୍ରଗତି:**

ଅମୃତ ଯୋଜନାରେ ପ୍ରଥମ ତିନି ବର୍ଷ ପାଇଁ ବିଭିନ୍ନ ପ୍ରକଳ୍ପ ବାବଦରେ କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ଏ ପର୍ଯ୍ୟନ୍ତ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୭୭,୬୪୦ କୋଟି ଟଙ୍କା ପ୍ରସ୍ତାବକୁ ଅନୁମୋଦନ କରିସାରିଛନ୍ତି। ସେଥିପାଇଁ ସମ୍ପୃକ୍ତ ରାଜ୍ୟ ସରକାରଗୁଡ଼ିକୁ ଅର୍ଥ ମଧ୍ୟ ଯୋଗାଇଦିଆଯାଇଛି। ସେଥିମଧ୍ୟରୁ ୫୦ଭାଗ ଅର୍ଥ (୩୯,୦୧୧କୋଟି ଟଙ୍କା) ଜଳଯୋଗାଣ ପାଇଁ ମଞ୍ଜୁର ହୋଇଥିବାବେଳେ ସ୍ୱିଓରେଜ ଓ ସେପ୍ଟେଜ୍ ପାଇଁ ୩୨୪୫୬ କୋଟି ବା ୪୨ ଶତାଂଶ ଅର୍ଥ ଦିଆଯାଇଛି। ଏହାଛଡ଼ା ଷ୍ଟର୍ମୱାଟର ଡ୍ରେନେଜ ନିର୍ମାଣ ପ୍ରକଳ୍ପ ବାବଦରେ ୨୯୬୯କୋଟି ଟଙ୍କା (୪%) ଅଣମୋଟର ଜନିତ ସହରାଞ୍ଚଳ ପରିବହନ ବାବଦରେ ୧୪୩୬କୋଟି (୨%) ଏବଂ ପାର୍କ

ବର୍ଷାଜଳ ଅମଳ

ପ୍ରକ୍ରିୟାକୃତ ବର୍ଜ୍ୟ ଜଳର ପୁନଃଉପଯୋଗ

ଜଳାଶୟ ପୁନରୁଦ୍ଧାର


ଚାରା

ନିର୍ମାଣ ପାଇଁ ୧୭୬୮କୋଟି ଟଙ୍କା (୨%) ଅର୍ଥ ଯୋଗାଣର ବନ୍ଦୋବସ୍ତ ଚୂଡ଼ାନ୍ତ କରାଯାଇଛି । ମୋଟ୍ ୭୭,୬୪୦କୋଟି ଟଙ୍କାର ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ ୫୨୩୦ଟି ପ୍ରକଳ୍ପର ଠିକା ପ୍ରଦାନ କାର୍ଯ୍ୟ ଶେଷ ହୋଇଛି । ଏହି ପ୍ରକଳ୍ପରେ ୭୦,୯୬୯ କୋଟି ଟଙ୍କା ଖର୍ଚ୍ଚ ହେବ । ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୪୬୯ କୋଟି ଟଙ୍କାର ୨୦୧୧ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଅବଶିଷ୍ଟ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ଚାଲିଛି । ଏହାଛଡ଼ା ଆଉ ୧୦,୯୪୫ କୋଟି ଟଙ୍କାର ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଚାଲିଛି । ଏଥିରେ ରାଜ୍ୟ ସରକାରମାନେ ହାତକୁ ନେଇଥିବା ଅତିରିକ୍ତ କାର୍ଯ୍ୟ ଅନ୍ତର୍ଭୁକ୍ତ ।


୨୦୧୧ ଜନଗଣନା ତଥ୍ୟ ଅନୁସାରେ ୫୦୦ମିଶନ ସହରର ୪.୬୮ କୋଟି ସହରାଞ୍ଚଳ ଘର ମଧ୍ୟରୁ ୨.୯୮ କୋଟି ବା ୬୪% ଘରକୁ ପାଣି ଟ୍ୟାପ୍ ସଂଯୋଗ ବ୍ୟବସ୍ଥା ଥିଲା । ଅମୃତ ଯୋଜନାରେ ୩୯,୦୧୧କୋଟି ଟଙ୍କା ବିନିଯୋଗ କରାଯାଇ ୨୦୧୯ ଅଗଷ୍ଟ ସୁଦ୍ଧା ଏହି ସବୁ ସହରରେ ୬୦ଲକ୍ଷ ପରିବାରକୁ ନୂଆ ପାଣି ଟ୍ୟାପ୍ ସଂଯୋଗ ଯୋଗାଇ ଦିଆଯାଇଛି । ଏହାଛଡ଼ା ଆଉ ୭୯ଲକ୍ଷ ଘରକୁ ପାଣିଟ୍ୟାପ୍ ସଂଯୋଗ ସୁବିଧା ଏବେ ଚାଲିଥିବା ପ୍ରକଳ୍ପ ମାଧ୍ୟମରେ ଖୁବ୍‌ଶୀଘ୍ର ଯୋଗାଇଦିଆଯିବ । ସେଇଭଳି ଅମୃତ ଯୋଜନାରେ ୩୨,୪୫୬ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏସବୁ ସହରରେ ସିୱେର ସଂଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ୨୦୧୧ ଜନଗଣନା ତଥ୍ୟ ଅନୁସାରେ ଏସବୁ ସହରର ୩୧ଭାଗ ଘରକୁ ସ୍ୱେରେଜ ସଂଯୋଗ ବ୍ୟବସ୍ଥା ଥିଲା । ଅମୃତ ଯୋଜନାର କାର୍ଯ୍ୟକାଳ ଶେଷ ମଧ୍ୟରେ ଏହାକୁ ୬୨ଶତାଂଶରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି । ଏ ପର୍ଯ୍ୟନ୍ତ ଏହି ଯୋଜନାରେ ୪୦ଲକ୍ଷ ସିୱେର ସଂଯୋଗ ଯୋଗାଇ ଦିଆଗଲାଣି । ଅବଶିଷ୍ଟ ସମୟ ମଧ୍ୟରେ ଆଉ ୧୦୫ଲକ୍ଷ ସିୱେର ସଂଯୋଗ ଅମୃତ ମିଶନରେ ଯୋଗାଇ ଦିଆଯିବ । ଏହା ସହିତ ଅମୃତ ଯୋଜନାରେ ସହରଗୁଡ଼ିକରେ ସବୁଜିମା ସୃଷ୍ଟି, ପାର୍କ ନିର୍ମାଣ, ଫୁଟ୍‌ପାଥ୍ ବ୍ୟବସ୍ଥା, ୱାକ୍‌ୱେ, ସ୍କାଏୱାକ୍ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇ ନାଗରିକମାନଙ୍କୁ ଉତ୍ତମ ଜୀବନଧାରଣର ସୁଯୋଗ ଯୋଗାଇଦେବାକୁ ଉଦ୍ୟମ ଚାଲିଛି ।

**ସହରାଞ୍ଚଳ ସଂସ୍କାର:**


ଏହି କାର୍ଯ୍ୟକ୍ରମରେ ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରାଯାଇଛି । ସେଗୁଡ଼ିକ ହେଲା –



Water Supply Scheme, Dehradun, Uttarakhand



Water Treatment Plant, Bhopal (Bhauri)



Water Treatment Plant, Serampore, West Bengal



FSSTP at Bhubaneswar

**ଅନ୍‌ଲାଇନ୍ ବିଲ୍‌ଡିଂ ପରମିଶନ:** ନିର୍ମାଣ ଅନୁମତିକୁ ସୁଗମ ଓ ସହଜ କରିବା ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏହା ଓବିପିଏସ୍ ନାମରେ ନାମିତ । ସମସ୍ତଙ୍କ ପାଇଁ ସମାନ ଥିବା ଏକ ସାଧାରଣ ଆବେଦନପତ୍ର ସହିତ ନୋ ଅବ୍‌ଜେକ୍‌ସନ ସାର୍ଟିଫିକେଟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣପତ୍ର ଦାଖଲ କରି ନିର୍ମାଣ ଅନୁମତି ଅବିଳମ୍ବେ ମିଳିପାରିବ । ଦିଲ୍ଲୀ ଓ ମୁମ୍ବଇ ମହାନଗରୀରେ ଏହି ବ୍ୟବସ୍ଥା ୨୦୧୬ଏପ୍ରିଲରୁ କାର୍ଯ୍ୟକାରୀ ହୋଇଛି । ଏହା ଫଳରେ ନିର୍ମାଣ କ୍ଷେତ୍ରରେ ବ୍ୟବସାୟ ସହଜ ଓ ସୁଗମ ହୋଇପାରିଛି । ଏଥିପାଇଁ ବିଶ୍ୱବ୍ୟାଙ୍କର ସୁଗମ ବ୍ୟବସାୟସୂଚୀ (ଇଓବିଡି)ରେ ଭାରତର ସ୍ଥିତିରେ ଉନ୍ନତି ଘଟିଛି । ୨୦୧୭ରେ ଭାରତ ଏହି ତାଲିକାରେ ୧୮୫ରେ ଥିବାବେଳେ ମାତ୍ର ତିନିବର୍ଷ ମଧ୍ୟରେ ୨୭ସ୍ଥାନ ଉପରକୁ ଉଠି ୧୫୮ରେ ପହଞ୍ଚିଛି । ୨୦୨୦ମାର୍ଚ୍ଚ ୩୧ ସୁଦ୍ଧା ଅନ୍‌ଲାଇନ୍ ବିଲ୍‌ଡିଂ ଅନୁମତି ବ୍ୟବସ୍ଥାକୁ ଭାରତର ସବୁ ସହରରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ଏହି ବ୍ୟବସ୍ଥା ୪୪୦ ଅମୃତ ସହର ସମେତ ଦେଶର ୧୮୩୨ ସହରରେ କାର୍ଯ୍ୟକାରୀ ହୋଇଛି । ଆଣ୍ଡାମାନ ନିକୋବର, ଆନ୍ଧ୍ରପ୍ରଦେଶ, ଦାଦ୍ରା ଓ ନଗର ହାବେଳି, ଦିଲ୍ଲୀ, ଗୁଜରାଟ, ହରିୟାନା, ହିମାଚଳପ୍ରଦେଶ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, ତେଲଙ୍ଗାନା ଓ ତ୍ରିପୁରା ଆଦି ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସବୁ ସହରାଞ୍ଚଳରେ ଓବିପିଏସ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି ।

**ରାସ୍ତା ଆଲୋକୀକରଣ ପାଇଁ ଏଲଇଡି ଲାଇଟ୍:** ଇତିମଧ୍ୟରେ ୬୫ଲକ୍ଷ ପାରମ୍ପରିକ ଷ୍ଟ୍ରିଟ୍ ଲାଇଟ୍‌କୁ ପରିବର୍ତ୍ତନ କରାଯାଇ ସେ ସ୍ଥାନରେ ଏଲ୍‌ଇଡି ବଲ୍‌ବ ଲଗାଯାଇଛି । ଏହା ଫଳରେ ୧୩୯କୋଟି କେଡବ୍ଲ୍ୟୁଏଚ୍‌ର ବିଜୁଳି ବାର୍ଷିକ ସଞ୍ଚୟ ହେଉଛି । ଏହାଦ୍ୱାରା ମଧ୍ୟ ବାର୍ଷିକ ୧୧ଲକ୍ଷ ଟନର ଅଙ୍ଗାରକାମ୍ଳ ନିର୍ଗମନକୁ ରୋକାଯାଇପାରିଛି ।

**କ୍ରେଡିଟ୍ ରେଟିଂ:** ମୋଟ୍ ୪୮୫ସହର ମଧ୍ୟରୁ ୪୬୯ ଅମୃତ ସହରକୁ କ୍ରେଡିଟ୍ ରେଟିଂର ପରିସରଭୁକ୍ତ କରାଯାଇଛି । ସେଥିମଧ୍ୟରୁ ୧୬୩ଟି

ସହର ନିବେଶ ଯୋଗ୍ୟ (ଇନ୍‌ଭେଷ୍ଟିବଲ ଗ୍ରେଡ୍) ବିବେଚିତ ହୋଇଛନ୍ତି। ଆହୁରି ମଧ୍ୟ ଏହି ସହର ମଧ୍ୟରୁ ୩୬ଟିକୁ 'ଏ' ମାନ୍ୟତା ମିଳିଛି। ଯେଉଁ ସହରଗୁଡ଼ିକର ରେଟିଂ ତଳେ ରହିଛି ସେସବୁର ଦକ୍ଷତା ଓ ସୁବିଧାସୁଯୋଗ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି। ଫଳରେ ସେସବୁ ସହରରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ପାଇଁ ପୁଞ୍ଜିନିବେଶ ସହଜ ହେବ।

**ମ୍ୟୁନିସିପାଲ ବଣ୍ଡ:** ୨୦୧୭ ରୁ ୨୦୧୯ ମଧ୍ୟରେ ମ୍ୟୁନିସିପାଲ ବଣ୍ଡ୍ ମାଧ୍ୟମରେ ୩୩୯୦ କୋଟି ଟଙ୍କା କର୍ତ୍ତୃପକ୍ଷ ଉଠାଇବାରେ ସଫଳ ହୋଇଛନ୍ତି। ଏହି ବଣ୍ଡ ପ୍ରବର୍ତ୍ତନ କରିଥିବା ମିଶନ ସହରଗୁଡ଼ିକ ହେଲା ଅହମଦାବାଦ, ଅମରାବତୀ, ଭୋପାଳ, ହାଇଦରାବାଦ, ଇନ୍ଦୋର, ପୁଣେ, ସୁରତ ଓ ବିଶାଖାପାଟଣା। ଏହି ଅର୍ଥରେ ସମ୍ପୃକ୍ତ ସହରର ଭିତ୍ତିଭୂମି ବିକାଶ କାର୍ଯ୍ୟ ହେବ। ସହର ପିଛା ୧୦୦ରୁ ୨୦୦କୋଟି ଟଙ୍କାର ମ୍ୟୁନିସ୍‌ପାଲିଟି ବଣ୍ଡ୍ ଉଠାଣର ବ୍ୟବସ୍ଥା ରହିଛି। ସେଥିପାଇଁ କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ୧୩କୋଟି ଟଙ୍କା ସହାୟତା ଦେଇଛନ୍ତି। ଏଥିରେ ଦୁଇ ଶତାଂଶ ସୁଧ ରିଆତିର ବ୍ୟବସ୍ଥା ସହରମାନେ ପାଉଛନ୍ତି। ଆଠଟି ସହରକୁ ଏହି ବଣ୍ଡ୍ ଉଠାଣ ବାବଦରେ ଏଯାବତ ୧୮୧କୋଟି ଟଙ୍କା ଯୋଗାଇ ଦିଆଯାଇଛି। ବଣ୍ଡ୍ ବ୍ୟବସ୍ଥା ଦ୍ୱାରା ପୌରସଂସ୍ଥାଗୁଡ଼ିକର ପ୍ରଶାସନିକ ଦକ୍ଷତା ବୃଦ୍ଧି, ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ, ବିତ୍ତପରିଚାଳନା, ଅର୍ଥ ବ୍ୟୟରେ ସ୍ୱଚ୍ଛତା ଓ ସେବା ପ୍ରଦାନ ବ୍ୟବସ୍ଥାରେ ଯଥେଷ୍ଟ ଉନ୍ନତି ଆସିବ। ଆସନ୍ତା ଚାରିବର୍ଷ ମଧ୍ୟରେ ଦେଶର ୫୦ସହର ମ୍ୟୁନିସିପାଲ୍ ବଣ୍ଡ୍ ମାଧ୍ୟମରେ ଅର୍ଥ ଉଠାଇବେ ବୋଲି ଆମେ ଆଶାବାଦୀ। ଏହା ପୌରସଂସ୍ଥାଗୁଡ଼ିକୁ ଆତ୍ମନିର୍ଭରଶୀଳ କରିବା ସହ ଲୋକଙ୍କୁ ଉତ୍ତମ ସେବା ଯୋଗାଇଦେବାରେ ଅବଶ୍ୟ ସହାୟକ ହେବ।

ପୌରସଂସ୍ଥା / ନିଗମଗୁଡ଼ିକର କାର୍ଯ୍ୟକର୍ତ୍ତା ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ବୈଷୟିକ ଓ ଅନ୍ୟାନ୍ୟ ତାଲିମ ବ୍ୟବସ୍ଥା ହାତକୁ ନିଆଯାଇଛି। ଏଯାଏ ୫୨,୬୭୩ ଜଣଙ୍କୁ ଏହି ତାଲିମ ପ୍ରଦାନ କରାଯାଇଛି।

**ଜଳଶକ୍ତି ଅଭିଯାନ-ସହରାଞ୍ଚଳ:**

ଦେଶର ଜଳ ସମସ୍ୟାର ସମାଧାନ ପାଇଁ ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜଳଶକ୍ତି ଅଭିଯାନ ୨୦୧୯ ଜୁଲାଇ ୧ରୁ ଆରମ୍ଭ ହୋଇଛି। ଏଥିରେ ଜଳ ସଂରକ୍ଷଣ, ଜଳ ଉତ୍ସଗୁଡ଼ିକର ପୁନରୁଦ୍ଧାର, ପୁନଃକ୍ଷରଣ ପ୍ରକ୍ରିୟା ଦ୍ୱାରା ଭୂତଳ ଜଳସ୍ତରର ଉନ୍ନତି ତଥା ପରିତ୍ୟକ୍ତ ଜଳର ପୁନଃବ୍ୟବହାର ଆଦି ଅନ୍ତର୍ଭୁକ୍ତ। ଏହାକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ମଧ୍ୟ ସବୁମନ୍ତେ ଉଦ୍ୟମ କରୁଛି। ଜଳକ୍ଲିଷ୍ଟ ୭୫୪ ସହରାଞ୍ଚଳରେ ଏଥିପାଇଁ ପୌରସଂସ୍ଥା ସହଯୋଗରେ ସଚେତନତା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ଜୋରଦାର କରାଯାଇଛି। ଏହି କାର୍ଯ୍ୟକ୍ରମ ଦୁଇ ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଛି। ପ୍ରଥମ ପର୍ଯ୍ୟାୟ ୧ ଜୁଲାଇ ୨୦୧୯ରୁ ୧୫ ସେପ୍ଟେମ୍ବର ୨୦୧୯ ପର୍ଯ୍ୟନ୍ତ ଚାଲିଥିଲା। ଦ୍ୱିତୀୟ ପର୍ଯ୍ୟାୟ ୨୦୧୯ ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୩୦ରେ ଶେଷ ହୋଇଛି।

ସହରାଞ୍ଚଳ ଜଳଶକ୍ତି ଅଭିଯାନର ମୁଖ୍ୟ ବିଷୟବସ୍ତୁଗୁଡ଼ିକ ହେଲା - ବର୍ଷାଜଳ ଅମଳ, ବିଶୋଧିତ ଜଳର ପୁନଃବ୍ୟବହାର, ଜଳଉତ୍ସଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ବୃକ୍ଷରୋପଣ। ପୌରସଂସ୍ଥା ଓ ନିଗମଗୁଡ଼ିକ ମାଧ୍ୟମରେ ଏସବୁ କାର୍ଯ୍ୟ କରାଯାଉଛି।

**ଜଳଶକ୍ତି ଅଭିଯାନର ପ୍ରଗତି:**

୧) ୫୨୩୪ ନୂଆ ଜଳ ଅମଳପ୍ରକଳ୍ପର ଭିତ୍ତିଭୂମି ନିର୍ମାଣ କରାଯାଇଛି।

୨) ୧୩୭୨ଟି ଜଳଉତ୍ସର ଜିର୍ଣ୍ଣୋଦ୍ଧାର



କରାଯାଇ ତାହାକୁ ବ୍ୟବହାର ଉପଯୋଗୀ କରାଯାଇପାରିଛି ।


୩) ଏହା ଏକ ଜନଆନ୍ଦୋଳନର ରୂପ ନେଇଛି ଏବଂ ଏଥିରେ ୩.୩ କୋଟିରୁ ଅଧିକ ଲୋକ ସମ୍ପୃକ୍ତ ହୋଇଛନ୍ତି ।

୪) ୬.୭ ଲକ୍ଷରୁ ଅଧିକ ଚାରା ରୋପଣ କରାଯାଇଛି ।


୫) ୪୦୦୯ ପ୍ରତିଷ୍ଠାନ ବିଶୋଧିତ ବର୍ଜ୍ୟଜଳର ବ୍ୟବହାର ଆରମ୍ଭ କରିଛନ୍ତି ।

**ଭବିଷ୍ୟତର ମାର୍ଗ:**

ଅମୃତ ଯୋଜନା ସହରାଞ୍ଚଳର ଜଳ ଯୋଗାଣ ଓ ପରିଚ୍ଛନ୍ନତା ରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି । ଏହି ଅଭିଯାନ କାଳରେ ୫୦୦ ସହରର ୬୦ଶତାଂଶ ଲୋକ ପାନୀୟଜଳ, ସ୍ୱେରେଜ ଓ ଅନ୍ୟାନ୍ୟ ପରିଚ୍ଛନ୍ନତା ସୁବିଧା ପାଇଛନ୍ତି । ଅଧିକନ୍ତୁ ଦେଶର ୪୩୭୮ କ୍ଷୁଦ୍ର ସହର ଓ ମାନ୍ୟତାପ୍ରାପ୍ତ ବଜାର ଅଞ୍ଚଳ ମଧ୍ୟରୁ ୩୫୦୦ରୁ ଅଧିକ ଏବେ ମଧ୍ୟ ଜଳଯୋଗାଣ, ସ୍ୱେରେଜ୍ ଓ ବର୍ଜ୍ୟ ନିଷ୍କାସନ ଆଦି କ୍ଷେତ୍ରରେ କୌଣସି କେନ୍ଦ୍ରୀୟ ଯୋଜନାର ଅନ୍ତର୍ଭୁକ୍ତ ହୋଇନାହାନ୍ତି । ଜାତିସଂଘର ଏସ୍‌ଡିଜିଲକ୍ଷ୍ୟ-୬ ଅନୁସାରେ ସବୁ ସହରାଞ୍ଚଳବାସୀଙ୍କୁ ସ୍ୱଚ୍ଛପାନୀୟ ଜଳ ଓ ପରିଚ୍ଛନ୍ନତା ସୁଯୋଗ ଯୋଗାଇଦେବାକୁ ଥିବାରୁ ସରକାର ଏ କ୍ଷେତ୍ରରେ ବିଶେଷ ତତ୍ପରତାର ସହ କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ ମଧ୍ୟ ଏହାକୁ ଦୃଷ୍ଟିରେ ରଖି 'ଜଳ ଜୀବନ' ଅଭିଯାନ ଘୋଷଣା କରିଛନ୍ତି । ଏଥିରେ ଦେଶର ୧୧୫ ଆକାଙ୍‌କ୍ଷୀ ଜିଲ୍ଲାରେ ଏ କ୍ଷେତ୍ରରେ ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଏବେ ଅଭିଯାନର ସଫଳତା ଦେଶର କ୍ଷୁଦ୍ର କ୍ଷୁଦ୍ର ସହରକୁ ନେବାର ସମୟ ଆସିଛି ।




ଚିତ୍ର ୧: ଅମୃତ ଯୋଜନା ଅଧିନରେ କ୍ଷେତ୍ରବାରି ଅନୁଦାନ




ଲେଖକ ହେଉଛନ୍ତି ଭାରତ ସରକାରଙ୍କ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟର ସଚିବ
**Email ID: secyurban@nic.in**

# ସ୍ଥାନାନ୍ତରଣ: ଆବଶ୍ୟକତାଭିତ୍ତିକ ସହରୀ ଯୋଜନା

ଅମିତା ଭିଡେ

ମାଇଗ୍ରେସନ୍ ବା ସ୍ଥାନାନ୍ତରଣ ବର୍ତ୍ତମାନ ସମାଜରେ ଏକ ସମସ୍ୟା ଭାବେ ଉଭା ହୋଇଛି। ତେବେ ବର୍ତ୍ତମାନ କେବଳ ଏହାର ଆକ୍ଷରିକ ଅର୍ଥ (ଜନ୍ମସ୍ଥାନ ବାହାରେ ବାସସ୍ଥାନ)ର ବନ୍ଧନୀ ଭିତରେ ଏହି ସମସ୍ୟା ସୀମିତ ହୋଇ ରହିନାହିଁ। ତେଣୁ ସ୍ଥାନାନ୍ତରଣ ପ୍ରତି ଯଦି ଏକ ସକାରାତ୍ମକ ଆଭିମୁଖ୍ୟ ଗ୍ରହଣ କରାଯାଏ ତେବେ ତାହା ସହରୀ ଅର୍ଥନୀତି ଓ ସହରୀ ଜନଜୀବନ ପ୍ରତି ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

ଆଜି ପର୍ଯ୍ୟନ୍ତ ସ୍ଥାନାନ୍ତରଣ ପ୍ରକ୍ରିୟାକୁ କେବଳ ଗାଁରୁ ଗାଁ, ଗାଁରୁ ସହର ଓ ସହରରୁ ସହର ଭଳି ଏକ ଦ୍ୱୈତ-ଭୁଗୋଳିୟ ପରିସୀମା ମଧ୍ୟରେ ଦେଖାଯାଉଛି। କିନ୍ତୁ ଏହାର ଅନ୍ୟ ମହତ୍ୱପୂର୍ଣ୍ଣ ଦିଗ ମଧ୍ୟ ରହିଛି। ଯେମିତି ଆଜିକାଲିର ସ୍ଥାନାନ୍ତରଣ ପ୍ରକ୍ରିୟା ବିଶେଷ ଭାବେ ବୃତ୍ତାକାର ହେବା ସହ ଅର୍ଦ୍ଧସ୍ଥାୟୀ ବା ଅସ୍ଥାୟୀ ହେବାରେ ଲାଗିଛି। ଆଉ ମଧ୍ୟ ଏହା ସ୍ଥାନୀୟ ସ୍ତରରୁ ଦୂରବର୍ତ୍ତୀ ଅଞ୍ଚଳକୁ ପ୍ରସାରିତ ହୋଇ ଆନ୍ତଃରାଜ୍ୟ ପ୍ରକ୍ରିୟାରେ ପରିବର୍ତ୍ତିତ ହୋଇଛି। ତେବେ ସ୍ଥାନାନ୍ତରଣର ଏଭଳି ସ୍ୱରୂପର ସଠିକ୍ ପରିଚାଳନା ପାଇଁ ବର୍ତ୍ତମାନର ସହରୀ ଯୋଜନା ସେତେଟା ସକ୍ଷମ ହୋଇପାରୁନାହିଁ। ଏହାଦ୍ୱାରା ପ୍ରବାସୀମାନଙ୍କର ସହରୀ ଉପସ୍ଥିତି ଯୋଗୁଁ ସୁବିଧାସୁଯୋଗର ଅଭାବ ଦେଖାଦେଉଛି। ଫଳସ୍ୱରୂପ ସେମାନେ ଅସଂଗଠିତ ଭାବରେ ସୁବିଧା ଅନ୍ୱେଷଣ କରିଥାନ୍ତି ଓ ଏକ ସମାନ୍ତରଣ ବ୍ୟବସ୍ଥାର ସୂତ୍ରପାତ କରାଇଥାନ୍ତି। ସେମାନଙ୍କ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ସମେତ ବାସସ୍ଥାନକୁ ନେଇ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟିହୁଏ। ଏହି ଦୃଷ୍ଟିରୁ ସହରୀ ପ୍ରଶାସନର କ୍ଷମତା ଓ ଦକ୍ଷତା ଏବଂ ସମ୍ବଳ ଆଦି ବୃଦ୍ଧି କରିବା ଉପରେ ଜୋର ଦିଆଯିବା ଦରକାର। ଏହାଦ୍ୱାରା ସେଗୁଡ଼ିକ ସ୍ଥାନାନ୍ତରଣ ଜନିତ ବିଭିନ୍ନ ଆହ୍ୱାନର ମୁକାବିଲା କରିବାରେ ସଫଳ ହୋଇପାରିବେ।






**ଉପକ୍ରମଣିକା**

ଜନଗଣନା ତଥ୍ୟ ଅନୁଯାୟୀ ଦେଶରେ ୩.୩ ନିୟୁତ ପ୍ରବାସୀ ବ୍ୟକ୍ତି ଅଛନ୍ତି । କିନ୍ତୁ ଅନ୍ୟାନ୍ୟ ତଥ୍ୟ ଅନୁସାରେ ଓ ୨୦୧୭ ଅର୍ଥନୈତିକ ସର୍ଭେ ଅନୁସାରେ ଏହି ସଂଖ୍ୟାଠାରୁ ଯଥେଷ୍ଟ ଅଧିକ ଏମିତି ବ୍ୟକ୍ତି ଅଛନ୍ତି । ଯଦି ଏହା ସତ ତେବେ ଏହାଦ୍ୱାରା ନୀତି ନିର୍ଦ୍ଧାରଣରେ ବାଧା ସୃଷ୍ଟି ହେବା ସ୍ୱାଭାବିକ । ଅନ୍ୟ ଏକ ଚିନ୍ତାର ବିଷୟ ହେଉଛି ସେହି ସ୍ଥାନଗୁଡ଼ିକର ରୂପାନ୍ତରଣ, ଯେଉଁଠାରେ ଅଧିକ ପ୍ରବାସୀ ଅଛନ୍ତି । ଏହି ପରିପ୍ରେକ୍ଷୀରେ କେତେକ ଯୁକ୍ତି ବାଢ଼ନ୍ତି ଯେ ସାଧାରଣତଃ ସହରବାସୀ ହେଉଛନ୍ତି ସ୍ଥାୟୀ ଓ ପ୍ରବାସୀମାନେ ଅସ୍ଥାୟୀ । ତେଣୁ ସେମାନଙ୍କ ପାଇଁ ସ୍ଥାୟୀ ବାସସ୍ଥାନର ଆବଶ୍ୟକତା ସେତେ ଗୁରୁତ୍ୱ ବହନ କରେନାହିଁ । ତଥାପି ପ୍ରବାସୀମାନେ କୌଣସି ସହରରେ ଯଦି ବାସଗୃହ ଓ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ସର୍ବନିମ୍ନ ସୁବିଧା ପାଇବାରୁ ବଞ୍ଚିତ ହୁଅନ୍ତି ତେବେ ସେମାନେ ଅନୌପଚାରିକ ବ୍ୟବସ୍ଥା ଦ୍ୱାରା ସେମାନଙ୍କ ଆବଶ୍ୟକତାକୁ ପୂରଣ କରିଥାନ୍ତି । ଏହାଦ୍ୱାରା ସହରୀ ପ୍ରଶାସନ ପାଇଁ ନାନା ପ୍ରକାରର ଆହ୍ୱାନ ସୃଷ୍ଟି ହୋଇଥାଏ ।

ଏହି ଲେଖାର ଉଦ୍ଦେଶ୍ୟ ହେଉଛି ସହରୀ ରୂପାନ୍ତରଣ ପୃଷ୍ଠଭୂମିରେ ସ୍ଥାନାନ୍ତରଣ-ଅନୁରୂପ ଓ ସ୍ଥାନୀୟ ପ୍ରଶାସନ-ଅନୁକୂଳ ବ୍ୟବସ୍ଥା ଉପରେ ଆଲୋକପାତ କରିବା ।

***ପ୍ରମୁଖ ବିନ୍ଦୁ- ୧***

*ଲୋକନୀତିରେ ଥିବା ଫାଟ ଯୋଗୁଁ ପ୍ରବାସୀମାନେ ନିଜର ସମସ୍ୟା ଦୂରୀକରଣ ପାଇଁ ଅନୌପଚାରିକ ବ୍ୟବସ୍ଥା ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଥାନ୍ତି । ତେବେ ଏହାଦ୍ୱାରା ସୃଷ୍ଟ ଅପ୍ରୀତିକର ପରିସ୍ଥିତି ଦ୍ୱାରା ଉଭୟ ପ୍ରବାସୀ ଓ ସ୍ଥାନୀୟ ପ୍ରଶାସନ କବଳିତ ହୋଇଥାନ୍ତି । ଏଥିରୁ ମୁକ୍ତି ପାଇଁ ଉପାୟ ଚିନ୍ତା କଲାବେଳେ ଏହା ସ୍ଥାନୀୟ ପ୍ରଶାସନ ପାଇଁ ଏକ ସମସ୍ୟା ସୃଷ୍ଟି କରିଥାଏ ।*

ସ୍ଥାନାନ୍ତରଣର ପ୍ରକାର ଓ ଆକାରରେ ପରିବର୍ତ୍ତନ- ଗତ ଦଶନ୍ଧି ମଧ୍ୟରେ ଦେଶରେ ସ୍ଥାନାନ୍ତରଣର ଆୟତନ ଓ ଆକାରରେ ଯଥେଷ୍ଟ ପରିବର୍ତ୍ତନ ଘଟିଛି । ଏହାର ଅଧ୍ୟୟନ ପାଇଁ ଜନଗଣନାର ତଥ୍ୟ ଉପରେ ନିର୍ଭର କରାଯାଇଥାଏ । ଜନଗଣନା ତଥ୍ୟ ଅନୁଯାୟୀ ସେହିମାନଙ୍କୁ ପ୍ରବାସୀ କୁହାଯାଏ, ଯେଉଁମାନେ ଗତ ଜନଗଣନା ଆଧାରରେ ନିଜର ବାସସ୍ଥାନ ଅନ୍ୟତ୍ର ସ୍ଥାନାନ୍ତର କରିଛନ୍ତି କିମ୍ବା ଯିଏ ନିଜ ଜନ୍ମସ୍ଥାନଠାରୁ ଅନ୍ୟତ୍ର ବସବାସ କରୁଛନ୍ତି ।

ଏହି ସଂଜ୍ଞା ଅନୁସାରେ ଦେଶରେ ୪୫.୩୬ କୋଟି ପ୍ରବାସୀ ଅଛନ୍ତି । ଏମାନଙ୍କ ମଧ୍ୟରୁ ୬୪ ପ୍ରତିଶତ ବ୍ୟକ୍ତି ୧୦ ପ୍ରତିଶତ ବ୍ୟକ୍ତି ନିଜ ବାସସ୍ଥାନ ପରିବର୍ତ୍ତନ କରିଛନ୍ତି । ତେବେ ଏହା ସ୍ଥାନାନ୍ତରଣର ବାସ୍ତବିକ ଚିତ୍ର ନୁହଁ । କାରଣ ଅର୍ଥନୈତିକ ସର୍ଭେ ରିପୋର୍ଟ ସମେତ ଅନେକ ବୁଦ୍ଧିଜୀବୀ ମଧ୍ୟ କୁହନ୍ତି ଯେ ସ୍ଥାନାନ୍ତରଣର ଏହି ତଥ୍ୟ ସମ୍ପୂର୍ଣ୍ଣ ନୁହଁ । କାରଣ ଜନଗଣନା ତଥ୍ୟ ଓ ଜାତୀୟ ନମୁନା ସର୍ବେକ୍ଷଣ ତଥ୍ୟରେ ବୃତ୍ତାକାର ଓ ଅସ୍ଥାୟୀ ସ୍ଥାନାନ୍ତରଣକୁ ବିଚାରକୁ ନିଆଯାଏ ନାହିଁ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଭାରତରେ ସ୍ଥାନାନ୍ତରଣ ଅଧିକ ମାତ୍ରାରେ ଘଟିଚାଲିଛି ଏବଂ ଏହାର ସ୍ୱରୂପ ମଧ୍ୟ ବଦଳିବାରେ ଲାଗିଛି । ଏଥିରୁ ଦୁଇ ପ୍ରକାରର ସ୍ଥାନାନ୍ତରଣ ଅନୁଧ୍ୟାନ ଯୋଗ୍ୟ- ଗୋଟିଏ ହେଉଛି ଯିବା ଆସିବା ଆଧାରିତ ଓ ଅନ୍ୟଟି ବୃତ୍ତାକାର ସ୍ଥାନାନ୍ତରଣ ।

**ସ୍ଥାନାନ୍ତରଣ ଦ୍ୱାରା ସ୍ଥାନୀୟ ରୂପାନ୍ତରଣ-**

ଏକ ଅଧ୍ୟୟନ ଅନୁଯାୟୀ ସ୍ଥାନାନ୍ତରଣର ମାତ୍ରା ସହିତ ସ୍ଥାନାନ୍ତରଣ ଜନିତ ରୂପାନ୍ତରଣକୁ ମଧ୍ୟ ଗୁରୁତ୍ୱ ଦିଆଯିବା ଉଚିତ୍ । ବୃହତ୍ ସ୍ତରର ସ୍ଥାନାନ୍ତରଣ ଦ୍ୱାରା ସ୍ଥାନୀୟ ସ୍ତରରେ ବଡ଼ଧରଣର ପ୍ରଭାବ ପଡ଼ିଥାଏ । ସ୍ଥାୟୀ ସ୍ଥାନାନ୍ତରଣ କ୍ଷେତ୍ରରେ ସ୍ଥାନୀୟ ସ୍ତରର ଆବାସ

ଓ ଅନ୍ୟାନ୍ୟ ଭିତ୍ତିଭୂମି ବ୍ୟବସ୍ଥା ଉପରେ ପ୍ରଭାବ ପଡ଼େ। ଅନ୍ୟପକ୍ଷରେ ଅସ୍ଥାୟୀ ସ୍ଥାନାନ୍ତରଣ ଯୋଗୁଁ ଏକ ଭିନ୍ନ ଧରଣର ଭିତ୍ତିଭୂମିର ଆବଶ୍ୟକତା ମଧ୍ୟ ରହିଥାଏ। ଅସ୍ଥାୟୀ ସ୍ଥାନାନ୍ତରଣ ମାଧ୍ୟମରେ ପ୍ରବାସୀମାନେ ସହରୀ ଅର୍ଥ ବ୍ୟବସ୍ଥାକୁ ନିଜର ଅବଦାନ ଦେଇଥାନ୍ତି ସତ କିନ୍ତୁ ସେମାନଙ୍କ ଶ୍ରମର ଅସଲ ଲକ୍ଷ୍ୟ ଥାଏ ସେମାନେ ଆସିଥିବା ଅଞ୍ଚଳର ବିକାଶ ଉପରେ। ଅର୍ଥ ପ୍ରେରଣ, ପୁଞ୍ଜିନିବେଶ, ସମ୍ପତ୍ତି ସୃଷ୍ଟି ଆଦି ମାଧ୍ୟମରେ ସେମାନେ ଏହି ଲକ୍ଷ୍ୟ ହାସଲ କରିଥାନ୍ତି। ଅନ୍ୟପକ୍ଷରେ ଦେଖିଲେ ଏଭଳି ପ୍ରବାସୀମାନଙ୍କ ଯୋଗୁଁ ସହରୀ ଅର୍ଥନୀତିର ଉତ୍ପାଦନ କ୍ଷମତା ବୃଦ୍ଧିପାଏ ଓ ସେମାନେ ସହରୀ ସଂସାଧନର ସ୍ୱଚ୍ଛ ଉପଯୋଗ କରିଥାନ୍ତି। ଆଉ ମଧ୍ୟ ସେମାନେ ନୂତନ ଚିନ୍ତାଧାରା ଓ ଅଭିନବ ଉପାୟ ଅବଲମ୍ବନ କରିଥାନ୍ତି।

***ପ୍ରମୁଖ ବିନ୍ଦୁ-୨***

*ଅର୍ଥନୈତିକ ଓ କାର୍ଯ୍ୟ ସମ୍ବନ୍ଧିତ କାରଣରୁ ସ୍ଥାନାନ୍ତରଣ ଘଟିଥାଏ। କିନ୍ତୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲୋକେ ଅନ୍ୟତ୍ର ବସବାସ କରିଥାନ୍ତି। ଏହାଦ୍ୱାରା ସହରଗୁଡ଼ିକରେ ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଁ ଏକ ଅତିରିକ୍ତ ଆବଶ୍ୟକତା ନିର୍ମାଣ ହୋଇଥାଏ। ଉଦାହରଣ ସ୍ୱରୂପ ଦୀର୍ଘସୂତ୍ରୀ ଚିକିତ୍ସା ପାଇଁ ଡାକ୍ତରଖାନାଗୁଡ଼ିକ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ସ୍ଥାନାନ୍ତରଣକୁ ପ୍ରୋତ୍ସାହିତ କରିଥାନ୍ତି। ସେହିଭଳି ଉଚ୍ଚ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଅର୍ଥନୈତିକ କାର୍ଯ୍ୟ ଯୋଗୁଁ ମଧ୍ୟ ସ୍ଥାନାନ୍ତରଣ ଘଟିଥାଏ। ଏହାଦ୍ୱାରା ଗମନାଗମନ, ଖାଦ୍ୟ ଓ ପୋଷଣ ଆଦି ସେବା ଯୋଗାଣ ବ୍ୟବସ୍ଥା ଉପରେ ଅଧିକ ଚାପ ପଡ଼ିଥାଏ। ବିଦ୍ୟାଳୟ ଶିକ୍ଷା ପ୍ରଦାନ ବ୍ୟବସ୍ଥାକୁ ମଧ୍ୟ ପ୍ରବାସୀମାନଙ୍କ ଭାଷା ଅନୁଯାୟୀ ଆବଶ୍ୟକ ପରିବର୍ତ୍ତନର ଚାପ ସହିବାକୁ ପଡ଼ିଥାଏ। ଏଥିରେ ବ୍ୟତିକ୍ରମ ହେଲେ ପ୍ରବାସୀମାନେ ନିଜ ନିଜ ସ୍ତରରେ ସାମୟିକ ବ୍ୟବସ୍ଥା ସୃଷ୍ଟି କରିଥାନ୍ତି। ଉଦାହରଣ ସ୍ୱରୂପ, ସହରରେ ଥିବା ବସ୍‌ଷ୍ଟାଣ୍ଡ, ହୋଟେଲ୍, ବିଶ୍ରାମସ୍ଥଳ, ରାସ୍ତାଘାଟ ଓ ଚଲାପଥ ଆଦି ସେମାନଙ୍କ ଆସ୍ଥାସ୍ଥଳୀରେ ପରିଣତ ହୁଏ।*

ମାଇଗ୍ରେସନ୍ ବା ସ୍ଥାନାନ୍ତରଣ ବର୍ତ୍ତମାନ ସମାଜରେ ଏକ ସମସ୍ୟା ଭାବେ ଉଭା ହୋଇଛି। ତେବେ ବର୍ତ୍ତମାନ କେବଳ ଏହାର ଆକ୍ଷରିକ ଅର୍ଥ (ଜନ୍ମସ୍ଥାନ ବାହାରେ ବାସସ୍ଥାନ)ର ବନ୍ଧନୀ ଭିତରେ ଏହି ସମସ୍ୟା ସୀମିତ ହୋଇ ରହିନାହିଁ। ତେଣୁ ସ୍ଥାନାନ୍ତରଣ ପ୍ରତି ଯଦି ଏକ ସକାରାତ୍ମକ ଆଭିମୁଖ୍ୟ ଗ୍ରହଣ କରାଯାଏ ତେବେ ତାହା ସହରୀ ଅର୍ଥନୀତି ଓ ସହରୀ ଜନଜୀବନ ପ୍ରତି ଅତ୍ୟନ୍ତ ଲାଭଦାୟକ ହୋଇଥାଏ।



*ସେହିଭଳି ଡାକ୍ତରଖାନା ନିକଟସ୍ଥ କୌଣସି ରାସ୍ତାରେ ସେମାନେ ଅସ୍ଥାୟୀ ଭାବେ ବସବାସ କରିବାକୁ ଲାଗନ୍ତି । ମହାବିଦ୍ୟାଳୟ ଆଦି ସ୍ଥାନରେ ପ୍ରବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଭଡ଼ା ଘର ଓ ଖାଦ୍ୟପେୟ ବ୍ୟବସ୍ଥା ସୃଷ୍ଟିହୁଏ । ନିୟମିତ ଶୌଚାଳୟ ସୁବିଧା ଅଭାବରୁ ଅନେକ ସ୍ଥାନ ମୁକ୍ତ ଶୌଚାଳୟ ପାଲଟି ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହୋଇଥାଏ । ଅନ୍ୟପକ୍ଷରେ ଏଭଳି ଭିତ୍ତିଭୂମି ବ୍ୟବସ୍ଥା ପ୍ରତି ସକାରାତ୍ମକ ଦୃଷ୍ଟି ଦେଲେ ତାହା ସହରୀ ଅର୍ଥନୀତି ଓ ଜୀବନ ପ୍ରଣାଳୀ ଉପରେ ପ୍ରଗତିଶୀଳ ପ୍ରଭାବ ପକାଇପାରନ୍ତା । ଏହାର ଏକ ଛୋଟ ଉଦାହରଣ ହେଉଛି ହାଇଦ୍ରାବାଦ୍ ମେଟ୍ରୋ । ଯେଉଁଠାରେ ପ୍ରବାସୀମାନଙ୍କ ସୁବିଧା ପାଇଁ ସନ୍ଦେଶ ପ୍ରସାରଣ ସକାଶେ ୪ଟି ଭାଷାର ଉପଯୋଗ କରାଯାଏ ।*

## ସହରୀ ନୀତି ନିର୍ଦ୍ଧାରଣରେ ପ୍ରବାସୀଙ୍କ ପାଇଁ ସୁବିଧା

ପ୍ରବାସୀମାନଙ୍କ ପାଇଁ ସ୍ୱଳ୍ପାବଧି ଆବାସ ବ୍ୟବସ୍ଥା ସୃଷ୍ଟି କରିବା ଏକ ପ୍ରମୁଖ ଆହ୍ୱାନ । ଏହା ଭଡ଼ାଘର ଠାରୁ ଭିନ୍ନ । ଉଦାହରଣ ସ୍ୱରୂପ, ସହରକୁ ଆସୁଥିବା ବ୍ୟକ୍ତିଙ୍କ ଭିତରେ ଏମିତି ଅନେକ ବ୍ୟକ୍ତି ଥାଆନ୍ତି ଯେଉଁମାନଙ୍କ ପାଇଁ ହୋଟେଲ୍‌ରେ ଦୀର୍ଘଦିନ ରହିବା ଖର୍ଚ୍ଚ ସାପେକ୍ଷ ହୋଇଥାଏ ଅଥଚ ଘର ଭଡ଼ା ନେବା ପାଇଁ ସେମାନଙ୍କ ଆବଶ୍ୟକତା ନଥାଏ । ଅବଶ୍ୟ କେତେକ ସ୍ଥାନରେ ଏଭଳି ଅସ୍ଥାୟୀ ଆବାସୀୟ ବ୍ୟବସ୍ଥା କରାଯାଉଛି । ତେବେ ତାହା ସ୍ୱଳ୍ପ ଆୟକାରୀ ବର୍ଗଙ୍କ ପାଇଁ ଅନୁକୂଳ ନୁହଁ । ପୂର୍ବରୁ ସହରଗୁଡ଼ିକରେ ଧର୍ମଶାଳାଗୁଡ଼ିକ ଥିଲା । ଆଧୁନିକ ସହରରେ ସେପରି ବ୍ୟବସ୍ଥା ନାହିଁ । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ମୁମ୍ବାଇସ୍ଥିତ ଟାଟା ମେମୋରିଆଲ୍ ହସ୍ପିଟାଲକୁ କର୍କଟ ରୋଗ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଚିକିତ୍ସାଳୟ ବାହାରେ ରାସ୍ତାରେ ମାସ ମାସ ଧରି ପଡ଼ି ରହିଥିବା ଦୃଶ୍ୟ ।



*(ଟାଟା ମେମୋରିଆଲ୍ ହସ୍ପିଟାଲ ବାହାରେ କର୍କଟ ରୋଗୀ ରହୁଥିବା ରାସ୍ତା)*

ସ୍ୱଳ୍ପାବଧି ଆବାସୀୟ ବ୍ୟବସ୍ଥା ସୃଷ୍ଟି ନହେବା ପଛର ଅନ୍ୟ ଏକ କାରଣ ହେଉଛି ସୃଜନାତ୍ମକ ଚିନ୍ତାଧାରାର ଅଭାବ । ବର୍ତ୍ତମାନର ଆବାସୀୟ ନୀତିର ଦୁଇଟି ଦିଗ ରହିଛି । ପ୍ରଥମଟି ହେଉଛି ମାଲିକାନା ଆଧାରିତ ଗୃହ ନିର୍ମାଣ ଓ ଦ୍ୱିତୀୟଟି ହେଉଛି ଜମିକୁ ଏକ ସମ୍ବଳ ଭାବେ ବ୍ୟବହାର କରିବା । ପ୍ରଥମଟି ଦ୍ୱାରା ପୁଞ୍ଜିନିବେଶ ହୋଇଥାଏ ଓ ଦ୍ୱିତୀୟଟି ଦ୍ୱାରା ରାଜ୍ୟ ସରକାରଙ୍କୁ ଜମି ବିକ୍ରିଜନିତ ରାଜସ୍ୱ ପ୍ରାପ୍ତି ହୋଇଥାଏ । ତେବେ ଏହାର ଏକ ବିରୋଧାତ୍ମକ ଦିଗ ହେଉଛି ଯେ ଏଥିଯୋଗୁଁ ସ୍ୱଳ୍ପାବଧି ଗୃହ ନିର୍ମାଣ ସମ୍ଭବ ହୋଇନଥାଏ । ଯଦି ବିରୋଧ କରାନଯାଏ କିମ୍ବା ସରକାରୀ ହସ୍ତକ୍ଷେପ ନ ରୁହେ ତେବେ ସମଗ୍ର ସହରରେ କେବଳ ପୁଞ୍ଜିନିବେଶ ଆଧାରିତ ଗୃହ ନିର୍ମାଣ ବ୍ୟବସ୍ଥା ହିଁ କାର୍ଯ୍ୟକାରୀ ହୁଅନ୍ତା । ଅବଶ୍ୟ ଏଭଳି ସମସ୍ୟାରୁ ମୁକ୍ତି ପାଇଁ କେତେକ ସ୍ଥାନରେ ନାଗରିକ ସମାଜ ଆଗକୁ ଆସିଥାନ୍ତି । ତେବେ ଏହା ଯଥେଷ୍ଟ ନୁହଁ । ତେଣୁ ଏପରିସ୍ଥଳେ ସରକାରୀ ପ୍ରୟାସ ହିଁ ଏକାନ୍ତ ଆବଶ୍ୟକ । ଏଥିପାଇଁ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ସକ୍ଷମ । କାରଣ ପ୍ରବାସୀମାନଙ୍କ ଦ୍ୱାରା ସୃଷ୍ଟ ବିଭିନ୍ନ ଆବଶ୍ୟକତା ସମ୍ପର୍କରେ ସେମାନେ ଭଲଭାବେ ଅଭିହିତ ଥାଆନ୍ତି । ତେଣୁ ବର୍ତ୍ତମାନର ଚାହିଦା ହେଉଛି ରାଜ୍ୟ ସରକାର - ଆଧାରିତ ନୀତି ନିର୍ଦ୍ଧାରଣ ବଦଳରେ ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ ସ୍ଥାନାନ୍ତରଣ ଜନିତ ସମସ୍ୟାର ନିରାକରଣ ପାଇଁ ଅନୁମତି ଦେବା ଓ ସଶକ୍ତ କରିବା ।

ଲେଖକ ହେଉଛନ୍ତି ମୁମ୍ବାଇସ୍ଥିତ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସେସ୍‌ର ଜଣେ ପ୍ରଫେସର
**Email ID: amita@tiss.edu**

# ଖାଉଟି ସୁରକ୍ଷା ଆଇନ-୨୦୧୯ : ଉପଭୋକ୍ତା ସଶକ୍ତୀକରଣରେ ଏକ ନୂତନ ମାଇଲଖୁଣ୍ଟ

ଡ. ଶୀତଲ କପୁର

ପ୍ରତିବର୍ଷ ଡିସେମ୍ବର ୨୪ ତାରିଖରେ ପାଳିତ ହେଉଛି ଜାତୀୟ ଉପଭୋକ୍ତା ଦିବସ। ଏହି ଦିନ ଖାଉଟି ଆନ୍ଦୋଳନର ଗୁରୁତ୍ୱ ଏବଂ ପ୍ରତିଟି ଖାଉଟିଙ୍କୁ ସେମାନଙ୍କ ଅଧିକାର ଓ ଉତ୍ତରଦାୟିତ୍ୱ ସଂପର୍କରେ ସଚେତନ କରାଇବା ହେଉଛି ଏହାର ଉଦ୍ଦେଶ୍ୟ। ଏହି ନିବନ୍ଧରେ ନୂତନ ଖାଉଟି ସୁରକ୍ଷା ଆଇନ-୨୦୧୯ ସଂପର୍କରେ ସବିଶେଷ ଆଲୋଚନା କରାଯାଇଛି। ଯାହାକି ନୂତନ ବଜାର ସ୍ଥିତି ସଂପର୍କରେ ତଥ୍ୟପ୍ରଦାନ ସହିତ ଏନେଇ ରହିଥିବା ବିଭିନ୍ନ ବିବାଦର ପ୍ରଭାବୀ ସମାଧାନ ଲାଗି ସୁଚିନ୍ତିତ ପରାମର୍ଶ ଓ ସୂଚନା ଦେଇପାରିବ।

ଇଣ୍ଟରନେଟ୍, ଇ-କମର୍ସ, ସ୍ମାର୍ଟଫୋନ୍ ଓ କ୍ଲାଉଡ୍ ଟେକ୍ନୋଲୋଜି ଭଳି ଏକାଧିକ ଡିଜିଟାଲ ଜ୍ଞାନକୌଶଳର ଉପଯୋଗ ଯୋଗୁଁ ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତୀୟ ଉପଭୋକ୍ତା ବଜାରରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି। ଖାଉଟି ସୁରକ୍ଷା ଆଇନ(ସିପିଏ), ୧୯୮୬ରେ ଉପଭୋକ୍ତାଙ୍କ ଅଧିକାରର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଏକ ଆଇନ କରାଯାଇଥିଲା। ସେତେବେଳର ଏହି ଆଇନ ଏବେ ଉପଭୋକ୍ତା ବଜାର ଚାହିଦା ଓ ଆବଶ୍ୟକତାକୁ ଦେଖି ଅତ୍ୟନ୍ତ ପୁରୁଣା ହୋଇସାରିଛି। ଏହି ପୁରୁଣା ଆଇନରେ ବିଶେଷକରି ଅନ୍‌ଲାଇନ୍ ସପିଂ(ଅନ୍‌ଲାଇନ୍ ଯୋଗେ କ୍ରୟ), ଟେଲିସପିଂ, ପ୍ରଡକ୍ଟ ରିକଲ୍, ଅନ୍‌ସେଫ୍ କଣ୍ଟ୍ରାକ୍ଟ (ଅସୁରକ୍ଷିତ କାରବାର ଚୁକ୍ତି), ତ୍ରୁଟିପୂର୍ଣ୍ଣ ତଥା ବିଭ୍ରାନ୍ତକାରୀ ବିଜ୍ଞାପନ ଆଦି ପ୍ରସଙ୍ଗ ଓ ଏ ସଂକ୍ରାନ୍ତ ବିବାଦର ସମାଧାନ ଲାଗି କୌଣସି ବ୍ୟବସ୍ଥା କରାଯାଇ ନାହିଁ। ତେଣୁ ଏହି ପୁରୁଣା ଆଇନକୁ ପରିବର୍ତ୍ତନ କରି ତା' ସ୍ଥାନରେ ନୂତନ ଉପଭୋକ୍ତ ସୁରକ୍ଷା ଆଇନ, ୨୦୧୯ ଆଣିବାର ଆବଶ୍ୟକତା ଅନୁଭବ କରାଯାଇଥିଲା।

***ମୁଖ୍ୟବିନ୍ଦୁ: ୧***

*୩୦ ବର୍ଷ ତଳେ କାର୍ଯ୍ୟକାରୀ କରାଯାଇଥିବା ଉପଭୋକ୍ତ ସୁରକ୍ଷା ଆଇନ, ୧୯୮୬ ପୁରୁଣା ହୋଇସାରିଥିବାରୁ ବର୍ତ୍ତମାନ ପରିସ୍ଥିତିର ଏହାର ଉଦ୍ଦେଶ୍ୟ, ଲକ୍ଷ୍ୟ, ସାଂଗଠନିକ ସ୍ତର ଓ ଆବଶ୍ୟକତା ସହିତ ଏଥିରେ ଥିବା ଦୁର୍ବଳତାକୁ ଦୃଷ୍ଟିରେ ରଖି ନୂତନ ଆଇନ ପ୍ରଣୟନ କରାଯାଇଛି। ଖାଉଟି ସୁରକ୍ଷା ଆଇନ, ୨୦୧୯ ସଂସଦରେ ଗୃହୀତ ହେବାପରେ ଗତ ଅଗଷ୍ଟ ୯ ତାରିଖରୁ ଏହାକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିବା ପରେ ଆଇନରେ ପରିଣତ ହୋଇସାରିଛି। ଏହି ଆଇନର ଲକ୍ଷ୍ୟ ହେଉଛି, ଖାଉଟିଙ୍କୁ ପ୍ରାଥମିକତା ପ୍ରଦାନ। ସେମାନଙ୍କ ସ୍ୱାର୍ଥର ସୁରକ୍ଷା ସହିତ ଉପଭୋକ୍ତାଙ୍କର ସମସ୍ୟା, ବିବାଦର ତୁରନ୍ତ ସମାଧାନ କରିବା।*

**ବିଳମ୍ବିତ ନ୍ୟାୟ ଅର୍ଥାତ୍ ନ୍ୟାୟ ପ୍ରଦାନରୁ ବଞ୍ଚିତ**

ଉପଭୋକ୍ତା ଅଦାଲତ ଗୁଡିକରେ ବହୁ ସଂଖ୍ୟାରେ ମାମଲା ପଡିରହିବା ଏବଂ ବିଚାର ଲାଗି ବର୍ଷ ବର୍ଷ ସମୟ ଗଡିବା ଦ୍ୱାରା ହିତାଧିକାରୀମାନଙ୍କୁ ନ୍ୟାୟ ପ୍ରଦାନରେ ଅହେତୁକ ବିଳମ୍ବ ଘଟୁଛି। ଖାଉଟି ବିବାଦର ସମାଧାନ, ତୁରନ୍ତ ନ୍ୟାୟ ପ୍ରଦାନ ସହିତ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ଏହି ନୂତନ ଆଇନକୁ କାର୍ଯ୍ୟକାରୀ କରାଯାଇଛି। ଏହି ନୂତନ ଆଇନ ଦ୍ୱାରା ଉପଭୋକ୍ତା ଅଧିକ ସଶକ୍ତ ହୋଇପାରିବେ। ଖାଉଟି ସୁରକ୍ଷା ଆଇନ, ୨୦୧୯ (୨୦୧୯ର ନଂ ୩୫) ସଂସଦର ଉଭୟ ସଦନରେ ଗୃହୀତ ହେବା ପରେ ୨୦୧୯ ଅଗଷ୍ଟ ୯ ତାରିଖରେ ରାଷ୍ଟ୍ରପତି ଏହି ବିଲ୍ ଉପରେ ଚୂଡାନ୍ତ ମୋହର ଲଗାଇଥିଲେ। ଫଳରେ ଏହା ଅଗଷ୍ଟ ୧୦ରୁ ଆଇନରେ ପରିଣତ ହୋଇଛି। ଏଥିରେ ଖାଉଟିଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ସହ ସେମାନଙ୍କ ସ୍ୱାର୍ଥ ସୁରକ୍ଷା ଲାଗି ଫାଷ୍ଟଟ୍ରାକ୍ ବ୍ୟବସ୍ଥା କରାଯାଇଛି। ସିପିଏ, ୧୯୮୬ ପୁରୁଣା ଆଇନକୁ ପ୍ରତ୍ୟାହାର କରାଯାଇ ତା' ସ୍ଥାନରେ ସିପିଏ, ୨୦୧୯ ବିକଳ୍ପ ରୂପେ କାର୍ଯ୍ୟକାରୀ କରାଯାଉଛି। ଏଥିରେ ଖାଉଟିଙ୍କ ଅଭିଯୋଗକୁ ଅଧିକ ଗୁରୁତ୍ୱ ଦିଆଯାଇ ବ୍ୟବସ୍ଥାକୁ ଅଧିକ ମଜବୁତ୍ କରିବା ଲାଗି ବ୍ୟବସ୍ଥା ରହିଛି। ବିବାଦ ସମାଧାନର ନୂତନ ପଦ୍ଧତି ଯଥା ମଧ୍ୟସ୍ଥତା (ମେଡିଏସନ୍), କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ( ସେଣ୍ଟ୍ରାଲ କଞ୍ଜ୍ୟୁମର ପ୍ରୋଟେକ୍ସନ୍ ଅଥରିଟି), ଗୋଷ୍ଠୀଗତ /ସମଷ୍ଟିଗତ ଆବେଦନ (କ୍ଲାସ୍ ଆକ୍ସନ୍ ସୁଟ୍) ଆଦି ଏହି ନୂତନ ଆଇନରେ ସାମିଲ କରାଯାଇଛି ଯଦ୍ୱାରା ଖାଉଟିଙ୍କ ନୂଆ ନୂଆ ବିବାଦର ସମାଧାନ ହେବ। ପୂର୍ବରୁ ଏଭଳି ବ୍ୟବସ୍ଥା ପୁରୁଣା ଆଇନରେ ନ ଥିବାରୁ ଉପଭୋକ୍ତାମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଯଦିଓ ଖାଉଟି

ସୁରକ୍ଷା ଆଇନ,୨୦୧୯କୁ ପ୍ରସ୍ତୁତକରି ଏହାକୁ କାର୍ଯ୍ୟକାରୀ କରାଯିବାକୁ ଅଛି; ତେବେ କିଭଳି ପୁରୁଣା ସିପିଏ, ୧୯୮୬ ଆଇନ ପରିବର୍ତ୍ତେ ଏହି ନୂତନ ଆଇନ ଖାଉଟିଙ୍କ ସ୍ୱାର୍ଥସାଧନ ସହିତ ବିବାଦର ସମାଧାନ କରିବ ତାହା ଦେଖିବାକୁ ପଡିବ।

ସିପିଏ, ୧୯୮୬ରେ ଥିବା ଦୋଷ ଦୁର୍ବଳତା

ଦୀର୍ଘ ୩୦ ବର୍ଷ ଧରି ପ୍ରଚଳିତ ଉପଭୋକ୍ତା ସୁରକ୍ଷା ଆଇନ,୧୯୮୬ରେ କି କି ଦୋଷ ଦୁର୍ବଳତା ରହିଛି, ଏହାର ଲକ୍ଷ୍ୟ ଓ ସାଂଗଠନିକ ସ୍ଥିତି ସଂପ୍ରତି ଖାଉଟି ସୁରକ୍ଷା ଦିଗରେ କାହିଁକି ଅସଫଳ ହୋଇଛି ସେ ସଂପର୍କରେ ଆଲୋଚନା ଜରୁରୀ। ତେବେ ସେତେବେଳର ଏହି ଆଇନ ଯୋଗୁଁ ଭାରତରେ ଖାଉଟି ଅଧିକାର ଓ ସ୍ୱାର୍ଥ ସୁରକ୍ଷିତ ହୋଇପାରିଥିଲା। ଏହା ଏକ ମାଇଲଖୁଣ୍ଟ ସ୍ଥାପନ କରିଥିଲା। ଖାଉଟି ସୁରକ୍ଷା ଓ ନ୍ୟାୟପ୍ରଦାନ ଲାଗି କେନ୍ଦ୍ର, ରାଜ୍ୟ ଓ ଜିଲ୍ଲା ସ୍ତର ଭଳି ତିନିଟି ପର୍ଯ୍ୟାୟରେ ଅର୍ଦ୍ଧ ନ୍ୟାୟିକ(କ୍ୱାସୀ ଜୁଡିସିଆଲ) ବିବାଦ ସମାଧାନ କ୍ଷେତ୍ରରେ ଏହି ଆଇନ ସେତେବେଳେ ଏକ ପ୍ରମୁଖ ବ୍ୟବସ୍ଥା ପାଳଟିଥିଲା। ଏହି ଆଇନ କେବଳ ଖାଉଟିଙ୍କ ସୁରକ୍ଷା ଓ ବିବାଦ ସମାଧାନ ଲାଗି ସମର୍ପିତ ଥିଲା। ଉପଭୋକ୍ତାଙ୍କ ଅଭିଯୋଗର ତୁରନ୍ତ ଶୁଣାଣି ଏବଂ ଉପଭୋକ୍ତାଙ୍କୁ କ୍ଷତିପୂରଣ ପ୍ରଦାନ ଲାଗି ଦେୱାନୀ ଅଦାଲତ(ସିଭିଲ କୋର୍ଟ) ଢାଞ୍ଚାରେ ଅର୍ଦ୍ଧ ନ୍ୟାୟିକ କର୍ତ୍ତୃପକ୍ଷ ଭଳି ଦୁଇଟି ଉଦ୍ଦେଶ୍ୟରେ ଖାଉଟି ଅଦାଲତ ଗଠନ କରାଯାଇଥିଲା। ତେବେ ବର୍ଷ ବର୍ଷ ଧରି ବହୁ ଖାଉଟି ଅଦାଲତରେ ବ୍ୟାପକ ସଂଖ୍ୟାରେ ମାମଲା ବିଚାର ନ ହୋଇ ପଡିରହିବା ଦେଖାଗଲା। ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷା ଓ କ୍ଷତିପୂରଣ ପ୍ରଦାନରେ ୧୯୮୬ ସିପିଏ ଆଇନ ଏବେ ଅନେକାଂଶରେ ଅସଫଳ ରହୁଥିବା ଦେଖାଗଲା। ତେବେ ଏହି ପୁରୁଣା ଆଇନରେ ରହିଥିବା କେତେକ ଦୋଷ ଦୁର୍ବଳତା ଗୁଡିକ ମଧ୍ୟରେ ରହିଛି –

(କ) ଗୋଟିଏ ପଟେ ସିପିଏ-୧୯୮୬ ଅତ୍ୟନ୍ତ ପୁରୁଣା ହୋଇପଡିଥିବା ବେଳେ ଅନ୍ୟପକ୍ଷରେ ଖାଉଟି ବଜାରରେ ଏବେ ବ୍ୟାପକ ପରିବର୍ତ୍ତନ ଘଟିଛି। ସିପିଏ-୧୯୮୬ର ଧାରା ୧୩(୩-କ) ଅନୁଯାୟୀ, ପ୍ରତିଟି ଅଭିଯୋଗର ଶୁଣାଣି ତ୍ୱରିତ କରାଯାଇ ଯେତେଦୂର ସମ୍ଭବ ମାମଲାର ଫଇସଲା କରାଯିବାକୁ ବ୍ୟବସ୍ଥା ଥିଲା। ଏଥିରେ ପ୍ରତିପକ୍ଷ ନୋଟିସ ପାଇବାର ୩ ମାସ ଓ ଯଦି ଦରକାର ପଡେ ଅତିବେଶୀରେ ସାମଗ୍ରୀର ମାନ ପରୀକ୍ଷା ଲାଗି ୫ ମାସ ଭିତରେ ବିବାଦର ଫଇସଲା କରିବାକୁ ନିୟମ ରହିଥିଲା; ମାତ୍ର ମାମଲା ସଂଖ୍ୟା ଅହେତୁକ ବଢିବା ଏବଂ କ୍ରମାଗତ କୋର୍ଟ କାର୍ଯ୍ୟ ବ୍ୟାହତ ହେବା ତଥା ତାରିଖ ଗଡିବା ଯୋଗୁଁ ଖାଉଟିଙ୍କୁ ନ୍ୟାୟ ମିଳିବା ସମ୍ଭବପର ହେଲାନାହିଁ।




(ଖ) ଅତ୍ୟଧିକ ମାମଲା ପଡିରହିବା ଯୋଗୁଁ ଖାଉଟି ଆୟୋଗ ଚାପଗ୍ରସ୍ତ ହୋଇପଡିଥିବା ସହ କ୍ରେତା-ବିକ୍ରେତାଙ୍କ ଚୁକ୍ତି ମଧ୍ୟରେ ବିକ୍ରେତା ଆଡ଼କୁ ବ୍ୟବସ୍ଥା ଢଳିପଡିବା ଦେଖାଯାଉଥିଲା। ମାମଲା ଦାଖଲ ଠାରୁ ଫଇସଲା ପର୍ଯ୍ୟନ୍ତ ଗ୍ରହଣ କରାଯାଉଥିବା ପଦ୍ଧତି ଅତ୍ୟନ୍ତ ବ୍ୟୟବହୁଳ ଏବଂ ସମୟ ଅପଚୟକାରୀ ହୋଇପଡିଲା।

(ଗ) ଉପଭୋକ୍ତା ବିବାଦର ସମାଧାନ ବ୍ୟବସ୍ଥା ଲାଗି ଖାଉଟି ଅଦାଲତର ସଭାପତି ଓ ସଦସ୍ୟମାନେ ହେଉଛନ୍ତି ମେରୁଦଣ୍ଡ। ଖାଉଟିଙ୍କ ବିବାଦର ସମାଧାନ କରି ସ୍ୱାର୍ଥ ସୁରକ୍ଷିତ ରଖିବାର ଗୁରୁତ୍ୱପୂର୍ଣ୍ଣ ତଥା ବିଶ୍ୱସନୀୟ ଦାୟିତ୍ୱ ଏମାନଙ୍କୁ ଦିଆଯାଇଛି; ମାତ୍ର ଯାହା ଦେଖାଯାଇଛି ଉଭୟ ପଦରେ ପାଖାପାଖି ୪୦୦ ସ୍ଥାନ ଖାଲିପଡିଛି। ରାଜ୍ୟ ସରକାରମାନେ ଏଥିପ୍ରତି ବିଶେଷ ଗୁରୁତ୍ୱ ଦେଉ ନ ଥିବାରୁ ଖାଲି ପଦ ପୂରଣ କରାଯାଇପାରୁନି। ଖାଉଟିଙ୍କ ସୁରକ୍ଷା ଯେକୌଣସି ଦଳଙ୍କ ପ୍ରମୁଖ ରାଜନୈତିକ ଏଜେଣ୍ଡା ରହିଆସିଥିଲେ ମଧ୍ୟ ଏଥିପ୍ରତି ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ଥିବା ଦେଖାଯାଇଛି।

(ଘ) ବିଚାର ବିଭାଗୀୟ କାର୍ଯ୍ୟାଭ୍ୟାସ ପ୍ରତି ଆଦୌ ଅଭିଜ୍ଞତା ନ ଥିବା ଅଧିକାରୀମାନଙ୍କୁ ଅନ୍ୟ ବିଭାଗରୁ ଡେପୁଟେସନ୍‌ରେ ଅଣାଯାଇ ଖାଉଟି ଆୟୋଗରେ ନିଯୁକ୍ତି ଦିଆଯାଉଛି। ଏଭଳି ଅଧିକାରୀମାନଙ୍କୁ ଖାଉଟି ଅଦାଲତରେ ଦାୟିତ୍ୱ ଦେବା ପୂର୍ବରୁ ସେମାନଙ୍କୁ ଆବଶ୍ୟକ ତାଲିମ ପ୍ରଦାନର ଆବଶ୍ୟକତା ରହିଛି। ତେବେ ସଂପ୍ରତି ନୂତନ ବ୍ୟବସ୍ଥାରେ ଏଭଳି ଅଧିକାରୀଙ୍କୁ ଏଠାରେ ଦାୟିତ୍ୱ ପ୍ରଦାନ ପୂର୍ବରୁ ଆବଶ୍ୟକ ତାଲିମ ପ୍ରଦାନର ବ୍ୟବସ୍ଥା କରାଯାଇଛି।

(ଙ) ଅନେକ ସମୟରେ ଏହା ଦେଖାଯାଇଛି ଯେ, ଖାଉଟି ଅଦାଲତ ପ୍ରଦାନ କରିଥିବା ରାୟ ଅତ୍ୟନ୍ତ

ସାରଣୀ: ୧.୧

| ଖାଉଟି ଫୋରମ୍ ଗଠନ ସମୟରୁ ସମାଧାନ କରିଥିବା ମାମଲା(୫.୭.୨୦୧୮ ସୁଦ୍ଧା ହସ୍ତଗତ ତଥ୍ୟ) | | | | | |
|---|---|---|---|---|---|
| କ୍ରମାଙ୍କ | ସଂସ୍ଥାନର ନାମ | ଆରମ୍ଭରୁ ଦାଖଲ ମାମଲା | ଶୁଣାଣି ସରିଥିବା ମାମଲା | ବକେୟା ମାମଲା | ଶୁଣାଣି ଶେଷ (ପ୍ରତିଶତରେ) |
| ୧. | ଜାତୀୟ ଆୟୋଗ | ୧୨୨୦୪୨ | ୧୦୩୫୨୦ | ୧୮୫୨୨ | ୮୪.୮୨ % |
| ୨. | ରାଜ୍ୟ ଆୟୋଗ | ୭୮୮୪୬୩ | ୬୭୮୧୨୪ | ୧୧୦୩୩୯ | ୮୬.୦୧ % |
| ୩. | ଜିଲା ଫୋରମ୍ | ୩୯୦୩୭୦୬ | ୩୬୦୫୬୭୩ | ୨୯୮୦୩୩ | ୯୨.୩୭ % |
| | ମୋଟ ମାମଲା | ୪୮୧୪୨୧୧ | ୪୩୮୭୩୧୭ | ୪୨୬୮୯୪ | ୯୧.୧୩ % |

*ସୂତ୍ର: ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ଏନସିଡିଆରସି.ଏନଆଇସି.ଇନ୍*

ନଗଣ୍ୟ ନୁହେଁ; ବରଂ ଏଥିପାଇଁ ଏହି ଆଦେଶନାମାକୁ ଉପଭୋକ୍ତାଙ୍କୁ କାର୍ଯ୍ୟକାରୀ କରାଇବା ଲାଗି ତଳୁ ଉପର ମହଲ ପର୍ଯ୍ୟନ୍ତ ଧାଁ ଦଉଡ କରିବାକୁ ପଡୁଛି।

(ଚ) ଖାଉଟି ଆୟୋଗର ସଭାପତି ଓ ସଦସ୍ୟମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟର ଅଭାବରୁ ମାମଲା ଗୁଡିକୁ ସମୟୋଚିତ ଭାବରେ ଗ୍ରହଣ କରାଯାଉନି କି ଶୁଣାଣି ହୋଇପାରୁନି। ଗୋଟିଏ ଗୋଟିଏ ମାମଲାର ପ୍ରାରମ୍ଭିକ ଶୁଣାଣି ଲାଗି ୧୦ରୁ ୧୫ଟି ମୁଲତବୀ ତାରିଖ ଅନୁମତି ଦିଆଯାଉଛି।

(ଛ) ନୂତନ ବ୍ୟବସ୍ଥାରେ ଜାତୀୟ ଆୟୋଗ ସଭାପତି ଅଥବା ରାଜ୍ୟ ଆୟୋଗ ସଭାପତିଙ୍କୁ ନିଜେ ନିଜେ ମାମଲା ଗ୍ରହଣକରି କାର୍ଯ୍ୟାନୁଷ୍ଠାନ କରିବା ଲାଗି କ୍ଷମତା ପ୍ରଦାନ କରାଯାଇନି। ବିଜ୍ଞାପନ ଜରିଆରେ ବିଭ୍ରାନ୍ତି ଭଳି ଛୋଟ ଛୋଟ ମାମଲାରେ ଏହି କ୍ଷମତା ଦିଆଯାଇଥିଲେ ଖାଉଟିଙ୍କ ଦ୍ୱାରା ଆଗତ ଏଭଳି ବିବାଦର ସମାଧାନ ହୋଇପାରନ୍ତା।

**ଖାଉଟି ଅଦାଲତରେ ଶୁଣାଣି ସରିଥିବା ମାମଲାର ବିଶ୍ଳେଷଣ**

ଖାଉଟି ବ୍ୟାପାର ବିଭାଗ ତରଫରୁ ମିଳିଥିବା ତଥ୍ୟ ଆଧାରରେ ବିଭିନ୍ନ ଖାଉଟି ଅଦାଲତରେ ଏବେ ୪ ଲକ୍ଷ ୩୦ ହଜାରରୁ ଅଧିକ ମାମଲା ବର୍ଷ ବର୍ଷ ଧରି ଗଡୁଛି। ଏତେ ସଂଖ୍ୟକ ମାମଲାର ସମାଧାନ ନ ହୋଇ ପଡିରହିବା ନିଶ୍ଚିତ ରୂପେ ଚିନ୍ତାଜନକ ବିଷୟ। ଯେତେବେଳେ ଖାଉଟି ଅଦାଲତ ଗଠନ କରାଯାଇଥିଲା, ଏହାର ମୂଳ ଉଦ୍ଦେଶ୍ୟ ଥିଲା ଜଣେ ଉପଭୋକ୍ତା ନିଜ ମାମଲା ଲାଗି ଯେତେବେଳେ ନିଜେ ଲଢିବ ସେତେବେଳେ ସେମାନଙ୍କୁ ବିନା ଖର୍ଚ୍ଚରେ ତୁରନ୍ତ ନ୍ୟାୟ ପ୍ରଦାନ କରିବା। ପୁରୁଣା ଆଇନରେ କେତେକ ଜଟିଳତା ଥିଲା। ଅନେକ ଉପଭୋକ୍ତା ଏଥିପାଇଁ ଓକିଲଙ୍କୁ ନିଯୁକ୍ତ କରାଇ ଆର୍ଥିକ କ୍ଷତିଗ୍ରସ୍ତ ହେଉଥିଲେ। ଅନ୍ୟପକ୍ଷରେ ବାରମ୍ୱାର କୋର୍ଟ କାର୍ଯ୍ୟ ବ୍ୟାହତ ହେବା ଯୋଗୁଁ ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ଘଟିଲା।

ଏହି ତଥ୍ୟକୁ ବିଶ୍ଳେଷଣ କଲେ ଜଣାପଡୁଛି ଯେ, ଜିଲା ସ୍ତରୀୟ ଖାଉଟି ଫୋରମ୍ ଜରିଆରେ ଉପଭୋକ୍ତା ଅଦାଲତରେ ମାମଲା ଫଇସଲା ଉତ୍ତମ ପ୍ରଦର୍ଶନ ରହିଛି। ଯାହାକି ୯୨.୩୭ ପ୍ରତିଶତ ରହିବା ଉତ୍ସାହପ୍ରଦ।

***ମୁଖ୍ୟ ବିନ୍ଦୁ:୨***

*ଖାଉଟି ସୁରକ୍ଷା ଆଇନ-୨୦୧୯ରେ ଖାଉଟି (ଉପଭୋକ୍ତା)ର ସଂଜ୍ଞା ଉଭୟ 'ଅନ୍‌ଲାଇନ୍' ଓ 'ଅଫ୍‌ଲାଇନ୍'ରେ ଅନ୍ତର୍ଭୁକ୍ତ ବୋଲି କୁହାଯାଇଛି। 'ବାଇଜ୍ ଏନି ଗୁଡ୍‌ସ୍' (ଯେକୌଣସି ସାମଗ୍ରୀ କିଣିବା) ଏବଂ 'ହାଏର୍ସ ଅର୍ ଆଭେଲ ଏନି ସର୍ଭିସେସ୍' (ଯେକୌଣସି ସେବା ଉପଲବ୍ଧ କିମ୍ବା ଅର୍ଥପ୍ରଦତ୍ତ)କୁ ମଧ୍ୟ ଇଲେକ୍‌ଟ୍ରୋନିକ୍, ଟେଲିସପିଂ ଅଥବା ପ୍ରତ୍ୟକ୍ଷ ବିକ୍ରିବଟା କିମ୍ବା ବହୁମୁଖୀ ବଜାରୀକରଣ ଜରିଆରେ ଅଫ୍‌ଲାଇନ୍ କିମ୍ବା ଅନ୍‌ଲାଇନ୍ ଜରିଆରେ ନେଣଦେଣ କରିବା ବ୍ୟବସ୍ଥାକୁ ଏବେ ନୂତନ ଆଇନରେ ସାମିଲ କରାଯାଇଛି। ପୁରୁଣା ଆଇନରେ ଏହି ବ୍ୟବସ୍ଥା ନଥିଲା।*

**ଖାଉଟି ସୁରକ୍ଷା ଆଇନ, ୨୦୧୯**

ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷା ଏବଂ ଉପଭୋକ୍ତା ବିବାଦର ସମୟୋଚିତ ସମାଧାନ, କ୍ଷତିପୂରଣ ପ୍ରଦାନ ପାଇଁ ଏକ ପ୍ରଭାବୀ କର୍ତ୍ତୃପକ୍ଷ ପ୍ରତିଷ୍ଠା ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଛି ନୂତନ ଖାଉଟି ସୁରକ୍ଷା ଆଇନ-୨୦୧୯। ଏହି ନୂତନ ଆଇନରେ ରହିଥିବା କେତେକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ମଧ୍ୟରେ...

କ) 'ଖାଉଟି' (କଞ୍ଜୁମର) କହିଲେ, ଏବେ ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ କିଣାକିଣି କରୁଥିବା ଉପଭୋକ୍ତାଙ୍କୁ ବୁଝିବାକୁ ପଡିବ। 'କ୍ରୟ ଓ ସାମଗ୍ରୀ' (ବାଏଜ୍ ଆଣ୍ଡ ଗୁଡ୍ସ) ଏବଂ ଉପଲବ୍ଧ କୌଣସି ସେବାକୁ ଅର୍ଥ ପୈଠକରି ଗ୍ରହଣ କରିବା ('ହାୟର୍ସ ଅର୍ ଆଭେଲ୍ସ ଏନି ସର୍ଭିସେସ୍) ସବୁ କିଛି ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ଜରିଆରେ ଇଲେକ୍‌ଟ୍ରୋନିକ୍ ଉପାୟରେ କିମ୍ବା ଟେଲିସପିଂ ଅଥବା ସିଧାସଳଖ ବିକ୍ରି କିମ୍ବା ବହୁମୁଖୀ ବଜାରୀକରଣ ବ୍ୟବସ୍ଥାରେ କାରବାର କରିହେବ।

(ଖ) ଖାଉଟିଙ୍କ ଅଧିକାରକୁ ପ୍ରୋତ୍ସାହନ ଦେବା, ସୁରକ୍ଷିତ ରଖିବା ଏବଂ ଯେଉଁଠାରେ ବେଆଇନ କାରବାର ଚାଲିଛି ଏବଂ ଏଥିରେ ଉପଭୋକ୍ତାର ସ୍ୱାର୍ଥହାନି ଘଟୁଛି ସେଠାରେ ହସ୍ତକ୍ଷେପ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ଲାଗି ପ୍ରତିଷ୍ଠା ହୋଇଛି କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ(ସିସିପିଏ)। କର୍ତ୍ତୃପକ୍ଷ ଉପଭୋକ୍ତାଙ୍କ ସ୍ୱାର୍ଥ ସୁରକ୍ଷା ଲାଗି ସଂପୃକ୍ତ କମ୍ପାନୀ/ ବ୍ୟାବସାୟିକ ସଂସ୍ଥାକୁ କୈଫିୟତ ତଲବ କରିବା ସହ ଉତ୍ପାଦ (ସାମଗ୍ରୀ)କୁ ଫେରାଇ ଅର୍ଥ ଆଦାୟ କରିବାର କ୍ଷମତା ରହିଛି। ସିସିପିଏ ନେଉଥିବା କେତେକ ପଦକ୍ଷେପ ମଧ୍ୟରେ ରହିଛି-

୧) ବେଆଇନ ବାଣିଜ୍ୟ, ବ୍ୟବସାୟ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ

୨) ସୁରକ୍ଷା/ନିରାପତ୍ତା ନିର୍ଦ୍ଦେଶନାମା ଜାରି କରିବା

୩) ଉତ୍ପାଦ ଫେରାଇ ନେବା ଲାଗି ନିର୍ଦ୍ଦେଶ ଦେବା ଅଥବା ସଂପୃକ୍ତ କମ୍ପାନୀକୁ ସେବା ନିବୃତ୍ତ କରିବା

୪) ଅନ୍ୟ ନିୟାମକ ଗୁଡ଼ିକୁ ଅଭିଯୋଗ ସ୍ଥାନାନ୍ତର କରିବା

୫) ଜୋରିମାନା ଭଳି ଦଣ୍ଡବ୍ୟବସ୍ଥା ପ୍ରୟୋଗର କ୍ଷମତା

୬) ଉପଭୋକ୍ତା ଆୟୋଗଙ୍କ ଠାରେ କାର୍ଯ୍ୟାନୁଷ୍ଠାନ ଲାଗି ଆବେଦନ ତଥା ସୁପାରିସ କରିବା

୭) ବେଆଇନ କାରବାର ଚାଲିଥିବା ଅଭିଯୋଗରେ ଖାଉଟିଙ୍କ ସୁରକ୍ଷା ଲାଗି ମାମଲା ଶୁଣାଣିରେ ହସ୍ତକ୍ଷେପ କରିବା ଭଳି କ୍ଷମତା ସିସିପିଏର ରହିଛି ।

ଏଇ କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କର ତଦନ୍ତ ଶାଖା ମଧ୍ୟ ରହିଛି । ମହାନିର୍ଦ୍ଦେଶକଙ୍କ ଦ୍ୱାରା ଏହି ତଦନ୍ତ ଶାଖା ପରିଚାଳିତ ହେବା ଲାଗି ଉକ୍ତ ଖାଉଟି ସୁରକ୍ଷା ଆଇନ-୨୦୧୯ରେ ବ୍ୟବସ୍ଥା ରହିଛି । କୌଣସି ମିଥ୍ୟା ତଥା ବିଭ୍ରାନ୍ତିକର ବିଜ୍ଞାପନ ଦେଇ ଖାଉଟିଙ୍କୁ ଠକିବା ଅଭିଯୋଗ ଉପରେ ଉତ୍ପାଦ ବିକ୍ରେତା, ଉତ୍ପାଦନକାରୀ କମ୍ପାନୀ ଓ ଅନ୍‌ଲାଇନ୍ ବିକ୍ରେତା ଆଦି ସଂସ୍ଥାଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରିବାର କ୍ଷମତା ସିସିପିଏକୁ ପ୍ରଦାନ କରାଯାଇଛି । ବାରମ୍ବାର ଏଭଳି ଅଭିଯୋଗ ଆସିଲେ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ମଧ୍ୟ କର୍ତ୍ତୃପକ୍ଷଙ୍କ ହାତରେ ରହିଛି । ତେବେ ଏଥିରେ କେତେକ ସାମାନ୍ୟ ବ୍ୟତିକ୍ରମ ରହିଛି । ଯେଉଁଥିରେ କି ପ୍ରଚାରକ/ବିଜ୍ଞାପନ ପ୍ରସାରକାରୀ ସଂସ୍ଥାକୁ ଜୋରିମାନା କରାଯାଇପାରିବନି । ସିସିପିଏ କର୍ତ୍ତୃପକ୍ଷଙ୍କ ନିଜସ୍ୱ ଅଧିକାର ରହିଛି ଯଦ୍ୱାରା ସେମାନେ ଏହି ବିଭ୍ରାନ୍ତିକରଣ ବିଜ୍ଞାପନକୁ ସିଧାସଳଖ ହଟାଇପାରିବେ ।

(ଗ) ତେବେ ଆର୍ଥିକ ଦଣ୍ଡ ପ୍ରଦାନ କ୍ଷେତ୍ରରେ ଜିଲା ଅୟୋଗଙ୍କ କ୍ଷମତା ପ୍ରାୟ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ରଖାଯାଇଥିବାବେଳେ ରାଜ୍ୟ ଆୟୋଗ ଚାହିଁଲେ ଦୋଷୀ କମ୍ପାନୀ ଓ ସଂସ୍ଥା ବିରୋଧରେ ୧ରୁ ୧୦ କୋଟି ପର୍ଯ୍ୟନ୍ତ ଜୋରିମାନା କରିପାରିବେ । ଜାତୀୟ ଖାଉଟି ଆୟୋଗ ୧୦ କୋଟିରୁ ଅଧିକ ଜୋରିମାନା ଧାର୍ଯ୍ୟ କରିବା କ୍ଷମତା ରହିଛି । ଉପଭୋକ୍ତାଙ୍କ ଅଭିଯୋଗ ପ୍ରଦାନ ଓ ଗ୍ରହଣକୁ ସରଳୀକରଣ କରିବା ଲାଗି ଅନ୍‌ଲାଇନ୍ ବ୍ୟବସ୍ଥା ମଧ୍ୟ କରାଯାଇଛି । ଖାଉଟି ଫୋରମକୁ ନ ଯାଇ ସିଧାସଳଖ ଘରେ ବସି ଅନ୍‌ଲାଇନ୍ ଜରିଆରେ ଉପଭୋକ୍ତା ଆୟୋଗଙ୍କଠାରେ ଅଭିଯୋଗ କରାଯାଇପାରିବ ।

(ଘ) ଯେଉଁ ବିକ୍ରେତା, ବଣ୍ଟନକାରୀ, ଉତ୍ପାଦନକାରୀ ଓ ଆମଦାନୀ କରୁଥିବା ବ୍ୟକ୍ତି ବା ସଂସ୍ଥା ଖାଉଟି ସାମଗ୍ରୀ/ଉତ୍ପାଦରେ ଅପମିଶ୍ରଣ କରୁଥିବ ଅଥବା ଉତ୍ପାଦରେ ବିଷାକ୍ତ ସାମଗ୍ରୀ ପ୍ରୟୋଗ କରୁଥିବା ନେଇ ଧରାପଡନ୍ତି, ଏସବୁ କ୍ଷେତ୍ରରେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣର ବ୍ୟବସ୍ଥା ଉକ୍ତ ଆଇନରେ ରହିଛି ।

(ଙ) ଉତ୍ପାଦ ଉତ୍ତରଦାୟିତ୍ୱ (ପ୍ରଡକ୍ଟ ଲାଏବିଲିଟି) ମଧ୍ୟ ଉତ୍ପାଦନକାରୀ ଉପରେ ରହିଛି । ଯଦି ଏଭଳି ସାମଗ୍ରୀ ବ୍ୟବହାର ଦ୍ୱାରା ଉପଭୋକ୍ତାର କୌଣସି କ୍ଷତି ଘଟେ, ସେଥିପାଇଁ ସଂପୃକ୍ତ ଉତ୍ପାଦକ ଦାୟୀ ରହିବ ଏବଂ ତା' ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ।

(ଚ) ବିବାଦ ସମାଧାନର ବିକଳ୍ପ ବ୍ୟବସ୍ଥା (ଏଡିଆର- ଅଲ୍‌ଟରନେଟ୍ ଡିସ୍‌ପୁଟ୍ ରିଜୋଲୁସନ୍) ଅର୍ଥାତ୍ ମଧ୍ୟସ୍ଥତା ବ୍ୟବସ୍ଥା ମଧ୍ୟ ଏହି ଆଇନରେ ରଖାଯାଇଛି । ଉପଭୋକ୍ତାଙ୍କ ବିବାଦ ଗୁଡ଼ିକର ତୁରନ୍ତ, ସହଜ, ସରଳ ଓ ଶାନ୍ତିପୂର୍ଣ୍ଣ ସମାଧାନ ଲାଗି ଏଭଳି ଆଇନଗତ ମଧ୍ୟସ୍ଥତା ବ୍ୟବସ୍ଥା ରହିଛି । ତେବେ ଏହା ଖାଉଟିର ମତ ଅନୁଯାୟୀ କରାଯାଇଥାଏ ।

(ଛ) ଉପଭୋକ୍ତାଙ୍କ ସୁବିଧା ଅନୁଯାୟୀ, ବିବାଦ ସମାଧାନ ଲାଗି ଏକାଧିକ ବ୍ୟବସ୍ଥାକୁ ଆଇନରେ ସୁନିଶ୍ଚିତ କରାଯାଇଛି । ଖାଉଟି ବିବାଦର ସମାଧାନ ଲାଗି ଏଜେନ୍ସିର ଆର୍ଥିକ ଦଣ୍ଡଦେବା କ୍ଷମତା ପରିସରକୁ ବୃଦ୍ଧି କରିବା, ତୁରନ୍ତ ମାମଲା ଫଇସଲା ଲାଗି ଉପଭୋକ୍ତା ଫୋରମ୍‌ର ସଦସ୍ୟ ଆଇନଗତ ସହାୟତା ଖାଉଟିଙ୍କୁ ଯୋଗାଇଦେବା, ନିଜ ଆଦେଶର ପୁନଃସମୀକ୍ଷା ଲାଗି ଜିଲା, ରାଜ୍ୟ ଖାଉଟି କମିଶନ ଓ ଗଠିତ ସର୍କିଟ୍ ବେଞ୍ଚକୁ କ୍ଷମତା ଦିଆଯାଇଛି । ଅଭିଯୋଗ ଗୁଡ଼ିକର ତ୍ୱରିତ ଶୁଣାଣିକୁ ସୁନିଶ୍ଚିତ କରିବା ସହିତ ଜିଲା ସ୍ତରରେ ଉପଭୋକ୍ତା





ଫୋରମ୍‌ର ସଭାପତି ଓ ସଦସ୍ୟଙ୍କ ନିଯୁକ୍ତି ପ୍ରକ୍ରିୟାର ପୁନର୍ଗଠନ କାର୍ଯ୍ୟକ୍ଷମତା ମଧ୍ୟ ଆୟୋଗଙ୍କୁ ଦିଆଯାଇଛି । ଉଲେକ୍‌ଟ୍ରୋନିକ୍ ଉପାୟରେ ମାମଲା ଗ୍ରହଣ ଏବଂ ଅଭିଯୋଗକାରୀ ତାଙ୍କ ଘର ଭିତରେ ଥାଇ ଅଭିଯୋଗ ଦାଖଲ କରିବା, ପ୍ରଶ୍ନ ପଚାରିବା, ଖାଉଟି ସୁରକ୍ଷା ସଂକାନ୍ତରେ ତଥ୍ୟ ଜାଣିବା ଭଳି ସୁବିଧା ମିଳିପାରିବ । ଏପରିକି ଯଦି ମାମଲା ଦାଖଲର ନିର୍ଦ୍ଧାରିତ ସମୟସୀମା ୨୧ ଦିନ ଭିତରେ ଯଦି କୌଣସି ନିଷ୍ପତ୍ତି ନ କରାଯାଏ ତେବେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଭଳି ବ୍ୟବସ୍ଥା ରହିଛି ।

(ଜ) ଉପଭୋକ୍ତା ସୁରକ୍ଷା ଆଇନ ଅଧୀନରେ ଇ-କମର୍ସ ସର୍ତ୍ତାବଳୀକୁ ବାଧ୍ୟତାମୂଳକ କରାଯାଇଛି । କୌଣସି ସାମଗ୍ରୀ ଫେରାଇବା ଲାଗି ରିଫଣ୍ଡ ରିକ୍ୟୁଏଷ୍ଟ(ପ୍ରତ୍ୟାହାର ଅନୁରୋଧ) ଗ୍ରହଣର ୧୪ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସର୍ତ୍ତାବଳୀରେ ରଖାଯାଇଛି । ଇ-ଟେଲର୍ସଙ୍କୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି । ଏଥିରେ ବିକ୍ରେତା ତା'ର ସାମଗ୍ରୀ ଓ ସେବା ସଂପର୍କରେ ସବିଶେଷ ତଥ୍ୟ ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଇବ । ଏପରିକି ଖାଉଟି ଅଭିଯୋଗ ଉପରେ ପଦକ୍ଷେପ ଗ୍ରହଣ ସଂକ୍ରାନ୍ତ ସୂଚନା ପ୍ରଦାନ ବ୍ୟବସ୍ଥା ବି ରଖାଯାଇଛି । ଇ-କମର୍ସ କମ୍ପାନୀ ଗୁଡିକ ମଧ୍ୟ ଖାଉଟି ସଂପର୍କରେ କିଭଳି ବ୍ୟକ୍ତିଗତ ସୂଚନା ସୁରକ୍ଷିତ ରଖିବେ ତାହାକୁ ସୁନିଶ୍ଚିତ କରିବେ । କୌଣସି ସାମଗ୍ରୀ ଫେରାଇବା, ବଦଳାଇବା, ୱାରେଣ୍ଟି/ଗ୍ୟାରେଣ୍ଟି, ଡେଲିଭରୀ/ସିପ୍‌ମେଣ୍ଟ, ଅର୍ଥ ନେଣଦେଣ ବ୍ୟବସ୍ଥା (ମୋଡ୍ ଅଫ୍ ପେମେଣ୍ଟ), ଅଭିଯୋଗ ଶୁଣାଣି ପଦ୍ଧତି ଆଦି ନେଇ ଇ-କମର୍ସ ସଂସ୍ଥା ଓ ବିକ୍ରେତା ସହିତ କ୍ରେତା କରୁଥିବା ଚୁକ୍ତି ସଂକ୍ରାନ୍ତ କଣ୍ଟ୍ରାକ୍ଟ ଟର୍ମ ସ୍ପଷ୍ଟ ଦର୍ଶାଯିବ । ଏହାକୁ ଅନୁଧ୍ୟାନ କରି କ୍ରେତା ଯେଭଳି ସଠିକ୍ ନିଷ୍ପତ୍ତି ନେଇପାରିବ ତାହାକୁ ସରଳୀକରଣ ଓ ସ୍ପଷ୍ଟ କରାଯିବା ଲାଗି ଆଇନରେ ବ୍ୟବସ୍ଥା ରହିଛି ।

ଅନ୍‌ଲାଇନ୍‌ରେ କିଣାକିଣି କରୁଥିବା ଗ୍ରାହକଙ୍କ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି ସେମାନଙ୍କ ତଥ୍ୟ ଓ ସୂଚନାର ଗୋପନୀୟତା । ଗ୍ରାହକଟିଏ ଅନ୍‌ଲାଇନ୍‌ରେ କୌଣସି ସାମଗ୍ରୀ ଅର୍ଡର କରିବାବେଳେ ତାକୁ ତା'ର ନାମ, ଉପନାମ, ପାସ୍‌ୱାର୍ଡ, ବ୍ୟାଙ୍କ କାର୍ଡ ସଂକ୍ରାନ୍ତ ତଥ୍ୟ ଦେବାକୁ ପଡିଥାଏ । ଇଲୋକ୍‌ଟ୍ରୋନିକ୍ ଉପାୟରେ କାରବାର ବେଳେ ଏସବୁର ନିରାପତ୍ତା ଓ ସୁରକ୍ଷା ନିଶ୍ଚିତ ରୂପେ ଗୁରୁତ୍ୱପୂର୍ଣ୍ଣ । କେତେକ ଠକ ସଂସ୍ଥା ଓ ବ୍ୟକ୍ତି ପରବର୍ତ୍ତୀ ସମୟରେ ଏସବୁର ଦୁରୁପଯୋଗ କରିବା ଆଶଙ୍କା ମଧ୍ୟ ରହିଛି । ଏହାକୁ ଦୃଷ୍ଟିରେ ରଖି ଉପଭୋକ୍ତା ସୁରକ୍ଷା ଆଇନରେ କେତେକ ଉତ୍ତମ ବ୍ୟବସ୍ଥା ରହିଛି । ଅନ୍ୟପକ୍ଷରେ ଗ୍ରାହକଙ୍କ ଲାଗି ଅନ୍ୟାନ୍ୟ ଆଶଙ୍କା ମଧ୍ୟରେ ନିମ୍ନମାନର ଓ ନକଲି ସାମଗ୍ରୀ ଯୋଗାଣ, ଆଞ୍ଚଳିକ ସୀମା ସରହଦ ଆଦି ରହିଛି । ବିଭ୍ରାନ୍ତିକର ବିଜ୍ଞାପନ, ବିଶେଷକରି ଡିଜିଟାଲ ବିଜ୍ଞାପନ ସଂପର୍କରେ ଖାଉଟି ସୁରକ୍ଷା ଲାଗି କେନ୍ଦ୍ର, ରାଜ୍ୟ ଏବଂ ଜିଲା ସ୍ତରରେ ଉପଭୋକ୍ତା ସୁରକ୍ଷା ପରିଷଦ କିମ୍ବା ଖାଉଟି ଅଦାଲତ ସବୁ ରହିଛି । ସେମାନେ ନିଜ ଆଡୁ ମାମଲା ରୁଜୁ କରିବା ଲାଗି ପୂର୍ବରୁ ଯେଉଁ କ୍ଷମତା ଦିଆଯାଇଥିଲା ନୂତନ ଆଇନରେ ତାହା ବନ୍ଦ କରାଯାଇଛି । କେବଳ ଖାଉଟି ତା'ର ଅଭିଯୋଗ ଦାଖଲ କରିବା ପରେ ହିଁ ସେମାନେ ଏହାର ତଦନ୍ତ କରିବେ । ଖାଉଟି ଫୋରମ୍‌ରେ ପୀଡିତ ଗ୍ରାହକ ଜଣକ ଅଭିଯୋଗ କରିବା ପରେ ତାହା ଉପରେ ତଦନ୍ତ କରିବ ଉପଭୋକ୍ତା ଅଦାଲତ । ଆମେରିକାର ଫେଡେରାଲ ଟ୍ରେଡ୍ କମିଶନ ଢାଞ୍ଚାରେ ସିସିପିଏ ଏବେ କାର୍ଯ୍ୟ

କରିବ। ଖାଉଟିଙ୍କ ଅଭିଯୋଗକୁ ଗ୍ରହଣ କରି ସାମଗ୍ରୀ ଓ ସେବା ପ୍ରଦାନକାରୀ କମ୍ପାନୀକୁ ନୋଟିସ କରିବ। ଏହି ସାମଗ୍ରୀକୁ ଫେରାଇ ନେବା ଲାଗି ଆଦେଶ ଜାରି କରିବ। ବିଭ୍ରାନ୍ତିକର ବିଜ୍ଞାପନ ବିରୋଧରେ କାର୍ଯ୍ୟ ମଧ୍ୟ କରିବ। ସିପିଏ-୧୯୮୬ ଅନୁଯାୟୀ, କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କୁ ଉତ୍ପାଦନକାରୀ କମ୍ପାନୀ ତଥା ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କ୍ଷମତା ପ୍ରଦାନ କରାଯାଇଥିଲା। ଯଦି ସେମାନେ ଖରାପ ସାମଗ୍ରୀ ଯୋଗାଣ, ଦୁର୍ବଳ ସେବା ପ୍ରଦାନ, ବେଆଇନ କିମ୍ବା ଏକ ନିଷେଧଯୁକ୍ତ କାରବାର ଚଳାଇଥିବେ ତାହେଲେ ସିସିପିଏ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲା। ମାତ୍ର ପୁରୁଣା ଆଇନ କାର୍ଯ୍ୟକାରୀ ହେବାର ଏତେବର୍ଷ ପରେ ମଧ୍ୟ ସରକାରଙ୍କ ପକ୍ଷରୁ ଏଭଳି କୌଣସି ମାମଲା କରାଯାଇ ନଥିବା ଜଣାପଡିଛି। ଫଳରେ ଏହି ବ୍ୟବସ୍ଥାକୁ ଉଠାଇ ଦିଆଯାଇ ଏ ସଂପର୍କରେ ଉପଭୋକ୍ତାଙ୍କୁ ଅଧିକ ଅଧିକାର ତଥା ଅଭିଯୋଗ କରିବାର କ୍ଷମତା ଦିଆଯାଇଛି।

ଖାଉଟି ଅଦାଲତରେ ମାମଲାର ଶୁଣାଣି ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର ହେବା ଯୋଗୁଁ ଜିଲା, ରାଜ୍ୟ ଓ କେନ୍ଦ୍ରରେ ଜାତୀୟ କମିଶନ ପକ୍ଷରୁ ମଧ୍ୟସ୍ଥତା କେନ୍ଦ୍ର (ମେଡିଏସନ୍ ସେଲ୍) ପ୍ରତିଷ୍ଠା କରାଯାଇଛି। ଉଦ୍ଦେଶ୍ୟ ହେଉଛି, ତୁରନ୍ତ ମାମଲାର ସମାଧାନ ସହ ଖାଉଟିଙ୍କୁ ନ୍ୟାୟ ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି।

ଖାଉଟି ସୁରକ୍ଷା ଆଇନ-୨୦୧୯ର ଉପଧାରା ୭୪-୮୦ ମଧ୍ୟରେ ବିକଳ୍ପ ବିବାଦ ସମାଧାନ(ଏଡିଆର) ଭାବେ ମଧ୍ୟସ୍ଥତା ଉପରେ ଗୁରୁତ୍ୱ ଦିଆଯାଇଛି। ମଧ୍ୟସ୍ଥତା ଜରିଆରେ ଆଇନଗତ ଭାବେ ଉପଭୋକ୍ତାଙ୍କ ବିବାଦର ସହଜ, ସରଳ ଓ ସମୟୋଚିତ ଫଇସଲା ଲାଗି ପଦକ୍ଷେପ ନିଆଯାଇଛି। ଏହି ମଧ୍ୟସ୍ଥତା କେନ୍ଦ୍ର ଗୁଡିକ ମଧ୍ୟ ଉପଭୋକ୍ତା କମିଶନ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିବ। ମଧ୍ୟସ୍ଥତା କେନ୍ଦ୍ରର ଗଠନ ଓ କାହାକୁ ନିଯୁକ୍ତି ଦିଆଯିବ ତାହା ସେମାନେ ସ୍ଥିର କରିବେ।

ଇଣ୍ଟରନେଟ୍, ଇ-କମର୍ସ, ସ୍ମାର୍ଟଫୋନ୍ ଓ କ୍ଲାଉଡ୍ ଟେକ୍ନୋଲୋଜି ଭଳି ଏକାଧିକ ଡିଜିଟାଲ ଜ୍ଞାନକୌଶଳର ଉପଯୋଗ ଯୋଗୁଁ ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତୀୟ ଉପଭୋକ୍ତା ବଜାରରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି। ଖାଉଟି ସୁରକ୍ଷା ଆଇନ(ସିପିଏ), ୧୯୮୬ରେ ଉପଭୋକ୍ତାଙ୍କ ଅଧିକାରର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଏକ ଆଇନ କରାଯାଇଥିଲା। ସେତେବେଳର ଏହି ଆଇନ ଏବେ ଉପଭୋକ୍ତା ବଜାର ଚାହିଦା ଓ ଆବଶ୍ୟକତାକୁ ଦେଖି ଅତ୍ୟନ୍ତ ପୁରୁଣା ହୋଇସାରିଛି। ଏହି ପୁରୁଣା ଆଇନରେ ବିଶେଷକରି ଅନ୍‌ଲାଇନ୍ ସପିଂ(ଅନ୍‌ଲାଇନ୍ ଯୋଗେ କ୍ରୟ), ଟେଲିସପିଂ, ପ୍ରଡକ୍ଟ ରିକଲ୍, ଅନ୍‌ସେଫ୍ କଣ୍ଟ୍ରାକ୍ଟ (ଅସୁରକ୍ଷିତ କାରବାର ଚୁକ୍ତି), ତ୍ରୁଟିପୂର୍ଣ୍ଣ ତଥା ବିଭ୍ରାନ୍ତକାରୀ ବିଜ୍ଞାପନ ଆଦି ପ୍ରସଙ୍ଗ ଓ ଏ ସଂକ୍ରାନ୍ତ ବିବାଦର ସମାଧାନ ଲାଗି କୌଣସି ବ୍ୟବସ୍ଥା କରାଯାଇ ନାହିଁ। ତେଣୁ ଏହି ପୁରୁଣା ଆଇନକୁ ପରିବର୍ତ୍ତନ କରି ତା' ସ୍ଥାନରେ ନୂତନ ଉପଭୋକ୍ତ ସୁରକ୍ଷା ଆଇନ, ୨୦୧୯ ଆଣିବାର ଆବଶ୍ୟକତା ଅନୁଭବ କରାଯାଇଥିଲା।

ନୂତନ ଖାଉଟି ସୁରକ୍ଷା ଆଇନର ଧାରା ୭୪ ଅନୁଯାୟୀ, ରାଜ୍ୟ ସରକାର ଖାଉଟି ମଧ୍ୟସ୍ଥତା କେନ୍ଦ୍ର ପ୍ରତିଷ୍ଠା କରିବେ। ଏହାକୁ ଉପଭୋକ୍ତା ଅଦାଲତ ଓ ପ୍ରତ୍ୟେକ ଆଞ୍ଚଳିକ ବେଞ୍ଚ ଗୁଡିକ ସହ ସଂଯୁକ୍ତ କରାଯିବ। ପ୍ରତ୍ୟେକ ଖାଉଟି ମଧ୍ୟସ୍ଥତା ସେଲ୍ ଜିଲା, ରାଜ୍ୟ ଓ ଜାତୀୟ କମିଶନକୁ ପ୍ରତି ୩ ମାସରେ ଏକ ରିପୋର୍ଟ ପ୍ରଦାନ କରିବ। ଫଳରେ ପ୍ରତ୍ୟେକ ମଧ୍ୟସ୍ଥତା କେନ୍ଦ୍ର ଖାଉଟି ବିବାଦ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗର ଦେଖାଶୁଣା କରିପାରିବ। ଖାଉଟି ମଧ୍ୟସ୍ଥତା କେନ୍ଦ୍ରର ଭିତ୍ତିଭୂମି ଓ ଦାୟିତ୍ୱ ଗୁଡିକ ମଧ୍ୟରେ ରହିଛି-

କ) ମଧ୍ୟସ୍ଥମାନଙ୍କୁ ନେଇ ଗଠିତ ଏକ ତାଲିକା

ଖ) କେନ୍ଦ୍ର ପକ୍ଷରୁ ମାମଲାର ତାଲିକା ପ୍ରସ୍ତୁତି ଓ ଏହାର ପରିଚାଳନା

ଗ) ଶୁଣାଣିର ରେକର୍ଡ ରଖିବା

ଘ) ନିୟମାବଳୀ ଅନୁଯାୟୀ ଅନ୍ୟାନ୍ୟ ସ୍ୱତନ୍ତ୍ର ସୂଚନା ଓ ତଥ୍ୟ ସଂଗ୍ରହ

ଏହି ମଧ୍ୟସ୍ଥତା ପ୍ୟାନେଲର କାର୍ଯ୍ୟକାଳ ୫ ବର୍ଷ ଲାଗି ବୈଧ ଏବଂ ଆବଶ୍ୟକ ସ୍ଥଳେ ଏହି ପୁରୁଣା ପ୍ୟାନେଲକୁ ପରବର୍ତ୍ତୀ କାର୍ଯ୍ୟକାଳ ଲାଗି ପୁନଃ ଅବସ୍ଥାପିତ କରିବା ପାଇଁ ପୁଣି ଯୋଗ୍ୟ ବିବେଚିତ କରାଯାଇପାରେ। ତେବେ ସ୍ୱତନ୍ତ୍ର ନିୟମାବଳୀ ଅନୁଯାୟୀ, ଏହା କରାଯିବା ବ୍ୟବସ୍ଥା ରହିଛି। ଖାଉଟିଙ୍କ ମଧ୍ୟସ୍ଥତା କେନ୍ଦ୍ର ସମସ୍ତ ଉପଭୋକ୍ତା ଅଦାଲତ ସହିତ ସଂଯୋଗ ରହିବା ଲାଗି ଧାରା ୭୫ରେ ବ୍ୟବସ୍ଥା ଲାଗୁ କରାଯାଇଛି।

ଉପଭୋକ୍ତା ସୁରକ୍ଷା ଆଇନ-୨୦୧୯ କେତେକ ନୂତନ ପରିବର୍ତ୍ତନ ବ୍ୟବସ୍ଥା ସହିତ ପ୍ରସ୍ତୁତ କରାଯାଇଛି। ଉପଭୋକ୍ତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ସହ ସଶକ୍ତୀକରଣ ଦିଗରେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି।

**ଲେଖିକା ହେଉଛନ୍ତି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କମଳା ନେହେରୁ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଜଣେ ସହଯୋଗୀ ପ୍ରଫେସର**

**Email ID: sheetal_kpr@hotmail.com**

# ସହରୀକରଣ ଓ ଅଣାନୁଷ୍ଠାନିକ କ୍ଷେତ୍ର

ଅରୁପ ମିତ୍ର

ସହରାଞ୍ଚଳ କିଭଳି ଗ୍ରାମାଞ୍ଚଳ ଲୋକଙ୍କ ସ୍ଥାନାନ୍ତର ଓ ଅଣାନୁଷ୍ଠାନିକ କ୍ଷେତ୍ରକୁ ପ୍ରଭାବିତ କରିଥାଏ ସେ ସଂପର୍କରେ ସଂପୃକ୍ତ ନିବନ୍ଧରେ ଆଲୋଚନା କରାଯାଇଛି । ସହରୀକରଣ ଦ୍ୱାରା ଗ୍ରାମୀଣ ଭାରତର ଲୋକମାନେ କର୍ମସଂସ୍ଥାନ ଲାଗି ସହରମୁହାଁ ହୋଇଥାନ୍ତି । ସାମଗ୍ରିକ ରୂପେ ଏହା ସେମାନଙ୍କ ଜୀବନଧାରଣମାନରେ ପରିବର୍ତ୍ତନ ଘଟାଇଥାଏ । ସ୍ଥାନାନ୍ତର କିଭଳି ସହରାଞ୍ଚଳର ଅଣାନୁଷ୍ଠାନିକ କ୍ଷେତ୍ର, ନିଯୁକ୍ତି ଏବଂ ସହର-ଗ୍ରାମାଞ୍ଚଳ ସହ ପାରସ୍ପରିକ ସଂପର୍କିତ ସାମାଜିକ ପଛୁଆବର୍ଗ ଜନସଂଖ୍ୟା ଭିତରେ ଘଟୁଥିବା ଘଟଣା ସହ ଜଡିତ ସେ ବିଷୟରେ ମଧ୍ୟ ଏହି ନିବନ୍ଧରେ ବିଶେଷ ଚର୍ଚ୍ଚା କରାଯାଇଛି ।

ଉନ୍ନତ ନିଯୁକ୍ତି ସୁଯୋଗ ସୃଷ୍ଟିର ଏକ ପ୍ରମୁଖ ଦିଗ ହେଉଛି ସୁସ୍ଥତା । ଜଗତୀକରଣ କ୍ଷେତ୍ରରେ ବିଶେଷକରି ଏହା ଅଧିକ ସ୍ପଷ୍ଟ । ସଂପ୍ରତି ହେଉଥିବା ଅଭିବୃଦ୍ଧି ଅଣାନୁଷ୍ଠାନିକ କ୍ଷେତ୍ରକୁ ସାଥୀରେ ନେଇ ଚାଲିଛି । ଉତ୍ପାଦନ ପ୍ରକ୍ରିୟାରେ ଉପ ଠିକାଦାରୀ(ସବ୍ କଣ୍ଟ୍ରାକ୍ଟ) ଦିଆଯାଉଛି । ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଶ୍ରମିକମାନଙ୍କୁ ମୂଳଚାଲ କରିବାର କ୍ଷମତାକୁ ସଂକୁଚିତ କରାଯାଉଛି । ମୋଟ ଉପରେ କହିଲେ ଅଣାନୁଷ୍ଠାନିକ ପ୍ରକ୍ରିୟା ଅନେକ କ୍ଷେତ୍ରରେ ଆବଶ୍ୟକ କଲ୍ୟାଣମୂଳକ କ୍ଷତି ଘଟାଇବା ଆଶଙ୍କା ରହିଛି । ଏହା ଶାସନ ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ କରୁଛି । ଗ୍ରାମାଞ୍ଚଳରେ ଜୀବନ ଜୀବିକା ଲାଗି ଆବଶ୍ୟକ ସୁବିଧା



ସୁଯୋଗ ନ ଥିବାବେଳେ ସହରାଞ୍ଚଳର ଆନୁଷ୍ଠାନିକ କ୍ଷେତ୍ରରେ ଦୁର୍ବଳ ଉତ୍ପାଦନ ଯୋଗୁଁ ସ୍ଥାନାନ୍ତର ସହରକୁ ବଢୁଛି। କର୍ମସଂସ୍ଥାନ ଲାଗି ଗ୍ରାମାଞ୍ଚଳରୁ ଲୋକେ ଅଧିକ ସଂଖ୍ୟାରେ ସହରାଭିମୁଖୀ ହେବାଦ୍ୱାରା ସହରାଞ୍ଚଳର ଆବଶ୍ୟକ ଭିତ୍ତିଭୂମି ଓ ପ୍ରାକୃତିକ ସମ୍ବଳ ଏବେ ଗୁରୁତର ଆହ୍ୱାନ ସୃଷ୍ଟି କରିଛି। ଭାରତୀୟ ପରିପ୍ରେକ୍ଷୀରେ ଗ୍ରାମୀଣ-ସହର ସ୍ଥାନାନ୍ତର ହାର ମଧ୍ୟମ ଧରଣର ରହିଥିବାବେଳେ ଗ୍ରାମାଞ୍ଚଳରୁ ବହୁ ସଂଖ୍ୟାରେ ସହରାଞ୍ଚଳକୁ ଲୋକ ଯାଇ ସେଠାରେ ରହୁଥିବାରୁ ସହର ଗୁଡିକର ଜନସଂଖ୍ୟା ଏବେ ଅହେତୁକ ଭାବେ ବଢିବାରେ ଲାଗିଛି। ଏହାହିଁ ସହରଗୁଡିକ ଲାଗି ବିଭିନ୍ନ ସମସ୍ୟା ସୃଷ୍ଟି କରିଛି। ସହରାଞ୍ଚଳର ଅଭିବୃଦ୍ଧି, ଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ଏବଂ ଦୁର୍ବଳ ଜୀବନଧାରଣମାନ ସହିତ ବସ୍ତିର ଜୀବନଶୈଳୀ ପରସ୍ପର ସହ ଖାପଛଡ଼ା ରହୁଛି।

ସଂପ୍ରତି ସହରାଞ୍ଚଳ ଭାରତ ଏବେ ସ୍ମାର୍ଟ ରଣକୌଶଳ ଜରିଆରେ ବିଭିନ୍ନ ସଂସ୍ଥା ଓ ଶିଳ୍ପକୁ ପୁଞ୍ଜିନିବେଶ ଲାଗି ଆକର୍ଷିତ କରୁଛନ୍ତି। ସବୁ କ୍ଷେତ୍ରରୁ ସେମାନଙ୍କୁ ସୁବିଧା ସୁଯୋଗ ପ୍ରଦାନ କରାଯିବା ଲାଗି ଉଦ୍ୟମ ହେଉଛି। ଉତ୍ତମ ଓ କୁଶଳୀ ଶ୍ରମଶକ୍ତିକୁ ଉତ୍ସାହିତ କରାଯାଉଛି। ସହରାଞ୍ଚଳକୁ ନୂତନ ଢାଞ୍ଚାରେ ପ୍ରସ୍ତୁତ କରି ସୃଷ୍ଟି ହେଉଥିବା ଆହ୍ୱାନର ମୁକାବିଲା ଲାଗି ସ୍ମାର୍ଟସିଟି ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଉଛି।

### ସ୍ଥାନାନ୍ତର ଓ ସୁଯୋଗ

ଶିକ୍ଷା ସ୍ତରରେ ଉନ୍ନତି ଘଟିବା ଯୋଗୁଁ ଗ୍ରାମାଞ୍ଚଳ ସାକ୍ଷରତା ହାର ବଢିଛି। ଫଳରେ କର୍ମସଂସ୍ଥାନ ଓ ରୋଜଗାର ଲାଗି ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ସ୍ଥାନାନ୍ତର ହାର ବଢୁଛି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଥିବା ସାମାଜିକ ସମସ୍ୟା ଓ ବିଭକ୍ତୀକରଣ ବିଚାର (ଛୁଆଁ-ଅଛୁଁଆ, ଉଚ୍ଚ-ନୀଚ, ଧନୀ-ଗରିବ, ଜାତି-ବର୍ଣ୍ଣ-ଧର୍ମଗତ ପାର୍ଥକ୍ୟ) ମଧ୍ୟ ଅନେକାଂଶରେ ଗାଁ ଗଣ୍ଡାର ଲୋକଙ୍କୁ ସହରାଭିମୁଖୀ କରାଉଛି। ଏସବୁ ବର୍ଗର ଲୋକେ ସହରାଞ୍ଚଳରେ ବସତିସ୍ଥାପନ କରି ସାମାଜିକ ବିଭେଦରୁ ନିଜକୁ ଦୂରେଇବାକୁ ଚାହୁଁଛନ୍ତି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସ୍ଥାନାନ୍ତର ହିଁ ଉଭୟ ଗ୍ରାମୀଣ ଓ ସହରର ଦାରିଦ୍ର୍ୟ ହାରକୁ ହ୍ରାସ କରୁଛି। ଅନ୍ୟପକ୍ଷରେ କହିଲେ, ଗ୍ରାମାଞ୍ଚଳର ଗରିବ ଲୋକ ସହରାଞ୍ଚଳକୁ ସ୍ଥାନାନ୍ତର ହୋଇ କର୍ମସଂସ୍ଥାନ ପାଇ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିପାରୁଛନ୍ତି। ସେମାନଙ୍କୁ ଜୀବିକାର୍ଜନର ସୁବିଧା ସୁଯୋଗ ମିଳିବା ସହ ଜୀବନ ଯାପନ ଶୈଳୀରେ ମଧ୍ୟ ଉନ୍ନତି ଘଟିପାରୁଛି। ଫଳରେ ଦାରିଦ୍ର୍ୟ ହାରରେ ହ୍ରାସ ଘଟୁଛି। ଯଦି ଏହାକୁ ଦୂରଦର୍ଶୀ ଲେନ୍ସରେ ଆମେ ଦେଖିବା, ତାହେଲେ ବୁଝିପାରିବା ଯେ, ସହରାଞ୍ଚଳ କେବଳ ଆନୁଷ୍ଠାନିକ କ୍ଷେତ୍ରର ଦୁର୍ବଳ ଉତ୍ପାଦନ ବ୍ୟବସ୍ଥାକୁ ନେଇ ତିଷ୍ଠିପାରିବନି। ଅଣସଂଗଠିତ କ୍ଷେତ୍ରକୁ ମଧ୍ୟ ଏଥିପାଇଁ ଗୁରୁତ୍ୱ ଦେବାକୁ ପଡୁଛି। ଫଳରେ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ସ୍ଥାନାନ୍ତର ବଢୁଛି। ଏହା ପରୋକ୍ଷରେ ଗ୍ରାମାଞ୍ଚଳରେ ମଧ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସହାୟକ ହୋଇପାରିବ। କାରଣ ଗାଁରେ ବହୁତ ଲୋକ ଗୋଟିଏ କାର୍ଯ୍ୟରେ ସଂପୃକ୍ତ ରହୁଥିବାରୁ (ପ୍ରଚ୍ଛନ୍ନ ବେକାରୀ) ସେଠାରେ ଶ୍ରମଶକ୍ତିର ମୂଲ୍ୟ ବଢୁ ନଥିଲା। ଏବେ ସହରାଞ୍ଚଳକୁ ଶ୍ରମଶକ୍ତି ସ୍ଥାନାନ୍ତର ଗମନ କରୁଥିବାରୁ ଗାଁ ଗଣ୍ଡା ଗୁଡିକରେ ମଧ୍ୟ ଶ୍ରମିକ ଶ୍ରେଣୀର ଲୋକ ମିଳିବା କଷ୍ଟକର ହୋଇପଡୁଛି। ଏହାଦ୍ୱାରା ଶ୍ରମଶକ୍ତିର ମୂଲ୍ୟ ମଧ୍ୟ ବଢୁଛି। ସ୍ଥାନାନ୍ତର ଦ୍ୱାରା ଚାହିଦା-ଯୋଗାଣ ବ୍ୟବସ୍ଥା ଦୃଷ୍ଟିରୁ ଉଭୟ ଗ୍ରାମୀଣ ଓ ସହରାଞ୍ଚଳରେ ମଧ୍ୟ ଶ୍ରମଶକ୍ତିର କାର୍ଯ୍ୟ ସହଯୋଗିତା ହାରକୁ ବଢାଉଛି। ଏକ ସନ୍ତୁଳନ ମଧ୍ୟ ଏଦିଗରେ ରହୁଛି।

ଶ୍ରମ ବଜାର ସବୁବେଳେ ଚଳନଶୀଳ। ଯେଉଁଠି ଯେତେବେଳେ ନିଯୁକ୍ତି ଓ ରୋଜଗାର ସୁଯୋଗ ସୃଷ୍ଟି ହୋଇଥାଏ ଶ୍ରମଶକ୍ତି ସେଠାକୁ ସ୍ଥାନାନ୍ତର ଗମନ କରିଥାଏ। ଯଦି ଏହା ଗ୍ରାମାଞ୍ଚଳ ତଥା ନିକଟବର୍ତ୍ତୀ ସହରାଞ୍ଚଳରେ ସୁଯୋଗ ସୃଷ୍ଟି ନ କରେ, ତେବେ ଅଣସଂଗଠିତ କ୍ଷେତ୍ରର ଶ୍ରମଶକ୍ତି ଦାଦନ ଶ୍ରମିକ ରୂପେ ଅନ୍ୟତ୍ର ସ୍ଥାନକୁ ସ୍ଥାନାନ୍ତର ଗମନ କରିଥାନ୍ତି। ତେବେ ବ୍ୟାପକ ସହରାଞ୍ଚଳ ଓ କାର୍ଯ୍ୟ ସହଯୋଗିତା ହାର ଉଭୟ ଗ୍ରାମୀଣ ଓ ସହରାଞ୍ଚଳରେ ବେଶ ସକାରାତ୍ମକ ଭାବେ ସ୍ଥାନାନ୍ତରକୁ ପ୍ରଭାବିତ କରୁଛି। ନିକଟସ୍ଥ ସହରରେ କର୍ମସଂସ୍ଥାନ ଲାଗି ଗାଁ ଗଣ୍ଡାର ଲୋକେ ନିୟମିତ ଭାବେ ସ୍ଥାନାନ୍ତର ଗମନ କରୁଛନ୍ତି। କେତେକ ଦୈନିକ ଯାତାୟାତ କରୁଥିବାବେଳେ ଅନେକ ଯାଇ ସହରାଞ୍ଚଳରେ ରହିଯାଉଛନ୍ତି। ଏଣେ ତେଣେ ନଯାଇ ଏକ ବୃହତ୍ ଶ୍ରମଶକ୍ତି ସହରାଞ୍ଚଳରେ ବସତି ସ୍ଥାପନ କରୁଛି। ଅନେକ କମ୍ ଆୟକାରୀ ପରିବାର ମଧ୍ୟ ବେରୋଜଗାରୀ ସତ୍ତ୍ୱେ ସହର ଛାଡିବାକୁ ପ୍ରସ୍ତୁତ ନୁହଁନ୍ତି। ସେମାନଙ୍କ ଜୀବନଧାରଣମାନ ଯେତେ ଦୁର୍ବଳ ହେଉ ପଛେ କର୍ମସଂସ୍ଥାନର ଆଶା ସହରାଞ୍ଚଳରେ ଅଧିକ ରହୁଥିବାରୁ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାର ସହରାଞ୍ଚଳରେ ପଡିରହୁଛନ୍ତି। ଅନ୍ୟାପେକ୍ଷା ଅଧିକ ସହରୀ ସଭ୍ୟତା ବଢିଥିବା ରାଜ୍ୟ ଗୁଡିକରେ ଏହି ବ୍ୟବସ୍ଥା ଅଧିକ ଦେଖାଯାଉଛି। ମୁମ୍ବଇ, କଲକାତା, ଚେନ୍ନଇ, ବେଙ୍ଗାଲୁରୁ ଭଳି ମହାନଗରୀରେ ଏଇ କାରଣରୁ ବସ୍ତି ଓ ବସ୍ତିବାସିନ୍ଦାଙ୍କ ସଂଖ୍ୟା କ୍ରମାଗତ ଭାବେ ବଢିବାରେ ଲାଗିଛି।

***ମୁଖ୍ୟ ବିନ୍ଦୁ-୧***

*ଦ୍ରୁତ ସହରାୟନ ଓ କର୍ମ ସହଯୋଗିତା ହାରକୁ ଉଭୟ ଗ୍ରାମୀଣ ଓ ସହର ଗୁଡିକରେ ସ୍ଥାନାନ୍ତରକୁ ସକାରାତ୍ମକ ଭାବେ ବଢାଉଛି। ଏହାଦ୍ୱାରା ଶ୍ରମଶକ୍ତି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହି କର୍ମସଂସ୍ଥାନ ପାଇପାରୁଛି। ଏଣେ ତେଣେ ଦୌଡ଼ିବାକୁ ପଡୁନାହିଁ। ଏହା ସେମାନଙ୍କ ଆର୍ଥିକ ପ୍ରଗତି ସହ ଜୀବନଶୈଳୀରେ ମଧ୍ୟ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରୁଛି।*

ସ୍ଥାନାନ୍ତର, ସହରାଞ୍ଚଳ ଅଣାନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ଏବଂ ଉଭୟ ଗାଁ ଓ ସହରର ସାମାଜିକ ପଛୁଆବର୍ଗର ବ୍ୟକ୍ତି ଓ ଗୋଷ୍ଠୀ ମଧ୍ୟରେ ଉତ୍ତମ ସଂପର୍କ ଓ ସମନ୍ୱୟ ବୃଦ୍ଧି ହିଁ ସେମାନଙ୍କୁ ସହରମୁହାଁ କରୁଛି। ଅଣାନୁଷ୍ଠାନିକ କର୍ମସଂସ୍ଥାନ, ସ୍ଥିର ରୋଜଗାର ତଥା ସାମାଜିକ ଭେଦାଭେଦମୁକ୍ତ ବଞ୍ଚିବା ସୁଯୋଗ ସହରରେ ମିଳୁଛି। ଏହା କେବଳ ଲୋକଙ୍କୁ ସହରାଭିମୁଖୀ କରାଉନି; ବରଂ ଉଭୟ ଗ୍ରାମୀଣ ଓ ସହରାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ମଧ୍ୟ ଉନ୍ନତି ଆଣିପାରିଛି। ଅନ୍ୟପକ୍ଷରେ ସହରୀକରଣ ମଧ୍ୟ

ପ୍ରକାରାନ୍ତରେ ସ୍ଥାନାନ୍ତର ଉପରେ ନିର୍ଭରଶୀଳ ହୋଇପଡିଛି। ସହରର ଆନୁସଙ୍ଗିକ ବିକାଶ, ଲୋକମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ, ଶ୍ରମଶକ୍ତି ଚାହିଦାର ପୂରଣ ଏଥିଯୋଗୁଁ ସହରାଞ୍ଚଳରେ ହୋଇପାରୁଛି। ଗାଁ ଓ ସହରର ଶ୍ରମିକ ଗୋଷ୍ଠୀ ଉତ୍ପାଦନ ଓ ସେବା କ୍ଷେତ୍ରରେ ନିୟୋଜିତ ରହିଛନ୍ତି। ଫଳରେ ଏହା ଉଭୟ ଗ୍ରାମୀଣ ଓ ସହରାଞ୍ଚଳ ଦାରିଦ୍ର୍ୟକୁ ହ୍ରାସ କରୁଛି। ଗୋଟିଏ ବାକ୍ୟରେ କହିଲେ, ସହରାଞ୍ଚଳ ବୃଦ୍ଧି ଓ ସ୍ଥାନାନ୍ତର ପରସ୍ପରର ପରିପୂରକ ପାଲଟିଯାଇଛନ୍ତି। ଗ୍ରାମାଞ୍ଚଳରେ ଅଧିକାଂଶ ଗରିବ ଲୋକ କୃଷିକାର୍ଯ୍ୟ ସହ ସଂପୃକ୍ତ ରହିଥାନ୍ତି। ତେବେ କୃଷି କ୍ଷେତ୍ର ଉପରେ ନିର୍ଭରଶୀଳ ଲୋକ ସହରକୁ ସ୍ଥାନାନ୍ତର ହୁଅନ୍ତୁ କିମ୍ବା ନ ହୁଅନ୍ତୁ, ଯଦି ସେମାନେ ଶ୍ରମକ୍ଷେତ୍ର ବ୍ୟାପକ କରନ୍ତି, ତେବେ ଏହା ମଧ୍ୟ ଦାରିଦ୍ର୍ୟ ହ୍ରାସରେ ସହାୟକ ହୋଇଥାଏ। ଯଦିଓ ଅଣାନୁଷ୍ଠାନିକ କ୍ଷେତ୍ରର ଆକାର ଓ ସହରୀକରଣର ପରିବ୍ୟାପ୍ତି ମଧ୍ୟରେ ସେଭଳି କୌଣସି ନିର୍ଦ୍ଦିଷ୍ଟ ସଂପର୍କ ନାହିଁ; ତଥାପି ସହରାଞ୍ଚଳର ଅଣାନୁଷ୍ଠାନିକ କ୍ଷେତ୍ର ସେମାନଙ୍କ ଲାଗି ଯେ ଜୀବିକାର୍ଜ୍ଜନର ଉତ୍ସ ପାଲଟିଥାଏ ଏହାକୁ କଦାପି ଅଣାଦେଖା କରାଯାଇ ନ ପାରେ। ବାସ୍ତବରେ ଦ୍ରୁତ ସହରୀକରଣ ଯୋଗୁଁ ଗ୍ରାମାଞ୍ଚଳରେ ବ୍ୟାପକ ପରିବର୍ତ୍ତନ ଘଟିଛି। ସକାରାତ୍ମକ ଭାବେ ନୂତନ କାର୍ଯ୍ୟକଳାପ ଓ ସୁଯୋଗ ଆଦି ସୃଷ୍ଟି ହୋଇପାରିଛି।

ଯଦିଓ ଅଣାନୁଷ୍ଠାନିକ ଉତ୍ପାଦନ କ୍ଷେତ୍ର ବ୍ୟାପକ ଉଦ୍ୟୋଗୀକରଣ ସହ ସଂପୃକ୍ତ ରହିଥାଏ, ତଥାପି ଏହା ବାଣିଜ୍ୟ ଓ ସେବା ଅବଶେଷ ପର୍ଯ୍ୟାୟର ଥିବା ପୂର୍ବରୁ କୁହାଯାଉଥିଲା। ଯଦିଓ ଏଥିରେ କିଛି ବ୍ୟତିକ୍ରମ ରହିଛି, ଏହାସତ୍ତ୍ୱେ ମିଳିଥିବା ତଥ୍ୟ ଅନୁଯାୟୀ, ଉତ୍ପାଦନ, ବାଣିଜ୍ୟ ଓ ସେବା ଆଦି କ୍ଷେତ୍ର ପରସ୍ପର ସହ ଦୃଢ ଭାବେ ସଂଶ୍ଳିଷ୍ଟ ରହିଆସିଛନ୍ତି। ପରସ୍ପର ପ୍ରତି ପରିପୂରକ ରହିଛନ୍ତି। ଏହାବ୍ୟତୀତ ଯଦି ଆମେ ଆଧୁନିକ ତଥା ପ୍ରଗତିଶୀଳ ରାଜ୍ୟ କଥାକୁ ଆଲୋଚନା କରିବା ତାହେଲେ ବୁଝିହେବ ଏହି ତିନିଟି କ୍ଷେତ୍ର ପରସ୍ପର ମଧ୍ୟରେ ସକାରାତ୍ମକ ଭାବେ ସଂଯୁକ୍ତ ହେବା



ଯୋଗୁଁ ହିଁ ବିକାଶର ଗତି ବଢିପାରିଛି। ଅଭିବୃଦ୍ଧିକୁ ଉତ୍ପାଦନ, ବାଣିଜ୍ୟ ଓ ସେବା ଭଳି ତିନିଟି କ୍ଷେତ୍ର ହିଁ ପ୍ରଭାବିତ କରୁଛନ୍ତି। ମୁଣ୍ଡପିଛା ଆୟ, ସହରୀକରଣ ଏବଂ ଉଦ୍ୟୋଗ ବୃଦ୍ଧି ଆଦି ପ୍ରକାରାନ୍ତରରେ ଛୋଟ ଉତ୍ପାଦକ ଓ ବ୍ୟବସାୟକୁ ପ୍ରଭାବିତ କରିଥାଏ। କାରଣ ଉଭୟ ପରସ୍ପର ସହ ପରିପୂରକ ରହିଆସିଛନ୍ତି। ସେବା କିମ୍ବା ବାଣିଜ୍ୟ କ୍ଷେତ୍ର ସହିତ ଉତ୍ପାଦନ ଏବଂ ଉଚ୍ଚଆୟ ସୃଷ୍ଟି ନୂଆ ନୂଆ ବ୍ୟବସ୍ଥା ଓ କାର୍ଯ୍ୟକ୍ଷେତ୍ରକୁ ପ୍ରୋତ୍ସାହିତ କରିଥାଏ। ବିଶେଷକରି ଏହା ଅଣାନୁଷ୍ଠାନିକ କ୍ଷେତ୍ରକୁ ଅଧିକ ମଜବୁତ କରିଥାଏ।

ଅଣାନୁଷ୍ଠାନିକ କ୍ଷେତ୍ରରେ ଓନ୍ ଆକାଉଣ୍ଟ ଏଣ୍ଟରପ୍ରାଇଜେସ୍ (ଓଏଇ) ଏକ ସଂଖ୍ୟାଧିକ ଉଦ୍ୟୋଗ ୟୁନିଟ୍‌ର ରୂପ। ଏହି ପ୍ରତିଷ୍ଠାନ ବା ଉଦ୍ୟୋଗ ଗୁଡିକ ଅଧିକରୁ ଅଧିକ ଶ୍ରମିକଙ୍କୁ ନିଯୁକ୍ତି ସୁଯୋଗ ଦେଉଛି। ଏପରିକି ବାଣିଜ୍ୟ ଓ ସେବା କ୍ଷେତ୍ର ତୁଳନାରେ ଉତ୍ପାଦନ କ୍ଷେତ୍ରର ଏହି ୟୁନିଟ୍ ଗୁଡିକରେ ଅଧିକ ନିଯୁକ୍ତି ସୁଯୋଗ ଉପଲବ୍ଧ ହେଉଛି। ବିଭିନ୍ନ ରାଜ୍ୟରେ ଥିବା ଉତ୍ପାଦନ ଓ ସେବା ପ୍ରତିଷ୍ଠାନ ମଧ୍ୟରେ ଶ୍ରମିକ ନିଯୁକ୍ତିକୁ ନେଇ ତୁଳନାତ୍ମକ ଚିତ୍ର ଦେଖିଲେ ଉତ୍ପାଦନ କ୍ଷେତ୍ରରେ କେବଳ ଅଧିକ ନିଯୁକ୍ତି କରାଯାଉଛି ତାହା ନୁହେଁ; ବରଂ ଏଥିରେ ଗ୍ରାମାଞ୍ଚଳର ଲୋକେ ଅଧିକ ସଂଖ୍ୟାରେ ନିୟୋଜିତ ରହିଛନ୍ତି। ଯଦି ସେବା ଓ ବାଣିଜ୍ୟ କ୍ଷେତ୍ରକୁ ଦେଖିବା, ତେବେ ଗ୍ରାମାଞ୍ଚଳରୁ ନିଯୁକ୍ତି ହାର ୦.୮୯ ରହିଥିବାବେଳେ ସହରାଞ୍ଚଳରୁ ଏ କ୍ଷେତ୍ରରେ ନିଯୁକ୍ତି ହାର ଅପେକ୍ଷାକୃତ କମ୍ ଅର୍ଥାତ୍ ୦.୬୫ ରହିଛି। ଉତ୍ପାଦନ କ୍ଷେତ୍ର କିଭଳି ବାଣିଜ୍ୟ କ୍ଷେତ୍ରର ଆବଶ୍ୟକତାକୁ ଗ୍ରାମାଞ୍ଚଳରେ ବୃଦ୍ଧି କରୁଛି ତାହା ଏଥିରୁ ସ୍ପଷ୍ଟ। ସାମଗ୍ରୀର କିଣାବିକା ଓ ସେବା କ୍ଷେତ୍ର ପ୍ରତି ବଢୁଥିବା ଚାହିଦା ଅନୁଯାୟୀ, ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକଙ୍କ ଆୟ ମଧ୍ୟ ବଢୁଛି।

ପ୍ରତି ଶ୍ରମିକଙ୍କୁ ମିଳୁଥିବା ମୋଟ ମୂଲ୍ୟକୁ ବିଚାରକୁ ନେଲେ ଗ୍ରାମୀଣ-ସହରାଞ୍ଚଳ ପ୍ରାର୍ଥକ୍ୟ ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତାହା ବୁଝିହେବ। ସହରାଞ୍ଚଳ ୟୁନିଟ୍‌ରେ କାର୍ଯ୍ୟରତ ଶ୍ରମିକଙ୍କ ହାରାହାରି ଉତ୍ପାଦନଶୀଳତା ଅଧିକ। ତେବେ ଗ୍ରାମାଞ୍ଚଳରେ ପ୍ରତିଷ୍ଠିତ ୟୁନିଟ୍ ଗୁଡିକ ସହ ଏହାକୁ ତୁଳନା କଲେ ଜଣାପଡେ, ଗ୍ରାମୀଣ କ୍ଷେତ୍ରରେ ପ୍ରତିଷ୍ଠିତ ପ୍ରତିଷ୍ଠାନର ଉତ୍ପାଦନଶୀଳତା 'ଓଏଇ' ଗୁଡିକ ଅପେକ୍ଷା ଅଧିକ। ଏପରିକି ଉତ୍ପାଦନ ୟୁନିଟ୍ ସହିତ ରହିଥିବା ବ୍ୟାବସାୟିକ ଓ ସେବା ପ୍ରତିଷ୍ଠାନ ଗୁଡିକର ଉତ୍ପାଦନଶୀଳତା ମଧ୍ୟ ଅଧିକ। ଅନ୍ୟପକ୍ଷରେ ସହରାଞ୍ଚଳରେ ରହିଥିବା ଉଦ୍ୟୋଗର ୟୁନିଟ୍ ଗୁଡିକ ଓଏଇ ଗୁଡିକ ଅପେକ୍ଷା ଉତ୍ତମ ପ୍ରଦର୍ଶନ

କରିଥାଏ। ବାଣିଜ୍ୟିକ ୟୁନିଟ୍ ସହ ସେବା କ୍ଷେତ୍ରର ୟୁନିଟ୍ ଗୁଡିକର ଉତ୍ପାଦନଶୀଳତା ଅଧିକ।

ସହରାଞ୍ଚଳ ଭାରତରେ ରହିଥିବା ଅନ୍ୟାନ୍ୟ ନୂତନ ଆହ୍ୱାନ ଭିତରେ ରହିଛି ନୂଆ କରି ଗଢି ଉଠୁଥିବା ସହରର ଜନସଂଖ୍ୟା ବୃଦ୍ଧି। ସହରାଞ୍ଚଳ ବିଶେଷକରି ବୈଧାନିକ ସହର, ଜନଗଣନା ସହର ଏବଂ ପରିଣାମ ତଥା ଅଭିବୃଦ୍ଧିକୁ ନେଇ ଗଠିତ। ଏସବୁ ତା'ର ଗୋଟିଏ ଗୋଟିଏ ଉପାଦାନ। ବୈଧାନିକ ସହର ଓ ଜନଗଣନା ସହର ମଧ୍ୟରେ ମୂଳ ପାର୍ଥକ୍ୟଟି ହେଉଛି: ବୈଧାନିକ ସହର ସମସ୍ତ ସ୍ଥାନ ମ୍ୟୁନିସିପାଲଟି, ନିଗମ, କ୍ୟାଣ୍ଟନ୍‌ମେଣ୍ଟ ବୋର୍ଡ ଓ ବିଜ୍ଞପିତ ସହରାଞ୍ଚଳ କମିଟିକୁ ନେଇ ଗଠିତ। ଅନ୍ୟପକ୍ଷରେ ସେନ୍‌ସସ୍ ଟାଉନ୍ (ଜନଗଣନା ସହର) କହିଲେ ଏହା ନିମ୍ନଲିଖିତ ବ୍ୟବସ୍ଥାକୁ ନେଇ ଗଠିତ। ସେଗୁଡିକ ମଧ୍ୟରେ (କ) ସର୍ବନିମ୍ନ ଜନସଂଖ୍ୟା ୫୦୦୦ ରହିବା; (ଖ) ଅତିକମ୍‌ରେ ୭୫ ପ୍ରତିଶତ ପୁରୁଷ ଶ୍ରମିକ ଅଣକୃଷି କ୍ଷେତ୍ରରେ କାର୍ଯ୍ୟରତ ରହିବା; (ଗ) ପ୍ରତି ବର୍ଗ କିମି ଅଞ୍ଚଳରେ ଅତିକମ୍‌ରେ ୪୦୦୦ ଲୋକ ବାସ କରୁଥିବେ। ଅର୍ବାନ୍ ଲୋକାଲ ବଡି (ପୌରାଞ୍ଚଳ) ମାନ୍ୟତା ନ ଥିଲେ ଯଦି ତାହା ଦ୍ରୁତଗତିରେ ବିକଶିତ ହେଉଥାଏ, ତେବେ ତାହାକୁ ସେନ୍‌ସସ୍ ଟାଉନ୍ କୁହାଯାଇଥାଏ। ୨୦୧୧ ଜନଗଣନା ଅନୁଯାୟୀ, ଗତ ଦଶବର୍ଷ (୨୦୦୧-୨୦୧୦) ମଧ୍ୟରେ ସେନ୍‌ସସ୍ ଟାଉନ୍ ସଂଖ୍ୟା ବହୁଗୁଣ ବଢିଥିବା ଉଲ୍ଲେଖ କରାଯାଇଛି। ଏହି ସମୟ ଅବଧିରେ ୨୫୦୦ଟି ନୂଆ ସହର ସୃଷ୍ଟି ହୋଇଥିବା ଜନଗଣନା ରିପୋର୍ଟରୁ ଜଣାପଡିଛି। ସ୍ୱାଧୀନତା ପରଠୁ ୬୦ ବର୍ଷ ଭିତରେ ମାତ୍ର ୧୩୬୨ଟି ସେନ୍‌ସସ୍ ଟାଉନ୍ ସୃଷ୍ଟି ହୋଇଥିବାବେଳେ ମାତ୍ର ଶେଷ ଦଶବର୍ଷ ଭିତରେ ଏହି ସଂଖ୍ୟା ଦୁଇଗୁଣ ବଢିଛି। ଏଥିରୁ ଅଭିବୃଦ୍ଧି କିଭଳି ଦ୍ରୁତଗତିରେ ବଢିଚାଲିଛି ତାହା ବୁଝିହେବ।

ଏହି ନୂତନ ସହର ଗଢିଉଠିଥିବା ତଥ୍ୟକୁ ନେଇ ଏହାର ଅବସ୍ଥିତି କିଭଳି ଗୁରୁତ୍ୱପୂର୍ଣ୍ଣ ତାହା ଉପରେ ସମୀକ୍ଷା କରାଯାଇପାରେ। ଅଧିକାଂଶ ଏହି ସବୁ ସହର ବଡ଼ ବଡ଼ ସହରର ସନ୍ନିକଟରେ ଗଢି ଉଠିଛି କି? ଯଦି ଗଢି ଉଠିଛି, ତେବେ ତାହାର କାରଣ କ'ଣ? ଏହାର ଉତ୍ଥାନ ଓ ଅଭିବୃଦ୍ଧିକୁ ଅନୁଧ୍ୟାନ କରାଯିବା ଉଚିତ। ଯେତେବେଳେ ବୃହତ୍ ସହର ଗୁଡିକର ପରିପୃକ୍ତ ସ୍ଥିତି ଆସିଯାଏ, ସ୍ଥାନାଭାବ ଅଭାବ ଭଳି ଏକାଧିକ କାରଣରୁ ସେଗୁଡିକ ଆଉ ବଢିବାର ସୁଯୋଗ ନ ଥାଏ, ସେତେବେଳେ ମହାନଗରୀ ସନ୍ନିକଟ ଅଞ୍ଚଳରେ ଏଭଳି ଛୋଟ ଛୋଟ ସହର ଗଢିଉଠିବାର ସୁଯୋଗ ସୃଷ୍ଟି ହୋଇଥାଏ। ଏହି ସବୁ ନୂତନ ସହର ଗୁଡିକରେ ଶିଳ୍ପ ସଂସ୍ଥା ଓ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା କରିବା ଲାଗି ସ୍ଥାନାଭାବ ନ ଥାଏ। ନୂଆ ନୂଆ ପ୍ରତିଷ୍ଠାନ ଗଢାଯିବା ଲାଗି ସୁଯୋଗ ମଧ୍ୟ ରହିଥାଏ। ଏପରିକି ଗ୍ରାମାଞ୍ଚଳରୁ ଏହି ଅଞ୍ଚଳକୁ ଆସି ସହଜରେ ବସତି ସ୍ଥାପନ କରିବାର ସୁଲଭ ସୁଯୋଗ ମଧ୍ୟ କର୍ମଜୀବୀ ତଥା ଶ୍ରମିକ ଶ୍ରେଣୀର ଲୋକଙ୍କୁ ମିଳିପାରିଥାଏ। ଏସବୁ ସୁବିଧା ଯୋଗୁଁ ଏଠାରେ ଉତ୍ପାଦନ ଓ ବ୍ୟାବସାୟିକ ଉଦ୍ୟୋଗ ଗଢିଉଠିବା ସହ ସେବା କ୍ଷେତ୍ର ଗୁଡିକ ମଧ୍ୟ ତଦନୁଯାୟୀ ବଢିଥାଏ। ପ୍ରକାରାନ୍ତରେ ଏହି ସବୁ ନୂତନ ସହରରେ ଆର୍ଥିକ ଅଭିବୃଦ୍ଧି ଯୋଗୁଁ ଏହାକୁ ସାଟେଲାଇଟ୍ ସିଟି ତଥା ଟାଉନ୍ ଭାବେ ବିବେଚନା କରାଯାଇଥାଏ।

ନୂତନ ଜନଗଣନା ସହର ଗୁଡିକ ଆଞ୍ଚଳିକ ଭିତ୍ତିରେ ମଧ୍ୟ ଗଠନ କରାଯାଇଛି। ବିଶେଷକରି କେରଳ, ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ଏହି ନୂତନ ସହର ସଂଖ୍ୟା ଅଧିକ ରହିଛି। ମହାରାଷ୍ଟ୍ର, ତାମିଲନାଡୁ ଓ ପଶ୍ଚିମବଙ୍ଗ ପ୍ରକାରାନ୍ତରେ ଶିଳ୍ପୋନ୍ନତ ରାଜ୍ୟ ହୋଇଥିବାବେଳେ କେରଳର ଅଭିବୃଦ୍ଧି ହାର ବିଶେଷକରି ଚା, କଫି, ମସଲା ଓ ରବର ଆଦି କ୍ଷେତ୍ର(ପ୍ଲାଣ୍ଟେସନ୍ ସେକ୍ଟର)ରେ ଏକ ପ୍ରମୁଖ ତଥା ଅନନ୍ୟ ଭୂମିକା ଗ୍ରହଣ କରିଛି। ତେବେ ଉତ୍ତରପ୍ରଦେଶ ହେଉଛି ଏଭଳି ଏକ ରାଜ୍ୟ ଯେଉଁଠି ଏକାଧିକ ନୂତନ ସହର ଏହାର ମଧ୍ୟମ ଅଭିବୃଦ୍ଧି ଓ ଜନସଂଖ୍ୟା ଘନତ୍ୱ କାରଣରୁ ଗଢି ଉଠିଛି। ଉତ୍ତରପ୍ରଦେଶରେ ରହିଛି ସଂଖ୍ୟାଧିକ ଜିଲା; ଯାହାର ସଦର ମହକୁମା ଗୋଟିଏ ଗୋଟିଏ ବଡ଼ ସହରଠାରୁ କମ୍ ନୁହେଁ।

***ମୁଖ୍ୟ ବିନ୍ଦୁ-୨***

*ଜନଘନତ୍ୱପୂର୍ଣ୍ଣ ସହର ଗୁଡିକର ଭିତ୍ତିଭୂମି ସୁଦୃଢ଼ କି? ଏଠାରେ ଲୋକଙ୍କୁ ମୌଳିକ ସୁବିଧା ସୁଯୋଗ ଉପଲବ୍ଧ କରାଯାଇପାରୁଛି କି? ଅଧିବାସୀଙ୍କ ଗୁଣାତ୍ମକ ଜୀବନ ଯାପନ ସୁବିଧା ସୁନିଶ୍ଚିତ କରାଯାଇଛି କି? ଏସବୁ ମୂଳ ପ୍ରଶ୍ନ ନୂତନ ଭାବେ ଗଢି ଉଠିଥିବା*



*ସହରରେ ଏବେ ବି ଅସମାହିତ ହୋଇରହିଛି। ଏହିସବୁ ସହର ଗୁଡିକରୁ ପ୍ରାକୃତିକ ସମ୍ପଦ ଉତ୍ତୋଳନ କରିବା ସଂପୂର୍ଣ୍ଣ ରୂପେ ଅବ୍ୟବସ୍ଥିତ ରହିଛି। ବାସପଯୋଗୀ ଓ ଭିତ୍ତିଭୂମି ବ୍ୟବସ୍ଥା ଏସବୁ ନୂତନ ସହରରେ ଏତେ ଅନୁପଯୁକ୍ତ ଯେ, ସେଠାରେ ନୂଆ ନୂଆ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବା କଷ୍ଟକର। ବଡ଼ ବଡ଼ ସହରାଞ୍ଚଳରେ ବିକାଶ ଓ ସଂପ୍ରସାରଣର ପରିତୃପ୍ତତା ଆସିସାରିଥିବାରୁ ନୂତନ ସହର ସବୁ ଗଢିଉଠିବା ଲାଗି ପ୍ରକାରାନ୍ତରେ ସୁଯୋଗ ସୃଷ୍ଟି କରିଛି।*

ଯେଉଁଭଳି ଆକାରରେ ବୈଧାନିକ ସହର (ଷ୍ଟାଚ୍ୟୁଟାରୀ ଟାଉନ୍) ଗୁଡିକ ଗଢିଉଠିଛି ତାହା ପ୍ରକାରାନ୍ତରେ ଜନଗଣନା ସହର ସହିତ ସକାରାତ୍ମକ କ୍ଷେତ୍ରରେ ସହଯୋଗୀ ରହିଛି। ଏବେ ବଡ଼ ବଡ଼ ସହର ଧୀରେ ଧୀରେ କାୟାବିସ୍ତାର କରି ଗ୍ରାମାଞ୍ଚଳମୁହାଁ ହେଲାଣି। ସହରାଞ୍ଚଳର ସୀମିତ ସ୍ଥାନରେ ଜନବସତି ଓ ପ୍ରତିଷ୍ଠାନ ଗଢିଉଠିବା ପରେ ପରବର୍ତ୍ତୀ ବିସ୍ତାର ଲାଗି ସ୍ଥାନାଭାବ ଦେଖାଯାଉଛି। ଫଳରେ ସହରର ଉଭୟ ପାର୍ଶ୍ୱ ଅର୍ଥାତ୍ ଗ୍ରାମାଞ୍ଚଳକୁ ଏହା ପରିବ୍ୟାପ୍ତ ହେବାରେ ଲାଗିଛି। ୨୦୦୧-୨୦୧୧ ଦଶନ୍ଧି ପରେ ସହରାଞ୍ଚଳ ସଂଖ୍ୟା ଦ୍ରୁତଗତିରେ ବଢୁଛି। ସ୍ୱାଧୀନତା ପରେ ପ୍ରଥମଥର ଲାଗି ସହରାଞ୍ଚଳର ଜନସଂଖ୍ୟା ଗ୍ରାମାଞ୍ଚଳଠାରୁ ଅଧିକ ବଢିଛି। ୨୦୦୧ ମସିହାରେ ଅଣ ବୈଧାନିକ ଜନଗଣନା ସହର ସଂଖ୍ୟା ୧୩୬୨ଟି ଥିବାବେଳେ ଏଥିରେ ୨୧.୦ ନିୟୁତ ଲୋକ ୨୦୦୧ ମସିହା ସୁଦ୍ଧା ରହିଥିଲେ। ଏହି ସଂଖ୍ୟା ୨୦୧୧ ମସିହା ସୁଦ୍ଧା ୩,୮୯୨ ଟିରେ ପହଞ୍ଚିବା ଏବଂ ଏଥିରେ ୫୮.୬ ନିୟୁତ ଲୋକ ଘର କରିଥିବା ଜଣାପଡିଛି। ୨୦୦୧ରୁ ୨୦୧୧ ମସିହା ସୁଦ୍ଧା ୩୭.୬ ନିୟୁତ ଲୋକଙ୍କ ସ୍ଥାନାନ୍ତର ଯୋଗୁଁ ସହରାଞ୍ଚଳର ଜନସଂଖ୍ୟା ୪୧ ପ୍ରତିଶତ ଅଭିବୃଦ୍ଧି ଘଟିଛି।

ଏହି ସବୁ ଜନଗଣନା ସହରରେ ଭିତ୍ତିଭୂମି ଓ ମୌଳିକ ସୁବିଧା ସୁଯୋଗ କରାଯାଇ ଉତ୍ତମ ଜୀବନଧାରଣ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି କି? ଏହି ସବୁ ସହରରେ ଯୋଜନା ଅବ୍ୟବସ୍ଥିତ ଢଙ୍ଗରେ ହୋଇଥାଇପାରେ। ବାସପଯୋଗୀ ଓ ଭିତ୍ତିଭୂମି ସୁବିଧା ପର୍ଯ୍ୟାପ୍ତ ନାହିଁ। ନୂଆ ନୂଆ ପ୍ରତିଷ୍ଠାନ ଓ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଆବଶ୍ୟକ ସ୍ଥାନ ଅଭାବ ରହିଛି। ବୃହତ୍ ନଗରୀ/ସହରରେ ଏବେ ବିଭିନ୍ନ କ୍ଷେତ୍ରରେ ପରିତୃପ୍ତତା ଆସିଯାଇଛି। ନୂଆ ସହରକୁ କର୍ମ ଅନ୍ୱେଷଣରେ ଆସୁଥିବା ଶ୍ରମିକଙ୍କ ରହିବା ଲାଗି ଯଥେଷ୍ଟ ପରିମାଣର ବାସପଯୋଗୀ ସ୍ଥାନ ନାହିଁ। ବିଭିନ୍ନ ସଂସ୍ଥାନ ଓ ଉଦ୍ୟୋଗରେ ରହିଥିବା ଖାଲି ପଦ ଓ ଆବଶ୍ୟକ ଶ୍ରମଶକ୍ତି ଅପେକ୍ଷା ଗ୍ରାମାଞ୍ଚଳରୁ ଏଠାକୁ ଲୋକଙ୍କ ସ୍ଥାନାନ୍ତର ଅଧିକ ରହୁଛି। ଫଳରେ କ୍ଷୁଦ୍ର ଉତ୍ପାଦନ କ୍ଷମତା ଥିବା କ୍ଷେତ୍ରରେ ମଧ୍ୟ କମ୍ ପାରିଶ୍ରମିକରେ ଅନେକ ଶ୍ରମିକ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ଏଭଳି ସ୍ଥିତି ଯୋଗୁଁ ସହରର ବସ୍ତିରେ ଲୋକଙ୍କ ସଂଖ୍ୟା ମାତ୍ରାଧିକ ଭାବେ ଏବେ କିମ୍ବା ଆଗକୁ ବଢିବା ସମ୍ଭାବନା ରହିଛି। ବହୁ ବଡ଼ ସହରରେ ଏହି ସମସ୍ୟା ଗୁରୁତର ସ୍ଥିତି ଧାରଣ କରିଛି। ତେବେ



ଏହାର ସମାଧାନ ଲାଗି କେତେକ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଉଛି । ଛୋଟ ସହର ଅପେକ୍ଷା ବଡ଼ ସହର ଗୁଡ଼ିକରେ ଅଣାନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ଆୟ ଅଧିକ । ବଡ଼ ସହର ତୁଳନାରେ ଛୋଟ ସହରରେ ଶ୍ରମିକମାନଙ୍କ ଲାଗି କାର୍ଯ୍ୟକ୍ଷେତ୍ର ସୀମିତ । ଛୋଟ ସହରରେ ଜନବସତି ସଂଖ୍ୟା ମଧ୍ୟ ସୀମିତ । ଦୀର୍ଘସ୍ଥାୟୀ ବିକାଶ ଲାଗି ଆବଶ୍ୟକ ସମ୍ବଳ ସୃଷ୍ଟି କରିବା ଏକ ବଡ଼ ଆହ୍ୱାନ ପାଲଟିଛି ।

ଅନ୍ୟପକ୍ଷରେ ଦେଖିଲେ, ଏହି ସବୁ ସହରଗୁଡ଼ିକର ଜମି ବ୍ୟବହାର ବ୍ୟବସ୍ଥା କିଭଳି ବଦଳିଛି ତାହାକୁ ବୁଝିବାକୁ ପଡ଼ିବ । ବୃହତ୍ ସହର ଗୁଡ଼ିକୁ ଲାଗି ରହିଥିବା ଗ୍ରାମାଞ୍ଚଳ ଜମିର ବ୍ୟବହାର ଓ କିସମ ପରିବର୍ତ୍ତନ ହେଉଛି । ଅଧିକାଂଶ କୃଷି ଜମି ଅଣକୃଷି କ୍ଷେତ୍ର ଲାଗି ବ୍ୟବହୃତ ହେଉଛି । ସହରାଞ୍ଚଳର ସଂପ୍ରସାରଣ ଓ ନୂଆ ନୂଆ ସହର ସୃଷ୍ଟି ଲାଗି ସହର ସଂଲଗ୍ନ ଚାଷଜମିକୁ ଏ କ୍ଷେତ୍ରରେ ବିନିଯୋଗ କରାଯାଉଛି । ଯଦି ଏସବୁ ଜମି ଚାଷ ସହିତ ଅନ୍ୟାନ୍ୟ ଅଣଚାଷ କ୍ଷେତ୍ର ଲାଗି ବ୍ୟବହାର କରାଯାଇପାରନ୍ତା, ତାହେଲେ ଏଥିରେ ସନ୍ତୁଳନ ରୁହନ୍ତା ଓ ତାହାକୁ ଗ୍ରହଣ କରାଯାଇପାରନ୍ତା । ତେବେ ବଡ଼ ସହର ତଳି ଗ୍ରାମାଞ୍ଚଳ ଚାଷ ଜମିରେ ଅଧିକ ବ୍ୟାବସାୟିକ ପ୍ରତିଷ୍ଠାନ ଓ ଉଦ୍ୟୋଗ ନିର୍ମାଣ ଲାଗି ଚାହିଦା ବଢ଼ୁଛି । ଚାଷଜମି ସଂକୋଚନ ଯୋଗୁଁ ଖାଦ୍ୟ ସୁରକ୍ଷା ପ୍ରତି ଏହା କେବଳ ଏକ ଆହ୍ୱାନ ପାଲଟିନି; ବରଂ ଦୀର୍ଘମିଆଦୀ ଆଜୀବିକା ଉପରେ ଗୁରୁତର ପ୍ରଭାବ ପକାଇଛି । ଲୋକେ ଚାଷ ଜମି ଶାଗମାଛ ଦରରେ ବିକ୍ରିକରି ପିଢ଼ି ପିଢ଼ି ପାଇଁ ରୋଜଗାର ହରାଇବସୁଛନ୍ତି । ନିଯୁକ୍ତି ପ୍ରସଙ୍ଗରେ ଶ୍ରମିକ ଚାହିଦା ଓ ଯୋଗାଣ ମଧ୍ୟରେ ଗୁରୁତର ବ୍ୟତିକ୍ରମ ସୃଷ୍ଟି ହେଉଛି । ଚାଷ ଜମି ଅଣ କୃଷିକ୍ଷେତ୍ରରେ ବ୍ୟବହାର ହେଉଥିବାରୁ ଗୋଟିଏ ପଟେ ବାଣିଜ୍ୟରେ ଅଭିବୃଦ୍ଧି ଘଟୁଥିବାବେଳେ ଅନ୍ୟପଟେ କୃଷି ଉତ୍ପାଦନରେ କ୍ଷତି ହେଉଛି । ଏହି ସବୁ ନୂତନ ଆହ୍ୱାନକୁ ଦୃଷ୍ଟିରେ ରଖି ଏହାର ସମାଧାନ ଦିଗରେ ଯଥେଷ୍ଟ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି ।

> ନୂତନ ଜନଗଣନା ସହରଗୁଡ଼ିକ ଆଞ୍ଚଳିକ ଭିତ୍ତିରେ ମଧ୍ୟ ଗଠନ କରାଯାଇଛି । ବିଶେଷକରି କେରଳ, ମହାରାଷ୍ଟ୍ର, ତାମିଲନାଡ଼ୁ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ଏହି ନୂତନ ସହର ସଂଖ୍ୟା ଅଧିକ ରହିଛି । ମହାରାଷ୍ଟ୍ର, ତାମିଲନାଡ଼ୁ ଓ ପଶ୍ଚିମବଙ୍ଗ ପ୍ରକାରାନ୍ତରେ ଶିଳ୍ପୋନ୍ନତ ରାଜ୍ୟ ହୋଇଥିବାବେଳେ କେରଳର ଅଭିବୃଦ୍ଧି ହାର ବିଶେଷକରି ଚା, କଫି, ମସଲା ଓ ରବର ଆଦି କ୍ଷେତ୍ର(ପ୍ଲାଣ୍ଟେସନ୍ ସେକ୍ଟର)ରେ ଏକ ପ୍ରମୁଖ ତଥା ଅନନ୍ୟ ଭୂମିକା ଗ୍ରହଣ କରିଛି । ତେବେ ଉତ୍ତରପ୍ରଦେଶ ହେଉଛି ଏଭଳି ଏକ ରାଜ୍ୟ ଯେଉଁଠି ଏକାଧିକ ନୂତନ ସହର ଏହାର ମଧ୍ୟମ ଅଭିବୃଦ୍ଧି ଓ ଜନସଂଖ୍ୟା ଘନତ୍ୱ କାରଣରୁ ଗଢ଼ି ଉଠିଛି । ଉତ୍ତରପ୍ରଦେଶରେ ରହିଛି ସଂଖ୍ୟାଧିକ ଜିଲ୍ଲା; ଯାହାର ସଦର ମହକୁମା ଗୋଟିଏ ଗୋଟିଏ ବଡ଼ ସହରଠାରୁ କମ୍ ନୁହେଁ ।

***ମୁଖ୍ୟବିନ୍ଦୁ-୩***

*ଯଦି ନୂତନ ସହର ସଂଖ୍ୟା ବଢ଼ିବା ସହ ଚାଷଜମିର ଅଭିବୃଦ୍ଧି ଘଟନ୍ତା, ତେବେ ବ୍ୟବସାୟ ଓ କୃଷି ଉତ୍ପାଦନ ମଧ୍ୟରେ ଏକ ସମତାଳ ସୃଷ୍ଟି ହୋଇପାରନ୍ତା । ଶ୍ରମିକଙ୍କ ଚାହିଦା ଓ ଯୋଗାଣକୁ ଏକ୍ଷେତ୍ରରେ ଅଧିକ ସନ୍ତୁଳିତ କରାଯାଇପାନ୍ତା । ତେବେ ଜମି ବ୍ୟବହାର ବ୍ୟବସ୍ଥାରେ ବୃହତ୍ ପରିବର୍ତ୍ତନ ଘଟିଥିବାରୁ କୃଷି ଜମି ସଂକୁଚିତ ହେଉଛି । ଫଳରେ ଏହା କେବଳ ଖାଦ୍ୟ ସୁରକ୍ଷା ନୁହେଁ; ବରଂ ଦୀର୍ଘସ୍ଥାୟୀ ଜୀବନ ଜୀବିକା କ୍ଷେତ୍ର ପ୍ରତି ମଧ୍ୟ ଭୟଙ୍କର ଆହ୍ୱାନ ସୃଷ୍ଟି କରିଛି ।*

ପରବର୍ତ୍ତୀ ପ୍ରଶ୍ନଟି ହେଉଛି ବୃହତ୍ ସହର ନିକଟରେ ଗଢ଼ିଉଠୁଥିବା ଛୋଟ ଛୋଟ ନୂଆ ସହର ଦ୍ୱିତୀୟ ପର୍ଯ୍ୟାୟର ସହର ଭଳି ଏକ ବିକଳ୍ପ ସୃଷ୍ଟି କରିପାରିଛି କି ? ତାହା ମଧ୍ୟ ଦେଖିବାକୁ ପଡ଼ିବ । ଯେତେବେଳେ ବଡ଼ ସହରଟିଏ ମହାନଗରୀ(ମେଗାପଲିସ୍) ହୋଇସାରିଥାଏ, ସେତେବେଳେ ଏହାର ଅବସ୍ଥା ପରିପକ୍ୱ ହୋଇସାରିଥାଏ । ସାଧାରଣ ଭାବେ ଅର୍ଥନୀତିରେ ଆମେ ଜାଣିଛେ, ଥରେ ଏକ ବୃହତ୍ ସହର ଅର୍ଥନୈତିକ ସୁବିଧା ସୁଯୋଗ ପାଇ ପରିପକ୍ୱ ଅବସ୍ଥାକୁ ଆସିସାରିବା ପରେ ଦ୍ୱିତୀୟ ପର୍ଯ୍ୟାୟର ସହର ଗୁଡ଼ିକ ବିକଶିତ କରିବାକୁ ଲାଗେ । ବଡ଼ ସହର ସ୍ଥାନରେ ଏହି ନୂଆ ସହର ଗୁଡ଼ିକ ନିବେଶ, ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ସ୍ଥାନ ନିଏ । ଛୋଟ ଛୋଟ ନୂଆ ସହର ଅପେକ୍ଷା ଏଠାରେ ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ତୁଳନାତ୍ମକ ଦୃଷ୍ଟିରେ ଅଧିକ ଉପଲବ୍ଧ ଥାଏ ।

ତେବେ ସହରାଞ୍ଚର ବିକାଶ ଲାଗି ରାଜ୍ୟ ଓ ସହର ମଧ୍ୟରେ ଉତ୍ତମ ସମନ୍ୱୟ ଜରୁରୀ । ସହରାଞ୍ଚଳର ବିକାଶକୁ ପ୍ରଥମେ ବୁଝିବା ଦରକାର । ତାହା ହିଁ ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ସହର ଓ ନଗରର ବିକାଶ ଲାଗି ସେମାନଙ୍କ ଆର୍ଥିକ ଓ ଭୌଗୋଳିକ ଦୃଷ୍ଟିକୋଣକୁ ପ୍ରଥମେ ବିଚାର କରିବାକୁ ପଡ଼ିବ । ତଦନୁଯାୟୀ ନିବେଶ ଯୋଜନା ପ୍ରସ୍ତୁତ କରାଯାଇଥାଏ । ଭାରତ ପରିପ୍ରେକ୍ଷୀରେ ଏନେଇ ଏକ ସ୍ୱଷ୍ଟ ଆଭିମୁଖ୍ୟର ଆବଶ୍ୟକତା ରହିଛି ।

**ଲେଖକ ହେଉଛନ୍ତି ସାଉଥ୍ ଏସିଆନ୍ ୟୁନିଭରସିଟି, ନୂଆଦିଲ୍ଲୀ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକନୋମିକ୍ ଗ୍ରୋଥ୍‌ର ଅର୍ଥନୀତି ପ୍ରଫେସର**
**Email ID: arup@iegindia.org**

# ସମବାୟ ଢାଞ୍ଚାରେ ନଡ଼ା ପୋଡ଼ି ସମସ୍ୟାର ସମାଧାନ

ଏସ୍.ଏସ୍. ଛିନା

ଉତ୍ତର ଭାରତରେ ଚାଷ ଜମିରେ ଚାଷୀ ନଡ଼ା ପୋଡ଼ିବା ଯୋଗୁଁ ପରିବେଶ ପ୍ରଦୂଷଣ ଘଟୁଛି। ଏହାଦ୍ୱାରା ବ୍ୟାପକ ଅଞ୍ଚଳ ଗୁରୁତର ଭାବେ ପ୍ରଦୂଷିତ ହେଉଛି। ଏହା ଏକ ବାର୍ଷିକ ପ୍ରକ୍ରିୟା ପାଲଟିଛି। ଖରିଫ ଚାଷ ପରେ ରବି ଚାଷ ପାଇଁ ଜମି ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ଓ ଦିଲ୍ଲୀର ଚାଷୀମାନେ କ୍ଷେତରେ ଥିବା ଧାନ ଗଛ ମୂଳି ଓ ନଡ଼ାକୁ ନିଆଁ ଲଗାଇ ଜାଳି ଦିଅନ୍ତି। ଧାନ ଫସଲ କାଟିନେବା ପରେ ଯେଉଁ ଅବଶେଷ ସବୁ ଜମିରେ ରହେ ତା'କୁ ପ୍ରାକୃତିକ ଉପାୟରେ ନଷ୍ଟ ହେବାକୁ ଦେବା ପାଇଁ ଚାଷୀଙ୍କ ପାଖରେ ସମୟ ନ ଥାଏ। ଏହା ଛଡ଼ା ଏହି ନଡ଼ା ଓ ପାଳକୁ ଜମିରୁ ସଫା କରିବା ବ୍ୟୟବହୁଳ ହୋଇଥିବାରୁ ଚାଷୀ ସେଗୁଡ଼ିକୁ ପୋଡ଼ି ଦେଇଥାନ୍ତି। ସବୁଠୁ ବଡ଼ କଥା ହେଲା ଖରିଫ୍ ଧାନ ଅମଳ ପରେ ରବି ଧାନ ଓ ଗହମ ଆଦି ଚାଷ କରିବାକୁ ସମୟ କମ୍ ମିଳେ। ତେଣୁ କମ୍ ସମୟରେ ଗହମ ଚାଷ ପାଇଁ ଜମିକୁ ପ୍ରସ୍ତୁତ କରିବାକୁ ନଡ଼ା ପୋଡ଼ିବା ସବୁଠୁ ସୁବିଧା ଉପାୟ ହୋଇଥିବାରୁ ଚାଷୀ ସେଇ ଉପାୟ ଅବଲମ୍ବନ କରିଥାନ୍ତି। ନଡ଼ା ପୋଡ଼ି ଯୋଗୁଁ ଯେଉଁ ପାଉଁଶ ବାହାରେ ତାହା ମଧ୍ୟ ଜମିର ଉର୍ବରତା ବଢ଼ାଇଥାଏ।



ଏହି ସମଗ୍ର ପ୍ରସଙ୍ଗକୁ ଦେଖିଲେ କେତେଗୁଡ଼ିଏ କଥା ସହଜରେ ବୁଝିହୁଏ। ଏବେ ପଞ୍ଜାବ ଓ ହରିୟାଣା ଚାଷୀ ଖରିଫ ଋତୁରେ ଅଧିକରୁ ଅଧିକ ଧାନ ଚାଷ କରୁଛନ୍ତି। ଫଳରେ ଧାନ ଚାଷ ଅଞ୍ଚଳ ବଢ଼ୁଛି। ଏହାକୁ ଚାଷୀଙ୍କର ଏକ ଅପରିଣାମଦର୍ଶୀ କାର୍ଯ୍ୟ ବୋଲି କୁହାଯାଇପାରିବ ନାହିଁ। ଧାନ ଉତ୍ପାଦନ ବୃଦ୍ଧି ଭାରତର ଖାଦ୍ୟାଭାବ ସମସ୍ୟା ଦୂର କରିବାରେ ସହାୟକ ହେଉଛି। ପଞ୍ଜାବରେ ଧାନ ଏକ ପାରମ୍ପରିକ ଫସଲ ନୁହେଁ। ବିଜୁଳି ଯୋଗାଣର ସୁବିଧା ସହ ଅଧିକ ଗଭୀର ନଳକୂପ ବସାଯିବା ଫଳରେ ଚାଷୀ ଖରିଫ ଋତୁରେ ଡାଲି ଜାତୀୟ ଫସଲ ଓ ଅନ୍ୟାନ୍ୟ ଅର୍ଥକରୀ ଫସଲ ଚାଷ ନ'କରି ଅଧିକ ଧାନ ଚାଷ କରୁଛନ୍ତି। ଏହାଦ୍ୱାରା ଧାନ ଚାଷର ଇଲାକା ବଢ଼ୁଛି। ପଞ୍ଜାବରେ ମୋଟ୍ ଚାଷ ଜମିର ମାତ୍ର ୧.୫ ଶତାଂଶରେ ଧାନ ଚାଷ ହେଉଥିବାବେଳେ ଦେଶର ଖାଦ୍ୟ ମହଯୁଦରେ ଏହାର ଯୋଗଦାନ ୬୦ ଶତାଂଶ। କିଛି କାଳ ଧରି ପଞ୍ଜାବର ଚାଷ ପ୍ରଣାଳୀ ବଦଳିଯାଇଛି। ଚାଷୀ ଅର୍ଥକରୀ ଫସଲ ପରିବର୍ତ୍ତେ ଧାନ ଓ ଗହମ ଚାଷ ଅଧିକ କରୁଛନ୍ତି। ଏହା ଫଳରେ କେବଳ ନଡ଼ାପୋଡ଼ି ସମସ୍ୟା ସୃଷ୍ଟି ହେଉନାହିଁ; ଅଧିକ ରାସାୟନିକ ପଦାର୍ଥ ଜମିରେ ବ୍ୟବହୃତ ହେଉଛି ଏବଂ ଅଧିକ ଜଳ ବ୍ୟବହୃତ ହେଉଥିବାରୁ ଭୂତଳ ଜଳସ୍ତର ହ୍ରାସ ପାଉଛି। ଧାନ ନଡ଼ା ଓ ପାଳକୁ ନଷ୍ଟ ବା ଉପଯୋଗ କରିବା ଏକ ସମସ୍ୟା ନୁହେଁ। ଏହାର ସମାଧାନ ଅତି ସହଜ ଓ ସରଳ। ଏହାଦ୍ୱାରା ଚାଷୀ ଲାଭବାନ ହେବା ସହ

ପରିବେଶ ପ୍ରଦୂଷଣ ଜନିତ ସମସ୍ୟାର ସମାଧାନ ହୋଇପାରିବ। ତେଣୁ ଏହି ବ୍ୟବସ୍ଥାକୁ ଶୀଘ୍ର କାର୍ଯ୍ୟକାରୀ କରାଯିବା ଉଚିତ। ପଞ୍ଜାବର ଚାଷୀ ସେମାନଙ୍କର ଦକ୍ଷତା, ପ୍ରୟାସ ଓ ଉଦ୍ୟମିତା ଗୁଣ ପାଇଁ ଜଣାଶୁଣା। ସେମାନେ ଅନେକ ନୂଆ ନୂଆ କଥା କରି ଦେଖାଇଥାଆନ୍ତି। ତେଣୁ ନଡ଼ାର ଉପଯୋଗ ସଂକ୍ରାନ୍ତ କୌଣସି ଲାଭଜନକ ବାଟ ପାଇଲେ ସେମାନେ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବେ। ତେବେ ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଓ ଦିଗ୍‌ଦର୍ଶନ ବିଶେଷ ଗୁରୁତ୍ୱ ରଖେ। ରାଜ୍ୟ ସରକାରଙ୍କ ସଂଗ୍ରହ ଓ ବିପଣନ ପ୍ରତିଶ୍ରୁତି ଭିତ୍ତିରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରିତ ହୋଇଥାଏ। ରାଜ୍ୟ ସରକାରଙ୍କ ଦ୍ୱାରା ମାତ୍ର ଦୁଇଟି ଫସଲ ଗହମ ଓ ଧାନ ସଂଗୃହୀତ ହୋଇଥାଏ। ତେବେ ଅନ୍ୟ ଯେଉଁ ୨୩ଟି ଫସଲ ଉପରେ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରନ୍ତି ତାହାକୁ ରାଜ୍ୟ ସରକାର ସଂଗ୍ରହ କରିବାକୁ ନିଶ୍ଚିତ ପ୍ରତିଶ୍ରୁତି ଦେଇ ନ ଥାନ୍ତି। ତେଣୁ ଚାଷୀ ଅନ୍ୟ ଫସଲ ଅପେକ୍ଷା ନିଶ୍ଚିତ ସରକାରୀ ସଂଗ୍ରହ ବ୍ୟବସ୍ଥାରେ ବିକ୍ରି ସୁବିଧା ଥିବା ଗହମ ଓ ଧାନ ଅଧିକ ଚାଷ କରୁଛନ୍ତି। ଦେଶର ଖାଦ୍ୟ ଚାହିଦା ଦୃଷ୍ଟିରୁ ସରକାରୀ ସଂଗ୍ରହ ବ୍ୟବସ୍ଥାରେ ବିକ୍ରି ସୁବିଧା ଥିବା ଗହମ ଓ ଧାନ ଅଧିକ ଚାଷ କରୁଛନ୍ତି। ଦେଶର ଖାଦ୍ୟ ଚାହିଦା ଦୃଷ୍ଟିରୁ ଧାନଚାଷ ଅଞ୍ଚଳ ହ୍ରାସ କରିବା ଗ୍ରହଣୀୟ ନୁହେଁ। ତେଣୁ ନଡ଼ା, ପାଳ ଓ ଛଣ ଭଳି ଧାନ ଫସଲର ଅବଶେଷର ବିନିଯୋଗ ନିମନ୍ତେ ବିକଳ୍ପ ବ୍ୟବସ୍ଥା ଗ୍ରହଣର ଆବଶ୍ୟକତା ରହିଛି। ପାଳ ଓ ନଡ଼ାକୁ କାଗଜ ଓ କାର୍ଡବୋର୍ଡ ପ୍ରସ୍ତୁତିରେ ବ୍ୟବହାର କରିବା ସହ ଛତୁ ଚାଷ ପାଇଁ ମଧ୍ୟ ବିନିଯୋଗ କରିହେବ। ତେବେ ବ୍ୟକ୍ତିଗତ ଭାବେ ଏହା କରିବା ଚାଷୀଙ୍କ ପକ୍ଷେ ଆର୍ଥିକ ଦୃଷ୍ଟିରୁ ସମ୍ଭବ ନୁହେଁ। ତେଣୁ ଦୁଗ୍ଧ ସମବାୟ ଢାଞ୍ଚାରେ ନଡ଼ା ସଂଗ୍ରହ ଓ ଉପଯୋଗ ପାଇଁ ସମବାୟ ସମିତି ମାନ ଗଠନ କରାଯିବା ଦରକାର। ସମବାୟ ମାଧ୍ୟମରେ ଚାଷୀଙ୍କଠାରୁ ନଡ଼ା ସଂଗ୍ରହ କରି ତାହାକୁ କଞ୍ଚାମାଲ ଭାବେ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଗଲେ ନଡ଼ା ପୋଡ଼ି ସମସ୍ୟା ରହିବ ନାହିଁ ଓ ଚାଷୀ ମଧ୍ୟ ଲାଭବାନ ହେବେ। ପ୍ରତିବ୍ଲକରେ ସମବାୟ ଭିତ୍ତିରେ ଅତିକମ୍‌ରେ ଦୁଇଟି କରି କାର୍ଡବୋର୍ଡ ଓ କାଗଜ କଳ ପ୍ରତିଷ୍ଠା କରାଗଲେ ଏ ସମସ୍ୟାର ସହଜ ସମାଧାନ ହୋଇପାରିବ। ଚାଷୀମାନଙ୍କୁ ସମ୍ପୃକ୍ତ ସମବାୟ ସମିତିରେ ସଭ୍ୟଭାବେ ଗ୍ରହଣ କରିବା ସହ ଏଥିରେ ସ୍ଥାନୀୟ କୃଷି ଶ୍ରମିକମାନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇପାରେ। ଏସବୁ ତୃଣମୂଳ ସ୍ତରୀୟ ଚାଷୀ ସମବାୟକୁ ରାଜ୍ୟସ୍ତରୀୟ ନଡ଼ା ପରିଚାଳନା ମହାସଂଘର ଅନ୍ତର୍ଭୁକ୍ତ କରାଗଲେ ଏହା ବିଶେଷ ସଫଳ ହେବ। ସବୁ ରାଜ୍ୟରେ ସମବାୟ ବିଭାଗ ରହିଛି ଏବଂ ବିଭିନ୍ନ ପ୍ରକାର ଯୋଜନା ପାଇଁ ଏହି ବିଭାଗ ସହାୟତା, ପ୍ରୋତ୍ସାହନ ଓ ଦିଗ୍‌ଦର୍ଶନ ଯୋଗାଉଛି। ତେଣୁ ନଡ଼ା ପରିଚାଳନା ପାଇଁ ସମବାୟ ବିଭାଗ ଆଗେଇ ଆସିବା ଆବଶ୍ୟକ। ସମବାୟ ପରିଚାଳନା ଢାଞ୍ଚାରେ ନଡ଼ାର ପରିଚାଳନା ଓ ବିନିଯୋଗ ହେଲେ ଏହା ଆଉ ସମସ୍ୟା ହୋଇ ରହିବ ନାହିଁ। ଏହାଦ୍ୱାରା ସମସ୍ୟାର ସମାଧାନ ସହ ଚାଷୀ ଓ ମୂଲିଆଙ୍କୁ ରୋଜଗାର ମଧ୍ୟ ମିଳିବ। ରାଜ୍ୟମାନେ ମଧ୍ୟ ଏହାଦ୍ୱାରା ଉପକୃତ ହେବେ। ଜୈବ ଗ୍ୟାସ୍ ଉତ୍ପାଦନ ପାଇଁ ବୈଷୟିକ ସହାୟତା ଓ ସଂପ୍ରସାରଣ ସେବା ଲୋଡ଼ା। ଏଥିପାଇଁ ସମବାୟ ବ୍ୟବସ୍ଥାକୁ ଉପଯୋଗ କରାଯାଇପାରେ। ଏହା ମାଧ୍ୟମରେ ଉଭୟ ଚାଷୀ ଓ କୃଷି ଶ୍ରମିକ ଉପକୃତ ହୋଇପାରିବେ।

ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର ଜି.ଏସ୍. ଭଲ୍ଲା ତାଙ୍କର ଏକ ଗବେଷଣା ପ୍ରସ୍ତୁତ ନିଷ୍କର୍ଷରେ ଲେଖିଛନ୍ତି ଯେ ୧୦ ଏକରରୁ କମ୍ ଚାଷ ଜମି ଥିବା ଚାଷୀ କେବଳ ଚାଷବାସ ଜନିତ ଆୟରେ ସାଧାରଣ ଭାବେ ପରିବାର ଚଳାଇବା କଷ୍ଟସାଧ୍ୟ। ମାତ୍ର ପଞ୍ଜାବର ୮୯ ଶତାଂଶ ଚାଷୀଙ୍କର ମୋଟ୍ ଚାଷ ଜମିର ପରିମାଣ ୧୦ ଏକରରୁ କମ୍। ତେଣୁ ଏହି ସବୁ ଚାଷୀ ଅସ୍ଥିର ଫସଲ ମୂଲ୍ୟ ଓ ସେଗୁଡ଼ିକର ବିକ୍ରିବଟା ଜନିତ ଅନିଶ୍ଚିତତା ଭିତରେ କୌଣସି ସାହସିକ ନିଷ୍ପତ୍ତି ନେବାକୁ ସକ୍ଷମ ହୁଅନ୍ତି ନାହିଁ। କେବଳ ଧାନ ଓ ଗହମର ସଂଗ୍ରହ ତଥା ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ବ୍ୟବସ୍ଥା

> ଉତ୍ତର ଭାରତରେ ଚାଷ ଜମିରେ ଚାଷୀ ନଡ଼ା ପୋଡ଼ିବା ଯୋଗୁଁ ପରିବେଶ ପ୍ରଦୂଷଣ ଘଟୁଛି। ଏହାଦ୍ୱାରା ବ୍ୟାପକ ଅଞ୍ଚଳ ଗୁରୁତର ଭାବେ ପ୍ରଦୂଷିତ ହେଉଛି। ଏହା ଏକ ବାର୍ଷିକ ପ୍ରକ୍ରିୟା ପାଲଟିଛି। ଖରିଫ ଚାଷ ପରେ ରବି ଚାଷ ପାଇଁ ଜମି ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ଓ ଦିଲ୍ଲୀର ଚାଷୀମାନେ କ୍ଷେତରେ ଥିବା ଧାନ ଗଛ ମୂଳି ଓ ନଡ଼ାକୁ ନିଆଁ ଲଗାଇ ଜାଳି ଦିଅନ୍ତି। ଧାନ ଫସଲ କାଟିନେବା ପରେ ଯେଉଁ ଅବଶେଷ ସବୁ ଜମିରେ ରହେ ତା'କୁ ପ୍ରାକୃତିକ ଉପାୟରେ ନଷ୍ଟ ହେବାକୁ ଦେବା ପାଇଁ ଚାଷୀଙ୍କ ପାଖରେ ସମୟ ନ ଥାଏ। ଏହା ଛଡ଼ା ଏହି ନଡ଼ା ଓ ପାଳକୁ ଜମିରୁ ସଫା କରିବା ବ୍ୟୟବହୁଳ ହୋଇଥିବାରୁ ଚାଷୀ ସେଗୁଡ଼ିକୁ ପୋଡ଼ି ଦେଇଥାନ୍ତି। ସବୁଠୁ ବଡ଼ କଥା ହେଲା ଖରିଫ୍ ଧାନ ଅମଳ ପରେ ରବି ଧାନ ଓ ଗହମ ଆଦି ଚାଷ କରିବାକୁ ସମୟ କମ୍ ମିଳେ। ତେଣୁ କମ୍ ସମୟରେ ଗହମ ଚାଷ ପାଇଁ ଜମିକୁ ପ୍ରସ୍ତୁତ କରିବାକୁ ନଡ଼ା ପୋଡ଼ିବା ସବୁଠୁ ସୁବିଧା ଉପାୟ ହୋଇଥିବାରୁ ଚାଷୀ ସେଇ ଉପାୟ ଅବଲମ୍ବନ କରିଥାନ୍ତି। ନଡ଼ା ପୋଡ଼ି ଯୋଗୁଁ ଯେଉଁ ପାଉଁଶ ବାହାରେ ତାହା ମଧ୍ୟ ଜମିର ଉର୍ବରତା ବଢ଼ାଇଥାଏ।



ସରକାରୀ ସ୍ତରରେ ଥିବାରୁ ସେମାନେ ଏଇ ଦୁଇ ଫସଲ ଛଡ଼ା ଅନ୍ୟ କୌଣସି ଫସଲ ଚାଷ କରିବାକୁ ସମ୍ଭାବ୍ୟ କ୍ଷତି ଦୃଷ୍ଟିରୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ତେଣୁ ନଡ଼ା ପୋଡ଼ି ସମସ୍ୟାର ସମାଧାନ ପାଇଁ ଆଉ ଏକ ବିକଳ୍ପ ହେଲା ଅଣଧାନ-ଗହମ ଜନିତ ଫସଲ ଚାଷ ପାଇଁ ସରକାରୀ ପ୍ରୋତ୍ସାହନ, ସଂଗ୍ରହ ଓ ବିପଣନ ନୀତି ନିଶ୍ଚିତ କରିବା। ଏହା ହେଲେ ଚାଷୀ ଏସବୁ ଫସଲ, ବିଶେଷ କରି ଅର୍ଥକରୀ ଫସଲ ଅଧିକରୁ ଅଧିକ ଚାଷ କରିବେ। ଏହାଦ୍ୱାରା ଧାନ ଚାଷ ଅବଶ୍ୟ ହ୍ରାସ ପାଇବ।

ବାସୁମତୀ ପ୍ରଜାତିର ଧାନ ନଈକୂଳିଆ ଜମିରେ ଅଧିକ ଚାଷ ହୁଏ। ଏହା ସୁବାସିତ ଓ ସ୍ୱାଦିଷ୍ଟ। ଉଭୟ ଭାରତ ଓ ପାକିସ୍ତାନରେ ଏହାର ଚାହିଦା ଅଧିକ ଥିବାରୁ ଚାଷୀ ଏହାକୁ ଚାଷ କରି ଲାଭବାନ ହୋଇଥାନ୍ତି। ଏହି ଚାଉଳର ଚାହିଦା ବିଦେଶରେ ଅଧିକ ଥିବାରୁ ଏହା ମଧ୍ୟ ପ୍ରାଚ୍ୟ, ୟୁରୋପ ଓ ଆମେରିକାକୁ ଅଧିକ ରପ୍ତାନୀ ହୋଇଥାଏ। ତେବେ ବାସୁମତୀ ଚାଉଳର ଚାହିଦା ବିଦେଶରେ ଯାହା ତାହାକୁ ପୂରଣ କରିବାକୁ ଭାରତରେ ଏହି ଧାନ ଯଥେଷ୍ଟ ପରିମାଣରେ ଚାଷ କରାଯାଇ ନ ଥାଏ। ତେଣୁ ଉତ୍ପାଦନ କମ୍ ହୁଏ। ପଞ୍ଜାବର ଚାଷୀ ଏହି ସୁଯୋଗ ହାତଛଡ଼ା କରିବା ଅନୁଚିତ। ସେମାନେ ଏକାଧିକ ଫସଲ ପରିବର୍ତ୍ତେ ଯଦି କେବଳ ବାସୁମତୀ ଧାନ ଚାଷ କରିବେ ତାହା ଦ୍ୱାରା ସେମାନେ ପ୍ରଚୁର ଲାଭବାନ ହେବେ। କାରଣ ଏହି ଚାଉଳର ଚାହିଦା ବିଦେଶର ବେଶ୍ ଅଧିକ। ତେବେ ଏଥିରେ ନଡ଼ା ପୋଡ଼ିର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ। ୨୦୧୭-୧୮ ଆର୍ଥିକ ବର୍ଷରେ ଭାରତ ମୋଟ୍ ୨୬୮୮ ନିୟୁତ କୋଟି ଟଙ୍କାର ବାସୁମତୀ ଚାଉଳ ରପ୍ତାନୀ କରିଥିଲା। ସେଥିରେ ପଞ୍ଜାବର ଅଂଶ ଥିଲା ସର୍ବାଧିକ।

ନଡ଼ା ପୋଡ଼ିକୁ ବନ୍ଦ କରିବାକୁ ହେବ। ତେବେ ଏହା କରିବାବେଳେ ଦେଶର ଖାଦ୍ୟ ଆବଶ୍ୟକତା, ଚାଷୀ, କୃଷି ଶ୍ରମିକଙ୍କ ସ୍ଥିତି ଓ ଅନ୍ୟାନ୍ୟ କଥା ଆମକୁ ବିଭିନ୍ନ ଦୃଷ୍ଟିରୁ ସହୃଦୟତାର ସହ ବିଚାର କରିବାକୁ ପଡ଼ିବ। ତେଣୁ ନଡ଼ା ପୋଡ଼ି ବନ୍ଦ କରିବାକୁ ହେଲେ ଗ୍ରହଣଯୋଗ୍ୟ ବିକଳ୍ପ ବ୍ୟବସ୍ଥା ହାତକୁ ନେବାକୁ ହେବ। ଏହି ସମସ୍ୟାର ସମାଧାନ ପାଇଁ ସମବାୟ ଢାଞ୍ଚା ସବୁଠୁ ଉପଯୁକ୍ତ ମନେହୁଏ। ଏହା ଅର୍ଥପୂର୍ଣ୍ଣ, ବାସ୍ତବବାଦୀ ଓ ବିକାଶକ୍ଷମ ଉପଯୁକ୍ତ ଢାଞ୍ଚା। ସେଇଭଳି କ୍ଷୁଦ୍ରଚାଷୀ ବିକଳ୍ପ ଫସଲର ନିଶ୍ଚିତ ବିକ୍ରିବଟା ବ୍ୟବସ୍ଥା ଓ ବିକ୍ରୟ ମୂଲ୍ୟ ପାଇଲେ ସେମାନେ ଧାନ ଓ ଗହମ ଚାଷ ପ୍ରତି ବିଶେଷ ଆଗ୍ରହ ଦେଖାଇବେ ନାହିଁ। ଏହା ତାଙ୍କୁ ନିଶ୍ଚିତ ଆୟ ପ୍ରଦାନ କରିପାରିବ।

**ଲେଖକ ହେଉଛନ୍ତି ନୂଆଦିଲ୍ଲୀସ୍ଥିତ ଜାତୀୟ ସାମାଜିକ ଗବେଷଣା ପ୍ରତିଷ୍ଠାନର ବରିଷ୍ଠ ସଭ୍ୟ**
**Email ID: sarbjitchhina@yahoo.co.in**

# ସହର, ଉପନଗର ଓ ଆଭ୍ୟନ୍ତରୀଣ କ୍ଷେତ୍ର

ଡକ୍ଟର ଭି.ନାଥ

ଆମ ସହର ଗୁଡିକ ଦ୍ରୁତଗତିରେ ବଢିଚାଲିଛି; କିନ୍ତୁ ଏହା ସେହି ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି କି? ଉକ୍ତ ପ୍ରବନ୍ଧଟି 'ଯୋଜନା'ର ୨୬ ଜାନୁୟାରୀ ୧୯୬୫ ମସିହା ସଂଖ୍ୟାରେ ପ୍ରକାଶିତ ହେବା ସହ ଏଥିରେ ଉପରୋକ୍ତ ପ୍ରଶ୍ନ ଉଠାଯାଇଥିଲା। ସେତେବେଳେ ଏସବୁ ପ୍ରସଙ୍ଗକୁ ନେଇ କ'ଣ ପୂର୍ବାନୁମାନ କରାଯାଇଥିଲା କି? ଏହା ଉପରେ ଆମେ ଧ୍ୟାନକେନ୍ଦ୍ରିତ କରି କାର୍ଯ୍ୟ କରିଛେ କି? 'ଯୋଜନା'ର ଏହି 'ସହରୀକରଣ' ପ୍ରସଙ୍ଗରେ ପୁଣିଥରେ ଉକ୍ତ ପ୍ରସଙ୍ଗକୁ ଉଠାଉଛୁ। ଆଜିର ସହର, ଉପନଗରୀ ଏବଂ ଆଞ୍ଚଳିକ କ୍ଷେତ୍ରର ବିକାଶ ଯୋଜନା ୫ ଦଶନ୍ଧି ତଳର ସେହି ଧାରଣା ଓ ଦୂରଦୃଷ୍ଟିକୁ ଆମ ନିକଟରେ ଆଜି ପୁନରାବଲୋକନ କରାଇଛି।

ବିଶ୍ୱର ସମସ୍ତ ରାଷ୍ଟ୍ରରେ ସହର ଗୁଡିକ ଦ୍ରୁତଗତିରେ ସଂପ୍ରସାରିତ ହେଉଛି। ସେଠାକାର ଜନସଂଖ୍ୟା ବୃଦ୍ଧି ସହିତ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ଥିବା ଭୂମି/ଭୂଖଣ୍ଡ ଉପରେ ଜବରଦଖଲ ବଢିଚାଲିଛି। ସହରର ସଂପ୍ରସାରଣ ପ୍ରଥମେ ୟୁରୋପରେ ଶିଳ୍ପ ବିପ୍ଳବ ସମୟରୁ ଆରମ୍ଭ ହୋଇଥିଲା। ଅଟୋମୋବାଇଲ କ୍ଷେତ୍ରର ପ୍ରଗତି ଓ ଯୋଗଦାନ ଯୋଗୁଁ ଉପନଗରୀ ଜୀବନଯାପନ ସମ୍ଭବପର ହୋଇପାରିଲା। ଲୋକେ ସହରଠାରୁ ଦୂରରେ ରହି ମଧ୍ୟ ମୁଖ୍ୟ ସହରକୁ ଦୈନିକ ଯାନବାହାନ ଜରିଆରେ ଯାତାୟାତ କରିପାରିଲେ। ସହରଠାରୁ କିଛି ଦୂରରେ ଶିଳ୍ପ ପ୍ରତିଷ୍ଠା ସହ ଶ୍ରମିକ ଓ କର୍ମଜୀବୀଙ୍କ ଲାଗି କଲୋନୀ ଗଠନ ଓ ବାସସ୍ଥାନ ପ୍ରସ୍ତୁତି ପରେ ସେଗୁଡିକ ଧୀରେ ଧୀରେ ଛୋଟ ଛୋଟ ସହରରେ ପରଣତ ହେବାରେ ଲାଗିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧଠାରୁ ପରବର୍ତ୍ତୀ ଦୁଇ ଦଶନ୍ଧିରେ କେବଳ ଶିଳ୍ପ ବିପ୍ଳବ ନୁହେଁ; ବରଂ ଏହା ଆର୍ଥିକ ଅଭିବୃଦ୍ଧି ମଧ୍ୟ ଘଟାଇଲା। ପଶ୍ଚିମ ୟୁରୋପର କେତେକ ଅଞ୍ଚଳ, ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବାଞ୍ଚଳ ଏବଂ ଜାପାନ ଆଦି ରାଷ୍ଟ୍ରର ସଂଖ୍ୟାଧିକ ଛୋଟ ସହର ଓ ଟାଉନ୍ ଆଦି ବଡ଼ ବଡ଼ ସହରାଞ୍ଚଳରେ ମିଶିଗଲା। ସେସବୁ ମହାନଗରୀରେ ପରିଣତ ହେଲା। ସହର ଓ ଗ୍ରାମାଞ୍ଚଳ ଭିତରେ ଥିବା ପାର୍ଥକ୍ୟର କୌଣସି ନା-ଗନ୍ଧ ରହିଲାନି। ସହର, ନଗର ଓ ଉପନଗର ଅଞ୍ଚଳ ଗୁଡିକ ଚାରିପଟେ ଥିବା ଗାଁ ଗୁଡିକ ମଧ୍ୟ କ୍ରମେ ଏଥିରେ ମିଶିଗଲା। ସେସବୁର ନୂତନ ପରିଭାଷା ହେଲା- ମହାନଗରୀ (ମେଗାଲୋପଲିସ୍)। ଏବେ ବି ଏହି ମହାନଗର ଚାଲିଛି। ଗୁଜରାଟର ଅହମ୍ମଦାବାଦ ଓ ସୁରତ ମଧ୍ୟରେ ଥିବା ଉପକୂଳ ଅଞ୍ଚଳ କିମ୍ବା ଉତ୍ତର-ପୂର୍ବ ଭାରତର ଧାନବାଦ ଓ କଲକାତା ମଝିରେ ସୃଷ୍ଟି ହୋଇଥିବା ଛୋଟ ବଡ଼ ସହର ଗଢି ଉଠିଛି। ଏସବୁ ଅଞ୍ଚଳରେ ଦ୍ରୁତଗତିରେ ଅଭିବୃଦ୍ଧି ଘଟୁଛି।

ଯେଉଁ ସବୁ ସହରରେ ଶିଳ୍ପ ଓ କଳକାରଖାନା ରହିଛି ସେସବୁ ଅଞ୍ଚଳରେ ଦ୍ରୁତ ବିକାଶ ତଥା ଅଭିବୃଦ୍ଧି ଘଟିଛି। ବଡ଼ ବଜାର ବ୍ୟବସ୍ଥା, ଉଦ୍ୟୋଗ ଓ ବୈଷୟିକ କୌଶଳ, ବଡ଼ ବଡ଼ ପୁଞ୍ଜିପତି ଯେଉଁସବୁ ସହରରେ ରହିଛନ୍ତି; ତେଣୁ ସେଠାରେ ଅଧିକ କଳଖାରଖାନା ଗଢି ଉଠିବା ସ୍ୱାଭାବିକ। ପୁଞ୍ଜିପତିମାନେ ବିଶେଷକରି ବଜାରଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହନ ଦେଇ ପ୍ରତିଷ୍ଠା କରିଥାନ୍ତି। ବିଶେଷକରି ଖାଉଟି ସାମଗ୍ରୀର ଉତ୍ପାଦନ ଲାଗି ବସାଇଥିବା କଳକାରଖାନାରେ ମଧ୍ୟ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ଦେଖାଯାଇଥାଏ। ବ୍ୟବହୃତ କଞ୍ଚାମାଲ ମଧ୍ୟ ଉତ୍ତମ ମାନର ଥାଏ। ବିଶେଷକରି ପ୍ଲାଷ୍ଟିକ୍ ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନକ୍ଷମ କାରଖାନାର ସଂଖ୍ୟା ଆଜିକାଲି ଦ୍ରୁତଗତିରେ ବଢି ଚାଲିଛି। ଆଧୁନିକ ଶିଳ୍ପର ଅଭିବୃଦ୍ଧି ବଢିବା ପରେ ଭାରତ ଭଳି ରାଷ୍ଟ୍ରରେ ଅବ୍ୟବସ୍ଥିତ ଢଙ୍ଗରେ ଏସବୁ ସହର ମଧ୍ୟ ଅନେକ ଅଞ୍ଚଳରେ ଗଢିଉଠିଛି। ସହର ପ୍ରମୁଖ ଅଞ୍ଚଳ ଗୁଡିକରେ ଶିଳ୍ପ ଓ ବଜାର ସଂଖ୍ୟା ଏତେ ବଢିଯାଇଛି ଯେ, ସେଠାରେ ଆଉ ଅଧିକ ନୂତନ ଭିତ୍ତିଭୂମି ପ୍ରତିଷ୍ଠା କରାଯାଇପାରିବନି। ଏସବୁ ଅଞ୍ଚଳରେ ବିକାଶ ଓ ସଂପ୍ରସାରଣର ଏକ ପରିପୂର୍ଣ୍ଣତା ଆସିସାରିଛି। ସହରାଞ୍ଚଳ ଆଖପାଖରେ କେଉଁଠି ଶିଳ୍ପ ପ୍ରତିଷ୍ଠା ଲାଗି ସୁବିଧା ସୁଯୋଗ ରହିଛି ସେସବୁର ଅନୁଧ୍ୟାନ କରାଯାଉଛି। ସହର ବାହାରେ ଥିବା ଶିଳ୍ପାଞ୍ଚଳ ଗୁଡିକର ସର୍ବାଙ୍ଗୀନ ଉନ୍ନତି ଲାଗି ସହରାଞ୍ଚଳ ଯୋଜନା କରାଯାଉଛି। ଏସବୁ ଅଞ୍ଚଳରେ 'ସାଟେଲାଇଟ୍ ଇଣ୍ଡଷ୍ଟ୍ରିଆଲ ଟାଉନ୍‌ସିପ୍'(ଉପଗ୍ରହ ଶିଳ୍ପାଞ୍ଚଳ ନଗରୀ) ଗୁଡିକର ବିକାଶ ଲାଗି ପ୍ରୋତ୍ସାହିତ କରାଯାଉଛି। ଏଭଳି ବିକଶିତ ଶିଳ୍ପାଞ୍ଚଳ ଗୁଡିକ

ମଧ୍ୟରେ ରହିଛି ମହାରାଷ୍ଟ୍ରର ଥାଣେ-କଲ୍ୟାଣ ଅଞ୍ଚଳ; ଯାହାକି ବମ୍ବେ ମହାନଗରୀଠାରୁ ଦୂରରେ ଅବସ୍ଥିତି। ଦିଲ୍ଲୀ ଚାରିପଟେ ଥିବା ଫରିଦାବାଦ, ଶାହାଦରା ଓ ଗାଜିଆବାଦ ଆଦି ଏସବୁର ଗୋଟିଏ ଗୋଟିଏ ଉଦାହରଣ।

ସହର ଗୁଡ଼ିକର ଜନସଂଖ୍ୟା ଓ କ୍ଷେତ୍ରୀୟ ସ୍ତରର ଭୌତିକ ବୃଦ୍ଧିକୁ ଦୃଷ୍ଟିରେ ରଖି ସହର ଯୋଜନା ପ୍ରସ୍ତୁତ ହେବା ଦରକାର। କେବଳ ଏକ ସହର ଭିତରେ ସୀମିତ ନ ରଖି ଭବିଷ୍ୟତ ବିସ୍ତାର ଦୃଷ୍ଟିରେ ଆଞ୍ଚଳିକ ଯୋଜନା ଲାଗି ନୀତି ପ୍ରସ୍ତୁତ କରିବା ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। କେଉଁ ପ୍ରତିଷ୍ଠାନ କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ରହିବ ତାହାର ଟିକିନିଖି ପରିକଳ୍ପନା ଏହି ସହର ଯୋଜନା ଭିତରେ ରଖାଯିବା ଦରକାର। ତଦନୁଯାୟୀ ସହରର ଜମି ଉପଯୋଗ କରାଯାଇଥାଏ। ମେଟ୍ରୋପଲିଟାନ୍ ସହର ସହିତ ପାରିପାର୍ଶ୍ୱିକ ଅଞ୍ଚଳ ଗୁଡ଼ିକର ସଂପର୍କ ରକ୍ଷା ଲାଗି ଆବଶ୍ୟକ ଭିତ୍ତିଭୂମି ସଂରଚନା ବ୍ୟବସ୍ଥା ମଧ୍ୟ ସହର ଯୋଜନାରେ କରାଯିବା ଦରକାର। କାରଣ ଏସବୁ ଅଞ୍ଚଳର ଅବସ୍ଥିତି ସହର ସହିତ ଆଗକୁ ବେଶ୍ ସଂଯୋଗ ସ୍ଥାପନ କରିଥାଏ। ଏସବୁ ଅଞ୍ଚଳକୁ ଉତ୍ତମ ଗମନାଗମନ, ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା ପ୍ରତି ସହର ଯୋଜନା ପ୍ରସ୍ତୁତି ସମୟରେ ବିଶେଷ ଗୁରୁତ୍ୱ ଦିଆଯାଇଥାଏ। ଭାରତର ବଡ଼ ବଡ଼ ସହରକୁ ଦେଖିଲେ ସେଠାକାର ସହର ପରିଯୋଜନା ସଂପର୍କରେ ଜାଣିହେବ। ବିଶେଷକରି ଦିଲ୍ଲୀ ଅର୍ଥାତ୍ ପୂରା ଦିଲ୍ଲୀ କେନ୍ଦ୍ରଶାସିତ ଅଞ୍ଚଳ କଥା ଦେଖାଯାଉ। ଏହା ନୂଆଦିଲ୍ଲୀ ସହ ଦିଲ୍ଲୀର ବିଭିନ୍ନ ସହରକୁ ନେଇ ଗଠିତ। ଦିଲ୍ଲୀର ଅନ୍ୟାନ୍ୟ ସହର ଗୁଡ଼ିକ ମଧ୍ୟରେ ଶାହାଦରା ଏକ ସହର ଏବଂ ଏଥିରେ ଏକ ବୃହତ୍ ଗ୍ରାମୀଣ ଅଞ୍ଚଳ ରହିଛି। ପରବର୍ତ୍ତୀ ସମୟରେ ଏହି ସହର ସହ ପରିବ୍ୟାପ୍ତ ହେବାକୁ ଥିବା ପଞ୍ଜାବ ଓ ଉତ୍ତରପ୍ରଦେଶର ପାରିପାର୍ଶ୍ୱିକ ଅଞ୍ଚଳ ଗୁଡ଼ିକର ବିକାଶ ଲାଗି ମଧ୍ୟ ଯୋଜନା କରାଯାଉଛି। ମୁଖ୍ୟ ରାସ୍ତା ସହିତ ଅନ୍ୟାନ୍ୟ ସଡ଼କ ସଂଯୋଗକୁ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ କ୍ଷେତ୍ରରେ କିଭଳି ଏସବୁ ଅଞ୍ଚଳକୁ ସାଟେଲାଇଟ୍ ସିଟି (ଉପଗ୍ରହ ନଗର) ଭଳି ବିକାଶ କରାଯାଇପାରିବ ସେଥିନେଇ ସୁଦୀର୍ଘ ପରିଯୋଜନା ପ୍ରସ୍ତୁତି କରାଯାଇଛି। ଦିଲ୍ଲୀ ଏବଂ ଏହାର ଉତ୍ତର-ପଶ୍ଚିମାଞ୍ଚଳର ଆଭ୍ୟନ୍ତରୀଣ କ୍ଷେତ୍ରକୁ ମଧ୍ୟ ସହର ବିକାଶ ଯୋଜନାରେ ସାମିଲ କରାଯାଇ କାମ ଚାଲିଛି।

**ସହର ଓ ଉପନଗର ଅଞ୍ଚଳର ଯୋଜନା**

କୋଲକାତା ପାଇଁ ଏହି ପ୍ରସ୍ତାବିତ ଯୋଜନା ଏବେ ଆରମ୍ଭ କରାଯାଇଛି। ଏହି ଯୋଜନା କେବଳ କୋଲକାତା ସହର ପାଇଁ ନୁହେଁ; ବରଂ କୋଲକାତା ମେଟ୍ରୋପଲିଟାନ୍ ଜିଲା ଲାଗି କରାଯାଇଛି। ଯାହାକି କୋଲକାତା ଓ ହାଓ୍ୱଡାର ୪୫୦ ବର୍ଗ ମାଇଲ୍ ବ୍ୟାପି ଅଞ୍ଚଳ ଯେଉଁଥିରେ କି ୩୫ଟି ମ୍ୟୁନିସିପାଲଟି ଏବଂ ବହୁ ସଂଖ୍ୟାରେ ଗାଁ, ପଡ଼ା ଆଦି ରହିଛି। ବମ୍ବେ କର୍ପୋରେସନ୍ ପକ୍ଷରୁ ସଂପ୍ରତି 'ଗ୍ରେଟର ବମ୍ବେ ଏରିଆ' ନାଁରେ ଏକ ବୃହତ୍ ଯୋଜନାର ରୂପରେଖ ପ୍ରସ୍ତୁତ ହୋଇଛି। ଯେଉଁଥିରେ କି ମୂଳ ବମ୍ବେ ସହର ସହିତ ଏହାର ଆଖପାଖ ବୃହତ ଅଞ୍ଚଳର ସହରତଳି ଓ ଉପନଗରୀ ଅଞ୍ଚଳ ଆଦିକୁ ସାମିଲ କରାଯାଇଛି। ମୋଟ ୧୭୦ ବର୍ଗ ମାଇଲ ଅଞ୍ଚଳ ଏହି ପରିସରରେ ରହିଛି। ଏହାବ୍ୟତୀତ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ଏକ ଆଞ୍ଚଳିକ ଯୋଜନାରେ ପାଖାପାଖି ୧୨୫୦ ବର୍ଗ ମାଇଲ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇଛି। ଯେଉଁଥିରେ କି ଗ୍ରେଟର ବମ୍ବେ ଏରିଆ ବ୍ୟତୀତ ଥାଣେ ଜିଲାର ଅନେକ ଅଞ୍ଚଳ ରହିଛି।

**ମେଟ୍ରୋପଲିଟାନ ଅଞ୍ଚଳ**

ଫିଜିକାଲ ପ୍ଲାନିଂ(କ୍ଷେତ୍ରୀୟ ଯୋଜନା)ରେ 'ଅଞ୍ଚଳ' ଯାହାକି 'ମେଟ୍ରୋପଲିଟାନ୍ ରିଜିୟନ୍' ନାଁରେ ପରିଚିତ ତାହାକୁ ଏକ ୟୁନିଟ୍ ଭାବେ ଧରାଯାଇଛି। ଏଥିରେ ମୂଳ ରାଜଧାନୀ ସହର ସହିତ ଏହାର ପାରିପାର୍ଶ୍ୱିକ ଅଞ୍ଚଳ(ସହରତଳି) ଓ ଗ୍ରାମୀଣ କ୍ଷେତ୍ରକୁ ମଧ୍ୟ ସାମିଲ କରାଯାଇଛି। ସହର କ୍ରମେ ସହରତଳି ଓ ଏହାର ଆଖପାଖ ଗ୍ରାମାଞ୍ଚଳ ଆଡ଼କୁ ସଂପ୍ରସାରିତ ହେବାରେ ଲାଗିଛି। ଭବିଷ୍ୟତରେ ଏସବୁ ଜନବସତିର ଚାହିଦା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭିତ୍ତିଭୂମି ସଂରଚନା କରାଯାଉଛି। ବିଶେଷକରି ବାସପୋଯୋଗୀ ଜମି, ଶିଳ୍ପ(ଉଦ୍ୟୋଗ), ବିଭିନ୍ନ ସାମାଜିକ ସେବା ପ୍ରତିଷ୍ଠାନ, ପରିବହନ ଏବଂ ଯୋଗାଯୋଗ ବ୍ୟବସ୍ଥା ସହିତ ଆମୋଦପ୍ରମୋଦ ଲାଗି ଆନୁସଙ୍ଗିକ ସୁବିଧା ପ୍ରଦାନ ଲାଗି ବନ୍ଦୋବସ୍ତର ଯୋଜନା ମଧ୍ୟ ଏହି ପ୍ଲାନିଂରେ ରହିବା ଦରକାର। ଏଥିପାଇଁ ମେଟ୍ରୋପଲିଟାନ୍ ଅଞ୍ଚଳର ସୀମା ନିର୍ଦ୍ଧାରଣ କରିବା ଯୋଜନାର ପ୍ରଥମ ପଦକ୍ଷେପ। ସହର ଲାଗି ଏକ ଡ୍ରଇଁ ପ୍ରସ୍ତୁତ କରିବା ଉକ୍ତ ପ୍ଲାନିଂର ଅଂଶବିଶେଷ। ଏହି ପ୍ଲାନିଂର ପ୍ରମୁଖ ପ୍ରସଙ୍ଗଟି ହେଉଛି ଜମି ଚିହ୍ନଟ ସହ କେଉଁ କେଉଁ ଭିତ୍ତିଭୂମି ଲାଗି କେତେ ଜମି ଆବଣ୍ଟନ କରାଯିବ ତାହା ସ୍ଥିରକରି ମ୍ୟାପ୍ ପ୍ରସ୍ତୁତ କରିବା। ଏଥିରେ ଅର୍ଥନୈତିକ କାର୍ଯ୍ୟକଳାପ ଲାଗି ସହର ପ୍ଲାନ୍‌ରେ ଜମିର ପରିମାଣ ଓ ସ୍ଥାନ ନିର୍ଣ୍ଣୟ କରିବାକୁ ପ୍ରମୁଖତା ଦିଆଯାଇଥାଏ। ଜମିର ଉପଯୁକ୍ତ ଆବଣ୍ଟନ କରାଯାଇପାରିଲେ ସହରର ଆର୍ଥିକ ଓ ସାମାଜିକ ୟୁନିଟ୍ ମଧ୍ୟରେ ସଠିକ୍ ରୂପେ ସମନ୍ୱୟ ରଖାଯାଇପାରିଥାଏ।

**ସହରାଞ୍ଚଳ ବିକାଶରେ ପାରିପାର୍ଶ୍ୱିକ ଅଞ୍ଚଳର ଭୂମିକା**

ମେଟ୍ରୋପଲିଟାନ୍ (ରାଜଧାନୀ) ଅଞ୍ଚଳ ସହିତ ସହର ଯୋଜନାରେ ଆଉ ଦୁଇଟି ଅଞ୍ଚଳକୁ ବିଶେଷ ଧ୍ୟାନ ଦିଆଯାଉଛି। ଏହି ଦୁଇ ଇଲାକା ହେଉଛି ପାରିପାର୍ଶ୍ୱିକ ଅଞ୍ଚଳ(ପେରିଫେରାଲ ରିଜିୟନ୍) ଓ ଆଭ୍ୟନ୍ତରୀଣ ଅଞ୍ଚଳ(ହିଣ୍ଟରଲାଣ୍ଡ)। ମେଟ୍ରୋପଲିଟାନ୍ ଇଲାକା ବାହାରେ ଥିବା ଅଞ୍ଚଳକୁ ପାରିପାର୍ଶ୍ୱିକ ଅଞ୍ଚଳ କୁହାଯାଇଥାଏ। ଏହା ସାଧାରଣତଃ ଗ୍ରାମୀଣ ତଥା ଉପସହରାଞ୍ଚଳ ରୂପେ ଗଣାଯାଇଥାଏ। ଏହି ଅଞ୍ଚଳ ବିଶେଷକରି ମୂଳ ସହରର ଆର୍ଥିକ ଓ ସାମାଜିକ ବ୍ୟବସ୍ଥାକୁ ପ୍ରଭାବିତ କରିଥାଏ। ଏଠାକାର ଅର୍ଥନୀତିକ ଅବସ୍ଥା ସହରକୁ ପ୍ରଭାବିତ କରେ। କାରଣ ମେଟ୍ରୋପଲିଟାନ୍ ଅଞ୍ଚଳରେ ଥିବା ଶିଳ୍ପ ଓ ସେବା ପ୍ରତିଷ୍ଠାନ ଗୁଡ଼ିକରେ ନିଯୁକ୍ତି ହିଁ ସିଧାସଳଖ ଆର୍ଥିକ କ୍ଷେତ୍ରକୁ ସମୃଦ୍ଧ କରିଥାଏ। ବିଶେଷକରି ପାରିପାର୍ଶ୍ୱିକ କ୍ଷେତ୍ରରୁ ଉତ୍ପାଦିତ ଦୁଗ୍ଧ, ପନିପରିବା, ମାଂସ, ଅଣ୍ଡା ଓ ଅନ୍ୟାନ୍ୟ ପଚନଶୀଳନ କୃଷି ଉତ୍ପାଦିତ ସାମଗ୍ରୀ

ଦୈନିକ ସହରରେ ରହୁଥିବା ଲୋକଙ୍କ ଲାଗି ଆବଶ୍ୟକ ପଡିଥାଏ। ଏସବୁ ପାରିପାର୍ଶ୍ୱିକ ଅଞ୍ଚଳରୁ ହିଁ ମୁଖ୍ୟ ସହରକୁ ସିଧାସଳଖ ଯୋଗାଣ କରାଯାଇଥାଏ। ଏଠାକାର ଲୋକଙ୍କ ବ୍ୟବହାର, ଚାଲିଚଳଣ ଓ ମୂଲ୍ୟବୋଧ ସହରାଞ୍ଚଳ ଲୋକଙ୍କ ଦ୍ୱାରା ଅନେକାଂଶରେ ପ୍ରଭାବିତ ହୋଇଥାଏ। ସେମାନେ କିଛିଟା ସହରିଆ ଚାଲିଚଳଣ, ପୋଷାକ ପରିଚ୍ଛଦ ଓ ଆଦବ କାଏଦା ପ୍ରତି ଆକର୍ଷିତ ହୋଇଥାନ୍ତି। ସହରଠାରୁ ଏମାନେ ଦୂର ଗାଁରେ ରହୁଥିଲେ ମଧ୍ୟ ଏଭଳି ପରିବର୍ତ୍ତନ ବାରି ହୋଇପଡେ। ତେବେ ଗୋଟିଏ ସହରର ପାରିପାର୍ଶ୍ୱିକ ଅଞ୍ଚଳ କେତେ ବର୍ଗ କିମି ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥାଏ, ତାହାର କୌଣସି ନିର୍ଦ୍ଦିଷ୍ଟ ସୀମା ନାହିଁ। ଶିଳ୍ପ ଓ ସେବା କ୍ଷେତ୍ରର ବିସ୍ତାରକୁ ନେଇ ଏହା ନିର୍ଭରଶୀଳ। ବିଶେଷକରି ସଡ଼କ, ରେଳ ଓ ବିମାନ ବନ୍ଦର ସୁବିଧା ଥିଲେ ଏହି ପାରିପାର୍ଶ୍ୱିକ କ୍ଷେତ୍ର ବେଶ୍ ବ୍ୟାପକ ହୋଇଥାଏ। ସମୟକ୍ରମେ, ଏସବୁ ଅଞ୍ଚଳର ଆଭ୍ୟନ୍ତରୀଣ କ୍ଷେତ୍ର ମଧ୍ୟ ମେଟ୍ରୋପଲିସ୍ (ରାଜଧାନୀ) କ୍ଷେତ୍ର ସହିତ ମିଶିଯାଏ। ସଂପ୍ରସାରଣ ଦ୍ୱାରା ଏସବୁ ରାଜଧାନୀ ଅଞ୍ଚଳ ସହିତ ମିଶ୍ରଣ ଘଟେ। ଏଭଳି ଅନେକ ସହର ଭିତରେ ପାରିପାର୍ଶ୍ୱିକ ଅଞ୍ଚଳର ସମ୍ମିଶ୍ରଣ ହୋଇସାରିଛି। ଦ୍ରୁତଗତିରେ ନୂଆ ନୂଆ ସହର ଗଢି ଉଠିବା ସହିତ ତାହା ପାରିପାର୍ଶ୍ୱିକ ଅଞ୍ଚଳ ଓ ଆଭ୍ୟନ୍ତରୀଣ କ୍ଷେତ୍ରକୁ ବିସ୍ତାରିତ ହେବାରେ ଲାଗିଛି। ପରସ୍ପରର ଯୋଗସୂତ୍ର ଦ୍ୱାରା ତାହା ମେଗାଲୋପଲିସ୍ (ମହାନଗର)ର ରୂପ ନେଉଛି।

ତବେ ପାରିପାର୍ଶ୍ୱିକ ଅଞ୍ଚଳକୁ ସହର ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାବେଳେ ଏକ ସ୍ୱଚ୍ଛ ଆଭିମୁଖ୍ୟ ରହିବା ଦରକାର। ଯାହାଫଳରେ ମେଟ୍ରୋପଲିଟାନ୍ ଇଲାକା ବାହାରେ ଏହି ଅଂଶକୁ ପୃଥକ୍ ଚିହ୍ନଟ କରିବା ସହଜ ହୋଇପାରିବ। ଯେହେତୁ ଏସବୁ ଅଞ୍ଚଳ ସହର ଦ୍ୱାରା ଅଧିକ ପ୍ରଭାବିତ ହେଉଛି, ତେଣୁ ପାରିପାର୍ଶ୍ୱିକ ଅଞ୍ଚଳକୁ ସଠିକ୍ ରୂପେ ଚିହ୍ନଟକରି ତା'ର ସୀମା ନିର୍ଦ୍ଧାରଣ କରିବାର ଆବଶ୍ୟକତା ରହିଛି। ଭବିଷ୍ୟତରେ ସହରର ବିକାଶ ଏବଂ ସଂପ୍ରସାରଣ

ବିଶ୍ୱର ସମସ୍ତ ରାଷ୍ଟ୍ରରେ ସହର ଗୁଡିକ ଦ୍ରୁତଗତିରେ ସଂପ୍ରସାରିତ ହେଉଛି। ସେଠାକାର ଜନସଂଖ୍ୟା ବୃଦ୍ଧି ସହିତ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ଥିବା ଭୂମି/ଭୂଖଣ୍ଡ ଉପରେ ଜବରଦଖଲ ବଢିଚାଲିଛି। ସହରର ସଂପ୍ରସାରଣ ପ୍ରଥମେ ୟୁରୋପରେ ଶିଳ୍ପ ବିପ୍ଳବ ସମୟରୁ ଆରମ୍ଭ ହୋଇଥିଲା। ଅଟୋମୋବାଇଲ କ୍ଷେତ୍ରର ପ୍ରଗତି ଓ ଯୋଗଦାନ ଯୋଗୁଁ ଉପନଗରୀ ଜୀବନଯାପନ ସମ୍ଭବପର ହୋଇପାରିଲା। ଲୋକେ ସହରଠାରୁ ଦୂରରେ ରହି ମଧ୍ୟ ମୁଖ୍ୟ ସହରକୁ ଦୈନିକ ଯାନବାହାନ ଜରିଆରେ ଯାତାୟାତ କରିପାରିଲେ। ସହରଠାରୁ କିଛି ଦୂରରେ ଶିଳ୍ପ ପ୍ରତିଷ୍ଠା ସହ ଶ୍ରମିକ ଓ କର୍ମଜୀବୀଙ୍କ ଲାଗି କଲୋନୀ ଗଠନ ଓ ବାସସ୍ଥାନ ପ୍ରସ୍ତୁତି ପରେ ସେଗୁଡିକ ଧୀରେ ଧୀରେ ଛୋଟ ଛୋଟ ସହରରେ ପରଣତ ହେବାରେ ଲାଗିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧଠାରୁ ପରବର୍ତ୍ତୀ ଦୁଇ ଦଶନ୍ଧିରେ କେବଳ ଶିଳ୍ପ ବିପ୍ଳବ ନୁହେଁ; ବରଂ ଏହା ଆର୍ଥିକ ଅଭିବୃଦ୍ଧି ମଧ୍ୟ ଘଟାଇଲା। ପଶ୍ଚିମ ୟୁରୋପର କେତେକ ଅଞ୍ଚଳ, ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବାଞ୍ଚଳ ଏବଂ ଜାପାନ ଆଦି ରାଷ୍ଟ୍ରର ସଂଖ୍ୟାଧିକ ଛୋଟ ସହର ଓ ଟାଉନ୍ ଆଦି ବଡ଼ ବଡ଼ ସହରାଞ୍ଚଳରେ ମିଶିଗଲା। ସେସବୁ ମହାନଗରୀରେ ପରିଣତ ହେଲା। ସହର ଓ ଗ୍ରାମାଞ୍ଚଳ ଭିତରେ ଥିବା ପାର୍ଥକ୍ୟର କୌଣସି ନା-ଗନ୍ଧ ରହିଲାନି। ସହର, ନଗର ଓ ଉପନଗର ଅଞ୍ଚଳ ଗୁଡିକ ଚାରିପଟେ ଥିବା ଗାଁ ଗୁଡିକ ମଧ୍ୟ କ୍ରମେ ଏଥିରେ ମିଶିଗଲା। ସେସବୁର ନୂତନ ପରିଭାଷା ହେଲା- ମହାନଗରୀ (ମେଗାଲୋପଲିସ୍)। ଏବେ ବି ଏହି ମହାନଗର ଚାଲିଛି। ଗୁଜରାଟର ଅହମ୍ମଦାବାଦ ଓ ସୁରତ ମଧ୍ୟରେ ଥିବା ଉପକୂଳ ଅଞ୍ଚଳ କିମ୍ବା ଉତ୍ତର-ପୂର୍ବ ଭାରତର ଧାନବାଦ ଓ କଲକାତା ମଝିରେ ସୃଷ୍ଟି ହୋଇଥିବା ଛୋଟ ବଡ଼ ସହର ଗଢି ଉଠିଛି। ଏସବୁ ଅଞ୍ଚଳରେ ଦ୍ରୁତଗତିରେ ଅଭିବୃଦ୍ଧି ଘଟୁଛି।

କରିବା ଲାଗି ଏହି ସବୁ ଅଞ୍ଚଳର ଜମି ଉପଯୋଗିତା ବଢିଥାଏ। ଏସବୁକୁ ଗୁରୁତ୍ୱ ଦେଇ ଯୋଜନା ପ୍ରସ୍ତୁତ ହେବା ଦରକାର। ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସେବା କ୍ଷେତ୍ର ପ୍ରତିଷ୍ଠା ଲାଗି ସ୍ଥାନ ଚିହ୍ନଟ ପ୍ଲାନିଂ ସମୟରୁ ହିଁ କରାଯାଉଛି। ସଂପ୍ରତି ମହାରାଷ୍ଟ୍ର ସରକାର 'ଗ୍ରେଟର ବମ୍ବେ ଏରିଆ' ଲାଗି ଆଞ୍ଚଳିକ ଯୋଜନା ଆରମ୍ଭ କରିଛନ୍ତି। ଏହି ଆବଶ୍ୟକତା ପୂରଣର ଏହା ପ୍ରାଥମିକ ପ୍ରତିଫଳନ କୁହାଯାଇପାରେ। ପାରିପାର୍ଶ୍ୱିକ ଅଞ୍ଚଳରେ ବିଭିନ୍ନ ଅଣକୃଷି ଜମିର ଗୁରୁତ୍ୱ ଓ ଚାହିଦା ସହରର ଦ୍ରୁତ ଅଭିବୃଦ୍ଧି ଓ ସଂପ୍ରସାରଣ ଲାଗି ଜରୁରୀ ହୋଇପଡିଛି। କାରଣ ମେଟ୍ରୋପଲିଟାନ୍ (ରାଜଧାନୀ) କ୍ଷେତ୍ରରେ ଜମି ଅଭାବକୁ ଏହା ପୂରଣ କରୁଛି। ନଗରର ମୁଖ୍ୟ ସଡ଼କ ଓ ରେଳ ଲାଇନ୍‌ଧାରରେ ଯେଭଳି ବସ୍ତି ଗୁଡିକ ଗଢିଉଠୁଛି ତାହାକୁ ପରବର୍ତ୍ତୀ ସମୟରେ ସହରର ସଂପ୍ରସାରଣ ଲାଗି ଉଚ୍ଛେଦ କରିବା ନେଇ ସମସ୍ୟା ସୃଷ୍ଟି ହେଉଛି। ସେସବୁ ସ୍ଥାନରେ ପରବର୍ତ୍ତୀ ସମୟରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା ମଧ୍ୟ କଷ୍ଟକର ହୋଇପଡୁଛି। ତାହାକୁ ଦୃଷ୍ଟିରେ ରଖି ରିବନ୍ ଡେଭଲପ୍‌ମେଣ୍ଟ(ସହର ବାହାରେ ବସ୍ତି ଗୁଡିକର ବିକାଶ ଓ ଆବାସ ନିର୍ମାଣ)କୁ ଯୋଜନାରେ ସାମିଲ କରାଗଲେ ଏସବୁ ସମସ୍ୟା ଦୂର ହୋଇପାରିବ। ଅନେକ ସମୟରେ ପାରିପାର୍ଶ୍ୱିକ ଅଞ୍ଚଳର ବହୁ ଜମିରେ ଇଟାଭାଟି ଗଢି ଉଠୁଥିବାରୁ ତାହା ମଧ୍ୟ ସହର ପାଇଁ ସମସ୍ୟା ସୃଷ୍ଟି କରୁଛି। ଅଣଯୋଜିତ ଜମି ଗୁଡିକର ସଠିକ୍ ବିନିଯୋଗ ଲାଗି ମଧ୍ୟ ସହର ସଂପ୍ରସାରଣ ଯୋଜନା ବେଳେ ଧ୍ୟାନ ଦିଆଯିବା ଜରୁରୀ।

କିଭଳି ପାରିପାର୍ଶ୍ୱିକ ଅଞ୍ଚଳର ଜମି ଅଧିକ ଉପଯୋଗ ହେବ ସେଥିପାଇଁ ପ୍ଲାନିଂ ସମୟରେ ଅଧିକ ଗୁରୁତ୍ୱ ଦେବାର ଆଉ ଏକ କାରଣ ମଧ୍ୟ ରହିଛି। ସହରର ଜନସଂଖ୍ୟାର ଚାହିଦାକୁ ପୂରଣ ଲାଗି ଏସବୁ ଅଞ୍ଚଳରେ ସଘନ କୃଷିର ଗୁରୁତ୍ୱ ବଢିଛି। ଦୈନିକ ପଚନଶୀଳ ସାମଗ୍ରୀ ଯଥା-ମାଛ, ଅଣ୍ଡା, ଚିକେନ୍, ମାଂସ, ପନିପରିବା ଆଦିର ଉତ୍ପାଦନ ଓ ସହରର ଦୈନିକ ବଜାରକୁ ଏସବୁ ଯୋଗାଇବା ଲାଗି ଏହି

ପାରିପାର୍ଶ୍ୱିକ ଅଞ୍ଚଳର ଜମିକୁ ଉପଯୋଗ କରାଯାଇଥାଏ। ଏହାଦ୍ୱାରା ଗ୍ରାମାଞ୍ଚଳର ଆୟ ମଧ୍ୟ ବେଶ୍ ଭଲ ହୋଇଥାଏ। କୁକୁଡ଼ା, ବତକ ଛେଳି ଫାର୍ମ, ମାଛ ଓ ଛତୁଚାଷ, ପନିପରିବା ଚାଷ କରି ସହରତଳି ଅଞ୍ଚଳର ଲୋକେ ବେଶ୍ ଦୁଇପଇସା ରୋଜଗାର କରିଥାନ୍ତି। ଗ୍ରାମାଞ୍ଚଳର ଅର୍ଥନୀତିକୁ ଏହା ସମୃଦ୍ଧ କରିବା ସହିତ ନିକଟବର୍ତ୍ତୀ ସହରାଞ୍ଚଳର ଲୋକେ ମଧ୍ୟ ଅପେକ୍ଷାକୃତ କମ୍ ଦରରେ ଏସବୁ ନିତ୍ୟ ବ୍ୟବହୃତ ସାମଗ୍ରୀ ପାଇପାରିଥାନ୍ତି। ଅନ୍ୟପକ୍ଷରେ କୃଷିକ୍ଷେତ୍ର ନାଁରେ ବ୍ୟାପକ ଜମିକୁ କେବଳ ଅଯଥାରେ ଛାଡ଼ି ନ ଦେଇ କୃଷିଭିତ୍ତିକ ଉଦ୍ୟୋଗ (ଆଗ୍ରୋ ଇଣ୍ଡଷ୍ଟ୍ରିଜ୍), ଶିଳ୍ପ ଓ ସାମଗ୍ରୀ ଉତ୍ପାଦନ ଲାଗି ଜମିର ଉପଯୁକ୍ତ ପରିମାଣକୁ ବିନିଯୋଗ କରାଯିବା ଦରକାର। ତେଣୁ ସହର ସଂପ୍ରସାରଣ ଯୋଜନା ବେଳେ ଏସବୁ ଦିଗ ପ୍ରତି ମଧ୍ୟ ବିଶେଷ ଯତ୍ନବାନ ହେବାକୁ ପଡ଼ିବ।

**ଆଭ୍ୟନ୍ତରୀଣ ଅଞ୍ଚଳର ଆଭିମୁଖ୍ୟ**

ଆଭ୍ୟନ୍ତରୀଣ ଅଞ୍ଚଳ(ହିଣ୍ଟରଲାଣ୍ଡ) ହେଉଛି ଏଭଳି ଏକ ଇଲାକା, ଯାହା ସହରର ଏକ ସେବା କେନ୍ଦ୍ର ରୂପେ କାର୍ଯ୍ୟ କରିଥାଏ। ଏହା ବାଣିଜ୍ୟିକ, ପ୍ରାଶାସନିକ ଏବଂ ଅନ୍ୟାନ୍ୟ ସେବାପ୍ରଦାନ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଉଦାହରଣ ରୂପେ ପଶ୍ଚିମ ଭାରତର ଆଭ୍ୟନ୍ତରୀଣ ଅଞ୍ଚଳ ବମ୍ବେ (ଅଧୁନା ମୁମ୍ବଇ)କୁ ନିଆଯାଇପାରେ। ଏଠାର ପ୍ରମୁଖ ବନ୍ଦର, ବାଣିଜ୍ୟିକ ପ୍ରତିଷ୍ଠାନ, ପ୍ରାଶାସନିକ ଦପ୍ତର ଆଦି ରହିଛି। ବିଶେଷକରି ଗୁଜରାଟ ଓ ମହାରାଷ୍ଟ୍ର ସହିତ କର୍ଣ୍ଣାଟକର ମହୀଶୂର, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଭଳି ରାଜ୍ୟର କେତେକ ଅଞ୍ଚଳ ଏହି କ୍ଷେତ୍ର ଭିତରେ ରହିଛି। ଅନୁରୂପ ଭାବେ ଦିଲ୍ଲୀ କେବଳ ଭାରତର ରାଜଧାନୀ ନୁହେଁ; ବରଂ ଉତ୍ତର-ଭାରତ ଲାଗି ଏହା ପ୍ରମୁଖ ବାଣିଜ୍ୟିକ ଓ ସେବା କ୍ଷେତ୍ରର କେନ୍ଦ୍ରସ୍ଥଳ ପାଲଟିଛି। ଅର୍ଥନୈତିକ ବିକାଶର ବିଶ୍ଳେଷଣ ଅନୁଯାୟୀ, ପ୍ରତ୍ୟେକ ସହରର ଯୋଜନାରେ ଆଭ୍ୟନ୍ତରୀଣ ଅଞ୍ଚଳକୁ ଗୁରୁତ୍ୱ ଦିଆଯିବା ଉଚିତ। ଭବିଷ୍ୟତରେ ସହରର ଚାହିଦାକୁ ଏହି ଅଞ୍ଚଳ ହିଁ ପୂରଣ କରିବାର ସାମର୍ଥ୍ୟ ରଖେ। ପରୋକ୍ଷରେ ସହରର ଅଭିବୃଦ୍ଧି ମଧ୍ୟ ପ୍ରକାରାନ୍ତରେ ଏସବୁ ଅଞ୍ଚଳର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିଥାଏ। ଆଭ୍ୟନ୍ତରୀଣ ଅଞ୍ଚଳର କୃଷି ଅଭିବୃଦ୍ଧି, ଶିଳ୍ପ ଅଥବା ଖଣିଜ ଉତ୍ପାଦନ ହିଁ ପ୍ରକାରାନ୍ତରେ ବମ୍ବେ ସହରର ବର୍ଦ୍ଧିତ ବନ୍ଦର, ସଡ଼କ ଓ ରେଲୱେ ଭଳି ଚାହିଦାକୁ ବଢ଼ାଇଛି। କେବଳ ସେତିକି ନୁହେଁ; ପ୍ରକାରାନ୍ତରେ ଏହା ବ୍ୟାଙ୍କ,ବୀମା ଓ ଅନ୍ୟାନ୍ୟ ସେବାକ୍ଷେତ୍ରର ଚାହିଦା ମଧ୍ୟ ବଢ଼ାଇଛି। ଆମଦାନୀ କରାଯାଉଥିବା ପେଟ୍ରୋଲିୟମ୍ ଇନ୍ଧନ ଓ ବୃହତ୍ ରପ୍ତାନୀ କାରବାର ବୃଦ୍ଧିକୁ ଦୃଷ୍ଟିରେ ରଖି ଯଦି ଶିଳ୍ପାଞ୍ଚଳ ସଂପ୍ରସାରଣ କରାଯାଏ, ତେବେ ଆଭ୍ୟନ୍ତରୀଣ କ୍ଷେତ୍ର ବେଶ୍ ସମୃଦ୍ଧ ହୋଇପାରିବ।

**ବୃହତ୍ ସହରାଞ୍ଚଳ ଲାଗି ଛୋଟ ସହର ଭୂମିକା 'ଉପନଦୀ' ଭଳି**

ଏକ ବୃହତ୍ ସହରାଞ୍ଚଳ(ଲାର୍ଜ ମେଟ୍ରୋପଲିଟାନ୍ ସିଟି) ଏକାଧିକ ଛୋଟ ଛୋଟ ସହର ଓ ଉପନଗରୀକୁ ନେଇ ଗଠିତ। ଏହି ଛୋଟ ସହର ଏବଂ ଉପନଗରୀ ବୃହତ୍ ସହରକୁ କ୍ଷୁଦ୍ର ଉପନଦୀ ଭଳି ସଂଯୋଗ କରିଥାଏ। ଏହାକୁ ପରିପୁଷ୍ଟ କରିଥାଏ। ପଶ୍ଚିମ ଭାରତର ଅଧିକାଂଶ ଉପନଗରୀ ବମ୍ବେ(ମୁମ୍ବଇ) ସହିତ ଅନୁରୂପ ସଂପର୍କ ରଖିଛି। ପ୍ରତ୍ୟେକ ଛୋଟ ସହର ଓ ଉପନଗରୀ ଗୁଡ଼ିକ ମଧ୍ୟ ନିଜ ନିଜର ଉପନଦୀ ଓ ଶାଖାନଦୀ ଅଞ୍ଚଳ ତଥା କ୍ଷେତ୍ର ଭଳି ରହିଛି। ବଡ଼ ନଦୀରେ ଉପ ଓ ଶାଖା ନଦୀ ମିଶିବା ପରି ବଡ଼ ସହର ସହିତ ଛୋଟ ସହର, ଗ୍ରାମପୁଞ୍ଜ, ଗାଁ, ପଡ଼ା ଆଦି ପରସ୍ପର ସହ ସଂଯୋଗୀକୃତ ହୋଇଛନ୍ତି। ବୃହତ୍ ସହରର ଅର୍ଥନୀତି ଓ ସାମାଜିକ ପ୍ରଭାବ ଏହାର ଆଭ୍ୟନ୍ତରୀଣ ଅଞ୍ଚଳ ଯଥା ଛୋଟ ସହର ଓ ଗାଁ ଗୁଡ଼ିକୁ ପ୍ରକାରାନ୍ତରେ ପ୍ରଭାବିତ କରୁଛି। ସହରାଞ୍ଚଳର ସେବା ସୁବିଧା ଗାଁ ଗହଳିରେ ମଧ୍ୟ ଉପଲବ୍ଧ ହେବାରେ ଲାଗିଛି। ଜୀବନକୁ ଏହା ବାସ୍ତବ ଓ ଉପଯୋଗୀ କରାଇଛି। ଉପନଗରୀରେ ଶିଳ୍ପାଞ୍ଚଳ ବିକାଶ ବୃହତ୍ ସହରର ସ୍ଥାନାଭାବ ଚାପ ଓ ଶ୍ରମଶକ୍ତି ଅଭାବବୋଧକୁ ଦୂର କରିବାରେ ସକ୍ଷମ ହୋଇଛି। ଶିକ୍ଷାନୁଷ୍ଠାନ, ସାଂସ୍କୃତିକ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ସେବା କ୍ଷେତ୍ର କେନ୍ଦ୍ରର ସଂପ୍ରସାରଣ ଦିଗରେ ଏସବୁ ସହର ଓ ଉପନଗରୀର ଆଭ୍ୟନ୍ତରୀଣ ଅଞ୍ଚଳ ରୂପେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। କଲକାତା ଓ ବମ୍ବେ (ମୁମ୍ବଇ) ଭଳି ବୃହତ୍ ସହର ଲାଗି ଆଭ୍ୟନ୍ତରୀଣ ଅଞ୍ଚଳ ଅନେକାଂଶରେ ଚାପ ହ୍ରାସ କରିବାରେ ସମର୍ଥ ହୋଇଛି।

**ସହର ଓ ଉପନଗରୀ ସେବା କେନ୍ଦ୍ର**

ଛୋଟ ସହର ଗୁଡ଼ିକରେ ସେବା ପ୍ରଦାନକାରୀ ସହରାଞ୍ଚଳ କେନ୍ଦ୍ର(ଅର୍ବାନ୍ ସେଣ୍ଟର)ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ସବୁ ସେବା କେନ୍ଦ୍ର ଦ୍ୱାରା ଉଭୟ ଛୋଟ ସହର ଓ ଗାଁ ଗୁଡ଼ିକର ଆର୍ଥିକ ଅଭିବୃଦ୍ଧି ଘଟିଥାଏ। ଗ୍ରାମୀଣ ଅଞ୍ଚଳର ବିକାଶରେ ଏହା ପ୍ରମୁଖ ଅଙ୍ଗ ପାଲଟିଥାଏ। ବିକାଶରେ ଗତି ଓ ଆଧୁନିକତା ଏହି ଅର୍ବାନ୍ ସେଣ୍ଟର ଯୋଗୁଁ ଆସିଥାଏ। ବାଣିଜ୍ୟ କାରବାର, ପ୍ରଶାସନିକ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା ଲାଗି ଗ୍ରାମାଞ୍ଚଳର ଲୋକେ ସେଠାକୁ ଆସିଥାନ୍ତି। ନୂଆ ନୂଆ ଧାରଣା, ପଦ୍ଧତି ଓ କୌଶଳ ଏଠାରୁ ଶିକ୍ଷାଲାଭ କରି ଗ୍ରାମାଞ୍ଚଳରେ ଉପଯୋଗ କରିଥାନ୍ତି। ଏହି ଭଳି ଛୋଟ ସହର ତଥା ଉପନଗରୀକୁ 'ଗ୍ରାମୀଣ ସେବା କେନ୍ଦ୍ର' କୁହାଯାଇପାରେ। ଦେଶବ୍ୟାପୀ ଏଭଳି ସେବାକେନ୍ଦ୍ର ଆର୍ଥିକ ଓ ସାମାଜିକ କ୍ଷେତ୍ରର ବଢ଼ୁଥିବା ଗୁରୁତ୍ୱକୁ ପ୍ରଦର୍ଶିତ କରେ। ୧୦-୨୦ ବର୍ଷ ତଳେ ଯେଉଁ ସେବା ଗାଁ ପାଇଁ ଥିଲା ଅପହଞ୍ଚ ତାହା ଏବେ ହାତ ପାଆନ୍ତାରେ ଉପଲବ୍ଧ ହେଉଛି। ଶିକ୍ଷାର ବିସ୍ତାର ସହ ସ୍ୱାସ୍ଥ୍ୟସେବା ଏବେ ଅନେକ ଦୁର୍ଗମ ଅଞ୍ଚଳରେ ପହଞ୍ଚିଛି। କୃଷିକୁ ଲୋକେ ଲାଭଜନକ ବ୍ୟବସାୟ ରୂପେ ଗ୍ରହଣ କରିଛନ୍ତି। ଏହାକୁ ଅଧିକ ବ୍ୟାବସାୟ ଭିତ୍ତିକ କରାଯାଉଛି। କୃଷି କ୍ଷେତ୍ରରେ ବୈଷୟିକ ବିଦ୍ୟା ଓ ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ ତଥା ପରିବର୍ତ୍ତନ ବେଶ୍ ଗୁରୁତ୍ୱ ବହନ କରିଛି। ଏହା ପ୍ରକାରାନ୍ତରେ ସେବା କ୍ଷେତ୍ରକୁ ମଧ୍ୟ ସମୃଦ୍ଧ କରିଛି। ରାସାୟନିକ ସାର, କୀଟନାଶକ ଔଷଧ ବଣ୍ଟନ, ନିର୍ମାଣ ଲାଗି ସିମେଣ୍ଟ, ଇନ୍ଧନ ଲାଗି ଡିଜେଲ ଓ କୌଶଳାତ୍ମକ ଶିକ୍ଷାଗ୍ରହଣ ଏବଂ ଯନ୍ତ୍ରାଂଶ ପ୍ରସ୍ତୁତି ତଥା ବିକ୍ରି ଲାଗି କର୍ମଶାଳା(ୱାର୍କସପ୍) ଆଦି ସୁବିଧା ସୁଯୋଗ ପାଇବା

ପାଇଁ ଏକାଧିକ କେନ୍ଦ୍ର ପ୍ରତିଷ୍ଠା ଆବଶ୍ୟକ ହୋଇପଡ଼ିଛି। କୃଷିକାର୍ଯ୍ୟ ଲାଗି ଏସବୁର ଉପଯୋଗିତା ବଢ଼ିଛି। ପ୍ରତି ବଡ଼ ବଡ଼ ଗାଁ ଓ ସହର ଗୁଡ଼ିକ ଲାଗି ଏହି ସେବା କେନ୍ଦ୍ରର ପ୍ରାଧାନ୍ୟ ବଢ଼ିଛି। କୃଷି ଉତ୍ପାଦନ ପରେ ଉତ୍ପାଦିତ ସାମଗ୍ରୀର ପ୍ରକ୍ରିୟାକରଣ, ସୁରକ୍ଷିତ ସଂରକ୍ଷଣ ଲାଗି ସ୍ୱତନ୍ତ୍ର ଶିଳ୍ପ ପ୍ରତିଷ୍ଠାର ଆବଶ୍ୟକତା ଦେଖାଦେଇଛି। ଏପରିକି କୃଷି କ୍ଷେତ୍ରରେ ଲାଗୁଥିବା ଯନ୍ତ୍ରାଂଶର ଚାହିଦାକୁ ଦେଖି ଅଧିକରୁ ଅଧିକ ଉପକରଣ ନିର୍ମାଣ କାରଖାନା ପ୍ରତିଷ୍ଠା କରାଯାଉଛି। ପରିବହନ ଓ ଯୋଗାଯୋଗ ସହିତ କୁଶଳୀ ଶ୍ରମଶକ୍ତି ଉପଲବ୍ଧ ଅଞ୍ଚଳରେ ଏସବୁ ବୃହତ୍ ଓ ଲଘୁ ଉଦ୍ୟୋଗ ପ୍ରତିଷ୍ଠା କରାଯାଉଛି। ଗ୍ରାମାଞ୍ଚଳର ଲୋକେ ସେମାନଙ୍କ ଆର୍ଥିକ ଓ ସାମାଜିକ ସ୍ତରରେ ଉନ୍ନତି ଆଣିବା ଲାଗି ଏସବୁ ସ୍ୱତନ୍ତ୍ର ସେବା କେନ୍ଦ୍ରର ଉପଯୋଗ କରୁଛନ୍ତି। ବୃହତ୍ ସହର, ଜିଲା, ସଦର ମହକୁମା ମୁଖ୍ୟ କାର୍ଯ୍ୟାଳୟ ସ୍ତର ସହିତ ବଡ଼ ବଡ଼ ମଣ୍ଡିକୁ ଲୋକେ ସେବା ଲାଗି ବ୍ୟବହାର କରୁଛନ୍ତି। ଏଥିପାଇଁ ଏସବୁ ସେବାକେନ୍ଦ୍ରର ଚାହିଦା କେବଳ ବଢ଼ିନି; ବରଂ ସଂଖ୍ୟା ମଧ୍ୟ ବହୁଗୁଣିତ ହୋଇଛି। ଏସବୁର ଚାହିଦା ଏତେ ବଢ଼ିଛି ଯେ, କେନ୍ଦ୍ର ଗୁଡ଼ିକ ଏବେ ସେବା ପ୍ରଦାନ ଲାଗି କଲେଜ ଓ ବିଶ୍ୱବିଦ୍ୟାଳୟ ମୁହାଁ ହେଲେଣି। ବଡ଼ ବଡ଼ ହସ୍ପିଟାଲ ଓ ଅନ୍ୟାନ୍ୟ ପ୍ରତିଷ୍ଠାନ ଗୁଡ଼ିକରେ ମଧ୍ୟ ବହୁ ସେବା କେନ୍ଦ୍ର ଖୋଲାଯାଇଛି।

ସେବା ପ୍ରଦାନ କ୍ଷେତ୍ରରେ ଛୋଟ ସହର ଓ ମଧ୍ୟମ ଧରଣର ଉପନଗରୀ ଗୁଡ଼ିକର ଅବଦାନକୁ ପ୍ରଶଂସା କରାଯାଇଛି। ସେମାନେ ଏହାକୁ ସହରାଞ୍ଚଳ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରୁଛନ୍ତି। ପୌର ପରିଷଦ ଦ୍ୱାରା ସହରାଞ୍ଚଳ ଯୋଜନା (ପ୍ଲାନିଂ) ପ୍ରସ୍ତୁତ କରାଯାଉଥିବାରୁ ସେମାନେ ମଧ୍ୟ ସହରାଞ୍ଚଳ ବିକାଶ କ୍ଷେତ୍ରକୁ ଦୃଷ୍ଟିରେ ରଖି ଗାଁ ଓ ଆଖପାଖ ଅଞ୍ଚଳର ଭିତ୍ତିଭୂମି ସଂରଚନା ଉପରେ ଗୁରୁତ୍ୱାରୋପ କରୁଛନ୍ତି।

ଆମ ସହର ଗୁଡ଼ିକ ଦ୍ରୁତଗତିରେ ବଢ଼ିଚାଲିଛି; କିନ୍ତୁ ଏହା ସେହି ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି କି? ଉକ୍ତ ପ୍ରବନ୍ଧଟି 'ଯୋଜନା'ର ୨୬ ଜାନୁୟାରୀ ୧୯୬୫ ମସିହା ସଂଖ୍ୟାରେ ପ୍ରକାଶିତ ହେବା ସହ ଏଥିରେ ଉପରୋକ୍ତ ପ୍ରଶ୍ନ ଉଠାଯାଇଥିଲା। ସେତେବେଳେ ଏସବୁ ପ୍ରସଙ୍ଗକୁ ନେଇ କ'ଣ ପୂର୍ବାନୁମାନ କରାଯାଇଥିଲା କି? ଏହା ଉପରେ ଆମେ ଧ୍ୟାନକେନ୍ଦ୍ରିତ କରି କାର୍ଯ୍ୟ କରିଛେ କି? 'ଯୋଜନା'ର ଏହି 'ସହରୀକରଣ' ପ୍ରସଙ୍ଗରେ ପୁଣିଥରେ ଉକ୍ତ ପ୍ରସଙ୍ଗକୁ ଉଠାଉଛୁ।

ଉତ୍ତମ ସଂପର୍କ ପ୍ରତିଷ୍ଠା ଲାଗି ଉଦ୍ୟମ କରାଯାଉଛି। ଗ୍ରାମୀଣ କ୍ଷେତ୍ରର ବିକାଶ ଲାଗି ଯୋଜନା ପ୍ରସ୍ତୁତି ଦାୟିତ୍ୱ ପଞ୍ଚାୟତିରାଜ ପ୍ରତିଷ୍ଠାନ ଗୁଡ଼ିକର ରହିଛି। ଏହି ସଂପର୍କ ଜିଲା ସ୍ତରରୁ ପ୍ରତିଷ୍ଠା କରାଯିବା ଜରୁରୀ। ପୌର ନିଗମ, ଜିଲା ପରିଷଦ ସହଯୋଗରେ କେତେକ ରାଜ୍ୟରେ ଆଗାମୀ ଆବଶ୍ୟକତାକୁ ବିଚାରକୁ ନେଇ ଯୋଜନା ପ୍ରସ୍ତୁତ କରାଯାଉଛି। ଆବଶ୍ୟକତାକୁ ଚିହ୍ନଟ କଲେ କେବଳ ହେବନି; ଏଥିପାଇଁ ପରବର୍ତ୍ତୀ ପ୍ରଗତିମୂଳକ କାର୍ଯ୍ୟ ସଠିକ୍ ଦିଗରେ କରିବାକୁ ପଡ଼ିବ।

ଭବିଷ୍ୟତ ସହରାଞ୍ଚଳ ଯୋଜନାରେ ଆଞ୍ଚଳିକ ଆଭିମୁଖ୍ୟ ବେଶ୍ ବଢ଼ିଛି। ପୌର ନିଗମ ଓ ମହାନଗର କ୍ଷେତ୍ରୀୟ ସ୍ତରରେ ଦୀର୍ଘମିଆଦୀ ସହର ପରିକଳ୍ପନା ଲାଗି ଆଭ୍ୟନ୍ତରୀଣ ଇଲାକାକୁ ଏବେ ଧ୍ୟାନଦେବା ସମୟର ଆବଶ୍ୟକତା। ସହରାଞ୍ଚଳକୁ ଏକ ନିର୍ଦ୍ଧାରିତ ସୀମା ଭିତରେ ବାନ୍ଧି ଦିଆଯିବା ଅନୁଚିତ। ସହରର ସଂପର୍କ ଏହାର ପାରିପାର୍ଶ୍ୱିକ ଓ ଆଭ୍ୟନ୍ତରୀଣ ଅଞ୍ଚଳକୁ ନେଇ। ଏହି ଆବଶ୍ୟକତାର ଭବିଷ୍ୟତ ଦୂରଦୃଷ୍ଟିକୁ ବିଚାର କରି ସହର ଯୋଜନା କରାଯିବା ଦରକାର। ପାରିପାର୍ଶ୍ୱିକ ଇଲାକାର ଅର୍ଥନୈତିକ ବିକାଶ ଦିଗରେ ଏହା ଅପରିହାର୍ଯ୍ୟ। ଏହା ସହରାଞ୍ଚଳ ଓ ଆଭ୍ୟନ୍ତରୀଣ ଅଞ୍ଚଳ ମଧ୍ୟରେ ବିକାଶର ଉତ୍ତମ ସମନ୍ୱୟ ରକ୍ଷା କରିବାରେ ସକ୍ଷମ। ଏକ ନିର୍ଦ୍ଦିଷ୍ଟ ସହରର ଯୋଜନା କରିବା ଅପେକ୍ଷା ଯେଉଁ ସବୁ ଅଞ୍ଚଳରେ ବୃହତ୍ ଏବଂ ସଂପ୍ରସାରିତ ସହର ଓ ଉପନଗରୀ ପରସ୍ପର ସହ ପାଖାପାଖି ରହିଛନ୍ତି ସେଠାରେ ଏକ ସମୁଚ୍ଚୟ ବ୍ୟବସ୍ଥାର ଭିତ୍ତିଭୂମି ସଂରଚନା ଓ ଯୋଜନା ପ୍ରସ୍ତୁତି ଅଧିକ ଉପଯୋଗୀ ହୋଇଥାଏ; ମାତ୍ର ଗୋଟିଏ ସହରର ଯୋଜନା ଅପେକ୍ଷା ଆଞ୍ଚଳିକ (ବୃହତ୍) କ୍ଷେତ୍ରର ଯୋଜନା ପ୍ରସ୍ତୁତି ଅପେକ୍ଷାକୃତ କମ୍ ବିସ୍ତୃତ ଓ ଅଧିକ କୋହଳ ରହିଥାଏ। ତେବେ ବିକାଶର ଦିଗ କେଉଁ କେଉଁ ଅଞ୍ଚଳ ପର୍ଯ୍ୟନ୍ତ ଏହାକୁ ପହଞ୍ଚାଯାଇପାରିବ ସେଥିପାଇଁ ଦୂରଦୃଷ୍ଟି ଥିବା ଜରୁରୀ। ସେହି ଅଞ୍ଚଳ ଭିତରେ ଥିବା ଛୋଟ ଛୋଟ ନଗର ଓ ଉପନଗରୀ ସହିତ ଉତ୍ତମ ସମନ୍ୱୟ ଦରକାର। ଗ୍ରାମୀଣ ଇଲାକା ଏସବୁ ଉପନଗରୀ ସହ ଅଭ୍ୟସ୍ତ ଓ ପରିଚିତ ହୋଇଥିବା ଲୋଡ଼ା। ଗ୍ରାମୀଣ ଭାରତର ଆଧୁନିକୀକରଣ ଦିଗରେ ସହରାଞ୍ଚଳ ସହିତ ଗ୍ରାମାଞ୍ଚଳର ବିକାଶକୁ ମଧ୍ୟ ସାଥୀରେ ନେବାକୁ ପଡ଼ିବ। କାରଣ ପଲ୍ଲୀ ହେଉଛି ନଗରର ଆତ୍ମା। ଗ୍ରାମୀଣ ଭାରତର ବିକାଶରେ ହିଁ ଅସଲ ପ୍ରଗତି ଆସିପାରିବ।

**(ଉକ୍ତ ପ୍ରବନ୍ଧଟି 'ଯୋଜନା'ର ଜାନୁୟାରୀ ୧୯୬୫ ସଂସ୍କରଣର 'ସହରାଞ୍ଚଳ କ୍ଷେତ୍ର' ସ୍ୱତନ୍ତ୍ର ପ୍ରସଙ୍ଗରୁ ଉଦ୍ଧୃତ। ଡକ୍ଟର ଭି.ନାଥ ବିକାଶମୂଳକ ଅର୍ଥନୀତିର ଜଣେ ପ୍ରଖ୍ୟାତ ଅର୍ଥନୀତିଜ୍ଞ ଏବଂ ଭାରତୀୟ ପ୍ରଶାସନିକ ସେବାର ଜଣେ ସେବାନିବୃତ୍ତ ଅଧିକାରୀ। ସେ ଯୋଜନା ଆୟୋଗ, ଭାରତର ଜନଗଣନା ସଂସ୍ଥା ଏବଂ ଜାତିସଂଘରେ ବିଭିନ୍ନ ପଦରେ ବେଶ୍ ସଫଳତାର ସହ କାର୍ଯ୍ୟ କରିଛନ୍ତି)**

-----------------

# ପ୍ରାକୃତିକ ଜଙ୍ଗଲ ସୃଷ୍ଟି: ୟାଦାଦ୍ରି, ତେଲେଙ୍ଗାନାର ଏକ ଅଧ୍ୟୟନ

ଡକ୍ଟର ଜି. ଚନ୍ଦ୍ରଶେଖର ରେଡ୍ଡୀ

ଭାରତର ଅଧିକାଂଶ ଅଞ୍ଚଳରେ ସମୟ ସମୟରେ ପ୍ରଦୂଷଣର ପ୍ରାଦୁର୍ଭାବ ଦେଖାଦେଉଛି। ଏହାକୁ ରୋକିବା ପାଇଁ ଆବଶ୍ୟକ ଅଧିକ ଜଙ୍ଗଲ। ଏ କ୍ଷେତ୍ରରେ ଉପଯୁକ୍ତ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ତେଲେଙ୍ଗାନା ରାଜ୍ୟରେ ଅଧିକ ଜଙ୍ଗଲ ସୃଷ୍ଟିକରି ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ ଭବିଷ୍ୟତ ନିର୍ମାଣ କରାଯାଇପାରିଛି।

ଭାରତରେ ଜଙ୍ଗଲ ପରିଚାଳନା ଓ ଧାରଣକ୍ଷମ ପରିବେଶ ସନ୍ତୁଳନ ବଜାୟ ରଖିବା ପାଇଁ ବ୍ୟବସ୍ଥିତ ଢଙ୍ଗରେ ପ୍ରୟାସ ଚାଲିଛି। ଏଥିପାଇଁ ଅଭିନବ ଉପାୟ ଅବଲମ୍ବନ କରାଯାଉଛି। ତେବେ ଭାରତର ବିବିଧ ଜଳବାୟୁ ପରିସ୍ଥିତି ଓ ମୃତ୍ତିକା ଭିନ୍ନତା ଯୋଗୁଁ ପ୍ରାକୃତିକ ଜଙ୍ଗଲ ପୁନଃସୃଜନକୁ ନେଇ କୌଣସି ବିଦ୍ଧବଦ୍ଧ ବୈଜ୍ଞାନିକ ଅଧ୍ୟୟନ କରାଯାଇପାରିନାହିଁ।

କେବଳ ଚାରାରୋପଣ ନୁହଁ ବରଂ ଏକ ସମ୍ପୂର୍ଣ୍ଣ ଜଙ୍ଗଲ ସୃଷ୍ଟି ପାଇଁ ତେଲେଙ୍ଗାନାର ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ ହେଉଛି 'ତେଲେଙ୍ଗାନାକୁ ହରିଥ ହରମ'। ଏହି କାର୍ଯ୍ୟକ୍ରମକୁ ନେଇ ଜନସାଧାରଣରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି। ଏକଥା ମଧ୍ୟ ଚିନ୍ତା କରାଯାଇଛି ଯେ ଯେଉଁଠି ଜଙ୍ଗଲ ନଷ୍ଟ କରିବାର ଆବଶ୍ୟକତା ଉଠୁଛି ସେଠାରେ ଅନ୍ୟତ୍ର ଜଙ୍ଗଲ ସୃଷ୍ଟିକରି କ୍ଷତିପୂରଣ କରାଯିବା ଉଚିତ୍। ଏହି ପରିପ୍ରେକ୍ଷୀରେ ଜାପାନର ଜଣେ ଜଣାଶୁଣା ଉଦ୍ଭିଦ ବିଜ୍ଞାନୀ, ପରିବେଶବିତ୍ ଓ ପ୍ରାକୃତିକ ଉପାୟରେ ଜଙ୍ଗଲ ସୃଷ୍ଟି ପଦ୍ଧତିର ବିଶେଷଜ୍ଞ ପ୍ରଫେସର ଆକିରା ମିଆୱାକିଙ୍କ ନୀତି ପ୍ରଣିଧାନ ଯୋଗ୍ୟ। ମିଆୱାକିଙ୍କ ପଦ୍ଧତି ହେଉଛି ଛୋଟ ଜମିରେ ଦେଶୀ ପ୍ରଜାତି ଗଛର ଚାରା ରୋପଣ କରି ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କରିବା ଓ ସେହିଭଳି ତଳିଆ ଅଞ୍ଚଳକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା। ତେଲେଙ୍ଗାନାରେ ମିଆୱାକିଙ୍କ ପଦ୍ଧତି ଅନୁସାରେ ସ୍ୱଳ୍ପ ଖର୍ଚ୍ଚରେ ଓ ଅବକ୍ଷୟିଷ୍ଣୁ ସ୍ଥାନରେ ପ୍ରାକୃତିକ ଜଙ୍ଗଲ ସୃଷ୍ଟି କରାଯାଇପାରିଛି। ଏହି ପ୍ରକଳ୍ପର ନାଁ ହେଉଛି ୟାଦାଦ୍ରି ପ୍ରାକୃତିକ ଜଙ୍ଗଲ।

**ପ୍ରାକୃତିକ ଜଙ୍ଗଲ (ମିଆୱାକିଙ୍କ ନୀତି ଆଧାରିତ)**

- ଚାରା ମଧ୍ୟରେ ବ୍ୟବଧାନକୁ ନେଇ କୌଣସି ନିର୍ଦ୍ଦିଷ୍ଟ ନିୟମ ନଥାଏ।
- ଚାରାରୋପଣ ପୂର୍ବରୁ ମାଟିର ଉପଯୁକ୍ତ ପୋଷଣ।
- ହେକ୍ଟର ପିଛା ପ୍ରାୟ ୧୦ ହଜାର ଚାରାରୋପଣ। ଏଥିରେ ଲତା, ବୁଦା ଓ ଗଛ ଚାରା ସାମିଲ୍।
- ଦେଶୀୟ ଗଛର ମଞ୍ଜି ରୋପଣ।
- ଚାରାରୋପଣ ପରେ ଅନ୍ତତଃ ପରବର୍ତ୍ତୀ ବର୍ଷାଦିନ ପର୍ଯ୍ୟନ୍ତ ଜଳସେଚନ।
- ଚାରାରୋପଣ ପରେ ଅନ୍ୟାନ୍ୟ ପଦାର୍ଥର ଏକ ଆସ୍ତରଣ ମାଟି ଉପରେ ପକାଇବା ଦରକାର। ଏହାଦ୍ୱାରା ଅନାବନା ଲତା ଆଦି ବଢ଼ିପାରନ୍ତି ନାହିଁ ଓ ବାଷ୍ପୀକରଣକୁ ମଧ୍ୟ ପ୍ରତିହତ କରିହୁଏ।
- ମୃତ୍ତିକା ପୋଷଣ ସମୟରେ ପୂର୍ବରୁ ଥିବା କୌଣସି ଗଛକୁ ନଷ୍ଟ କରାଯାଏ ନାହିଁ।
- ବନ୍ୟା ହେଲାଭଳି ଜଳସେଚନ ନକରି ଟ୍ୟାଙ୍କର ଓ ପାଇପ୍ ଦ୍ୱାରା ଜଳସେଚନ।
- ମଝିରେ ମଝିରେ ଅନାବନା ଘାସ ଆଦିର ମୂଳୋତ୍ପାଟନ।
- ଅଧିକ ଝଙ୍କାଳିଆଶ୍ରେଣୀ ଗଛ (ଉଦାହରଣ- ଫିକସ୍)ର ଚାରାରୋପଣ।
- ବିଭିନ୍ନ ଉଚ୍ଚତାବିଶିଷ୍ଟ ଗଛର ଚାରା/ମଞ୍ଜି ରୋପଣ। ଏହାଦ୍ୱାରା ପ୍ରାକୃତିକ ଜଙ୍ଗଲର ତ୍ରିସ୍ତରୀୟ ରୂପ ପରିପ୍ରକାଶ ହୁଏ।
- ମୃତ୍ତିକାର ଗୁଣକୁ ନେଇ ଏହାର ପୋଷଣ କରିବା ଉଚିତ୍।
- ଅନାବନା ଘାସ/ଲତା, ଗୁଳ୍ମ ବ୍ୟତୀତ ଅନ୍ୟ କୌଣସି ପ୍ରାକୃତିକ ଭାବେ ବଢୁଥିବା ଗଛକୁ ନଷ୍ଟ କରିବା ଅନୁଚିତ୍।

ଏହି ନୀତି ଅନୁସାରେ ମଣିଷ ମଧ୍ୟ ଏକ ଜଙ୍ଗଲ ସୃଷ୍ଟି କରିପାରିବ। ୟାଦାଦ୍ରି ମଡେଲ୍‌ର ଭଲ ଭାବେ ଅଧ୍ୟୟନ କରାଯାଇଛି ଏବଂ ସବୁଜିମା ସୃଷ୍ଟି ସହ ଜଳବାୟୁରେ ଉନ୍ନତି ଆଣିବା ପାଇଁ ଏହା ଏକ ବୈପ୍ଲବିକ ପଦକ୍ଷେପ ବୋଲି କୁହାଯାଇଛି। ଏହାର ଖର୍ଚ୍ଚ ଏକର ପିଛା ୨ ଲକ୍ଷ କିମ୍ବା ହେକ୍ଟର ପିଛା ୫ ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି।

**ପଦ୍ଧତି–**

ଏହି ମଡେଲ୍ ମୂଳରେ ରହିଛି ସ୍ୱଳ୍ପ ଜମିରେ ଅଧିକରୁ

ଅଧିକ ଚାରାରୋପଣ କରି ପ୍ରାକୃତିକ ଜଙ୍ଗଲ ସୃଷ୍ଟି କରିବା। ଚାରା ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ବ୍ୟବଧାନ ନଥାଏ ଓ ହେକ୍ଟର ପିଛା ପ୍ରାୟ ୧୦ ହଜାର ପର୍ଯ୍ୟନ୍ତ ଚାରାରୋପଣ କରାଯାଇଥାଏ। ଏଥିରେ ମାଟି ପରୀକ୍ଷା, ମାଟିର ପୋଷଣ, ଉପଯୁକ୍ତ ଚାରା, ଜୈବ ଖତସାର ପ୍ରୟୋଗ ଓ ଉପଯୁକ୍ତ ଜଳସେଚନ ଉପରେ ଗୁରୁତ୍ୱ ଦିଆଯାଇଥାଏ। ଏଥିପାଇଁ ଜମି ଚିହ୍ନଟ ପ୍ରକ୍ରିୟାକୁ ମଧ୍ୟ ଧ୍ୟାନରେ ରଖାଯାଇଥାଏ।

**ମୃତ୍ତିକା ପରୀକ୍ଷା ଓ ପୋଷଣ**

ଏକ ନିର୍ଦ୍ଦିଷ୍ଟ ଜମିରେ ଚାରାଗୁଡ଼ିକର ଘନତାକୁ ଧାରଣକ୍ଷମ କରିବା ପାଇଁ ନିମ୍ନଲିଖିତ ପଦକ୍ଷେପଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ।

● ଗୋଟିଏ ଏକର ଜମିକୁ ୩୦ ସେଣ୍ଟିମିଟର ପର୍ଯ୍ୟନ୍ତ ଖୋଳାଯାଏ ଓ ମାଟିକୁ ଜମି ଚାରିପଟେ ରଖାଯାଏ।

● ଏହାପରେ ଜମିଟିକୁ ୧୦ ସେଣ୍ଟିମିଟର ଗଭୀରତା ପର୍ଯ୍ୟନ୍ତ ହଳ କରାଯାଏ।



● ପ୍ରାୟ ୪ ଟନ୍ ଶୁଖିଲା କିମ୍ବା କଞ୍ଚା ପତ୍ର ଓ ଘାସକୁ ହଳ କରାଯାଇଥିବା ଜମି ଉପରେ ୫ ସେଣ୍ଟିମିଟର ବହଳରେ ପକାଯାଇଥାଏ।



● ଏହାପରେ ଜମିର ଚାରିପଟେ ରଖାଯାଇଥିବା ମାଟିରେ ୧୦ ସେଣ୍ଟିମିଟର ବହଳରେ ଜମିକୁ ଢାଙ୍କି ଦିଆଯାଇଥାଏ। ତା'ପରେ ଜମିକୁ ତିନିଦିନ ପର୍ଯ୍ୟନ୍ତ ପାଣି ଦିଆଯାଏ, ଯଦ୍ଵାରା ତଳେ ଥିବା ଘାସ ଏବଂ ପତ୍ର ପଚିବା ଆରମ୍ଭ କରେ।

● ଜିଆ ସମେତ ଦୁଇ ଟନ୍ ଭର୍ମି କମ୍ପୋଷ୍ଟ ଓ ୬ ଟନ୍ ଜୈବ ଖତସାର ସେହି ଜମି ଉପରେ ବିଛି ଦିଆଯାଏ।

● ଜମିର ଚାରିପଟେ ରଖାଯାଇଥିବା ବଳକା ମାଟି ଏହି ଜମି ଉପରେ ପକାଇ ଦିଆଯାଏ।

● ଅବଶିଷ୍ଟ ମାଟିରେ ଏହି ଜମିର ହିଡ଼ ତିଆରି ହୁଏ।

● ଏହାପରେ ଜମିରେ ୩ ଦିନ ପର୍ଯ୍ୟନ୍ତ ପାଣି ଦିଆଯାଏ।

● ତିନି ସପ୍ତାହ ପରେ ଜମିକୁ ଭଲ ଭାବେ ହଳ କରାଯାଏ।

● ଚାରାରୋପଣ ପାଇଁ ୩୦ ଘନ ସେଣ୍ଟିମିଟର ଗାତ ଖୋଳାଯାଏ। ଅଙ୍କୁରିତ ବୀଜରୋପଣ ପାଇଁ ମଧ୍ୟ ଆବଶ୍ୟକତା ଅନୁଯାୟୀ ଗାତ କରାଯାଇଥାଏ।

**ମୃତ୍ତିକା ପୋଷଣର ଅନ୍ୟ ପଦ୍ଧତି**

**ପ୍ରଥମ ପଦ୍ଧତି: ଗୋଷ୍ଠୀ ଜମିରେ**

● ଗାଈ, ବଳଦ, ଛେଳି ଭଳି ଗୃହପାଳିତ ପଶୁଙ୍କୁ ଖରାଦିନେ ତିନିମାସ ପାଇଁ ନିର୍ଦ୍ଦିଷ୍ଟ ଜମିରେ ରଖାଯାଏ। ଯଦ୍ଵାରା ସେହି ଜମିରେ ସେମାନଙ୍କ ଖତ, ପରିସ୍ରା ଆଦି ପଡ଼ି ଜମିକୁ ଉର୍ବର କରିଥାଏ। ଏଥିପାଇଁ ସ୍ଥାନୀୟ ଚାଷୀଙ୍କୁ ଆର୍ଥିକ ସାହାଯ୍ୟ ଦିଆଯାଏ।


● ଜୁନ୍ ମାସର ପ୍ରଥମ ବର୍ଷା ପରେ ଜମିକୁ ଚାଷ କରି ସେଥିରେ ଖତସାର ସୃଷ୍ଟି ପାଇଁ ଉଦ୍ଦିଷ୍ଟ ମଞ୍ଜି ବୁଣାଯାଏ। ଦୁଇମାସ ପରେ ସେହି ଜମିକୁ ପୁଣିଥରେ ହଳ କରାଯାଏ ଓ ପରେ ଚାରାରୋପଣ କରାଯାଏ।

● ମଲ୍‌ଚିଙ୍ଗ୍ ବା ଜମି ଉପରେ ଆସ୍ତରଣ ବିଛାଇବା ପାଇଁ ଧାନ କେଣ୍ଡା ବଦଳରେ ନିମ୍ବ ଆଦି ଗଛର କଅଁଳ ଡାଳର ବ୍ୟବହାର କରାଯାଏ। ଏହା ଜମିକୁ ପୋଷଣ ଦେବା ସହ ଆର୍ଦ୍ରତାକୁ ଟାଣି ରଖିଥାଏ।

**ଦ୍ୱିତୀୟ ପଦ୍ଧତି: ସଂରକ୍ଷିତ ଜଙ୍ଗଲ ଜମିରେ**

● ନଷ୍ଟ ପ୍ରାୟ ଜଙ୍ଗଲ ଜମି ଚିହ୍ନଟ।

● କୃଷି/ଶସ୍ୟ ବର୍ଜ୍ୟ ଓ ଗୃହପାଳିତ ପଶୁଙ୍କ ଖତ ଆଦି ସେହି ଜମିରେ ପକାଯାଏ। ଏହାଦ୍ୱାରା ଜମିର






ଉର୍ବରତା ବଢ଼େ ।

● ପ୍ରଥମ ବର୍ଷା ପରେ ଖତସାରରେ ପରିଣତ ହେଉଥିବା ଉପଯୁକ୍ତ ଚାରାରୋପଣ କରାଯାଏ ଓ ଦୁଇମାସ ପରେ ଜମିକୁ ହଳ କରାଯାଏ ।

● ୩୦ ଘନ ସେଣ୍ଟିମିଟର ବିଶିଷ୍ଟ ଗାତ ଖୋଳି ଚାରାରୋପଣ କରାଯାଏ ।

● ମଲ୍‌ଚିଙ୍ଗ୍ ଆଦି ପାଇଁ ନିମ୍ବ ଡାଳ ପ୍ରଭୃତି ବ୍ୟବହାର କରାଯାଇଥାଏ ।

**ତୃତୀୟ ପଦ୍ଧତି- ସହରୀ ଅଞ୍ଚଳରେ ଜଙ୍ଗଲ ସୃଷ୍ଟି**

● ଜମି ଚିହ୍ନଟ କରି ଜମିକୁ ଭଲ ଭାବେ ଚାଷ କରିବା ।

● ବର୍ଜ୍ୟ ପନିପରିବା, ଘାସପତ୍ର ଆଦି ଜମିରେ ପକାଇବା ।

● ପୁଣିଥରେ ଜମି ଚଷିବା ପରେ ଗାତ ଖୋଳି ଚାରାରୋପଣ କରିବା ।

● ମଲ୍‌ଚିଙ୍ଗ୍ ପାଇଁ ନିମ୍ବଡାଳ ଆଦିର ଆସ୍ତରଣ ଜମିରେ ପକାଇବା ।

**ଦେଶୀୟ ଗଛ**

ଏହି ପ୍ରକ୍ରିୟାରେ ଉପଯୁକ୍ତ ଗଛ ଚିହ୍ନଟ କରିବା ଗୁରୁତ୍ୱପୂର୍ଣ୍ଣ । ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଗଛର





ଗୋଟିଏ ମାସ ପରେ ଜଙ୍ଗଲ

ଗୋଟିଏ ବର୍ଷ ପରେ ଜଙ୍ଗଲ

ଚାରା ବ୍ୟବହାର କଲେ ସେଗୁଡ଼ିକର ବଞ୍ଚିବା ସମ୍ଭାବନା ବଢ଼ିଥାଏ । ମଧ୍ୟମ ଧରଣର ଝଙ୍କାଳିଆ ଗଛର ଚାରା ଉପଯୋଗ କରାଯିବା ଆବଶ୍ୟକ । ଏ ସମ୍ପର୍କରେ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ନିମ୍ନରେ ପ୍ରଦତ୍ତ ହୋଇଛି-

● ବିଭିନ୍ନ ଧରଣର ଅଙ୍କୁରିତ ବୀଜ ବା ଚାରା ଲଗାଇବା ଉଚିତ୍ । ଏହାଦ୍ୱାରା ଜଙ୍ଗଲଟି ତ୍ରିସ୍ତରୀୟ ହୋଇଥାଏ ।

● ଏକ ଏକର ଜମିରେ ୨୦ ପ୍ରକାରର ପ୍ରାୟ ୪୦୦୦ ଚାରା ଆବଶ୍ୟକ ।

● ଅତି ଝଙ୍କାଳିଆ ଗଛ ଚାରା ନଲଗାଇବା ଉଚିତ୍ ।

● ସମଗ୍ର ଜମିରେ ପତ୍ର ଝାଡୁଥିବା ଓ ଚିରହରିତ୍ ପ୍ରଜାତି ଗଛ ଚାରାରୋପଣ କରିବା ଉଚିତ୍ ।

● ଚାରାରୋପଣ ପରେ ମାଟି ଉପରେ ଶୁଖିଲା ଘାସର ଚାଦର ବିଛାଇବା ଦରକାର ।

● ଜଳସେଚନ ପାଇଁ ଟ୍ୟାଙ୍କର କିମ୍ବା ସ୍ପ୍ରିଂକଲର୍ ବ୍ୟବହାର କରିବା ବିଧେୟ ।

● ବର୍ଷାଦିନ ସରିବା ପର୍ଯ୍ୟନ୍ତ ନିୟମିତ ବ୍ୟବଧାନରେ ଅନାବନା ଗଛ ଉପାଡ଼ିବା ଦରକାର ।

● ଚାରା ଆଦିକୁ ଚରାପଶୁଙ୍କ ଠାରୁ ସୁରକ୍ଷିତ ରଖିବା ଉଚିତ୍ । ବାଡ଼ ଦେଇ କିମ୍ବା ଜଗୁଆଳି ଦ୍ୱାରା ଏହା କରାଯାଇପାରେ ।

● ଜମିରେ ବଡ଼ ଖାଲ ଆଦି ନରହିବା ଦରକାର । କାରଣ ଏହା ଜମିର ସମସ୍ତ ଉର୍ବରକକୁ ଶୋଷି ନେଇଥାଏ ।

**ଫଳାଫଳ**

● ଜମି ପିଛା ଅଧିକ ଜୈବ ବିବିଧତା ।

● ପ୍ରଜାପତି, ପକ୍ଷୀ, ସରୀସୃପ ଓ ଗୁଣ୍ଡୁଚି ମୂଷାଙ୍କ ଭଳି ବନ୍ୟଜନ୍ତୁଙ୍କ ଆଶ୍ରୟସ୍ଥଳୀ, ବହୁସ୍ତରୀୟ ପ୍ରାକୃତିକ ଜଙ୍ଗଲ ସୃଷ୍ଟି, ଜମି ପିଛା ଅଧିକ କାର୍ବନ ଶୋଷଣ, ଧାରଣକ୍ଷମ ଜଙ୍ଗଲ ।

**କାର୍ଯ୍ୟାନ୍ୱୟନ**

● ଏଥିପାଇଁ ୦.୧ରୁ କମ୍ ଘନତାବିଶିଷ୍ଟ ପ୍ରାକୃତିକ ଜଙ୍ଗଲ ଜମିରେ ଏହା କରାଯାଇପାରେ ।

● ମୃତ୍ତିକା ଓ ଜଳ ସଂରକ୍ଷଣ ପାଇଁ ଉପଯୋଗୀ ।

● ଏହାଦ୍ୱାରା ପ୍ରତ୍ୟେକ ଗ୍ରାମରେ ବାର୍ଷିକ ୧ ଲକ୍ଷ ଗଛ ସମ୍ବଳିତ ୧୦ ହେକ୍ଟର ପ୍ରାକୃତିକ ଜଙ୍ଗଲ ସୃଷ୍ଟି ।

● ଏତଦ୍‌ବ୍ୟତୀତ ୫ ବର୍ଷରେ ପ୍ରତ୍ୟେକ ଗାଁରେ ୫ ଲକ୍ଷ ଗଛ ସମ୍ବଳିତ ୫୦ ହେକ୍ଟର ପ୍ରାକୃତିକ ସମ୍ବଳ ସୃଷ୍ଟି କରିବା ପାଇଁ ଏହା ଏକ ସୁଯୋଗ ।

**ଲେଖକ ହେଉଛନ୍ତି ତେଲେଙ୍ଗାନା ରାଜ୍ୟ ବନବିଭାଗର ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ**
**Email ID: chandrasreddyg@gmail.com**

## ବିକାଶର ରୋଡ୍‌ମ୍ୟାପ୍

# ମିଶନ ଇନ୍ଦ୍ରଧନୁଶ୍-୨.୦- ସାର୍ବଜନୀନ ଟିକାକରଣ

ଲକ୍ଷ୍ୟ ହେଉଛି ଜାତୀୟସ୍ତରରେ ୯୦ ପ୍ରତିଶତ ଟିକାକରଣ। ଏଥିପାଇଁ ଆସନ୍ତା ଡିସେମ୍ବର ମାସରୁ ୨୦୨୦ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଆରମ୍ଭ ହେଉଛି ସଘନ ଇନ୍ଦ୍ରଧନୁଶ ଅଭିଯାନ ୨.୦। ବିଗତ ଟିକାକରଣ ପର୍ଯ୍ୟାୟର ଅଭିଜ୍ଞତା ଓ ଅନୁଭୂତିକୁ ପାଥେୟ କରି ଏହି ଅଭିଯାନ ୨୭ଟି ରାଜ୍ୟର ୨୭୧ଟି ଜିଲ୍ଲା ସମେତ ଉତ୍ତରପ୍ରଦେଶ ଓ ବିହାରର ଆଦିବାସୀ ଓ ଦୁର୍ଗମ ଅଞ୍ଚଳର ୬୫୨ଟି ବ୍ଲକ୍‌ରେ ହାତକୁ ନିଆଯିବ।

ଦେଶ ପାଇଁ ସ୍ୱାସ୍ଥ୍ୟ ଓ ଜନକଲ୍ୟାଣର ସର୍ବୋଚ୍ଚ ମାନଦଣ୍ଡ ହାସଲ କରିବାକୁ ଭାରତ ସରକାର ସମର୍ପିତ। ସାର୍ବଜନୀନ ସ୍ୱାସ୍ଥ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ଟିକାକରଣ କାର୍ଯ୍ୟକ୍ରମ ଏକ ବିଶେଷ ଆବଶ୍ୟକତା। ଅନେକଗୁଡ଼ିଏ ରୋଗ ପାଇଁ ଟିକାକରଣ ହେଉଛି ଏକ ପ୍ରତିଷେଧକ। ଏହି ଲକ୍ଷ୍ୟ ସହ ପିଲାଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏଭଳି ଟିକାକରଣ ଅଭିଯାନର ଅବଦାନ ଗୁରୁତ୍ୱପୂର୍ଣ୍ଣ। ପୂର୍ବ ବର୍ଷମାନଙ୍କରେ ଏ ଦିଗରେ କରାଯାଇଥିବା ପ୍ରୟାସ ସଫଳ ହୋଇ ସମସ୍ତଙ୍କ ପାଇଁ ସମାନତାଭିତ୍ତିକ ସ୍ୱାସ୍ଥ୍ୟସେବା ଯୋଗାଣ ଲକ୍ଷ୍ୟରେ ଭାରତର ଆସ୍ଥାକୁ ପ୍ରମାଣିତ କରୁଛି।




ଶିଶୁ ମୃତ୍ୟୁହାର ଓ ଶକ୍ତିହୀନତା ବିରୁଦ୍ଧରେ ପ୍ରଥମେ ୧୯୭୮ ମସିହାରେ 'ଟିକାକରଣର ବିସ୍ତାରିତ କାର୍ଯ୍ୟକ୍ରମ' ହାତକୁ ନିଆଯାଇଥିଲା। ପରେ ୧୯୮୫ ମସିହାରେ ଏହାର ପୁନଃନାମକରଣ କରାଗଲା 'ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ' ଭାବରେ। ସମଗ୍ର ବିଶ୍ୱରେ ଭାରତର ଟିକାକରଣ କାର୍ଯ୍ୟକ୍ରମ ହେଉଛି ସର୍ବବୃହତ୍। ଏଥିରେ ସାମିଲ୍ ହୁଅନ୍ତି ବାର୍ଷିକ ପ୍ରାୟ ୨୬.୫ ନିୟୁତ ଶିଶୁ ଓ ୨୯ ନିୟୁତ ଗର୍ଭବତୀ ମହିଳା। ଏ କ୍ଷେତ୍ରରେ ପ୍ରଗତି ସତ୍ତ୍ୱେ ଗତାନୁଗତିକ ଟିକାକରଣର ବ୍ୟାପକତା ଆଶାନୁରୂପ ନୁହଁ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୪ ଅନୁସାରେ ଭାରତରେ ସମ୍ପୂର୍ଣ୍ଣ ଟିକାକରଣର ହାର ୬୨ ପ୍ରତିଶତ। ସମ୍ପୂର୍ଣ୍ଣ ଟିକାକରଣକୁ ବାଧିତ କରୁଥିବା କାରଣଗୁଡ଼ିକ ହେଉଛି ଦ୍ରୁତ ସହରାୟନ, ସ୍ଥାନାନ୍ତରିତ ଲୋକସଂଖ୍ୟାରେ ବୃଦ୍ଧି ଓ ଜନସଚେତନତାର ଅଭାବ।

ଟିକାକରଣକୁ ଏକ ପ୍ରତିଷେଧକ ବ୍ୟବସ୍ଥା ଭାବରେ ଗ୍ରହଣ କରି ଭାରତ ଅନେକ ରୋଗକୁ ଉଲ୍ଲେଖନୀୟ ଭାବେ ପ୍ରତିହତ କରିପାରିଛି। ସେହି ରୋଗଗୁଡ଼ିକ ମଧ୍ୟରେ ଅଛନ୍ତି ବସନ୍ତ, ପୋଲିଓ ଏବଂ ମାତୃ ଓ ନବଜାତ ଶିଶୁ ଧନୁଷ୍ଟଙ୍କାର। ବୃହତ୍ ଜନସଂଖ୍ୟା, ଅନୁନ୍ନତ ପରିମଳ ବ୍ୟବସ୍ଥା ଓ ଦୁର୍ଗମ ଅଞ୍ଚଳ ସତ୍ତ୍ୱେ ସରକାରଙ୍କ ଟିକାକରଣ ବେଶ୍ ସଫଳତା ହାସଲ କରିଛି। ଏଥିପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ହେଉଛି- ସ୍ଥାନୀୟ ଗୋଷ୍ଠୀ ସମ୍ପୃକ୍ତି, ଅନ୍ୟାନ୍ୟ ମନ୍ତ୍ରଣାଳୟ ଓ ସଂସ୍ଥାର ସହଯୋଗ, ତଦାରଖ ବ୍ୟବସ୍ଥା ଓ ଜନସଚେତନତା ଅଭିଯାନ ପରିଚାଳନା। ଶୈଶବାବସ୍ଥା ଟିକାକରଣର ନିମ୍ନ ହାର ଯୋଗୁଁ ୨୦୧୪ ମସିହାରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ମିଶନ ଇନ୍ଦ୍ରଧନୁଶ୍ ଅଭିଯାନ ଆରମ୍ଭ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଅବହେଳିତ, ଅନିଚ୍ଛୁକ ଓ ଅପହଞ୍ଚ ଜନତାଙ୍କୁ ଏହି ଅଭିଯାନରେ ସାମିଲ୍ କରିବା। ଏମାନଙ୍କ

ମଧ୍ୟରେ ଥିଲେ ପୂର୍ବରୁ ବାଦ୍ ପଡ଼ିଥିବା ଗର୍ଭବତୀ ମହିଳା ଓ ଶିଶୁ। ଏଥିଯୋଗୁଁ ଏହି ଅଭିଯାନର ପ୍ରଥମ ଦୁଇଟି ପର୍ଯ୍ୟାୟ ପରେ ସମ୍ପୂର୍ଣ୍ଣ ଟିକାକରଣରେ ୬.୭ ପ୍ରତିଶତ ବୃଦ୍ଧି ହୋଇଥିଲା। ୨୦୧୭ ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀ ସଘନ ଇନ୍ଦ୍ରଧନୁଶ୍ ମିଶନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଅବହେଳିତ ଅଞ୍ଚଳକୁ ସାମିଲ୍ କରି ୯୦ ପ୍ରତିଶତ ସମ୍ପୂର୍ଣ୍ଣ ଟିକାକରଣ ହାସଲ କରିବା। ଏହାଦ୍ୱାରା ଗତାନୁଗତି ଟିକାକରଣ କାର୍ଯ୍ୟକ୍ରମକୁ ଏକ ଜନଆନ୍ଦୋଳନରେ ପରିଣତ କରାଗଲା।

ଜାତୀୟସ୍ତରରେ କ୍ୟାବିନେଟ୍ ସଚିବାଳୟର ଦାୟିତ୍ୱ ଥିଲା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବ୍ୟତୀତ ଅନ୍ୟ ୧୨ଟି ମନ୍ତ୍ରଣାଳୟ ମଧ୍ୟରେ ଏହି ଅଭିଯାନ ପାଇଁ ସମନ୍ୱୟ ସ୍ଥାପିତ କରିବା। ଜିଲ୍ଲାସ୍ତରରେ ସମନ୍ୱୟ ପାଇଁ ଜିଲ୍ଲା କାର୍ଯ୍ୟଦଳ ଗଠନ କରାଗଲା। ଉପଖଣ୍ଡସ୍ତରରେ କାର୍ଯ୍ୟକର୍ତ୍ତା ଓ ଅନ୍ୟାନ୍ୟ ବିଭାଗର କର୍ମକର୍ତ୍ତାଙ୍କ ମଧ୍ୟରେ ଅଭିଜ୍ଞତା ବିନିମୟ ଉପରେ ପ୍ରାଧାନ୍ୟ ଦିଆଗଲା।

ସଘନ ଇନ୍ଦ୍ରଧନୁଶ୍ ଅଭିଯାନ ବଳରେ ୧୯୦ଟି ଜିଲ୍ଲାରେ ସମ୍ପୂର୍ଣ୍ଣ ଟିକାକରଣ ହୋଇଥିବା ଶିଶୁଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଲା। ଅନ୍ତଃବିଭାଗୀୟ ଓ ଅନ୍ତଃକ୍ଷେତ୍ରୀୟ ସମନ୍ୱୟ ଯୋଗୁଁ ଏପରି ସମ୍ଭବ ହେଲା। ଏହି ଅଭିଯାନର ସମସ୍ତ ପର୍ଯ୍ୟାୟରେ ମୋଟ ୩.୩୯ କୋଟି ଶିଶୁ ଓ ୮୭.୧୮ ଲକ୍ଷ ଗର୍ଭବତୀ ମହିଳାଙ୍କ ଟିକାକରଣ କରାଗଲା।

## ପ୍ରମୁଖ ବିନ୍ଦୁ

● ରବିବାର ଓ ଛୁଟିଦିନ ବ୍ୟତୀତ ସପ୍ତାହକୁ ଚାରୋଟି ପର୍ଯ୍ୟାୟରେ ଏହି ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

● ଟିକାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ କୋହଳ ସମୟସୀମା ବ୍ୟତୀତ ଗତିଶୀଳ ଟିକାକରଣ ବ୍ୟବସ୍ଥା ଓ ଅନ୍ୟାନ୍ୟ ବିଭାଗର ସହଯୋଗ ହାସଲ ପାଇଁ ବ୍ୟବସ୍ଥା।

● ବାଦ୍ ପଡ଼ିଥିବା ଓ ଅନିଚ୍ଛୁକବର୍ଗ ପରିବାର ସମେତ ଅପହଞ୍ଚ ଇଲାକାର ବ୍ୟକ୍ତିଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ। ସହରୀ, ଅବହେଳିତ ଓ ଆଦିବାସୀ ଅଞ୍ଚଳ ପ୍ରତି ବିଶେଷ ଧ୍ୟାନ।

● ଆନ୍ତଃମନ୍ତ୍ରଣାଳୟ ଓ ଆନ୍ତଃବିଭାଗୀୟ ସମନ୍ୱୟ।

● ରାଜନୈତିକ, ପ୍ରଶାସନିକ ଓ ଆର୍ଥିକ ପ୍ରତିବଦ୍ଧତା।

● ଚାରୋଟି ପର୍ଯ୍ୟାୟ ବିଶିଷ୍ଟ ଏହି ଅଭିଯାନ ଡିସେମ୍ବର ୨୦୧୯ରୁ ମାର୍ଚ୍ଚ ୨୦୨୦ ମଧ୍ୟରେ ଅନୁଷ୍ଠିତ ହେବ।

● ଏହାପରେ ନିଜ ନିଜ ସ୍ତରରେ ଗତାନୁଗତି ଟିକାକରଣ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ରାଜ୍ୟଗୁଡ଼ିକର ଭୂମିକା।

● ସର୍ବେକ୍ଷଣ ଦ୍ୱାରା ଏହି ଅଭିଯାନର ଧାରଣକ୍ଷମତା ଆକଳନ।

ଏହି ଅଭିଯାନରେ ମହିଳା ଓ ଶିଶୁ ବିକାଶ, ପଞ୍ଚାୟତିରାଜ, ଗୃହ ନିର୍ମାଣ ଓ ସହରୀ ବ୍ୟାପାର, ଯୁବ ବ୍ୟାପାର ଆଦି ମନ୍ତ୍ରଣାଳୟଗୁଡ଼ିକର ଭାଗୀଦାରି ରହିବ। ଏହାଦ୍ୱାରା ଅଭିଯାନର ସଫଳତା ସୁନିଶ୍ଚିତ କରାଯାଇପାରିବ ଓ ଅପହଞ୍ଚ ବ୍ୟକ୍ତି ପର୍ଯ୍ୟନ୍ତ ମଧ୍ୟ ଏହାର ସୁଫଳ ପହଞ୍ଚିପାରିବ। ସେହିଭଳି ଅନ୍ୟାନ୍ୟ ବିଭାଗ ଓ ଅନୁଷ୍ଠାନ ସମେତ ସ୍ଥାନୀୟ ଗୋଷ୍ଠୀଙ୍କୁ ମଧ୍ୟ ଏହି ଅଭିଯାନରେ ସଂଶ୍ଲିଷ୍ଟ କରାଯିବ। ବେସରକାରୀ ସଂସ୍ଥା, ଏନ୍‌ଏସ୍‌ଏସ୍, ଏନ୍‌ସିସି, ନେହରୁ ଯୁବକେନ୍ଦ୍ର ଆଦିକୁ ଜନସହଯୋଗ ହାସଲ ପାଇଁ ନିୟୋଜିତ କରାଯିବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ୟୁନିସେଫ୍, ୟୁଏନ୍‌ଡିପି, ଆଇପିଇ ଗ୍ଲୋବାଲ୍ ଓ ରୋଟାରୀ ଇଣ୍ଟରନ୍ୟାସ୍‌ନାଲ୍ ଆଦି ସଂସ୍ଥା ଏହି ଅଭିଯାନରେ ସରକାରଙ୍କ ପ୍ରୟାସରେ ଅଂଶୀଦାର ହେବେ। କେତେକ ରାଜ୍ୟରେ ଆବଶ୍ୟକତା ଅନୁଯାୟୀ ବୈଷୟିକ ସହାୟତା କେନ୍ଦ୍ର ସ୍ଥାପନ କରାଯିବ।

ଏହି ଅଭିଯାନ ଦ୍ୱାରା ୫ ବର୍ଷରୁ କମ୍ ବୟସ୍କ ଶିଶୁ ମୃତ୍ୟୁହାରକୁ ଆହୁରି ହ୍ରାସ କରାଯାଇପାରିବ ଓ ୨୦୩୦ ସୁଦ୍ଧା ପ୍ରତିରୋଧ କରିହେଉଥିବା ଶିଶୁ ମୃତ୍ୟୁକୁ ରୋକାଯାଇପାରିବ। ଏହା ହେଉଛି ଧାରଣକ୍ଷମ ବିକାଶ ଲକ୍ଷ୍ୟଗୁଡ଼ିକ ମଧ୍ୟରେ ଅନ୍ୟତମ। ପୂର୍ବ ଅଭିଜ୍ଞତାକୁ ଆଧାର କରି ଏବଂ ବିଭିନ୍ନ ଗୋଷ୍ଠୀ ଓ ବର୍ଗ ଭିତରେ ସମନ୍ୱୟ ସ୍ଥାପନ କରି ଏକ ରୋଗମୁକ୍ତ ଭାରତ ଗଠନ ପାଇଁ ଏପରି ଅଭିଯାନର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ। ଏହି ଯାତ୍ରାରେ ଟିକାକରଣ ଏକ ଅନିବାର୍ଯ୍ୟ ଆବଶ୍ୟକତା ଯାହା ଆମର ବର୍ତ୍ତମାନକୁ ସୁରକ୍ଷା ଦେବା ସହିତ ଏକ ସ୍ୱାସ୍ଥ୍ୟବାନ ଭବିଷ୍ୟତକୁ ମଧ୍ୟ ସୁନିଶ୍ଚିତ କରିବ।

***ଉତ୍ସ: ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର***

## 'ଭାରତୀୟ ଅଦାଲତ: ଅତୀତରୁ ବର୍ତ୍ତମାନ' ପୁସ୍ତକର ଆସାମୀୟ ସଂସ୍କରଣ ଉନ୍ମୋଚିତ




୨୦୧୯ ନଭେମ୍ବର ୧୦ ତାରିଖ ଦିନ ଭାରତର ପ୍ରଧାନ ନ୍ୟାୟାଧୀଶ ନ୍ୟାୟମୂର୍ତ୍ତି ରଞ୍ଜନ ଗୋଗୋଇ ଗୌହାଟୀ ଠାରେ ଏହି ପୁସ୍ତକଟିର ବିମୋନଚନ କରିଥିଲେ। ଭାରତୀୟ ଅଦାଲତ ଓ ଅନ୍ୟାନ୍ୟ ଅନୁରୂପ ଅନୁଷ୍ଠାନଗୁଡ଼ିକର ସମୃଦ୍ଧ ଓ ଜଟିଳ ଇତିହାସକୁ ନେଇ ଏହି ପୁସ୍ତକଟି ରଚିତ। ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟିକୁ ବିମୋଚନ କରି ନ୍ୟାୟମୂର୍ତ୍ତି ଗୋଗୋଇ ଏହାକୁ ନ୍ୟାୟର ସ୍ଥାପତ୍ୟ ଭାବେ ଅଭିହିତ କରିଥିଲେ। ଭାରତୀୟ ନ୍ୟାୟ ବ୍ୟବସ୍ଥାର ଏକ ଉନ୍ନତ ବ୍ୟାଖ୍ୟା କରାଯାଇଥିବାରୁ ଏହି ପୁସ୍ତକଟିକୁ ସେ ପ୍ରଶଂସା କରିଥିଲେ।

ଆଇନର ଛାତ୍ରଛାତ୍ରୀମାନେ ଏହି ପୁସ୍ତକ ପଢ଼ିବା ପାଇଁ ସେ ପରାମର୍ଶ ଦେଇଥିଲେ। ଆସାମର ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍, ଭାରତର ପରବର୍ତ୍ତୀ ପ୍ରଧାନ ନ୍ୟାୟାଧୀଶ ନ୍ୟାୟମୂର୍ତ୍ତି ଶରଦ ଅରବିନ୍ଦ ବୋବ୍‌ଡେ ଓ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଏହି ଅବସରରେ ଉପସ୍ଥିତ ଥିଲେ। ଶ୍ରୀ ସୋନୋୱାଲ୍ କହିଥିଲେ ଯେ ଆସାମର ସମସ୍ତ ସରକାରୀ ପୁସ୍ତକାଳୟକୁ ଏହି ପୁସ୍ତକ ଯୋଗାଇ ଦିଆଯିବ। ନିଜ ଅଭିଭାଷଣରେ ନ୍ୟାୟମୂର୍ତ୍ତୀ ବୋବ୍‌ଡେ ଏହି ପୁସ୍ତକଟିକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଏହି ପୁସ୍ତକଟି ଅନ୍ୟ ଭାଷାରେ ମଧ୍ୟ ଅନୁବାଦ ହେବା ଉଚିତ୍।



ଏହି ଅବସରରେ ଆକାଶବାଣୀ ସମ୍ବାଦ ବିଭାଗ ଓ ପ୍ରକାଶନ ବିଭାଗର ପ୍ରଧାନ ମହାନିର୍ଦ୍ଦେଶକ ଇରା ଯୋଶୀ ମଧ୍ୟ ଉପସ୍ଥିତ ଥିଲେ। ଏହି ପୁସ୍ତକଟି ପୂର୍ବରୁ ଇଂରାଜୀ ଭାଷାରେ ପ୍ରକାଶିତ ହୋଇସାରିଛି।

*ଉତ୍ସ: ଆକାଶବାଣୀ, ୧୦ ନଭେମ୍ବର ୨୦୧୯*

## ଆପଣ ଜାଣନ୍ତି କି ?

## ଭାରତର ନୂତନ ପ୍ରଧାନ ନ୍ୟାୟାଧୀଶ: ନ୍ୟାୟମୂର୍ତ୍ତି ଶରଦ ଅରବିନ୍ଦ ବୋବ୍‌ଡେ



ରାଷ୍ଟ୍ରପତି ଭବନର ଦରବାର ହଲ୍‌ରେ ୧୮ ନଭେମ୍ବର ୨୦୧୯ରେ ଅନୁଷ୍ଠିତ ଏକ ସମାରୋହରେ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ନ୍ୟାୟାଧୀଶ ଭାବେ ନ୍ୟାୟମୂର୍ତ୍ତି ଶରଦ ଅରବିନ୍ଦ ବୋବ୍‌ଡେ ରାଷ୍ଟ୍ରପତିଙ୍କ ସମ୍ମୁଖରେ ଶପଥ ଗ୍ରହଣ କରିଥିଲେ।

ନ୍ୟାୟମୂର୍ତ୍ତି ବୋବ୍‌ଡେ ୧୨ ଏପ୍ରିଲ୍ ୨୦୧୩ ଠାରୁ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ କାର୍ଯ୍ୟ କରିଆସୁଛନ୍ତି। ଏହା ପୂର୍ବରୁ ୨୦୧୨ ମସିହା ଅକ୍ଟୋବର ୧୬ ତାରିଖରୁ ୬ ମାସ ପାଇଁ ସେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ତୁଲାଇଥିଲେ। ବମ୍ବେ ଉଚ୍ଚ ନ୍ୟାୟାଳୟରେ ମାର୍ଚ୍ଚ ୨୯, ୨୦୦୦ ମସିହା ଠାରୁ ଅତିରିକ୍ତ ଜଜ୍ ଭାବେ ଓ ୨୮ ମାର୍ଚ୍ଚ, ୨୦୦୨ ମସିହା ଠାରୁ ସ୍ଥାୟୀ ଜଜ୍ ଭାବେ ମଧ୍ୟ ସେ ନିଜ କର୍ତ୍ତବ୍ୟ ନିର୍ବାହନ କରିଥିଲେ।

୧୯୫୬ ମସିହା ଏପ୍ରିଲ୍ ୨୪ ତାରିଖରେ ଜନ୍ମିତ ନ୍ୟାୟମୂର୍ତ୍ତି ବୋବ୍‌ଡେ ୧୯୭୮ ମସିହା ସେପ୍ଟେମ୍ବର ୧୩ ତାରିଖରେ ଜଣେ ଓକିଲ ଭାବରେ ପଞ୍ଜୀକୃତ ହୋଇଥିଲେ। ବମ୍ବେ ଉଚ୍ଚ ନ୍ୟାୟାଳୟର ନାଗପୁର ପୀଠରେ ସେ ନିଜର ଓକିଲାତି ଜୀବନ ଆରମ୍ଭ କରିଥିଲେ ଓ ସମୟ ସମୟରେ ବମ୍ବେ ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟରେ ମଧ୍ୟ ବିଭିନ୍ନ ଦେୱାନୀ, ସାମ୍ବିଧାନିକ, ଶ୍ରମ, କମ୍ପାନି, ନିର୍ବାଚନ ଓ ଟିକସ ଆଦି ବିଷୟ ସମ୍ପର୍କିତ କେସ୍‌ଗୁଡ଼ିକ ପାଇଁ ଓକିଲାତି କରିଥିଲେ।

*ଉତ୍ସ: www.nalsa.gov.in/ ପତ୍ର ସୂଚନା କାର୍ଯ୍ୟାଳୟ, ୧୫ ନଭେମ୍ବର ୨୦୧୯*

## ପଞ୍ଚଦଶ ଅର୍ଥ କମିଶନ

| | | |
|---|---|---|
|  | ଅଧ୍ୟକ୍ଷ | **ଶ୍ରୀ ଏନ୍. କେ. ସି**<br>ପୂର୍ବତନ ସଂସଦ ସଦସ୍ୟ ଓ ଭାରତ ସରକାରଙ୍କ ପୂର୍ବତନ ସଚିବ |
|  | ସଦସ୍ୟ | **ଶ୍ରୀ ଅଜୟ ନାରାୟଣ ଝା**<br>ଭାରତ ସରକାରଙ୍କ ପୂର୍ବତନ ବିତ୍ତ ସଚିବ |
|  | ସଦସ୍ୟ | **ଡକ୍ଟର ଅନୁପ ସିଂ**<br>ଆମେରିକାସ୍ଥିତ ଜର୍ଜ ଟାଉନ୍ ବିଶ୍ୱବିଦ୍ୟାଳୟର ଆଡ୍‌ଜଙ୍କଟ ପ୍ରଫେସର |
|  | ସଦସ୍ୟ | **ଡକ୍ଟର ଅଶୋକ ଲାହିରି**<br>ଭାରତର ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଏବଂ ବନ୍ଧନ ବ୍ୟାଙ୍କ୍‌ର ପୂର୍ବତନ ଅଧ୍ୟକ୍ଷ (ଅଣ-କାର୍ଯ୍ୟନିର୍ବାହୀ) |
|  | ସଦସ୍ୟ (ଅଂଶକାଳୀନ) | **ଡକ୍ଟର ରମେଶ ଚାନ୍ଦ**<br>ନୀତି ଆୟୋଗର ସଦସ୍ୟ |
|  | ସଚିବ | **ଶ୍ରୀ ଅରବିନ୍ଦ ମେହେଟ୍ଟା** |

ଭାରତୀୟ ସମ୍ବିଧାନର ଧାରା ୨୮୦ ଅଧିନରେ ରାଷ୍ଟ୍ରପତିଙ୍କ ଦ୍ୱାରା ବିତ୍ତ ଆୟୋଗ ଗଠନର ବ୍ୟବସ୍ଥା ରହିଛି। ଏହାର ଉଦ୍ଦେଶ୍ୟ ହେଉଛି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଓ ରାଜ୍ୟ ରାଜ୍ୟ ଭିତରେ ଟିକସ ରାଜସ୍ୱର ବିତରଣକୁ ନେଇ ରାଷ୍ଟ୍ରପତିଙ୍କୁ ସୁପାରିସ କରିବା। ଆୟୋଗର କାର୍ଯ୍ୟଧାରାର ଦୁଇଟି ବିଶେଷ ବିନ୍ଦୁ ହେଉଛି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ଲାଗୁ କରିବା କ୍ଷମତା ଓ ବ୍ୟୟ ଆବଶ୍ୟକତା ଏବଂ ସମସ୍ତ ରାଜ୍ୟରେ ସରକାରୀ ସେବାର ସମତୁଲତା।

ବିତ୍ତ ଆୟୋଗ ଦ୍ୱାରା ରାଷ୍ଟ୍ରପତିଙ୍କୁ ଦିଆଯାଉଥିବା ସୁପାରିସଗୁଡ଼ିକ ନିମ୍ନରେ ପ୍ରଦତ୍ତ ହୋଇଛି-

- କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଟିକସ ରାଜସ୍ୱ ବଣ୍ଟନ ଓ ବିଭିନ୍ନ ରାଜ୍ୟ ମଧ୍ୟରେ ରାଜସ୍ୱ ଆବଣ୍ଟନ
- କନ୍‌ସୋଲିଡେଟେଡ୍ ଫଣ୍ଡ ଅଫ୍ ଇଣ୍ଡିଆରୁ ରାଜ୍ୟଗୁଡ଼ିକୁ ଦିଆଯାଉଥିବା ଗ୍ରାଣ୍ଟ୍ ଇନ୍ ଏଡ୍ ପଛରେ ଥିବା ନିୟମାବଳୀ।
- ନଗରପାଳିକା ଓ ପଞ୍ଚାୟତଗୁଡ଼ିକର ସମ୍ବଳ ବର୍ଦ୍ଧନ ପାଇଁ ରାଜ୍ୟଗୁଡ଼ିକର କନ୍‌ସୋଲିଡେଟେଡ୍ ଫଣ୍ଡ୍ ସୁଦୃଢ଼ୀକରଣ ପାଇଁ ଉପାୟ।
- ଉତ୍ତମ ବିତ୍ତୀୟ ପ୍ରବନ୍ଧନ ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ଇଚ୍ଛିତ ଅନ୍ୟ ଯେକୌଣସି ବିଷୟରେ ନିଜର ମତାମତ ଦେବା।

ସଂସଦ ଦ୍ୱାରା ପାରିତ ଆଇନ ଅନୁଯାୟୀ ଏହି ଆୟୋଗ ନିଜର କାର୍ଯ୍ୟ ପ୍ରଣାଳୀ ଓ କ୍ଷମତା ନିର୍ଦ୍ଧାରଣ କରିଥାଏ।

### ବିତ୍ତ ଆୟୋଗର ଐତିହାସିକ ପୃଷ୍ଠଭୂମି

ଦେଶରୁ ଆର୍ଥିକ ବିଭେଦ ଓ ଅସମାନତା ଦୂରୀକରଣ ପାଇଁ, ଅର୍ଥାଭାବ ଦୂର କରି ଜନସାଧାରଣଙ୍କ ଆଶା, ଆକାଂକ୍ଷା ପୂରଣ ସକାଶେ ଯଥାସମ୍ଭବ ପ୍ରୟାସ ପାଇଁ ଏବଂ ରାଜ୍ୟଗୁଡ଼ିକ ଆବଶ୍ୟକ କରୁଥିବା ସମ୍ବଳ ପ୍ରଦାନ ପାଇଁ ବିତ୍ତ ଆୟୋଗ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିଷ୍ପାଦନ କରିଥାଏ। ଏଥିଯୋଗୁଁ ଭାରତୀୟ ସମ୍ବିଧାନରେ କେତେକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି:-

୧. ଧାରା ୨୬୮- କେନ୍ଦ୍ର ଦ୍ୱାରା ଟିକସ ଧାର୍ଯ୍ୟ କିନ୍ତୁ ରାଜ୍ୟଗୁଡ଼ିକ ଦ୍ୱାରା ସଂଗ୍ରହ।

୨. ଧାରା ୨୬୯- କେନ୍ଦ୍ର ଦ୍ୱାରା ଟିକସ ଧାର୍ଯ୍ୟ ଓ ସଂଗ୍ରହ କିନ୍ତୁ ରାଜ୍ୟଗୁଡ଼ିକ ମଧ୍ୟରେ ବଣ୍ଟନ।

୩. ଧାରା ୨୭୦- ସମସ୍ତ କେନ୍ଦ୍ରୀୟ ଟିକସ ରାଜସ୍ୱର କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବଣ୍ଟନ।

୪. ଧାରା ୨୭୧- କେତେକ ନିର୍ଦ୍ଦିଷ୍ଟ ଟିକସ ଉପରେ ଉପକର ଧାର୍ଯ୍ୟ।

୫. ଧାରା ୨୭୪- ରାଜ୍ୟଗୁଡ଼ିକର ସ୍ୱାର୍ଥଜନିତ ଯେକୌଣସି ବିଧେୟକ ପାଇଁ ରାଷ୍ଟ୍ରପତିଙ୍କ ପୂର୍ବାନୁମୋଦନ।

୬. ଧାରା ୨୭୫- ରାଜ୍ୟଗୁଡ଼ିକର ରାଜସ୍ୱ ସମ୍ବର୍ଦ୍ଧନ ପାଇଁ ବୈଧାନିକ ଅନୁଦାନ।

୭. ଧାରା ୨୮୦- ବିତ୍ତ ଆୟୋଗ ଗଠନ।

୮. ଧାରା ୨୮୧- ବିତ୍ତ ଆୟୋଗଙ୍କ ସୁପାରିସ।

୯. ଧାରା ୨୮୨- କୌଣସି ସରକାରୀ କାର୍ଯ୍ୟ ପାଇଁ ଅନୁଦାନ।

୧୦. ଧାରା ୨୯୩- କୌଣସି ସରକାରୀ କାର୍ଯ୍ୟ ପାଇଁ ଋଣ।


କେନ୍ଦ୍ର ଦ୍ୱାରା ରାଜ୍ୟଗୁଡ଼ିକ ପାଇଁ ଅର୍ଥ ଆବଣ୍ଟନ ସକାଶେ ସମ୍ବିଧାନରେ ଏକ ଆନୁଷ୍ଠାନିକ ବ୍ୟବସ୍ଥା ସୃଷ୍ଟି କରିବା କଥା ଉଲ୍ଲେଖ ରହିଛି। ସେହି ଅନୁଷ୍ଠାନଟି ହେଉଛି ବିତ୍ତ ଆୟୋଗ। ଏହାର କାର୍ଯ୍ୟକାଳ ୫ ବର୍ଷ।

କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଟିକସ ରାଜସ୍ୱର ବଣ୍ଟନ ଓ ରାଜ୍ୟ-ରାଜ୍ୟ ମଧ୍ୟରେ ଏହାର ଯଥୋଚିତ ଆବଣ୍ଟନ ତଥା ଅର୍ଥ ଆବଶ୍ୟକ କରୁଥିବା ରାଜ୍ୟଗୁଡ଼ିକୁ ଅନୁଦାନ ପ୍ରଦାନକୁ ନେଇ ନୀତି ନିର୍ଦ୍ଧାରଣ କରିବା ବ୍ୟତିରେକ ବିତ୍ତ ଆୟୋଗର ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହେଉଛି ରାଜ୍ୟଗୁଡ଼ିକର ସଞ୍ଚିତ ପାଣ୍ଠିକୁ ମଜବୁତ୍ କରି ନଗରପାଳିକା ଓ ପଞ୍ଚାୟତଗୁଡ଼ିକର ଅର୍ଥାଭାବ ଦୂର କରିବା। ଏହି କାର୍ଯ୍ୟଟିକୁ ୧୯୯୨ ମସିହାରେ ସମ୍ବିଧାନର ୭୩ତମ ଓ ୭୪ତମ ସଂଶୋଧନ ଦ୍ୱାରା ଯୋଡ଼ା ଯାଇଥିଲା। ଏହି ଦୁଇଟି ଆଇନ୍ ଦ୍ୱାରା ପଞ୍ଚାୟତ ଓ ନଗରପାଳିକାକୁ ବୈଧାନିକ ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା।

### ପୂର୍ବବର୍ତ୍ତୀ ବିତ୍ତ ଆୟୋଗ (୧ରୁ ୧୪)

| ଆୟୋଗ | ଅଧକ୍ଷ | ଗଠନ ତାରିଖ |
|---|---|---|
| ୧ | ଶ୍ରୀ କେ.ସି. ନିଓଗି | ୨୨.୧୧.୧୯୫୧ |
| ୨ | | ୦୧.୦୬.୧୯୫୬ |
| ୩ | ଶ୍ରୀ ଅଶୋକ କୁମାର ଚନ୍ଦା | ୦୨.୧୨.୧୯୬୦ |
| ୪ | ଡକ୍ଟର ପି.ଭି. ରାଜାମନ୍ନାର | ୦୫.୦୫.୧୯୬୪ |
| ୫ | ଶ୍ରୀ ମହାବୀର ତ୍ୟାଗୀ | ୨୯.୦୨.୧୯୬୮ |
| ୬ | ଶ୍ରୀ କେ. ବ୍ରହ୍ମାନନ୍ଦ ରେଡ୍ଡୀ | ୨୮.୦୬.୧୯୭୨ |
| ୭ | ଶ୍ରୀ ଜେ. ଏମ୍ ସେଲାତ | ୨୨.୦୬.୧୯୭୭ |
| ୮ | ଶ୍ରୀ ୱାଇ.ବି. ଚୌହାନ | ୨୦.୦୬.୧୯୮୨ |
| ୯ | ଶ୍ରୀ ଏନ୍.କେ.ପି ସାଲ୍‌ଭେ | ୧୭.୦୬.୧୯୮୭ |
| ୧୦ | ଶ୍ରୀ କେ.ସି. ପନ୍ତ | ୧୫.୦୬.୧୯୯୨ |
| ୧୧ | ପ୍ରଫେସର ଏ.ଏମ୍. ଖୁସ୍‌ରୁ | ୦୩.୦୭.୧୯୯୮ |
| ୧୨ | ଡକ୍ଟର ଶ୍ରୀ ରଙ୍ଗରାଜନ | ୦୧.୧୧.୨୦୦୨ |
| ୧୩ | ଡକ୍ଟର ବିଜୟ ଏଲ୍ କେଲ୍‌କାର | ୧୩.୧୧.୨୦୦୭ |
| ୧୪ | ଡକ୍ଟର ୱାଇ.ଭି. ରେଡ୍ଡି | ୦୨.୦୧.୨୦୧୩ |

# କର୍ତ୍ତାରପୁର କରିଡର ଠାରେ ସମନ୍ୱିତ ଚେକ୍‌ପୋଷ୍ଟ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



୨୦୧୯ ନଭେମ୍ବର ୯ ତାରିଖ ଦିନ ପଞ୍ଜାବର ଗୁରୁଦାସପୁର ଜିଲ୍ଲାସ୍ଥିତ କର୍ତ୍ତାରପୁର କରିଡର ଠାରେ ପ୍ରଧାନମନ୍ତ୍ରୀ ସମନ୍ୱିତ ଚେକ୍‌ପୋଷ୍ଟକୁ ଉଦ୍‌ଘାଟନ କରିବା ସହ ଶ୍ରଦ୍ଧାଳୁଙ୍କ ପ୍ରଥମ ଦଳକୁ ବିଦାୟ ଦେଲେ। ଏହାପୂର୍ବରୁ ସେ ଯାତ୍ରୀମାନଙ୍କ ଆଗମନ/ପ୍ରସ୍ଥାନ ସ୍ଥଳକୁ ବୁଲି ଦେଖିଥିଲେ ଏବଂ ଗୁରୁ ନାନକ ଦେବଜୀଙ୍କ ଜୀବନ ଉପରେ ଆଧାରିତ ଏକ ଡିଜିଟାଲ୍ କାର୍ଯ୍ୟକ୍ରମ ମଧ୍ୟ ଅବଲୋକନ କରିଥିଲେ। ଏତଦ୍‌ବ୍ୟତୀତ ପ୍ରସ୍ଥାନ କରିବା ପୂର୍ବରୁ ଶ୍ରଦ୍ଧାଳୁଙ୍କ ପ୍ରଥମ ଦଳ ସହ ସେ ବାର୍ତ୍ତାଳାପ କରିଥିଲେ।


**କର୍ତ୍ତାରପୁର କରିଡରସ୍ଥିତ ସମନ୍ୱିତ ଚେକ୍‌ପୋଷ୍ଟ**

ଏହି ଫାଟକ ଦେଇ ଶ୍ରଦ୍ଧାଳୁମାନେ ପାକିସ୍ତାନସ୍ଥିତ ଗୁରୁଦ୍ୱାର କର୍ତ୍ତାରପୁର ସାହେବକୁ ଯାଇପାରିବେ। ଆନ୍ତର୍ଜାତିକ ସୀମାରେଖାର ଜିରୋ ପଏଣ୍ଟ ଠାରେ କର୍ତ୍ତାରପୁର ସାହେବ କରିଡରର କାର୍ଯ୍ୟକାରିତାକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଅକ୍ଟୋବର ୨୪, ୨୦୧୯ରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଠାରେ ସ୍ମରଣଯୋଗ୍ୟ ଯେ ନଭେମ୍ବର ୨୨, ୨୦୧୮ ଦିନ କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଗୁରୁ ନାନକ ଦେବଜୀଙ୍କ ୫୫୦ତମ ଜନ୍ମବାର୍ଷିକୀକୁ ସମଗ୍ର ଦେଶ ଏବଂ ବିଦେଶରେ ଉପଯୁକ୍ତ ମର୍ଯ୍ୟାଦାର ସହ ପାଳନ କରିବା ପାଇଁ ଏକ ପ୍ରସ୍ତାବ ପାରିତ ହୋଇଥିଲା। ଏହାସହିତ ଯାତ୍ରୀମାନଙ୍କ ସୁବିଧା ପାଇଁ ଡେରା ବାବା ନାନକ ଠାରୁ ଆନ୍ତର୍ଜାତିକ ସୀମା ପର୍ଯ୍ୟନ୍ତ କର୍ତ୍ତାରପୁର ସାହେବ କରିଡ଼ର ନିର୍ମାଣ ଓ ବିକାଶ ଯୋଜନାକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଥିଲା।

**ବୁଝାମଣାର ପ୍ରମୁଖ ବିନ୍ଦୁ ଓ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟବସ୍ଥା**

- ଡେରା ବାବା ନାନକ ସହ ଅମୃତସର-ଗୁରୁଦାସପୁର ରାଜପଥର ସଂଯୁକ୍ତିକରଣ ପାଇଁ ୧୨୦ କୋଟି ଟଙ୍କା ବିନିଯୋଗରେ ୪.୨ କିଲୋମିଟର ଦୀର୍ଘ ଚାରିଥାକିଆ ସଡ଼କ ନିର୍ମାଣ।
- ଯାତ୍ରୀ ସୁବିଧା ପାଇଁ ୧୫ ଏକର ଜମିରେ ଅତ୍ୟାଧୁନିକ ସୁବିଧାଯୁକ୍ତ ପାସେଞ୍ଜର ଟର୍ମିନାଲ୍ ବିଲ୍ଡିଂ ନିର୍ମାଣ। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଏହି କୋଠା ଦେଖିବାକୁ ଏକ ବିମାନବନ୍ଦର ପରି। ଦୈନିକ ୫ ହଜାର ଶ୍ରଦ୍ଧାଳୁଙ୍କ ସହାୟତା ପାଇଁ ଏଠାରେ ୫୦ରୁ ଊର୍ଦ୍ଧ୍ୱ ଇମିଗ୍ରେସନ୍ କେନ୍ଦ୍ର ଖୋଲାଯାଇଛି।
- ମୁଖ୍ୟ ବିଲ୍ଡିଂରେ ପ୍ରସାଧନ କକ୍ଷ, ଶିଶୁ ଯତ୍ନ କେନ୍ଦ୍ର, ଡାକ୍ତରୀ ଚିକିତ୍ସା, ଖାଦ୍ୟପେୟ ଓ ପ୍ରାର୍ଥନା କକ୍ଷ ଆଦି ସୁବିଧା ସୁଯୋଗ ରହିଛି।
- ଯାତ୍ରୀ ସୁରକ୍ଷା ପାଇଁ ସିସିଟିଭି ଓ ଡାକବାଜି ଯନ୍ତ୍ର ଆଦି ଖଞ୍ଜାଯାଇଛି।
- ଏହି କରିଡରକୁ ସମସ୍ତ ଭାରତୀୟ ଓ ସବୁ ଧର୍ମର ବ୍ୟକ୍ତି ଉପଯୋଗ କରିପାରିବେ। ଏଥିପାଇଁ କେବଳ ପାସ୍‌ପୋର୍ଟ ଆବଶ୍ୟକ।
- ଭାରତୀୟ ମୂଳ ବ୍ୟକ୍ତିବିଶେଷ ପାସ୍‌ପୋର୍ଟ ସହିତ ନିଜର ଓସିଆଇ କାର୍ଡ ମଧ୍ୟ ରଖିବା ଆବଶ୍ୟକ।

*ପଞ୍ଜୀକରଣ ପୋର୍ଟାଲ୍- prakashparb550.mha.gov.in*



***ଉତ୍ସ: ପତ୍ର ସୂଚନା କାର୍ଯ୍ୟାଳୟ***

## ସାମ୍ପ୍ରତୀକି

# 'କ୍ରୋମିୟମ ୨୦୧୯' ସମ୍ମିଳନୀ




ଓଡିଶାରେ ଗଚ୍ଛିତ ଅମାପ କ୍ରୋମିୟମ ବିଶ୍ୱ ଚାହିଦାକୁ ପୂରଣ କରିବାରେ ବଡ ଭୂମିକା ନେବ ବୋଲି ଗତ ଅକ୍ଟୋବର ୬ ତାରିଖରେ ନୂଆଦିଲ୍ଲୀ ଠାରେ ଅନ୍ତର୍ଜାତୀୟ କ୍ରୋମିୟମ ବିକାଶ ସଂଘ ପକ୍ଷରୁ ଆୟୋଜିତ କ୍ରୋମିୟମ ୨୦୧୯ ସମ୍ମିଳନୀରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଶାରେ ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ କ୍ରୋମ ଗଚ୍ଛିତ ଅଛି । ଯାହା ଅଧିକ ଗୁଣବତା ବା ଉଚ୍ଚ ମୂଲ୍ୟଯୁକ୍ତ ବିଶିଷ୍ଟ। ଦେଶରେ କ୍ରୋମିୟମ କ୍ଷେତ୍ରରେ ଓଡିଶା ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ବେଳେ ଓଡିଶା ଅଧିକରୁ ଅଧିକ ଘରୋଇ ନିଯୁକ୍ତି ସୃଷ୍ଟି କରିବାର ମଧ୍ୟ କ୍ଷମତା ରଖିଛି ସେ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଆମେରିକୀୟ ଡଲାରରେ ୫ ଟ୍ରିଲିୟନ ଅର୍ଥନୀତିକୁ ହାସଲ କରିବାର ଲକ୍ଷ୍ୟ ରଖିଛି । ତେଣୁ ଦେଶରେ ଉଭୟ ବ୍ୟବସାୟିକ ଓ ଜନସାଧାରଣଙ୍କ ଜୀବନଶୈଳୀ ଉପରେ ଅଧିକ ଯୋର ଦିଆଯାଇଛି । ପୁଞ୍ଜିନିବେଶ କରିବା ପାଇଁ ଭାରତ ଏକ ଉତ୍କୃଷ୍ଟ ସ୍ଥାନ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଭାରତ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏଠାରେ ପୁଞ୍ଜିନିବେଶ ବୃଦ୍ଧି କରିବା ନେଇ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ଉଦ୍ୟମ କରୁଛନ୍ତି । ରାଜନୈତିକ ସ୍ଥିରତା, ପୂର୍ବାନୁମାନ ନୀତି ଏବଂ ଗୋଟିଏ ବୃହତ ବଜାର ପାଇଁ ବିଶ୍ୱ ପୁଞ୍ଜିନିବେଶକାରୀଙ୍କ ପାଇଁ ଭାରତ ଏକ ଉତ୍କୃଷ୍ଟ ସ୍ଥାନ ହୋଇପାରିଛି ।

ଭାରତୀୟ ଇସ୍ପାତ କ୍ଷେତ୍ର ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିଗତ ପଦକ୍ଷେପ ଏବଂ ଇସ୍ପାତ୍ ଶିଳ୍ପ ଗୁଡିକର ଉଦ୍ୟମ କାରଣରୁ ଭାରତୀୟ ଇସ୍ପାତ କ୍ଷେତ୍ରରେ ବିଗତ ଦିନମାନଙ୍କରେ ଅନେକ ସୁପ୍ରଭାବ ପରିଲିକ୍ଷିତ ହୋଇଛି । ଭାରତରେ କଳଙ୍କ ଲାଗୁନଥିବା ଇସ୍ପାତର ଉତ୍ପାଦନ ଏବଂ ବ୍ୟବହାରର ବୃଦ୍ଧି ଦେଶର ଅର୍ଥନୀତିକୁ ମଜବୁତ୍ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ଶ୍ରୀ ପ୍ରଧାନ। ଶ୍ରୀ ପ୍ରଧାନ ଇଜ୍ ଅଫ୍ ଡୁଇଙ୍ଗ୍ ବିଜେନେସ୍ ଅର୍ଥାତ୍ ବ୍ୟବସାୟ କାରବାରରେ ଭାରତ ଲମ୍ବା ଲଙ୍ଫ ମାରିବା ଏବଂ କିଭଳି ପୁଞ୍ଜିନିବେଶ ନିମନ୍ତେ ଭାରତ ଏକ ଉତ୍କୃଷ୍ଟ ସ୍ଥଳ ହୋଇପାରିଛି ତାହା ଉପରେ ଚର୍ଚ୍ଚା କରିଥିଲେ । ଏହି ଅବସରରେ ସେ ବିଭିନ୍ନ ଉଦ୍ୟୋଗୀ ଏବଂ ପୁଞ୍ଜିନିବେଶକାରୀଙ୍କୁ ଭାରତ ସହ ସହଯୋଗୀ ହୋଇ ଦେଶର ବିକାଶ ଯାତ୍ରାରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରିଥିଲେ।

# ସାମ୍ପ୍ରତୀକି

## ଜାମସେଦପୁର ଠାରେ ପିଏନ୍‌ଜି, ସିଏନ୍‌ଜି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟର ଶିଳାନ୍ୟାସ

ଝାଡଖଣ୍ଡର ଜାମସେଦପୁର ଠାରେ ଗତ ନଭେମ୍ବର ୧ ତାରିଖରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ଯୋଜନା ଅଧୀନରେ ପ୍ରାକୃତିକ ଗ୍ୟାସ ପାଇପଲାଇନ(ପିଏନ୍‌ଜି) ଏବଂ ସିଏନଜି ଷ୍ଟେସନର ଉଦଘାଟନ କରିବା ସହ ୧୬୧.୫୦ କୋଟି ଟଙ୍କା ବ୍ୟୟରେ ଏଚ୍‌ପିସିଲ ଦ୍ୱାରା ନିର୍ମିତ ହେବାକୁ ଥିବା ଏଲପିଜି ବଟଲିଂ ପ୍ଲାଂଟର ଶିଳନ୍ୟାସ କରିଛନ୍ତି । ଏହି ଅବସରରେ ଗେଲ୍ ଇଣ୍ଡିଆ ଦ୍ୱାରା ନିର୍ମାଣ ହେବାକୁ ଥିବା ୧୨୫ କିମି ଲମ୍ବା ପୁରୁଲିଆ-ଜାମସେଦପୁର ସ୍ପରଲାଇନ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି ଶ୍ରୀ ପ୍ରଧାନ ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏଚପିସିଏଲର ବଟଲିଂ ପ୍ଲାଂଟ ଜାମସେଦପୁରର ଏବଂ ଆଖପାଖ ଅଂଚଳର ଉଜ୍ଜଳା ଯୋଜନା ଲାଭାର୍ଥୀଙ୍କ ଆବଶ୍ୟକତାକୁ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହାବ୍ୟତିତ ସିଏନଜି ଓ ପିଏନଜି ଦ୍ୱାରା ଏଠାରେ ପରିବେଶ ସୁରକ୍ଷିତ ରହିବ ଏବଂ ଲୋକଙ୍କୁ ଶସ୍ତା ଇନ୍ଧନ ଉପଲବ୍ଧ ହେବ । ଆଜି ଉଦଘାଟିତ ପ୍ରକଳ୍ପ ଦ୍ୱାରା ପାଇପରେ ପାଣି ଆସିବା ଭଳି ଅନୁରୂପ ଭାବେ ଲୋକମାନଙ୍କ ଘରେ ମଧ୍ୟ ପାଇପ ସାହାଯ୍ୟରେ ରନ୍ଧନ ଗ୍ୟାସ ପହଁଚିବ । ସେହିପରି ସହରରେ ସିଏନଜି ଗ୍ୟାସ ଉପଲବ୍ଧ ହେବ ଯଦ୍ୱାରା ଅଟୋ ଚାଳକମାନେ ଲାଭବାନ ହୋଇପାରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ନୂଆ ଜାମସେଦପୁର ବନାଇବାରେ ନରେନ୍ଦ୍ର ମୋଦି ଓ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ଉଦ୍ୟମରତ । ମୁମ୍ବାଇ, ଚେନ୍ନାଇ ତଥା ବାଙ୍ଗାଲୋର ଭଳି ମେଟ୍ରୋ ସିଟି ମାନଙ୍କରେ ଲୋକମାନେ ଯେପରି ଅତ୍ୟାଧୁନିକ ସୁବିଧା ପାଉଛନ୍ତି ଜାମସେଦପୁର ଭଳି ସ୍ଥାନରେ ମଧ୍ୟ ଏଭଳି ସୁବିଧା ଉପଲବ୍ଧ ହେବ । ଜାମସେଦପୁର ସହରର ବିଭିନ୍ନ ଉଦ୍ୟୋଗରେ ମଧ୍ୟ ଗ୍ୟାସ ଆଧାରିତ ଇନ୍ଧନ ପହଁଚୁ ଏହା ସରକାରଙ୍କ ଲକ୍ଷ୍ୟ । ଜାମସେଦପୁର ଠାରେ ୨୨୧ କୋଟି ଟଙ୍କା ବ୍ୟୟରେ ଏପରି ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି ।

ମୋଦି ସରକାର ପୂର୍ବ ଭାରତକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି । କେବଳ ପିଏନଜି, ସିଏନ୍‌ଜି ନୁହେଁ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ତଥା ରାସ୍ତାଘାଟ, ରେଳ, ଘରକୁ ପାଣି, ବିମାନ ସେବାର କାମ ପୂର୍ବ ଭାରତରେ ତ୍ୱରାନ୍ୱିତ ହୋଇଛି । ଦେଶର କୋଟି ଘରେ ଘରେ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ଏଲପିଜି ଗ୍ୟାସ ପହଁଚିପାରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

---

## ବିଶ୍ୱ ଜୈବ-ଭାରତ ୨୦୧୯ ସମ୍ମିଳନୀର ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତି କରିବା ପାଇଁ ଆମେ ଉଦ୍ୟମ ଜାରୀ ରଖିଥିବା ବେଳେ ଜୈବ ଉର୍ଜା ଏହି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଗତ ନଭେମ୍ବର ୧୧ ତାରିଖରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ବିଶ୍ୱ ଜୈବ-ଭାରତ ୨୦୧୯ ସମ୍ମିଳନୀର ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଉର୍ଜାର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜୈବ ଉର୍ଜା ଉପରେ ଭାରତ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ଦେଶର ନୂଆ ଜୈବ ଉର୍ଜା ନୀତି ଦେଶର ଅନ୍ନଦାତା କୃଷକଙ୍କୁ ଉର୍ଜାଦାତା କରିବା ପାଇଁ ବିଧିବଦ୍ଧ ଯୋଜନା କ୍ରିୟାନ୍ୱିତ କରୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଜୈବ ଅର୍ଥନୀତିର ବିକାଶ ପାଇଁ ଭାରତ ପାଖରେ ଅପାର ସମ୍ଭାବନା ଅଛି । ଟେକ୍ନୋଲୋଜି ଏବଂ ଦେଶର ଭୌଗଳିକ ସ୍ଥିତି ଏହି କ୍ଷେତ୍ରକୁ ବିକାଶିତ କରିବା ପାଇଁ ଯଥେଷ୍ଟ ସମ୍ଭାବନା ରଖିଛି । ନୂଆ ଯନ୍ତ୍ରପାତି ସାହାଯ୍ୟରେ ବର୍ଜ୍ୟ ବାୟୋମାସକୁ ରୂପାନ୍ତରିତ କରି ଜୈବଇନ୍ଧନ ବାହାର କରିବା ଦିଗରେ ଆମେ କାମ କରୁଅଛୁ ।

ସେ କହିଛନ୍ତି ଯେ ପେଟ୍ରୋଲିୟମ ମନ୍ତ୍ରାଳୟ ୩୦୦ କୋଟିର ଷ୍ଟାର୍ଟ-ଅପ୍ ଫଣ୍ଡ ପ୍ରତିଷ୍ଠା କରିଛି । ୨୦୨୪ ସୁଦ୍ଧା ୧୦୦ ବିଲିୟନ ଡଲାର ଜୈବ ଅର୍ଥନୀତି ବନାଇବାରେ ଯେଉଁ ଲକ୍ଷ୍ୟ ରହିଛି ତାହା ଭାରତ ପାଇଁ କମ୍ । ଜୈବ ଇନ୍ଧନ ଶିଳ୍ପକୁ ଏକ ନୂଆ ମଡେଲ ଦେବାରେ ଭାରତର ଅଧିକ କ୍ଷମତା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଆଜି ଦିନରେ ଭାରତର ମୁଣ୍ଡପିଛା କାର୍ବନ ଗ୍ୟାସ୍ ନିର୍ଗମନ ବିଶ୍ୱର ହାରାହାରି ହାର ଠାରୁ କମ୍ ରହିଛି ଏବଂ ଏହାକୁ ଆହୁରି କମ୍ କରିବା ପାଇଁ ଜୈବଇନ୍ଧନ ଉପଯୁକ୍ତ ମାଧ୍ୟମ । ତୈଳ ଆମଦାନୀକୁ ହ୍ରାସ କରିବାରେ ମଧ୍ୟ ଜୈବଇନ୍ଧନ ଏକ ଭଲ ମାଧ୍ୟମ ବୋଲି ସେ କହିଛନ୍ତି ।

## ସାମ୍ପ୍ରତୀକି

# ଇସ୍ପାତ୍ କନକ୍ଲେଭ୍ ୨୦୧୯ରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଦେଶର ଅର୍ଥନୀତି ଏବଂ ଭିତିଭୂମିକୁ ନିର୍ମାଣ କରିବା ଏବଂ ବଢାଇବାରେ ଇସ୍ପାତ ଶିଳ୍ପ ନିରନ୍ତର ଉଦ୍ୟମରତ ବୋଲି ଗତ ନଭେମ୍ବର ୨୧ ତାରିଖରେ ନୂଆଦିଲ୍ଲୀ ଠାରେ ଭାରତୀୟ ଇସ୍ପାତ୍ ସଂଘ ପକ୍ଷରୁ ଆୟୋଜିତ ଇସ୍ପାତ୍ କନକ୍ଲେଭ୍ ୨୦୧୯ରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଧୁନିକ ଅର୍ଥନୀତି ନିର୍ମାଣରେ ଇସ୍ପାତ୍ ଶିଳ୍ପର ମହତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ବିଶ୍ୱରେ ଭାରତ ଦ୍ୱିତୀୟ ସର୍ବବୃହତ ଇସ୍ପାତ୍ ଉତ୍ପାଦକ ହୋଇପାରିଛି ଏବଂ ଇସ୍ପାତ ଶିଳ୍ପ ଗୁଡିକର ପ୍ରଚେଷ୍ଟା ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଗତ ୨-୩ ଦଶନ୍ଧିରେ ଇସ୍ପାତର ଉତ୍ପାଦନ, ବ୍ୟବହାର ଏବଂ ପ୍ରଭାବ ସ୍ଥିର ରହିଥିବା ସେ ପ୍ରକାଶ କରିଛନ୍ତି ।

ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ଏକ କଲ୍ୟାଣକାରୀ ସରକାର ଚାଲୁଅଛି । କେନ୍ଦ୍ର ସରକାର ଦେଶର ଭିତିଭୂମି କ୍ଷେତ୍ରରେ ୧୦୦ ଲକ୍ଷ କୋଟି ପୁଞ୍ଜିନିବେଶ କରିବା ପାଇଁ ପ୍ରତିବଦ୍ଧ । ସେହିପରି ସରକାର ଉର୍ଜା କ୍ଷେତ୍ରରେ ଗ୍ୟାସ୍ ପାଇପ୍ ଲାଇନ୍, ଟର୍ମିନାଲ, ସିଟି ଗ୍ୟାସ୍ ବିତରଣ ବ୍ୟବସ୍ଥାରେ ୧୦୦ ବିଲିୟନ ଆମେରିକୀୟ ଡଲାର ପୁଞ୍ଜିନିବେଶ କରିବାର ଯୋଜନା ରଖିଛନ୍ତି । ଏହି ନିବେଶ ଫଳରେ ଘରୋଇ ଇସ୍ପାତ କ୍ଷେତ୍ର ଅଧିକ ଲାଭାବାନ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଯଦି ଆମେ ଦ୍ରୁତ ଗତିରେ ଦେଶ ଏବଂ ଇସ୍ପାତ ଶିଳ୍ପକୁ ଆଗକୁ ବଢେଇବାକୁ ଚାହିଁବା ତେବେ ଆମକୁ ସ୍ଥାନୀୟ ଶିଳ୍ପକୁ ମଧ୍ୟ ନେଇ ଚାଲିବାକୁ ହେବ । ଇନୋଭେସନ, ଅନୁସନ୍ଧାନ ଏବଂ ବିକାଶ ଓ ସିଏମଆର ଉପରେ ଯୋର ଦେଇ ଏହି ଲକ୍ଷ୍ୟକୁ ହାସଲ କରିପାରିବା । ବିନା ଭାରତର ବିକାଶରେ ବିଶ୍ୱର ବିକାଶ ଅସମ୍ଭବ । ଉର୍ଜା ସଂରକ୍ଷଣରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ଅଛି ଏବଂ ଆଗାମୀ ଦିନରେ ଉର୍ଜା ବ୍ୟବହାରରେ ଭାରତ ବିଶ୍ୱରେ ୧ ନମ୍ବର ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ୨୦୨୪ ପର୍ଯ୍ୟନ୍ତ ୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିର ଲକ୍ଷ୍ୟ ସମସ୍ତଙ୍କୁ ନେଇ ହାସଲ କରାଯିବ । କେନ୍ଦ୍ର ସରକାର ଅର୍ଥନୀତିରେ ସୁଧାର ଆଣିବା ପାଇଁ ଅନେକ ନିର୍ଣ୍ଣାୟକ ପଦକ୍ଷେପ ନେଇଛନ୍ତି । ଅପରପକ୍ଷରେ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନାରେ ଇସ୍ପାତର ଅଧିକ ଉପଯୋଗ ରହିଛି । ଦେଶରେ ୮ କୋଟି ଘରକୁ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ଗ୍ୟାସ ପହଁଚିଛି, ୪ କୋଟି ଘରେ ବିଜୁଳି ସଂଯୋଗ ହୋଇଛି। ସେହିଭଳି ୨୦୨୨ ପର୍ଯ୍ୟନ୍ତ ସବୁ ଗରିବଙ୍କୁ ଘର ଦେବା ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ ।

# ଝାରସୁଗୁଡା-ମୁମ୍ବାଇ ମଧ୍ୟରେ ସିଧା ବିମାନ ସେବା ପାଇଁ ଧର୍ମେନ୍ଦ୍ରଙ୍କ ପତ୍ର

ଝାରସୁଗୁଡା ଓ ମୁମ୍ବାଇ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ କରିବା ପାଇଁ ବ୍ୟବସ୍ଥା କରିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି ଶ୍ରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ସରକାରଙ୍କର ଉଡାନ ଯୋଜନା ସାଧାରଣ ଲୋକଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିଛି । ପଶ୍ଚିମ ଓଡିଶାର ବୀର ସୁରେନ୍ଦ୍ର ସାଏ ନାମରେ ନାମିତ ଝାରସୁଗୁଡା ବିମାନବନ୍ଦର ପ୍ରତିଷ୍ଠା କାରଣରୁ ଏହି ଯୋଜନାରେ ଓଡିଶା ମଧ୍ୟ ଲାଭାନ୍ୱିତ ହୋଇଛି । ପଶ୍ଚିମ ଓଡିଶାର ଲୋକଙ୍କ ଇଚ୍ଛାକୁ ଦୃଷ୍ଟିରେ ରଖି ଏହି ପୃଷ୍ଠଭୂମିରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସ୍ୱତନ୍ତ୍ର ଭାବରେ ହସ୍ତକ୍ଷେପ କରି ଝାରସୁଗୁଡା ଓ ମୁମ୍ବାଇ ମଧ୍ୟରେ ସିଧା ବିମାନ ସଂଯୋଗ ସ୍ଥାପନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ପୂର୍ବରୁ ସ୍ପାଇଶଜେଟ୍ ତରଫରୁ ଝାରସୁଗୁଡାରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ସିଧାସଳଖ ବିମାନ ସେବା ଆରମ୍ଭ କରିଥିଲା । ଏହା ଦ୍ୱାରା ପଶ୍ଚିମ ଓଡିଶାର ଅଧିକାଂଶ ଲୋକମାନେ ସେବାର ଲାଭ ପାଇଥିଲେ ଏବଂ ବାଣିଜ୍ୟିକ ଦୃଷ୍ଟିରୁ ମଧ୍ୟ ସଫଳ ମଧ୍ୟ ହୋଇଥିଲା । ଏହାବ୍ୟତିତ ସାଇଶଜେଟ୍ ଝାରସୁଗୁଡାରୁ ହାଇଦ୍ରାବାଦ ଏବଂ କୋଲକାତାକୁ ମଧ୍ୟ ବିମାନ ସେବା ଆରମ୍ଭ କରିଛି । ଯଦ୍ୱାରା ଦେଶର ଉତରପୂର୍ବ ଏବଂ ଦକ୍ଷିଣ ଭାଗରେ ବିମାନ ଯୋଗାଯୋଗ କ୍ଷେତ୍ରରେ ନୂଆ ସମ୍ଭାବନାର ସୂତ୍ରପାତ କରିଛି ।

ତେବେ ଦେଶର ବାଣିଜ୍ୟିକ ରାଜଧାନୀ ମୁମ୍ବାଇ ଏବଂ ପଶ୍ଚିମ ଓଡିଶା ମଧ୍ୟରେ ସିଧାସଳଖ ବିମାନ ଯୋଗାଯୋଗର ଅଭାବ ରହିଛି । ତାଙ୍କର ସୂଚନାନୁସାରେ ଝାରସୁଗୁଡା ଓ ମୁମ୍ବାଇ ମଧ୍ୟରେ ସିଧା ସଳଖ ବିମାନ ଚଳାଚଳ କରିବା ପାଇଁ ପଶ୍ଚିମ ଓଡିଶାର ଯାତ୍ରୀମାନଙ୍କର ଦାବୀ ରହିଛି । ପଶ୍ଚିମ ଓଡିଶା ଲୋକଙ୍କର ସୁବିଧାକୁ ଧ୍ୟାନରେ ରଖି ଖୁବ ଶୀଘ୍ର ଝାରସୁଗୁଡା ଓ ମୁମ୍ବାଇ ମଧରେ ବିମାନ ସେବା ଆରମ୍ଭ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଶ୍ରୀ ପ୍ରଧାନ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । ଏହାବ୍ୟତିତ ମୁମ୍ବାଇ ଓ ଝାରସୁଗୁଡା ମଧ୍ୟରେ ଉଡାଣ ଓ ଅବତରଣ ପାଇଁ ସମୟ ଦେବା ନିମନ୍ତେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ।

# ସାମ୍ପ୍ରତୀକି

## ଆବୁଧାବିରେ ଅନ୍ତର୍ଜାତୀୟ ପେଟ୍ରୋଲିୟମ୍ ସମ୍ମିଳନୀ

ତୈଳ ଓ ଗ୍ୟାସ କ୍ଷେତ୍ରରେ ବିଶ୍ୱ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ଆମର ଲକ୍ଷ୍ୟ। ଏହି ମର୍ମରେ ୨୦୨୪ ସୁଦ୍ଧା ଭାରତ ରିଫାଇନିଂ, ପାଇପଲାଇନ ଏବଂ ଗ୍ୟାସ ଟର୍ମିନାଲରେ ୧୦୦ ବିଲିୟନ ପୁଞ୍ଜିନିବେଶ କରିବ । ଉର୍ଜା କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ଭାରତ ଉତ୍କୃଷ୍ଟ ସ୍ଥାନ ବୋଲି ଦୁଇଦିନିଆ ୟୁଏଇ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ନଭେମ୍ବର ୧୧ ତାରିଖରେ ଆବୁଧାବୀ ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପେଟ୍ରୋଲିୟମ ପ୍ରଦର୍ଶନୀ ଓ ସମ୍ମିଳନୀରେ (ଆଡିପେକ-୨୦୧୯) ଯୋଗଦେଇ କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଓ ୟୁଏଇ ମନ୍ତ୍ରୀ ସୁଲତାନ ଅଲ୍ ଜାବେରଙ୍କ ଭାରତ ପ୍ୟାଭିଲିୟନକୁ ମଧ୍ୟ ଉଦଘାଟନ କରିଛନ୍ତି ।


ଶ୍ରୀ ପ୍ରଧାନ କହିଛନ୍ତି ଭାରତକୁ କମ୍ କାର୍ବନ ନିର୍ଗମନ ଅର୍ଥ ବ୍ୟବସ୍ଥା କରିବା ପାଇଁ ତଥା ଉର୍ଜାର ନିରନ୍ତର ଆବଶ୍ୟକତା ପୂରଣ ପାଇଁ କେନ୍ଦ୍ର ସରକାର ଭାରତକୁ ଗ୍ୟାସ୍ ଆଧାରିତ ଅର୍ଥନୀତି କରିବା ପାଇଁ ଯୋଜନାବଦ୍ଧ ଉଦ୍ୟମ ଜାରୀ ରଖିଛନ୍ତି। ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତି କରିବା ପାଇଁ ତଥା ୨୦୩୦ ସୁଦ୍ଧା ଗ୍ୟାସର ସେୟାରକୁ ୧୫ ପ୍ରତିଶତ ବୃଦ୍ଧି କରିବା ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି । ମୁଣ୍ଡ ପିଛା ଉର୍ଜାର ବ୍ୟବହାର କ୍ଷେତ୍ରରେ ବିଶ୍ୱ ହାରାହାରି ଠାରୁ ଭାରତରେ ଉର୍ଜାର ବ୍ୟବହାର କମ୍ । ତେଣୁ ୨୦୨୦ ମଧ୍ୟଭାଗ ସୁଦ୍ଧା ଉର୍ଜା କ୍ଷେତ୍ରରେ ଭାରତ ବୃହତ ବଜାର ହେବା ନେଇ ଆଶା ରଖିଛି ।

ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଶ୍ୱ ଉର୍ଜା ଯୋଗାଣ ଏବଂ ଉର୍ଜା ବ୍ୟବହାରରେ ଭାରତ ମଧ୍ୟଭାଗରେ ଅଛି। ଭାରତରେ ସିଟି ଗ୍ୟାସ ନେଟୱାର୍କର ସଂପ୍ରସାରଣ ହୋଇଛି, ଯାହା ଭାରତ ଭୌଗଳିକର ୫୦ ପ୍ରତିଶତ ଆଚ୍ଛାଦିତ କରୁଥିବା ବେଳେ ଜନସଂଖ୍ୟାର ୭୦ ପ୍ରତିଶତ ଲୋକ ଏହାର ସୁବିଧା ପାଇଛନ୍ତି। ଭାରତକୁ ଗ୍ୟାସ୍ ଆଧାରିତ ଅର୍ଥବ୍ୟବସ୍ଥା କରିବାପାଇଁ ୬୦ ନିୟୁତ ଆମେରିକୀୟ ଡଲାର ବ୍ୟୟ ବରାଦରେ ଗ୍ୟାସ୍ ଭିତିଭୂମି ଯଥା ଗ୍ୟାସ୍ ପାଇପ୍ ଲାଇନ୍ , ଟର୍ମିନାଲ , ସିଟି ଗ୍ୟାସ୍ ବିତରଣ ବ୍ୟବସ୍ଥା ଆଦି ବିଭିନ୍ନ କାର୍ଯ୍ୟ କ୍ରିୟାନ୍ୱୟନ ଚାଲିଛି। ସେ କହିଛନ୍ତି ଯେ ଭାରତର ତୈଳ ଏବଂ ଗ୍ୟାସ କ୍ଷେତ୍ର ବହୁତ ଭଲ ଉପାୟରେ ସେବେ କାମ କରିପାରିବ ଯେତେବେଳେ ବିଶ୍ୱ ବିକାଶ ସହିତ ସମନ୍ୱୟ ରଖିବ । ଫଳରେ କେବଳ ଭାରତରେ ଉର୍ଜା ପରିବର୍ତନ ପ୍ରଭାବିତ ହେବ ନାହିଁ ବରଂ ବିଶ୍ୱ ଉର୍ଜା ଗତିଶୀଳତାକୁ ଦାୟିତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିବ।

ଆଗାମୀ ଦଶକ ଗୁଡିକରେ ଭାରତ ବିଶ୍ୱ ଉର୍ଜା ଚାହିଦାର କେନ୍ଦ୍ର ବିନ୍ଦୁ ହେବ । ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ତୈଳ ଏବଂ ଗ୍ୟାସ କ୍ରମାଗତ ଭାବରେ ସେମାନଙ୍କ ଉର୍ଜାର ଆବଶ୍ୟକତାକୁ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ସେ କହିଛନ୍ତି ।

# ୨୧ତମ ଉତ୍ତର-ପୂର୍ବାଞ୍ଚଳ ପୁସ୍ତକ ମେଳା

ଅଖିଳ ଆସାମ ପ୍ରକାଶକ ଓ ପୁସ୍ତକ ବିକ୍ରେତା ସଂଘ ଦ୍ୱାରା ୧ରୁ ୧୨ ନଭେମ୍ବର ୨୦୧୯ ମଧ୍ୟରେ ଆୟୋଜିତ ୨୧ତମ ଉତ୍ତର--ପୂର୍ବାଞ୍ଚଳ ପୁସ୍ତକ ମେଳାରେ ପ୍ରକାଶନ ବିଭାଗ ମଧ୍ୟ ଅଂଶଗ୍ରହଣ କରିଥିଲା। ଆସାମର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ମାନନୀୟ ଉପରାଷ୍ଟ୍ରପତି ଏହାର ଉଦ୍‌ଘାଟନ କରିଥିଲେ। ପ୍ରକାଶନ ବିଭାଗ ଓ ଆକାଶବାଣୀ ସମ୍ବାଦ ବିଭାଗର ପ୍ରଧାନ ମହାନିର୍ଦ୍ଦେଶକ ଇରା ଯୋଶୀ ଏହି ପୁସ୍ତକ ମେଳା ପରିଦର୍ଶନ କରି ପୁସ୍ତକ ମାଧ୍ୟମରେ ଆସାମର କଳା-ସଂସ୍କୃତି ଓ ପରମ୍ପରାକୁ ପରିପୃଷ୍ଟ କରୁଥିବା ପାଇଁ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ।








*ଉତ୍ସ: ଆକାଶବାଣୀ ୮ ନଭେମ୍ବର ୨୦୧୯*




POLITICAL MAP OF INDIA — EIGHTH EDITION — 1:4,000,000

Published under the direction of Lt General Girish Kumar, VSM Surveyor General of India.
Survey of India, Hathibarkala Estate, Post Box No. 37, Dehra Dun- 248001.
Department of Science & Technology, Government of India.
2019.

Projection: Lambert Conical Orthomorphic.

© GOVERNMENT OF INDIA COPYRIGHT, 2019.

**YOJANA (Odia) : Monthly** **December 2019** **RNI No. 57203/93**

**ISSN 0971-8346** **Total Number of Pages (56)**

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ୍ ସର୍ଭିସ୍
# ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ୍ ସର୍ଭିସ୍ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାମ୍ପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟି ସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଏବଂ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

### ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ ।

### ଓଡ଼ିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

● ଅକ୍ଷୟ କୁମାର ନାୟକ, ବସ୍‌ଷ୍ଟାଣ୍ଡ୍ ବୁକ୍ ଷ୍ଟଲ୍, ଭୁବନେଶ୍ୱର-୯ ● ମୂର୍ତ୍ତି ନ୍ୟୁଜ୍ ଏଜେନ୍ସି, ଓଲ୍ଡ ବସ୍‌ଷ୍ଟାଣ୍ଡ୍, ବ୍ରହ୍ମପୁର, ଗଞ୍ଜାମ ● ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ୍, ଭାପୁର- ଶଙ୍କରପୁର ରୋଡ୍, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା

### "ଯୋଜନା"ର ଗ୍ରାହକ ଦେୟ

ପ୍ରତି ଖଣ୍ଡ- ୨୨/-ଟଙ୍କା, ବାର୍ଷିକ- ୨୩୦/-ଟଙ୍କା, ଦ୍ୱିବାର୍ଷିକ- ୪୩୦/- ଟଙ୍କା, ତ୍ରୈବାର୍ଷିକ-୬୧୦/- ଟଙ୍କା, ବିଶେଷାଙ୍କ- ୩୦/-

### ଗ୍ରାହକ ଦେୟ ପଠାଇବା ଠିକଣା:

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The Subscription may by sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi"**

**Printed and Published by K. Syama Prasad, Director General, on behalf of Publications Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: M/s MGK Printing Works Pvt. Ltd. MGK House, 14, Rama Road, Nazafgarh Road Industrial Area, New Delhi-110015** **Editor : Dr. Girish Chandra Dash**